# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, January 3/2025 | Page 14 | ₹ 7.00 | ମୂଲ୍ୟ ₹୭/-

୫୧ଶ ଭାଗ ୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 41


## ନୂଆବର୍ଷରେ ୩ ଆକ୍ରମଣ

# ଆମେରିକାରେ ଆତଙ୍କ

ନୂଆବର୍ଷର ପ୍ରଥମ ଦିନରେ ଆମେରିକାକୁ ଥରାଇଦେଇଛି ୩ଟି ଆକ୍ରମଣ। ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଦ୍ୱାରା ଅନୁପ୍ରାଣିତ ଆମେରିକୀୟ ସେନାର ଜଣେ ପୂର୍ବତନ ସୈନ୍ୟ ନ୍ୟୁଅର୍ଲିନ୍ସରେ ଲୋକଙ୍କ ଉପରେ ଟ୍ରକ୍ ମଡ଼ାଇ ୧୬ ଜଣଙ୍କୁ ହତ୍ୟା କରିଥିବାବେଳେ ନ୍ୟୁୟର୍କର ଏକ ନାଇଟ୍ କ୍ଲବ୍‌ରେ ନବବର୍ଷ ପାଳନ କରୁଥିବା ଲୋକଙ୍କୁ ଆଖିବୁଜା ଗୁଳିମାଡ଼ କରାଯାଇଛି। ସେହିପରି ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲାସ୍‌ଭେଗାସ୍ ହୋଟେଲ ବାହାରେ ଏକ ଟେସ୍‌ଲା ସାଇବରଟ୍ରକ୍‌କୁ ବିସ୍ଫୋରଣରେ ଉଡ଼ାଇ ଦିଆଯାଇଛି। ମାତ୍ର ୨୪ ଘଣ୍ଟା ଭିତରେ ଘଟିଥିବା ଏହି ୩ ଘଟଣା ଆମେରିକା ପାଇଁ ଆଗକୁ ଆସନ୍ନ ବିପଦର ସୂଚନା ବୋଲି ମନେକରାଯାଉଛି।





ନ୍ୟୁଅର୍ଲିନ୍ସ ଆକ୍ରମଣ ଅଭିଯୁକ୍ତ ଶମ୍‌ସୁଦ୍ଦିନ୍ ଜବ୍ବର

ନ୍ୟୁଅର୍ଲିନ୍ସ/ଲାସ୍‌ଭେଗାସ୍/ୱାଶିଂଟନ୍, ୨।୧

୨୦୨୫ ଜାନୁଆରୀ ୧ ସମୟ ଭୋର ୩ଟା ୧୫। ନବବର୍ଷ ପାଳନରେ ଆମେରିକୀୟମାନେ ମସ୍‌ଗୁଲ ଥିବାବେଳେ ନ୍ୟୁଅର୍ଲିନ୍ସର ବରବୋନ୍ ରାସ୍ତା ଉପରେ ଦ୍ରୁତଗତିରେ ମାଡ଼ିଆସିଥିଲା ଏକ ଟ୍ରକ୍। ଚାହୁଁ ଚାହୁଁ ଭିଡ଼ ଉପରେ ଚଢ଼ିଯାଇଥିଲା ସେହି ମୃତ୍ୟୁର ଯାନ। ଫୋର୍ଡ ଏଫ୍-୧୫୦ ଇଲେକ୍ଟ୍ରିକ୍ ପିକ୍‌ଅପ୍ ଚକ ତଳେ ଚାଲିଗଲା ୧୬ ଜଣଙ୍କ ଜୀବନ। ଏହି ଆକ୍ରମଣରେ ଆହତ ହେଲେ ଅନ୍ୟ ୩୫ ଜଣ। ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ଏହାର ତନାଘନା କରି ଉକ୍ତ ଟ୍ରକ୍‌ରୁ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ଏକ ପତାକା ପାଇଛି।

ଆମେରିକା ସେନାର ଭେଟେରାନ୍ ଶମ୍‌ସୁଦ୍ଦିନ୍ ଜବ୍ବର ଏହି କାଣ୍ଡ ଭିଆଇବା ପୂର୍ବରୁ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରିଥିଲେ। ସେଥିରେ ଜବ୍ବର କହିଥିଲେ, ସେ ଆଇଏସ୍ ଦ୍ୱାରା ଅନୁପ୍ରାଣିତ। ସେ ରାଷ୍ଟ୍ରପତିଙ୍କୁ ହତ୍ୟା କରିବାକୁ ଚାହାନ୍ତି। ଅନ୍ୟପକ୍ଷେ ଏହି ଗଣହତ୍ୟା ପରେ ପୋଲିସ ଆକ୍ରମଣକାରୀ ଜବ୍ବରଙ୍କୁ ଗୁଳିକରି ହତ୍ୟା କରିଥିଲା। ତାଙ୍କ ଟ୍ରକ୍‌ରୁ ତଦନ୍ତକାରୀମାନେ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ମୁଦ୍ରାସ୍ଫୀତି ଓ ଜଳବାୟୁ ସଙ୍କଟ

# ସ୍ୱାଧୀନତା ସଂଗ୍ରାମୀଙ୍କ ପେନ୍‌ସନ ବଢ଼ିଲା

ଭୁବନେଶ୍ୱର, ୨।୧ (ଅନିଲ ଦାସ)

ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀଙ୍କ ପେନ୍‌ସନ ବୃଦ୍ଧି କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ସଦନ ପଡ଼ିଆଠାରେ ଗୁରୁବାର ଅନୁଷ୍ଠିତ ୩୮ତମ ସ୍ୱାଧୀନତା ସଂଗ୍ରାମୀ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ରାଜ୍ୟରେ ଜେଲ ଯାଇଥିବା (ବନ୍ଦୀ) ସ୍ୱାଧୀନତା ସଂଗ୍ରାମୀମାନଙ୍କ ପେନ୍‌ସନକୁ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାସହିତ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନେ ପୂର୍ବରୁ ୯ ହଜାର ଟଙ୍କା ପାଉଥିବା ବେଳେ ଏବେ ମାସକୁ ୧୫ ହଜାର ଟଙ୍କା ପାଇବେ। କେନ୍ଦ୍ର ସରକାରଙ୍କ ପେନ୍‌ସନ ପାଉଥିବା ସଂଗ୍ରାମୀମାନଙ୍କୁ (କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ରତା ସୈନିକ ସମ୍ମାନ) ରାଜ୍ୟ ସରକାର ମାସକୁ ଅତିରିକ୍ତ ୮ ହଜାର ଟଙ୍କା ପ୍ରତୀକ ଭତ୍ତା ପ୍ରଦାନ କରୁଥିଲେ। ଏହି ଭତ୍ତାକୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଜରୁରିକାଳୀନ ପରିସ୍ଥିତିକୁ ବିରୋଧ କରି ମିସା ଆଇନରେ ଗିରଫ ହୋଇଥିବା ସମସ୍ତ ସଂଗ୍ରାମୀମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନ୍‌ସନ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା



ମୋହନ ଚରଣ ମାଝୀ










## ସଂକ୍ଷେପରେ

### ୟେମେନ୍ ସହ ଆଲୋଚନା କରିବ ଇରାନ

**କେରଳ ନର୍ସ ମୃତ୍ୟୁଦଣ୍ଡ ପ୍ରସଙ୍ଗ**

ନୂଆଦିଲ୍ଲୀ,୨।୧

ୟେମେନ୍‌ରେ ଏକ ହତ୍ୟା ମାମଲାରେ କେରଳ ନର୍ସ ନିମିଶା ପ୍ରିୟାଙ୍କୁ ମୃତ୍ୟୁଦଣ୍ଡାଦେଶ ମିଳିଥିଲାବେଳେ ଏହି ପ୍ରସଙ୍ଗରେ ଇରାନ ସରକାର ୟେମେନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଏହି ମାମଲାରେ ଇରାନ ସରକାର ଯଥାସମ୍ଭବ ସହାୟତା କରିବେ ବୋଲି କହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ହତ୍ୟା ମାମଲାରେ ୨୦୧୭ରୁ ୟେମେନ୍ ଜେଲରେ ଥିବା ପ୍ରିୟାଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଗତ ୩୧ ତାରିଖରେ ସେଠାର ରାଷ୍ଟ୍ରପତି ରଶଦ ଅଲ୍‌-ଆଲିମି ଅନୁମୋଦନ କରିଥିଲେ। ପ୍ରିୟାଙ୍କୁ ମୃତ୍ୟୁଦଣ୍ଡରୁ ମୁକୁଳାଇବାର ଏକମାତ୍ର ବିକଳ୍ପ ହେଲା ମୃତକ ତଲାଲ ଅବଡୋ ମେହଦିଙ୍କ ପରିବାରକୁ କ୍ଷତିପୂରଣ ଦେଇ କ୍ଷମା ପାଇବା। ଏଥିପାଇଁ ସମସ୍ତ ସହଯୋଗ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଛନ୍ତି।

### ଗାଜାରେ ଇସ୍ରାଏଲୀ ଆକ୍ରମଣ: ୧୮ ମୃତ

ଜେରୁଜେଲମ୍,୨।୧(ପି.ଟି.)

ଇସ୍ରାଏଲୀ ସେନା ଗୁରୁବାର ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ କରିବାରୁ ଅନ୍ୟୂନ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ଛୋଟ ପିଲା ଏବଂ ହମାସ୍ ନିୟନ୍ତ୍ରିତ ପୋଲିସ ଫୋର୍ସର ୨ ଜଣ ଉଚ୍ଚପଦସ୍ଥ ଅଫିସର ଅଛନ୍ତି। ଇସ୍ରାଏଲ ଦ୍ୱାରା ମାନବୀୟ ଜୋନ୍ ଘୋଷିତ ହୋଇଥିବା ମୁଓ୍ୱାସିରେ ଲକ୍ଷାଧିକ ବିସ୍ଥାପିତ ଆଶ୍ରୟ ନେଇଥିବାବେଳେ ସେମାନଙ୍କର ଏକ ଶିବିର ଉପରେ ପ୍ରଥମ ଆକ୍ରମଣ ହୋଇଥିଲା। ଦ୍ୱିତୀୟ ବୋମାମାଡ଼ କେନ୍ଦ୍ରୀୟ ଗାଜାରେ ହୋଇଛି, ଯେଉଁଥିରେ ୮ ପାଲେଷ୍ଟିନୀୟଙ୍କ ଜୀବନ ଯାଇଛି। ଅଲ୍‌-ଆକ୍‌ସା ମାର୍ଟାୟର୍ସ ହସ୍ପିଟାଲର ସୂଚନା ଅନୁଯାୟୀ, ମୃତକମାନେ ସହାୟତା ସାମଗ୍ରୀ ନେଇ ଆସୁଥିବା ଗାଡ଼ିଗୁଡ଼ିକୁ ସୁରକ୍ଷା ଦେବାରେ ସହଯୋଗ କରୁଥିଲେ। ତେବେ ଇସ୍ରଏଲୀ ସେନା ପକ୍ଷରୁ ଆକ୍ରମଣ ସମ୍ପର୍କରେ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ୨୦୨୩ ଅକ୍ଟୋବର ୭ରୁ ଲାଗି ରହିଥିବା ହମାସ୍‌-ଇସ୍ରାଏଲ୍ ଯୁଦ୍ଧରେ ଗାଜାର ୪୫ ହଜାରରୁ ଉର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି।

### ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସଙ୍କ ଜାମିନ ଆବେଦନ ଖାରଜ

ଢାକା, ୨।୧

ବାଂଲାଦେଶରେ ହିନ୍ଦୁସନ୍ଥ ଚିନ୍ମୟ କୃଷ୍ଣ ଦାସ୍‌ଙ୍କୁ ଗୁରୁବାର ବଡ଼ ଝଟକା ଲାଗିଛି। ଚଟ୍ଟୋଗ୍ରାମର ମେଟ୍ରୋପଲିଟାନ ଅଦାଲତ ଚିନ୍ମୟଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ବାଂଲାଦେଶ ସୁପ୍ରିମକୋର୍ଟଙ୍କ ଏକ ୧୧ ଜଣିଆ ଆଇନଜୀବୀ ଦଳ ମେଟ୍ରୋପଲିଟାନ ଜଜ୍ ମହମ୍ମଦ ସୈଫୁଲ ଇସ୍‌ଲାମଙ୍କ ସମ୍ମୁଖରେ ୩୦ ମିନିଟ ଧରି ସେମାନଙ୍କ ପକ୍ଷକୁ ରଖିଥିଲେ। ଏହାପରେ ଅଦାଲତ ଚିନ୍ମୟଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ପ୍ରକାଶ ଯେ, ଦେଶଦ୍ରୋହ ଅଭିଯୋଗରେ ଚିନ୍ମୟଙ୍କୁ ଗତ ନଭେମ୍ବର ୨୫ରେ ଗିରଫ କରାଯାଇଥିଲା।

### ୩ ପିଲାଙ୍କୁ କୂଅରେ ପକାଇ ହତ୍ୟା କରିଥିବା ବାପାଙ୍କୁ ଫାଶୀ ଦଣ୍ଡାଦେଶ

ବେଙ୍ଗାଲୁରୁ, ୨।୧

୩ ପିଲାଙ୍କୁ କୂଅରେ ପକାଇ ହତ୍ୟା କରିଥିବା ଜଣେ ବାପାଙ୍କୁ ଗୁରୁବାର କର୍ଣ୍ଣାଟକର ମାଙ୍ଗାଲୁରୁର ଏକ ସ୍ଥାନୀୟ ଅଦାଲତ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ହିତେଶ ଶେଟ୍ଟିଗର ନାମକ ଅଭିଯୁକ୍ତଙ୍କୁ ସେସନ୍ କୋର୍ଟ ବିଚାରପତି ସନ୍ଧ୍ୟା ଏସ୍. ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି। ୨୦୨୨ରେ ମାଙ୍ଗାଲୁରୁ ଜିଲା ମୁଲ୍କୀ ଥାନା ଥାଲାପଡ଼ି ଗ୍ରାମର ହିତେଶ ନିଜର ୩ ପିଲା ରଶ୍ମିତା(୪), ଉଦୟ(୧୧), ଦକ୍ଷିତ(୪)ଙ୍କୁ ଠେଲି କୂଅରେ ପକାଇଦେଇଥିଲେ। ସେ ସମାନ ଉପାୟରେ ସ୍ତ୍ରୀ ଲକ୍ଷ୍ମୀଙ୍କୁ ମଧ୍ୟ ହତ୍ୟା କରିବା ପାଇଁ ପ୍ରୟାସ କରିଥିଲେ। କରୋନା ସମୟରେ ନିଯୁକ୍ତି ହରାଇଥିବାରୁ ହିତେଶ ତାଙ୍କ ପରିବାରକୁ ଆବଶ୍ୟକ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରିପାରୁ ନ ଥିଲେ। ତେଣୁ ବାଧ ହୋଇ ସେ ଏପରି ଘଟାଇଥିଲେ ବୋଲି ସ୍ୱୀକାର କରିଥିଲେ।

# ଦିଲ୍ଲୀ, ପଶ୍ଚିମବଙ୍ଗରେ ‘ଅନୁପ୍ରବେଶ’ ରାଜନୀତି

ଅଶାନ୍ତ ପଡ଼ୋଶୀ ବାଂଲାଦେଶରେ ହିଂସା ଉପୁଜିବା ପରେ ସେଠାକାର ନାଗରିକ ଭାରତକୁ ଅନୁପ୍ରବେଶ କରୁଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏଭଳି ସମୟରେ ଅଣଭାଜପା ଶାସିତ ୨ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ରାଜନୀତି ସରଗରମ ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ବାଂଲାଦେଶୀଙ୍କୁ ପଶ୍ଚିମବଙ୍ଗରେ ଅନୁପ୍ରବେଶ କରାଇ ଅସ୍ଥିରତା ସୃଷ୍ଟିର ସୁଯୋଗ ଦେଉଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଥିବାବେଳେ ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ବାଂଲାଦେଶୀ ଓ ରୋହିଙ୍ଗ୍ୟା ଆପ୍ରବାସୀମାନଙ୍କୁ ଜାତୀୟ ରାଜଧାନୀରେ ଥଇଥାନ ନିମନ୍ତେ ଶାସକ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସହଯୋଗ କରିଥିବା ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଅନୁପ୍ରବେଶକାରୀମାନେ ଏଣେତେଣେ ଆଶ୍ରୟ ନେଇ ଶୀତରେ ଥରୁଥିବାବେଳେ ଏହି ପ୍ରସଙ୍ଗ ଜାତୀୟ ରାଜନୀତିରେ ଉଷ୍ମତା ଭରିଦେଇଛି।

## ପଶ୍ଚିମବଙ୍ଗରେ ଅସ୍ଥିରତା ପାଇଁ ଅନୁପ୍ରବେଶକାରୀଙ୍କୁ ସୁଯୋଗ ଦେଉଛି ବିଏସ୍‌ଏଫ୍

**ମମତାଙ୍କ ଅଭିଯୋଗ**

ନୂଆଦିଲ୍ଲୀ,୨।୧(ପି.ଟି.)


ମମତା ବାନାର୍ଜୀ

ଅନୁପ୍ରବେଶକାରୀମାନେ ଯେପରି ଭାରତରେ ପ୍ରବେଶ କରି ପଶ୍ଚିମବଙ୍ଗରେ ଅସ୍ଥିରତା ସୃଷ୍ଟି କରିବେ, ସେଥିଲାଗି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ସେମାନଙ୍କୁ ଅନୁମତି ଦେଉଥିବା ଗୁରୁବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ବିଏସ୍‌ଏଫ୍ ଅଧୀନରେ ଥିବା ସୀମାନ୍ତ ଅଞ୍ଚଳ ଇସ୍‌ଲାମପୁର, ସିତାଇ ଏବଂ ଚୋପ୍ରା ଦେଇ ଅନୁପ୍ରବେଶକାରୀମାନଙ୍କୁ ପ୍ରବେଶ ସୁଯୋଗ ଦିଆଯାଉଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିବା ସହ ଏହା ପଛର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରସ୍ତୁତ ନୀଳନକ୍ସାର ଏହା ଏକ ଅଂଶବିଶେଷ ବୋଲି ସେ ସମାଲୋଚନା କରିଛନ୍ତି। ସୀମା ଦେଇ ସେମାନେ ପଶ୍ଚିମବଙ୍ଗ ଭିତରକୁ ଗୁଣ୍ଡା ଓ ହତ୍ୟାକାରୀମାନଙ୍କୁ ପଠାଉଛନ୍ତି। କେନ୍ଦ୍ର ସରକାରଙ୍କ ସମର୍ଥନରେ ବିଏସ୍‌ଏଫ୍‌ର ଏହା ଏକ ଭିତିରି କାର୍ଯ୍ୟ। ବିନା ଯୋଜନାରେ ଏଭଳି କାର୍ଯ୍ୟ ସମ୍ଭବ ହେବ ନାହିଁ। ଏହି ଧାରା ଜାରି ରହିଲେ ବିଏସ୍‌ଏଫ୍ ବିରୋଧରେ ଟିଏମ୍‌ସି ବିକ୍ଷୋଭ କରିବ ବୋଲି ମମତା ଚେତାବନୀ ଦେଇଛନ୍ତି।

ଯଦି କେହି ଭାବୁଥାନ୍ତି, ଅନୁପ୍ରବେଶକାରୀ ପଶ୍ଚିମବଙ୍ଗରେ ପ୍ରବେଶକରି ତୃଣମୂଳ କଂଗ୍ରେସକୁ ବଦନାମ କରିବେ, ତେବେ ସେମାନଙ୍କୁ ସତର୍କ କରାଇଦିଆଯାଉ ଯେ, ଏସବୁ କାର୍ଯ୍ୟ ଟିଏମ୍‌ସି କରୁନାହିଁ। ବିଏସ୍‌ଏଫ୍‌ର ଭୁଲ୍‌କାର୍ଯ୍ୟକୁ ସମର୍ଥନ କରି ଟିଏମ୍‌ସିକୁ ନିନ୍ଦା କରନାହିଁ। ସୀମା ସୁରକ୍ଷା ପ୍ରସଙ୍ଗ ନେଇ ସେ ବାରମ୍ବାର କେନ୍ଦ୍ର ସରକାରଙ୍କୁ ସତର୍କ କରାଇଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଥିବା ମମତା କହିଛନ୍ତି।


ନୂଆଦିଲ୍ଲୀର ଏକ ବସ୍ତିରେ ବାସିନ୍ଦାଙ୍କ ଆବାସିକ ପ୍ରମାଣପତ୍ର ଯାଞ୍ଚ କରାଯାଉଛି।

## ରୋହିଙ୍ଗ୍ୟା ଥଇଥାନ ନେଇ ଆପ୍‌-ଭାଜପା ମୁହାଁମୁହିଁ

ନୂଆଦିଲ୍ଲୀ,୨।୧

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ରୋହିଙ୍ଗ୍ୟା ଆପ୍ରବାସୀମାନଙ୍କ ଥଇଥାନକୁ ନେଇ ରାଜନୀତି ଜୋର୍ ଧରିଛି। ନିର୍ବାଚନରେ ରୋହିଙ୍ଗ୍ୟା ଏବଂ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରିବାକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସେମାନଙ୍କୁ ଜାତୀୟ ରାଜଧାନୀରେ ଥଇଥାନ ନିମନ୍ତେ ସହଯୋଗ କରିଥିବା ଭାଜପା ଅଭିଯୋଗ ଆଣିଛି। ଇତିମଧ୍ୟରେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀ ପୋଲିସ ବେଆଇନ ଆପ୍ରବାସୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବହିଷ୍କାର କରିବା ନିମନ୍ତେ ଅଭିଯାନ ଆରମ୍ଭ କରିଛି।

ଭୋଟର ତାଲିକାରୁ ନାଁ କାଟି ଯେକୌଣସି ପ୍ରକାରେ ନିର୍ବାଚନ ଜିତିବାକୁ ଭାଜପା ଉଦ୍ୟମ କରୁଥିବା ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିଓ୍ୱାଲ ବାରମ୍ବାର ଅଭିଯୋଗ କରିବା ପରେ ଶାସକ ଦଳ ଏହାର ଜବାବ ଦେଇଥିଲା। ଭୋଟ ପାଇଁ ଦିଲ୍ଲୀ ସରକାର ଜାତୀୟ ରାଜଧାନୀରେ ରୋହିଙ୍ଗ୍ୟା ଆପ୍ରବାସୀମାନଙ୍କୁ ଥଇଥାନ କରୁଥିବା କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଅଭିଯୋଗ କରିଥିଲେ। ଭୋଟର ତାଲିକାରୁ ସେମାନଙ୍କ ନାଁ କାଟିଦେବା ଗଣତନ୍ତ୍ର ପାଇଁ ଭଲ ହେବ ବୋଲି ସେ କହିଥିଲେ।


ଅରବିନ୍ଦ କେଜ୍‌ରିଓ୍ୱାଲ

# ରିସର୍ଟ ମ୍ୟାନେଜରଙ୍କୁ ହତ୍ୟା କଲା ପୋଲିସ

ନୂଆଦିଲ୍ଲୀ,୨।୧

ହିମାଚଳପ୍ରଦେଶର ଡାଲ୍‌ହାଉସି ନିକଟ ବାନିଖେତ୍‌ର ଏକ ଘରୋଇ ରିସର୍ଟରେ ନୂଆବର୍ଷ ଉତ୍ସବ ପାଳନ ବେଳେ ଖାଦ୍ୟ ଓ ମଦ ପରିବେଷଣ କରିବାକୁ ନେଇ ପୋଲିସ କର୍ମଚାରୀଙ୍କ ଆକ୍ରମଣରେ ରିସର୍ଟ ମ୍ୟାନେଜରଙ୍କ ମୃତ୍ୟୁ ଘଟିବା ସହ ରିସେପ୍‌ଶନିଷ୍ଟ ଆହତ ହୋଇଛନ୍ତି। ଏହି ଘଟଣାରେ ୨ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି।

ରିସର୍ଟ ମାଲିକଙ୍କ କହିବା ଅନୁଯାୟୀ ମଙ୍ଗଳବାର ବିଳମ୍ବିତ ରାତିରେ ୩ ପୋଲିସ କର୍ମଚାରୀ ରିସର୍ଟରେ ପହଞ୍ଚି ଖାଦ୍ୟ ଓ ମଦ ଦାବିକରିଥିଲେ। ବିଳମ୍ବ ରାତି ସହ ରିସର୍ଟରେ କର୍ମଚାରୀ ନ ଥିବାରୁ ରିସେପ୍‌ଶନିଷ୍ଟ ସଚିନ ସେମାନଙ୍କ ନିବେଦନକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ଏହାକୁ ନେଇ ପୋଲିସ ଏବଂ ସଚିନଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ତ୍ୟକ୍ତ ପୋଲିସ ଅଧିକାରୀ ସଚିନଙ୍କୁ ବାଡ଼େଇଥିଲେ। ବୁଝାଶୁଝା କରିବାକୁ ରିସର୍ଟ ଜେନେରାଲ ମ୍ୟାନେଜର ରାଜିନ୍ଦର ସେଠାରେ ପହଞ୍ଚିଥିଲେ ମଧ୍ୟ ସେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଧସ୍ତାଧସ୍ତି ବେଳେ ପଡ଼ିଯାଇଥିବା ରାଜିନ୍ଦରଙ୍କୁ ମୃତ ଘୋଷଣା କରାଯାଇଛି।

ଏହି ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ ଚାମ୍ବା-ପଠାନକୋଟ୍ ଜାତୀୟ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ତୁରନ୍ତ ୨ କନ୍‌ଷ୍ଟେବଲ ଅନୁପ ଏବଂ ଅମିତ୍‌ଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ସେମାନେ ନିଶାଗ୍ରସ୍ତ ଥିଲେ ବୋଲି ସ୍ଥାନୀୟ ଅଧିକାରୀ ବିଶ୍ୱାସ କରୁଛନ୍ତି। ଚାମ୍ବା ଏସ୍‌ପି ସମ୍ପୃକ୍ତ ପୋଲିସ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଡାଲେଓ୍ୱାଲଙ୍କ ଅନଶନ ଭାଙ୍ଗିବା ନେଇ କୃଷକ ନେତା ଭୁଲ ଧାରଣା ସୃଷ୍ଟି କରୁଛନ୍ତି

**ପଞ୍ଜାବ ଅଧିକାରୀଙ୍କୁ ଦାୟୀ କଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ,୨।୧(ପି.ଟି.)

କୃଷକ ନେତା ଜଗଜିତ ସିଂ ଡାଲେଓ୍ୱାଲଙ୍କ ଅନଶନ ଭାଙ୍ଗିବା ପାଇଁ ଉଦ୍ୟମ ହେଉଛି ବୋଲି ପଞ୍ଜାବର କେତେଜଣ ଅଫିସର ଓ ଚାଷୀ ନେତାମାନେ ଭୁଲ୍ ଧାରଣା ସୃଷ୍ଟି କରୁଛନ୍ତି। ସୁପ୍ରିମକୋର୍ଟ ଗୁରୁବାର ଏହା କହିବା ସହ ପଞ୍ଜାବ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଅଦାଲତ ଡାଲେଓ୍ୱାଲଙ୍କ ଅନଶନ ଭାଙ୍ଗିବାକୁ କଦାପି କହିନାହାନ୍ତି। କୋର୍ଟ କେବଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଡାକ୍ତରୀ ସହାୟତା ଯୋଗାଇଦେବାକୁ ଚାହିଁଥିଲେ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ପଞ୍ଜାବ ସରକାରଙ୍କ ଅଧିକାରୀ ଏବଂ କେତେଜଣ ଚାଷୀ ନେତା ଗଣମାଧ୍ୟମକୁ ଦାୟିତ୍ୱହୀନ ମନ୍ତବ୍ୟ ଦେଇ ସ୍ଥିତିକୁ ଅଧିକ ଜଟିଳ କରିବାକୁ ଉଦ୍ୟମ କରୁଥିବା ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି। ତେବେ ଏଭଳି କୌଣସି ଉଦ୍ୟମ ହୋଇ ନ ଥିବା ପଞ୍ଜାବ ସରକାରଙ୍କ ଆଡଭୋକେଟ ଜେନେରାଲ ଖଣ୍ଡପୀଠଙ୍କୁ କହିବା ସହ ଡାଲେଓ୍ୱାଲଙ୍କ ଅନଶନ ନ ଭାଙ୍ଗି ତାଙ୍କୁ ଡାକ୍ତରୀ ସହାୟତା ଯୋଗାଇଦେବା ନିମନ୍ତେ ବୁଝାଶୁଝା କରାଯାଉଥିବା କହିଛନ୍ତି। ଡାଲେଓ୍ୱାଲଙ୍କୁ ନିକଟବର୍ତ୍ତୀ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ସର୍ବୋଚ୍ଚ ଅଦାଲତ ଡିସେମ୍ବର ୨୦ରେ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାହାର ଅନୁପାଳନ ହୋଇଛି କି ନାହିଁ, ସତ୍ୟପାଠ ଜରିଆରେ ଜଣାଇବା ପାଇଁ ଖଣ୍ଡପୀଠ ରାଜ୍ୟ ମୁଖ୍ୟ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।


ଲଣ୍ଡନର କିଲ୍‌ଗୋର କଲେଜରେ ନବବର୍ଷ ପାଳନ ବେଳେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। ଏହି ବାର୍ଷିକ ପରେଡ୍ କାର୍ଯ୍ୟକ୍ରମରେ ବ୍ରିଟେନ୍, ଆମେରିକା ଏବଂ ୟୁରୋପର ୧୦,୦୦୦ ପ୍ରତିଯୋଗୀ ଭାଗ ନେଇଥିବାବେଳେ ପ୍ରାୟ ୫ ଲକ୍ଷ ଲୋକ ଉପଭୋଗ କରିଛନ୍ତି।

## ୧୨ ଜଣଙ୍କୁ ହତ୍ୟା ପରେ ଆତ୍ମହତ୍ୟା

ପଡ୍‌ଗୋରିକା, ୨।୧

ଦକ୍ଷିଣ-ପୂର୍ବ ୟୁରୋପୀୟ ଦେଶ ମଣ୍ଟେନେଗ୍ରୋରର ରାଜଧାନୀ ପଡ୍‌ଗୋରିକାଠାରୁ ୩୦ କିଲୋମିଟର ଦୂର ସେଷ୍ଟିଜେ ସହରରେ ଜଣେ ସନ୍ଦିଗ୍ଧ ଆତତାୟୀଙ୍କ ଗୁଳିମାଡ଼ରେ ୨ ଶିଶୁଙ୍କ ସମେତ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଗୁଳିମାଡ଼ରେ ୪ ଜଣ ଆହତ ହୋଇଛନ୍ତି। ଆତତାୟୀଙ୍କୁ ପୋଲିସ ଘେରିଯିବା ପରେ ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ଏନେଇ ମଣ୍ଟେନେଗ୍ରୋର ଗୃହମନ୍ତ୍ରୀ ଡେନିଲୋ ସର୍‌ନୋଭିକ ସୂଚନା ଦେଇଛନ୍ତି। ସନ୍ଦିଗ୍ଧ ଆତତାୟୀଙ୍କ ନାମ ଆଲେକଜାଣ୍ଡର ମାର୍ଟିନୋଭିକ(୪୫) ବୋଲି ଜଣାପଡ଼ିଛି। ସର୍‌ନୋଭିକ କହିଛନ୍ତି, ପ୍ରଥମେ ଆଲେକଜାଣ୍ଡର ସେଷ୍ଟିଜେ ସହରର ଏକ ରେଷ୍ଟୁରାଣ୍ଟରେ ପଶି ୪ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ। ପରେ ସେ ରେଷ୍ଟୁରାଣ୍ଟ ବାହାରକୁ ଆସି ଲୋକଙ୍କ ଉପରକୁ ଏକତରଫା ଗୁଳି ଚଳାଇଥିଲେ। ଗୁଳିକାଣ୍ଡ ଘଟାଇବା ପୂର୍ବରୁ ଆଲେକଜାଣ୍ଡର ଅତ୍ୟଧିକ ମାତ୍ରାରେ ମଦ୍ୟପାନ କରିଥିଲେ ବୋଲି ପଡ୍‌ଗୋରିକା ପୋଲିସ ଡିରେକ୍ଟର ଲାଜର ସ୍କେପାନୋଭିକ୍ କହିଛନ୍ତି। ଘଟଣାକୁ ନେଇ ତଦନ୍ତ ଜାରି ରଖିଛି।

## ପଡ଼ୋଶୀଙ୍କ କଟାମୁଣ୍ଡ ଧରି ଥାନାକୁ ଗଲେ ବାପପୁଅ

ନାସିକ,୨।୧

ମହାରାଷ୍ଟ୍ରର ନାସିକ ଜିଲାରେ ନୂଆବର୍ଷରେ ବୀଭତ୍ସ କାଣ୍ଡ ଭିଆଇଛନ୍ତି ବାପପୁଅ। ଡିଣ୍ଡୋରିସ୍ଥିତ ନାନାଶି ଗ୍ରାମରେ ବୁଧବାର ସକାଳେ ସେମାନେ ନିଜ ପଡ଼ୋଶୀଙ୍କୁ ହତ୍ୟା କରିବା ପରେ ତାଙ୍କ କଟାମୁଣ୍ଡ ଧରି ଥାନାକୁ ଆତ୍ମସମର୍ପଣ କରିବାକୁ ଯାଇଛନ୍ତି। ପୋଲିସ ଅଭିଯୁକ୍ତ ସୁରେଶ ବୋକେ(୪୦)ଙ୍କୁ ଗିରଫ କରିଥିବାବେଳେ ପୁଅଙ୍କ ବୟସ ସ୍ପଷ୍ଟ ହୋଇ ନ ଥିବାରୁ ତାଙ୍କୁ ଅଟକ ରଖିଛି।

ନାସିକସ୍ଥିତ ନାନାଶି ଗ୍ରାମର ଗୁଲାବ ରାମଚନ୍ଦ୍ର ଓ୍ୱାଘମରେ(୩୫) ଓ ସୁରେଶଙ୍କ ପାରିବାରିକ ବିବାଦ ଲାଗିରହିଥିଲା। ଉଭୟେ ଡିସେମ୍ବର ୩୧ରେ ଥାନାରେ ପରସ୍ପର ବିରୋଧରେ ଏତଲା ଦେଇଥିଲେ। ଏହାର ଦିନକ ପରେ ସୁରେଶ ତାଙ୍କ ଝିଅଙ୍କୁ ରାମଚନ୍ଦ୍ର ଧରି ଫେରାର ହେବାକୁ ଉଦ୍ୟମ କରୁଥିବା ସନ୍ଦେହକରି ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ। ଯୋଜନା ମୁତାବକ ସୁରେଶ ଏବଂ ତାଙ୍କ ପୁଅ କୁରାଢ଼ି ଓ ଦାଆରେ ରାମଚନ୍ଦ୍ରଙ୍କୁ ହାଣି ହତ୍ୟା କଲେ। ଏତିକି ନୁହେଁ, ଉଭୟେ ତାଙ୍କ ମୁଣ୍ଡକୁ କାଟିବା ପରେ ତାକୁ ଧରି ଆତ୍ମସମର୍ପଣ ପାଇଁ ସ୍ଥାନୀୟ ଫାଣ୍ଡିକୁ ଗଲେ। ଇତିମଧ୍ୟରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତଙ୍କ ଘରେ ନିଆଁ ଲଗାଇଦେଲେ। ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ସ୍ଥାନୀୟ ପୋଲିସ ଓ ରାଜ୍ୟ ରିଜର୍ଭ ପୋଲିସ ବଳ (ଏସ୍‌ଆର୍‌ପିଏଫ୍)କୁ ସେଠାରେ ମୁତୟନ କରାଯାଇଛି। ମୃତ ରାମଚନ୍ଦ୍ରଙ୍କ ସ୍ତ୍ରୀ ମୀନାବାଇ(୩୪)ଙ୍କ ଏତଲାକ୍ରମେ ପେଠ ଥାନା ପୋଲିସ ବୁଧବାର ରାତିରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୁରକ୍ଷା କାରଣରୁ ୨ ଅଭିଯୁକ୍ତଙ୍କୁ ଡିଣ୍ଡୋରି ଥାନରେ ରଖାଯାଇଥିଲା। ଗୁରୁବାର ଦୁହିଁଙ୍କୁ ଏକ କୋର୍ଟରେ ହାଜର କରାଯାଇଛି।

## ୪୦ ବର୍ଷ ପରେ ହଟିଲା ୟୁନିୟନ କାର୍ବାଇଡ୍ ଆବର୍ଜନା

ଭୋପାଳ,୨।୧




୧୯୮୪ ଡିସେମ୍ବର ୨-୩ ରାତିରେ ମଧ୍ୟପ୍ରଦେଶର ଭୋପାଳସ୍ଥିତ ୟୁନିୟନ କାର୍ବାଇଡ୍ ଇଣ୍ଡିଆ ଲିଃ (ୟୁସିଆଇଆଇ) କୀଟନାଶକ ପ୍ଲାଣ୍ଟରେ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିଲା। ଏଥିରେ ୩,୭୮୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ହଜାର ଲୋକ ବିକଳାଙ୍ଗ ହୋଇଯାଇଥିଲେ। ଏହାକୁ ବିଶ୍ୱର ସବୁଠୁ ଭୟଙ୍କର ଶିଳ୍ପାଞ୍ଚଳ ବିପର୍ଯ୍ୟୟ କୁହାଯାଏ। ଏହି ଘଟଣାର ଦୀର୍ଘ ୪୦ ବର୍ଷ ପରେ ବୁଧବାର ରାତିରେ କାରଖାନା ପରିସରରୁ ୩୭୭ ଟନ୍ ଓଜନର ବିପଜ୍ଜନକ ବର୍ଜ୍ୟ ହଟାଯାଇଛି। ୧୨ଟି କଣ୍ଟେନର ଟ୍ରକ୍‌ରେ ବର୍ଜ୍ୟକୁ ସିଲ୍ କରି ୨୫୦ କି.ମି. ଦୂରରେ ଅବସ୍ଥିତ ଧର୍ ଜିଲା ପିଠମ୍‌ପୁର ଶିଳ୍ପାଞ୍ଚଳକୁ ନିଆଯାଇଛି। ଏଥିପାଇଁ ୨୫୦ କି.ମି. ରାସ୍ତାକୁ ଗ୍ରୀନ୍ କରିଡର ଘୋଷଣା କରାଯାଇଥିଲା। ଟ୍ରକ୍‌ରେ ଆବର୍ଜନ ବୋଝେଇ ପାଇଁ ରବିବାରଠାରୁ ପ୍ରତି ୩୦ ମିନିଟ୍ ଶିଫ୍ଟରେ ପାଳିକରି ୧୦୦ ଶ୍ରମିକ ନିୟୋଜିତ ହୋଇଥିଲେ।

## ସ୍ପିଡ୍‌ବ୍ରେକର ଯୋଗୁ ମୃତ ଘୋଷିତଙ୍କ ଜୀବନ ଫେରିଲା

ନୂଆଦିଲ୍ଲୀ,୨।୧



ମହାରାଷ୍ଟ୍ର କୋଲ୍ହାପୁର ଅଞ୍ଚଳର ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କୁ ହୃଦ୍‌ଘାତ ହେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶେଷକୃତ୍ୟ ପାଇଁ ପଣ୍ଡୁରଙ୍ଗ ଉଲ୍‌ପେ ନାମକ ଉକ୍ତ ବ୍ୟକ୍ତିଙ୍କ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ଘରକୁ ନିଆଯାଉଥିଲାବେଳେ ଆଶ୍ଚର୍ଯ୍ୟ ଘଟଣା ଦେଖିବାକୁ ମିଳିଥିଲା। ସ୍ପିଡ୍ ବ୍ରେକର ଅତିକ୍ରମ ବେଳେ ଜର୍କିଂ ଯୋଗୁ ଆମ୍ବୁଲାନ୍ସରେ ସୃଷ୍ଟି ହୋଇଥିବା କମ୍ପନ ଉଲ୍‌ପେଙ୍କୁ ବଞ୍ଚାଇ ଦେଇଛି। ଅଚଳ ଶରୀର ହଲଚଲ ହେବା ଦେଖି ପରିବାର ସଦସ୍ୟ ତୁରନ୍ତ ତାଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ନେଇଥିଲେ। ଗତ ୧୬ ତାରିଖରେ ଏହି ଘଟଣା ଘଟିଥିଲା। ଦ୍ୱିତୀୟ ହସ୍ପିଟାଲରେ ଉଲ୍‌ପେଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ଭର୍ତ୍ତି କରାଯାଇ ଆଞ୍ଜିଓପ୍ଲାଷ୍ଟି କରାଯାଇଥିଲା। ୧୫ ଦିନ ହସ୍ପିଟାଲରେ ରହିବା ପରେ ଉଲ୍‌ପେ ଘରକୁ ଫେରିଛନ୍ତି।

ଉଲ୍‌ପେ କହିଛନ୍ତି, ସେ ଚଲାବୁଲା କରି ଘରକୁ ଫେରିବା ପରେ ବସି ଚା’ ପିଉଥିଲେ। ଏହା ପରେ ତାଙ୍କ ମୁଣ୍ଡ ବୁଲାଇବା ସହ ଅଣନିଃଶ୍ୱାସୀ ଲାଗିଥିଲା। ସେ ବାଥ୍‌ରୁମ୍‌କୁ ଯାଇ ବାନ୍ତି କରିଥିଲେ। ଏହା ପରେ କ’ଣ ଘଟିଲା ଏବଂ କେଉଁମାନେ ତାଙ୍କୁ ହସ୍ପିଟାଲ ନେଲେ, ସେ ଜାଣନ୍ତି ନାହିଁ ବୋଲି କହିଛନ୍ତି। ପ୍ରଥମେ ତାଙ୍କୁ ମୃତ ଘୋଷଣା କରିଥିବା ହସ୍ପିଟାଲ ଘଟଣା ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇନାହିଁ।

## କଙ୍ଗୋରେ ୧୩ ସୈନିକଙ୍କୁ ମୃତ୍ୟୁଦଣ୍ଡ

କିନ୍‌ଶାସା, ୨।୧

ସୈନ୍ୟ ଅନୁଶାସନ ଲାଗୁ କରିବା ପାଇଁ ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋରେ ୧୩ ଜଣ ସୈନିକଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ଦେଶର ଉତ୍ତର ପୂର୍ବାଞ୍ଚଳ ଲୁବେରୋ ସହରର ଏକ ସାମରିକ ଟ୍ରିବ୍ୟୁନାଲ ହତ୍ୟା, ଲୁଟ୍ ଏବଂ ସାଥୀ ସୈନ୍ୟମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରାଉଥିବା ଅଭିଯୋଗରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଏନେଇ କଙ୍ଗୋର ସାମରିକ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିବୃତି ଜାରି କରି କୁହାଯାଇଛି, ସୈନିକମାନେ ବାରମ୍ବାର ପଳାୟନ କରୁଥିବାର ଆଞ୍ଚଳିକ ସ୍ତରରେ କଙ୍ଗୋକୁ କ୍ଷତି ସହିବାକୁ ପଡୁଛି। ତେଣୁ ସେନା ଅନୁଶାସନକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ସଦୃଶ ଏହି ଦଣ୍ଡାଦେଶ ଦିଆଯାଇଛି। ସୈନ୍ୟ ପଳାୟନ ଯୋଗୁ ରୁଆଣ୍ଡା ସମର୍ଥିତ ବିଦ୍ରୋହୀ ସଙ୍ଗଠନ ‘ଏମ୍‌୨୩’ ଗତ ୩ ବର୍ଷ ମଧ୍ୟରେ କଙ୍ଗୋରେ ଶକ୍ତିଶାଳୀ ହେଉଛନ୍ତି ଏବଂ ସେମାନେ ଅନେକ ହିଂସା ଘଟାଉଛନ୍ତି ବୋଲି ଏହି ବିବୃତିରେ କୁହାଯାଇଛି।

# ବିବାହ କଲେ ଅର୍‌ମାନ



**ମୁମ୍ବାଇ:** ନୂଆବର୍ଷର ଦ୍ୱିତୀୟ ଦିନରେ ବଲିଉଡ୍‌ର ଲୋକପ୍ରିୟ ଗାୟକ ଅର୍‌ମାନ ମଲିକ ତାଙ୍କ ପ୍ରଶଂସକଙ୍କୁ ଖୁସି ଖବର ଦେଇଛନ୍ତି। ସେ ତାଙ୍କ ଦୀର୍ଘଦିନର ବାନ୍ଧବୀ ତଥା ଫେଶନ ବ୍ଲଗର ଆଶନା ଶ୍ରଫଙ୍କୁ ବିବାହ କରିଛନ୍ତି। ଏନେଇ ଉଭୟ ଅରମାନ ଏବଂ ଆଶନା ଇନ୍‌ଷ୍ଟାଗ୍ରାମରେ ମିଳିତ ଭାବେ ପୋଷ୍ଟ କରି ସେମାନଙ୍କ ବିବାହର ଅନେକ ଫଟୋ ଶେୟାର କରିଛନ୍ତି। ଦିନ ସମୟରେ ଏକ ଖୋଲା ପରିବେଶରେ ଉଭୟଙ୍କ ବିବାହ ସମାରୋହ ଅନୁଷ୍ଠିତ ହୋଇଥିଲା। ଉଭୟେ ମାଇକ ଧରି ପରସ୍ପରକୁ ସ୍ୱାମୀ ଏବଂ ସ୍ତ୍ରୀ ଭାବେ ସହଯୋଗ କରିବେ ବୋଲି ଶପଥ ନେଉଥିବା ନଜରକୁ ଆସିଛନ୍ତି। ଏହି ଅବସରରେ ଉଭୟ କମଳା ରଙ୍ଗର ପୋଷାକ ପିନ୍ଧିଥିଲେ। ଆଶନା ଏକ ଗାଢ଼ କମଳା ରଙ୍ଗର ଲେହେଙ୍ଗା ପିନ୍ଧିଥିବାବେଳେ ଅରମାନ ହାଲୁକା କମଳା ରଙ୍ଗର ଶେରଓ୍ୱାନି ପିନ୍ଧି ଚମତ୍କାର ଦେଖା ଯାଉଥିଲେ। ଦୁହେଁ ପରିବାର ଏବଂ ଘନିଷ୍ଠ ବନ୍ଧୁଙ୍କ ଉପସ୍ଥିତିରେ ବିବାହ କରିଥିଲେ। ଏହି ପୋଷ୍ଟରେ ବଲିଉଡ୍‌ର ବହୁ ତାରକା ଏବଂ ଅରମାନଙ୍କ ପ୍ରଶଂସକମାନେ କମେଣ୍ଟ ମାଧ୍ୟମରେ ନବ ବିବାହିତ ଦମ୍ପତିଙ୍କୁ ଶୁଭକାମନା ଜଣାଇଛନ୍ତି। ୨୦୨୩ ଅଗଷ୍ଟରେ ଅରମାନ ଆଶନାଙ୍କୁ ପ୍ରପୋଜ କରିଥିଲେ। ଏହାପରେ ସେ ଆଶନାଙ୍କ ପାଇଁ ‘କସମ ସେ-ଦି ପ୍ରପୋଜାଲ’ ନାମକ ଏକ ମ୍ୟୁଜିକ୍ ଭିଡିଓ ରିଲିଜ୍ କରିଥିଲେ। ପ୍ରାୟ ୨ ମାସ ପରେ ଏହି ଦମ୍ପତି ଆନୁଷ୍ଠାନିକ ଭାବେ ପରସ୍ପର ସହ ନିର୍ବନ୍ଧ କରିଥିଲେ। ସେବେଠାରୁ ଦୁହେଁ ଲିଭ୍ ଇନ୍ ରିଲେଶନ୍‌ଶିପରେ ଥିଲେ। ଉଭୟଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଏକାଠି ଦେଖିବାକୁ ମିଳୁଥିଲା। ପ୍ରକାଶ ଯେ, ଅର୍‌ମାନ ହେଉଛନ୍ତି ପ୍ରସିଦ୍ଧ ଗାୟକ ଅନୁ ମଲିକଙ୍କ ପୁତୁରା।




# ଓଡ଼ିଶାର ୧୫ ଜିଲା ଭୂତଳଜଳରେ ବିପଜ୍ଜନକ ନାଇଟ୍ରେଟ୍

## ଶିଶୁ, ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ

ନୂଆଦିଲ୍ଲୀ,୨।୧

ଦେଶବ୍ୟାପୀ ୪୪୦ ଜିଲାର ଭୂତଳଜଳରେ ନାଇଟ୍ରେଟ୍ ମାତ୍ରା ଅଧିକ ରହିଛି। ତନ୍ମଧରେ ଓଡ଼ିଶାର ୧୫ ଜିଲା ରହିଛି। ଏହି ଜିଲାଗୁଡ଼ିକ ହେଲା ଅନୁଗୋଳ, ବଲାଙ୍ଗୀର, ବରଗଡ଼, କଟକ, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ନୂଆପଡ଼ା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼। ସଂଗୃହୀତ ନମୁନାଗୁଡ଼ିକ ମଧ୍ୟରୁ ୨୦ ପ୍ରତିଶତରେ ଅନୁମତିଯୋଗ୍ୟ ନାଇଟ୍ରେଟ୍ ସାନ୍ଦ୍ରତାଠାରୁ ଅଧିକ ଉପାଦାନ ରହିଛି, ଯାହାକି ଜନସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ବିଶେଷକରି ଶିଶୁ ଓ ଗର୍ଭବତୀ ମହିଳାଙ୍କ ପାଇଁ ଏହା ହାନିକାରକ ବୋଲି ସେଣ୍ଟ୍ରାଲ ଗ୍ରାଉଣ୍ଡୱାଟର ବୋର୍ଡ (ସିଜିଡବ୍ଲ୍ୟୁବି) ପକ୍ଷରୁ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଭୂତଳଜଳରେ ନାଇଟ୍ରେଟ୍‌ଜନିତ ପ୍ରଦୂଷଣ କେବଳ ମାନବ ସମାଜ ପାଇଁ ନୁହେଁ, ପରିବେଶ ଲାଗି ମଧ୍ୟ କ୍ଷତିକାରକ। ବିଶେଷକରି ନାଇଟ୍ରୋଜେନ୍‌ଯୁକ୍ତ ସାର ବ୍ୟବହାର ଓ ପ୍ରାଣୀଙ୍କ ବର୍ଜ୍ୟ ବ୍ୟବହୃତ କୃଷିପ୍ରଧାନ ଅଞ୍ଚଳରେ ନାଇଟ୍ରେଟ୍‌ର ମାତ୍ରା ବେଶି ରହିଲେ ବିପଦ ଆଶଙ୍କା ମଧ୍ୟ ଅଧିକ ରହିଥାଏ। ଏହି ବିଷୟ ଆନୁଆଲ



ଗ୍ରାଉଣ୍ଡ୍‌ୱାଟର କ୍ୱାଲିଟି ରିପୋର୍ଟ-୨୦୨୪ରେ ପ୍ରଘଟ ହୋଇଛି। ଏହି ବାର୍ଷିକ ରିପୋର୍ଟରେ ଆହୁରି କୁହାଯାଇଛି, ୯.୦୪% ନମୁନାରେ ଫ୍ଲୋରାଇଡ୍ ସ୍ତର ନିରାପତ୍ତା ସୀମାଠାରୁ ଅଧିକ ରହିଛି। ଅନୁମତିଯୋଗ୍ୟ ମାତ୍ରାଠାରୁ ଅଧିକ ଫ୍ଲୋରାଇଡ୍ ଉପାଦାନ ମିଳିଥିବା ଓଡ଼ିଶାର ୧୦ ଜିଲା ହେଲା, ଅନୁଗୋଳ, ବଲାଙ୍ଗୀର ବରଗଡ଼, ଝାରସୁଗୁଡ଼ା, ନୟାଗଡ଼, ନୂଆପଡ଼ା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼। ସେହିପରି ୩.୫୫% ସାମ୍ପୁଲରେ ଆର୍ସେନିକ୍ ମାତ୍ରା ଅଧିକ ରହିଥିବା ଜଣାପଡ଼ିଛି।

୨୦୨୩ ମେ'ରେ ସାରା ଦେଶର ୧୫,୨୫୯ ସ୍ଥାନକୁ ଭୂତଳଜଳ ଅନୁଧ୍ୟାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଚୟନ କରାଯାଇଥିଲା। ସେଗୁଡ଼ିକ ମଧ୍ୟରୁ ୨୫% କୂଅ (ବିଆଇଏସ୍ ୧୦୫୦୦ ଅନୁସାରେ ଅଧିକାଂଶ ବିପଦପୂର୍ଣ୍ଣ) ରହିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ୪,୯୮୨ ଟ୍ରେଣ୍ଡ୍ ଷ୍ଟେଶନ୍‌ରେ ଭୂତଳଜଳକୁ ମୌସୁମୀ ପୂର୍ବରୁ ଓ ପରେ ଏହାର ପ୍ରଭାବ ସମ୍ପର୍କିତ ପରୀକ୍ଷା କରାଯାଇଥିଲା। ରିପୋର୍ଟରୁ ଜଣାପଡ଼ିଛି ଯେ, ଜଳର ୨୦% ନମୁନାରେ ନାଇଟ୍ରେଟ୍ ସୀମା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ୍ସ (ବିଆଇଏସ୍) ଦ୍ୱାରା ପାନୀୟ ଜଳ ସକାଶେ ନିର୍ଦ୍ଧାରିତ ଲିଟର ପିଛା (ଏମ୍‌ଜି/ଏଲ୍) ୪୫ ମିଲିଗ୍ରାମଠାରୁ ଅଧିକ ରହିଛି।

# ଦିଲ୍ଲୀ କର୍ତ୍ତବ୍ୟପଥରେ ଗଡ଼ିବନି ଓଡ଼ିଶା ପ୍ରଜ୍ଞାପନ ମେଢ଼

## ଓଡ଼ିଶା ପଠାଇଥିବା ମଡେଲକୁ ପ୍ରତ୍ୟାଖ୍ୟାନ କଲା ପ୍ରତିରକ୍ଷା ମନ୍ତ୍ରଣାଳୟ

ଭୁବନେଶ୍ୱର,୨।୧ (ଅନୁରାଧା ମହାରଣା)

ଚଳିତବର୍ଷ ଦିଲ୍ଲୀର କର୍ତ୍ତବ୍ୟପଥରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡରେ ଗଡ଼ିବନି ଓଡ଼ିଶାର ପ୍ରଜ୍ଞାପନ ମେଢ଼। ରାଜ୍ୟ ସରକାର ପଠାଇଥିବା ପ୍ରଜ୍ଞାପନ ମେଢ଼ ମଡେଲକୁ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରତ୍ୟାଖ୍ୟାନ କରିଥିବା ସୂଚନା ମିଳିଛି। ଗତବର୍ଷ କର୍ତ୍ତବ୍ୟପଥରେ ଐତିହ୍ୟଗ୍ରାମ ରଘୁରାଜପୁର ହସ୍ତକଳାକୁ ନେଇ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ପଟଚିତ୍ର ସହିତ ହସ୍ତଶିଳ୍ପ ଏବଂ କୁଟୀର ଶିଳ୍ପକୁ ପ୍ରଜ୍ଞାପନ ମେଢରେ ଦର୍ଶାଯାଇଥିଲା। ଓଡ଼ିଶାର ଏହି ପ୍ରଜ୍ଞାପନ ମେଢ଼ ପ୍ରଥମ ପୁରସ୍କାର ହାସଲ କରିବାରେ ସଫଳ ହୋଇଥିଲା। ମାତ୍ର ୨୦୨୫ ସାଧାରଣତନ୍ତ୍ର ଦିବସ ପାଇଁ ଓଡିଶା ପକ୍ଷରୁ ମାଣିଆବନ୍ଧ ଶାଢ଼ି, ହସ୍ତଶିଳ୍ପ ଓ ମନ୍ଦିରମାଳିନୀ ଭୁବନେଶ୍ୱର ମଡେଲ ପ୍ରଦାନ କରାଯାଇଥିଲା। ତେବେ କେଉଁ କାରଣରୁ ଏହା ଗ୍ରହଣୀୟ ହେଲା ନାହିଁ ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ସୂଚନାନୁଯାୟୀ, ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ 'ଭାରତ ପର୍ବ' ଗଣତନ୍ତ୍ର ଦିବସ ପାଳନ କରିବାର ଏକ ଅଂଶ ହୋଇଥିବାବେଳେ ଜାନୁଆରୀ ୨୬ରୁ ୩୧ ପର୍ଯ୍ୟନ୍ତ ଦିଲ୍ଲୀର ଲାଲକିଲ୍ଲା ନିକଟରେ ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ହେବ। ଚଳିତବର୍ଷ ୧୫ଟି ରାଜ୍ୟର ପ୍ରଜ୍ଞାପନ ମେଢ଼କୁ କର୍ତ୍ତବ୍ୟପଥରେ ପ୍ରଦର୍ଶନ କରିବା ପାଇଁ ଅନୁମତି ମିଳିଛି। ଏହାସହ ୧୧ଟି ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟର ମଡେଲ ମଧ୍ୟ ପରେଡରେ ସାମିଲ ହେବ ବୋଲି ସୂଚନା ଦିଆଯାଇଛି।

# ବଦଳିଲେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ

## ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

▪ ଏନ.ବି.ଏସ୍. ରାଜପୁତ୍‌ଙ୍କୁ ସାଧାରଣ ଉଦ୍ୟୋଗ ବିଭାଗ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୨।୧ (ଅନିଲ ଦାସ)

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଗୁରୁବାର ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୯ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଥିବା ଏନ.ବି.ଏସ୍. ରାଜପୁତ୍‌ଙ୍କୁ ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ ଥିବା ଟି. ଆଓଙ୍କୁ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଇପିକଲ୍ ଏମ୍‌ଡି, ଇଡ୍‌କୋ ଏମ୍‌ଡି ଏବଂ ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଥିବା ଭୂପେନ୍ଦ୍ର ସିଂ ପୁନିଆଁଙ୍କୁ ଦକ୍ଷତା ବିକାଶ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଥିସହ ୨୦୧୦ ବ୍ୟାଚ୍ ଆଇଏଏସ୍ ଅଫିସର ତଥା କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ଓଡ଼ିଶା କୃଷି ନିଗମ ନିର୍ଦ୍ଦେଶକ ସହ ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ଅରିନ୍ଦମ ଡାକୁଆଙ୍କୁ ପୌର ପ୍ରଶାସନ ନିର୍ଦ୍ଦେଶକ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଅରିନ୍ଦମ ଡାକୁଆଙ୍କୁ ୨୦୨୪ ଜୁଲାଇରେ ନିଯୁକ୍ତି ମିଳିଥିଲା। ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ପାରିନାହିଁ।

# ଆଜି ଉଦ୍‌ଘାଟନ ହେବ କୃଷି ଓଡ଼ିଶା-୨୦୨୫

ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଶୁକ୍ରବାର ଠାରୁ ୩ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ କୃଷି ଓଡ଼ିଶା-୨୦୨୫ର ଆୟୋଜନ ହେବ। ଏହି ସମାରୋହକୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଅବସରରେ ଉଦ୍‌ବୋଧନ ଦେବେ। କୃଷି ଓଡ଼ିଶା-୨୦୨୫ର ବିଷୟବସ୍ତୁ ରହିଛି ଚିରନ୍ତନ ଖାଦ୍ୟ ପ୍ରଣାଳୀ ପାଇଁ ଏକ ପ୍ରୟାସ। ପ୍ରଥମ ଦିନର ବିଷୟବସ୍ତୁ ଜଳବାୟୁ ଉପଯୋଗୀ ଖାଦ୍ୟ ପଦ୍ଧତି ଓ ଜଳବାୟୁ ତ୍ୱରିତ ଉଦ୍ୟାନକୃଷି ରହିବ। ୨ୟ ଦିବସ ମୃତ୍ତିକା ସ୍ୱାସ୍ଥ୍ୟ, ପ୍ରାକୃତିକ କୃଷି ଓ ଏହାର ମୂଲ୍ୟଶୃଙ୍ଖଳା ଏବଂ ୩ୟ ଦିନରେ ପାଣି ପଞ୍ଚାୟତ ପକ୍ଷ ପାଳନ ସହ ଧାରାବାହିକ ଜଳ ଶାସନ ନୀତି ବିଷୟ ରହିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୦ ହଜାର କୃଷକ, କୃଷିଜୀବୀ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ, ଅଣସରକାରୀ ଗୋଷ୍ଠୀ, ପାଣି ପଞ୍ଚାୟତ ସଭ୍ୟ, କୃଷି ଉଦ୍ୟୋଗୀ, ରପ୍ତାନିକାରୀ, ଛାତ୍ରୀଛାତ୍ର ଓ ଗବେଷକବୃନ୍ଦ ଏଥିରେ ଅଂଶଗ୍ରହଣ କରିବେ। ରାଜ୍ୟର ୪ ବିଭିନ୍ନ ସରକାରୀ ବିଭାଗ, କେନ୍ଦ୍ର ସରକାର, ଭାରତୀୟ କୃଷି ଗବେଷଣା ପରିଷଦ, ସିଜିଆଇଏଆର୍ ପ୍ରତିଷ୍ଠାନ, ବେସରକାରୀ ସଙ୍ଗଠନ, ସମନ୍ୱୟରେ ୧୩ ଗୋଟି ବୈଷୟିକ ଅଧିବେଶନର ମଧ୍ୟ ଆୟୋଜନ କରାଯାଉଛି। କୃଷକ ବୈଜ୍ଞାନିକ ଆଲୋଚନାଚକ୍ର, ସେମିନାର କାର୍ଯ୍ୟକ୍ରମ ରହିଛି। ଏଥିରେ କୃଷକ ସମୃଦ୍ଧି କେନ୍ଦ୍ର, ଅନୁଭୂତି ଶିକ୍ଷା କେନ୍ଦ୍ର, କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯିବ। ୨୦୦ରୁ ଅଧିକ ଷ୍ଟଲରେ ବିଭିନ୍ନ କୃଷିଜାତ ଦ୍ରବ୍ୟ ଓ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯିବ ବୋଲି ସୂଚନା ମିଳିଛି ।

# ପ୍ରେମ ପାଇଁ ପାକିସ୍ତାନ ଯାଇ ଜେଲରେ ଯୁବକ

ପ୍ରଥମେ ଫେସ୍‌ବୁକରେ ଫ୍ରେଣ୍ଡଶିପ୍। କିଛି ଦିନର ଚାଟିଂ ପରେ ପ୍ରେମ। ପାକିସ୍ତାନୀ ଯୁବତୀଙ୍କ ସହ ନିବିଡ଼ତା ବଢ଼ିବାରୁ ସେଠାକାର ପଞ୍ଜାବ ପ୍ରଦେଶର ମଣ୍ଡି ବହାଉଦ୍ଦିନ ଜିଲାକୁ ଯାଇ ଫସିଯାଇଛନ୍ତି ଉତ୍ତରପ୍ରଦେଶ ଆଲିଗଡ଼ର ଜଣେ ଯୁବକ। ଯୁବତୀ ଜଣକ ତାଙ୍କୁ ବିବାହ କରିବାକୁ ଚାହୁଁ ନ ଥିବା କହିବା ପରେ ପଞ୍ଜାବ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଜେଲରେ ରଖିଛି। ଏହି ଘଟଣା କୌଣସି ହିନ୍ଦୀ ସିନେମାର କାହାଣୀ ଭଳି ନୂଆବର୍ଷରେ ଲୋକଲୋଚନକୁ ଆସିଛି।

ଲାହୋର, ୨।୧ (ପି.ଟି.)

ଉତ୍ତର ପ୍ରଦେଶ ଆଲିଗଡ଼ ଜିଲା ନଗଲା ଖଟ୍‌କରୀ ଗ୍ରାମର ବାଦଲ ବାବୁ(୩୦) ପେସ୍‌ବୁକରେ ପାକିସ୍ତାନୀ ଯୁବତୀ ସାନା ରାନୀ(୨୧)ଙ୍କୁ ପ୍ରେମ କରୁଥିଲେ। ସାନାଙ୍କୁ ଭେଟି ତାଙ୍କୁ ବିବାହ ନିବେଦନ କରିବା ପାଇଁ ସେ ଗତ ସପ୍ତାହରେ ସୀମାପାର୍ କରି ପାକିସ୍ତାନର ପଞ୍ଜାବ ପ୍ରଦେଶ ମଣ୍ଡି ବହାଉଦ୍ଦିନ ଜିଲାରେ ସାନାଙ୍କ ଗ୍ରାମ ମୌଙ୍ଗରେ ପହଞ୍ଚିଥିଲେ। ତେବେ ବେଆଇନ ଭାବେ ପାକିସ୍ତାନରେ ପ୍ରବେଶ କରିଥିବାରୁ ସେଠାରୁ ବାଦଲଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଥିଲା। ଜେରା ବେଳେ ବାଦଲ ପୋଲିସକତ କହିଛନ୍ତି, ଫେସ୍‌ବୁକରେ ସାନା ଓ ସେ ପରସ୍ପରକୁ ପ୍ରେମ କରୁଥିଲେ। ସେ ଓ ସାନା ସେମାନଙ୍କ ସମ୍ପର୍କକୁ ଆଗକୁ ବଢ଼ାଇବାକୁ ଚାହୁଁଥିଲେ। ତେଣୁ ସେ ପାକିସ୍ତାନ ଆସି ସାନାଙ୍କୁ ଭେଟି ତାଙ୍କୁ ସର୍‌ପ୍ରାଇଜ ଦେବାକୁ ଚାହୁଁଥିଲେ। ଏହାସହ ସେ ସାନା ଓ ତାଙ୍କ ପରିବାର ନିକଟରେ ବିବାହ ପାଇଁ ପ୍ରସ୍ତାବ ଦେବାକୁ ମଧ୍ୟ ଠିକ୍ କରିଥିଲେ ବୋଲି ବାଦଲ କହିଛନ୍ତି। ବାଦଲଙ୍କ ବୟାନ ଆଧାରରେ ପଞ୍ଜାବ ପୋଲିସ ସାନାଙ୍କର ବୟାନ ରେକର୍ଡ କରିଛି। ସାନା ତାଙ୍କ ବୟାନରେ କହିଛନ୍ତି, ଗତ ଅଢ଼େଇ ବର୍ଷ ଧରି ସେ ଏବଂ ବାଦଲ ଫେସ୍‌ବୁକ ବନ୍ଧୁ ଭାବେ ବହୁ ଚାଟିଂ କରିଛନ୍ତି। ତେବେ ବାଦଲଙ୍କୁ ବିବାହ କରିବାକୁ କେବେ ଚାହିନାହାନ୍ତି ବୋଲି ସାନା କହିଛନ୍ତି।



ବାଦଲ ବାବୁ

ତେବେ ପାକିସ୍ତାନରେ ପ୍ରବେଶ କରିବା ପରେ ବାଦଲ ସାନାଙ୍କୁ ଭେଟିଛନ୍ତି କି ନାହିଁ ସେନେଇ ପଞ୍ଜାବ ପୋଲିସ ସ୍ପଷ୍ଟ କରିନାହିଁ। ବିଭିନ୍ନ ସୂତ୍ର ଅନୁଯାୟୀ, ଏକ ପାକିସ୍ତାନୀ ଗୋଇନ୍ଦା ଏଜେନ୍ସି ବାଦଲଙ୍କ ସହ ସମ୍ପର୍କକୁ ନେଇ ସାନା ଓ ତାଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛି। ବାଦଲ ପାକିସ୍ତାନ ପୋଲିସକୁ ଭିଜା କିମ୍ବା କୌଣସି ଦସ୍ତାବିଜ୍ ଦେଖାଇବାରେ ବିଫଳ ହୋଇଥିଲେ। ତେଣୁ ପାକିସ୍ତାନୀ ବିଦେଶୀ ଅଧିନିୟମ, ୧୯୪୬ର ଧାରା ୧୩ ଏବଂ ୧୪ ଅନୁଯାୟୀ ପଞ୍ଜାବ ପୋଲିସ ବାଦଲଙ୍କୁ ଗିରଫ କରିଥିଲା। ମଣ୍ଡି ବହାଉଦ୍ଦିନ ଜିଲା ଅଦାଲତ ବାଦଲଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି। ଆସନ୍ତା ୧୦ରେ ତାଙ୍କୁ ପୁଣି ଅଦାଲତରେ ହାଜର କରାଯିବ।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜ୍ଞାନ ଓ ବିଜ୍ଞାନ ସମ୍ବଳିତ ପଞ୍ଚଦିବସୀୟ ଗୀତା କଥା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଓଡ଼ିଶା ୨୦୨୫ ଉଦ୍‌ଘାଟନ, ସ୍ଥାନ: ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଜ୍ୟ ମୁଖ୍ୟାଳୟ, ଭି/ଆର୍-୫/୧, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜୟ ଭାରତୀ ସମ୍ମିଳନୀ କକ୍ଷ, ବାୟାବାବା ମଠ ଲେନ୍, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଳିଙ୍ଗ ଭାରତୀ ଫାଉଣ୍ଡେଶନ ପକ୍ଷରୁ କଳା ମହୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ୟୁନିଟ୍-୮, ସମୟ: ଅପରାହ୍ନ ୫ଟା।
- ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ତମ ଜୟନ୍ତୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଚିନ୍ମୟ ମିଶନ କଟକ ଓ ଜଗତପୁର ମିଳିତ ଆନୁକୂଲ୍ୟରେ ଗୀତା ଜ୍ଞାନ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର, ସମୟ: ସକାଳ ୭ଟା ୩୦।
- ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ପୂର୍ବତନ ବିଧାୟକ ବିଶ୍ୱନାଥ ପଣ୍ଡିତଙ୍କର ୧୦୬ତମ ଜୟନ୍ତୀ, ସ୍ଥାନ: ପଣ୍ଡିତଜୀଙ୍କ ବାସଭବନ, ଚାନ୍ଦିନୀଚୌକ, ସମୟ: ସକାଳ ୯ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୬ତମ କଟକ ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: ସାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ନବମ ଜିଲା ପରିଷଦ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ- ପୂର୍ବାହ୍ନ ୧୧ଟା।
- ଆରିହନ୍ତ ଗୁରୁକୁଳମ୍ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପ୍ଲଟ୍ ନଂ ୮-୩-ପିଜି/୪୦୪, ଶିବମନ୍ଦିର ନିକଟ, ସିଡିଏ ସେକ୍ଟର-୮, ସମୟ: ଅପରାହ୍ନ ୩ଟା।
- ସୁଶ୍ରୀ ଜୟାକିଶୋରୀଙ୍କ ତିନିଦିନିଆ ପ୍ରବଚନର ଉଦ୍‌ଘାଟନ, ସ୍ଥାନ: ସିଡିଏ ମିନି ଷ୍ଟାଡିୟମ, ବିଡ଼ାନାସୀ, ସମୟ: ଅପରାହ୍ନ ୪ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ତମ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୫ଟା।

## ପୁରୀ

- ସାଧାରଣ ତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସାମ୍ବାଦିକ ଓ ପୋଲିସ ପ୍ରଶାସନ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍, ସ୍ଥାନ: ରିଜର୍ଭ ପୋଲିସ ଲାଇନ୍, ସମୟ: ଅପରାହ୍ନ ୨ଟା ୩୦।
- ନିମାପଡ଼ା କଳାକାର ମହାସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ନିମାପଡ଼ା, ସମୟ: ଅପରାହ୍ନ ୫ଟା।
- ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଶରଧାବାଲି, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀ, ସ୍ଥାନ: ଜାନକୀବଲ୍ଲଭ ଉଦ୍ୟାନ, ଏସ୍‌ପି ଅଫିସ ନିକଟ, ଖୋର୍ଦ୍ଧା, ସମୟ: ସକାଳ ୮ଟା।

## ବାଲେଶ୍ୱର

- ୩୫ତମ ଚନ୍ଦ୍ରଭାଗା ଉତ୍ସବର ସପ୍ତମ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।
- ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ସମୟ: ଅପରାହ୍ନ ୨ଟା ୩୦।
- ଜାମୁନିଆ ଆଞ୍ଚଳିକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜାମୁନିଆ ଖେଳ ପଡ଼ିଆ, ରୂପସା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି ଶିବଦୁର୍ଗା ହାଇସ୍କୁଲ, ସମୟ: ସକାଳ ୯ଟା ୩୦।
- ହସନାବାଦ ପଞ୍ଚାୟତସ୍ତରୀୟ ବନ୍ଧୁମିଳନ, ସ୍ଥାନ: ହସନାବାଦ ପାର୍କ, ସମୟ: ପୂର୍ବାହ୍ନ ୧୧ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଆଗରପଡ଼ା ଯୁବ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ରାଙ୍କୀସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସର, କେନ୍ଦୁଝର ସଦର, ସମୟ: ପୂର୍ବାହ୍ନ ୧୦ଟା।
- ସୁନାମୁଖୀ ଠାକୁରାଣୀ ଓଷା, ସ୍ଥାନ: ସ୍ୱାମ ନାଏକ ସାହି, ପାଟଣା, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ:ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ୩୪ତମ ବାର୍ଷିକୋତ୍ସବ,ସ୍ଥାନ: ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ,କୁଆମରା,ସମୟ: ପୂର୍ବାହ୍ନ ୧୧ଟା।
- କପ୍ତିପଦା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ:ଉଦଳା ଏନ୍‌ଏସି ସନ୍ଧାନୀ ସଭାଗୃହ, ସମୟ:ଅପରାହ୍ନ ୩ଟା ୩୦।
- ୟଙ୍ଗ ମାସ୍ ଆସୋସିଏସନର ୪ର୍ଥ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ମୟୂର କେମିକାଲ କ୍ୟାମ୍ପସ, ବେତନଟୀ, ସମୟ: ସନ୍ଧ୍ୟା ୬ଟା।
- ବୈଶିଙ୍ଗା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ବୈଶିଙ୍ଗା ମହୁରୀ ପଡ଼ିଆ,ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ଅଲ୍ ଓଡ଼ିଶା ପୋଲିସ ହ୍ୟାଣ୍ଡବଲ୍ ଓ କବାଡ଼ି ପ୍ରତିଯୋଗିତା ଉଦଘାଟନ, ସ୍ଥାନ: ଢେଙ୍କାନାଳ ରିଜର୍ଭ ପୋଲିସ ପଡ଼ିଆ, ସମୟ: ସକାଳ ୮ଟା ୪୫।
- ଭାରୋତ୍ତୋଳନକାରୀ ପ୍ରୀତିସ୍ମିତାଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଢେଙ୍କାନାଳ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତସିଂହପୁର

- ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଉପଲକ୍ଷେ ମାରାଥନ, ସ୍ଥାନ: ହନୁମାନ ମନ୍ଦିର ପାଖ ବେଳାଭୂମି ରାସ୍ତା, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- ବିପ୍ଳବୀ କବି ଆନନ୍ଦଚନ୍ଦ୍ର କ୍ରିକେଟ୍ କପ ଟୁର୍ନାମେଣ୍ଟ, କନିକା କ୍ରିକେଟ୍ କ୍ଲବ, ରାଜକନିକା ସହ ମା' ଖରାଖାଇ କ୍ରିକେଟ୍ କ୍ଲବ, ଆଳି ମଧ୍ୟରେ ଖେଳ, ସ୍ଥାନ: ଡାଳିକାଏନ୍ଦା, ସିକୋ, ରାଜକନିକା, ସମୟ: ସକାଳ ୯ଟା।

## ଯାଜପୁର

- କୁଆଖିଆ ମହୋତ୍ସବର ୧୧ତମ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ସାରଙ୍ଗପୁର ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଧର୍ମଶାଳା ମହୋତ୍ସବରେ ବଲିଓଡ ଗାୟିକା ଅନ୍ୟନ୍ୟା ଚକ୍ରବର୍ତ୍ତୀ ନାଇଟ୍, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ସଡ଼କ ସୁରକ୍ଷା ଉପରେ ମିନି ମାରାଥନ, ସ୍ଥାନ: ନୟାଗଡ଼ ସହର ପରିକ୍ରମା ପରେ ନୟାଗଡ଼ ପଠାଣି ସମାନ୍ତ ଜିଲା ସଂସ୍କୃତି ଭବନରେ ସମାବେଶ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କର ପେଣ୍ଟିଂ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତମରୁ ,ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ଲୋଗାନ ମାଧ୍ୟମରେ ସଡ଼କ ସୁରକ୍ଷା ପ୍ରତିଯୋଗିତା, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଭଣ୍ଡାର ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଓଡ଼ଗାଁ ବ୍ଲକ ଶରଣକୁଳ ଲଡୁବାବା ଯାତ୍ରା ପଡ଼ିଆ, ସମୟ:ଅପରାହ୍ନ ୫ଟା।
- ଯାନବାହାନ ଚାଳକଙ୍କର ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ନୟାଗଡ଼ ନୂଆ ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।

## ନବରଙ୍ଗପୁର

- ପ୍ରଶାସନ ପକ୍ଷରୁ ଶିଶୁଗୃହ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ମହାନଗର ନିଗମ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସକାଳ ୮ଟା।
- ଦାନିପାଲି ଶ୍ରୀଲଡୁ ଗୋପାଳ ସେବା ସମିତି ପକ୍ଷରୁ ନବକୁଣ୍ଡିୟ ଶତଚଣ୍ଡୀ ମହାଯଜ୍ଞ, ସ୍ଥାନ: ମନ୍ଦଲିଆ ପଡିଆ, ସମୟ: ସକାଳ ୯ଟା।
- କେନ୍ଦୁପତ୍ର ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: କୁଚିଣ୍ଡା ଶ୍ରମିକ ଭବନ,ସମୟ: ପୂର୍ବାହ୍ନ ୧୧ଟା।
- ଲୋକ ମହୋତ୍ସବ ଆୟୋଜନ କମିଟିର ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ: ଅପରାହ୍ନ ୩ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରାର କଳାକାର ବୈଠକ, ସ୍ଥାନ:ପୁରୁଣା ମ୍ୟୁନିସିପାଲିଟି ଅଫିସ ପରିସର, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ସାୟର୍ ଅବଦୁଲ ଜମାଲ ଖାନ୍‌ଙ୍କ ସାୟରୀ ସଙ୍କଳନ ଉନ୍ମୋଚନହ୍, ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ବଲାଙ୍ଗୀର, ସମୟ: ଅପରାହ୍ନ ୬ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ବ୍ଲକ ଜୀବନଦାଦର ଗ୍ରାମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜୀବନ ନିର୍ମାଣ ଯୋଗାଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପଏଁରୀ ରୌପ୍ୟ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସୋନପୁର ପୁରୁଣା ଟାଉନ ହଲ, ସମୟ:ଅପରାହ୍ନ ୫ଟା।
- ୩ୟ ଧନୁଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମହୁଲପାଲି ପଞ୍ଚାୟତ କାର୍ଯ୍ୟାଳୟ, ବରପାଲି: ସମୟ: ସକାଳ ୯ଟା।
- ଧନୁଯାତ୍ରା ସ୍ୱାଗତ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧୀଛକ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ହାଟପଦା ରାଜଦରବାର ମଞ୍ଚ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- କଲଚରାଲ୍ ଏକାଡେମୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ ସେକ୍ଟର-୫, ସମୟ: ପୂର୍ବାହ୍ନ ୧୦ଟା ୩୦।
- କସ୍ତୁରବା ଅନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ରର ୨ୟ ଦିବସ, ସ୍ଥାନ: ସେକ୍ଟର-୬ ମହିମା ବସ୍ତି, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଶ୍ମଶାନ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ରାତି ୯ଟା।

## ନୂଆପଡ଼ା

- ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ଖଡିଆଳ, ସମୟ: ସକାଳ ୯ଟା।
- ମା' ସୁନାଦେଈ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ-ଶହୀଦ ଭଗତ ସିଂ ଖେଳ ପଡିଆ ସୁନାବେଡା, ସମୟ: ସକାଳ ୯ଟା।
- ଶ୍ରୀମଦ୍ ଭାଗବତ ଉପଲକ୍ଷେ କୃଷ୍ଣ ବାଳଲୀଳା, ଦହି ଚୋରି, ଗିରିରାଜ ପୂଜନ ଉତ୍ସବ, ସ୍ଥାନ: ନୂଆପଡା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ସକାଳ ୯ଟା।
- ଜାତୀୟ ସଡକ ସୁରକ୍ଷା ମାସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ଅପରାହ୍ନ ୧ଟା।

## ବୌଦ୍ଧ

- ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ , ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ଦ୍ୱିତୀୟ ମା' ମାହେଶ୍ୱରୀ ମହୋତ୍ସବର ଦ୍ୱିତୀୟ ଦିନ ସ୍ଥାନ: ମସିଣାଗୋରା, କଣ୍ଟାମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।
- ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ଦିନ, ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ, ସମୟ : ସନ୍ଧ୍ୟା ୭ଟା।
- ଚକରାପଥର ଯାତ୍ରା ଅବସରରେ ଧନୁଯାତ୍ରା ମହୋତ୍ସବର ତୃତୀୟ ଦିନ, ସ୍ଥାନ: ମାର୍ଡୋଲ(ବେହେରାପଡା) କଣ୍ଟାମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ନୀତୀଶଙ୍କ ପାଇଁ ଦ୍ୱାର ଖୋଲା: ଲାଲୁ

**ପାଟନା,୨।୧**

୨୦୨୫ ଶେଷ ଆଡ଼କୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ପଲ୍ଟୁରାମ ନାମରେ ପରିଚିତ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏନ୍‌ଡିଏ ଛାଡ଼ି ମହାମେଣ୍ଟକୁ ଫେରିବା ନେଇ କଳ୍ପନାଜଳ୍ପନା ସୃଷ୍ଟି କଲାଭଳି ମନ୍ତବ୍ୟ ଦେଇଛନ୍ତି ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବ। ଲାଲୁ ବୁଧବାର କହିଛନ୍ତି, କ୍ଷମା କରିବା ମୋ କାର୍ଯ୍ୟ। ଜେଡିୟୁ ମୁଖ୍ୟ ନୀତୀଶ କୁମାର ଯଦି ଫେରିଆସିବେ, ତାଙ୍କୁ ବିନା ଦ୍ୱିଧାରେ କ୍ଷମା କରିଦେବି। ସମସ୍ତେ ମିଳିମିଶି



ନୀତୀଶ କୁମାର



ଲାଲୁପ୍ରସାଦ ଯାଦବ

କାର୍ଯ୍ୟ କରିବୁ। ମୋ ଦ୍ୱାର ସବୁବେଳେ ନୀତୀଶଙ୍କ ପାଇଁ ଖୋଲା ରହିଛି। ନୀତୀଶ ମଧ୍ୟ ନିଜ ଦ୍ୱାର ଖୋଲା ରଖିବା ଉଚିତ। ଲାଲୁଙ୍କ ଏହି ମନ୍ତବ୍ୟକୁ ନେଇ ବିହାର ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ଏହା ଉପରେ ନୀତୀଶଙ୍କୁ ଖବରଦାତାମାନେ ପ୍ରଶ୍ନ କରିବାରୁ କ'ଣ କହୁଛନ୍ତି ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଲାଲୁଙ୍କ ପୁଅ ତଥା ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଭଳି ସମ୍ଭାବନାକୁ ଖଣ୍ଡନ କରିଛନ୍ତି। ସାମ୍ବାଦିକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସୌଜନ୍ୟତା ଦୃଷ୍ଟିରୁ ଲାଲୁ ଏପରି କହିଥିବା ସେ ପ୍ରକାଶ କରିଛନ୍ତି। ନୂଆବର୍ଷରେ ରାଜ୍ୟରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ଅନ୍ତ ଘଟିବ ବୋଲି ତେଜସ୍ୱୀ ସମାଲୋଚନା କରିଛନ୍ତି।

# ଉଚ୍ଚଶବ୍ଦକୁ ବିରୋଧ କରିବାରୁ ପିଟି ହତ୍ୟା

**ନୂଆଦିଲ୍ଲୀ,୨।୧**

ପଶ୍ଚିମଦିଲ୍ଲୀର ରୋହିଣୀ ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତି ନବବର୍ଷ ପାଳନର ଅବ୍ୟବହିତ ପୂର୍ବରୁ ମାଇକରେ ଉଚ୍ଚ ଶବ୍ଦକୁ ବିରୋଧ କରିବାରୁ ତାଙ୍କୁ ସ୍ଥାନୀୟ ଲୋକେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଧର୍ମେନ୍ଦ୍ର(୪୦) ଡିସେମ୍ବର ୩୧ ରାତିରେ ପଡ଼ୋଶୀଙ୍କ ଲାଉଡ୍ ମ୍ୟୁଜିକ୍‌କୁ ବିରୋଧ କରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରାତି ଗୋଟାଏରେ ସେଠାରେ ପହଞ୍ଚି ଲହୁଲୁହାଣ ଧର୍ମେନ୍ଦ୍ରଙ୍କୁ ଦେଖିବାକୁ ପାଇଥିଲା। ପୋଲିସ ତାଙ୍କୁ ହସ୍ପିଟାଲକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କୁ ପିଟି ହତ୍ୟା କରିବା ଅଭିଯୋଗରେ ପଡ଼ୋଶୀ ପୀୟୁଷ ତିୱାରୀ ଓ ତାଙ୍କ ଭାଇ କପିଳଙ୍କୁ ଗିରଫ କରାଯାଇଛି।

# ଶୀତ ଲହରି ଜାରି: ରାଉରକେଲା ୭ ଡିଗ୍ରୀ

**ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)**

ବର୍ଷ ଆରମ୍ଭରୁ ରାଜ୍ୟରେ ଶୀତର ପ୍ରଭାବ ବଢ଼ିଛି। ଗୁରୁବାର ରାଜ୍ୟର ଏକାଧିକ ସ୍ଥାନରେ ୧୦ ଡିଗ୍ରୀ ସେଲସିୟସ୍ କିମ୍ବା ଏହାଠାରୁ କମ୍ ତାପମାତ୍ରା ରେକର୍ଡ ହୋଇଛି। ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୭ଡିଗ୍ରୀ ରହିଥିଲାବେଳେ ଝାରସୁଗୁଡାରେ ୮ ଡିଗ୍ରୀ, କେନ୍ଦୁଝରରେ ୯.୫ ଡିଗ୍ରୀ, ଫୁଲବାଣୀରେ ୯.୫ ଡିଗ୍ରୀ, ଦାରିଙ୍ଗବାଡିରେ ୯.୫ ଡିଗ୍ରୀ, ସୁନ୍ଦରଗଡରେ ୯.୭ ଡିଗ୍ରୀ ଓ ସୋନପୁରରେ ୧୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ୨ଦିନରେ ତାପମାତ୍ରା ୪.୮ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇଛି। ଡିସେମ୍ବର ୩୦ରେ ଏଠାରେ ତାପମାତ୍ରା ୧୯.୪ ଡିଗ୍ରୀ ରହିଥିବା ବେଳେ ଗୁରୁବାର ୧୪.୬ ଡିଗ୍ରୀ ସେଲସିୟସ୍‌କୁ ଖସି ଆସିଥିଲା। ତେବେ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୧.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଅନ୍ୟପକ୍ଷରେ ଢେଙ୍କାନାଳ ଓ କନ୍ଧମାଳରେ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସେହିପରି କଳାହାଣ୍ଡି, କୋରାପୁଟ ଓ ଗଞ୍ଜାମରେ ମଧ୍ୟ ହାଲୁକା କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାତି ତାମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଅନୁଗୋଳ, କନ୍ଧମାଳ ଓ ଢେଙ୍କାନାଳରେ ଘନ କୁହୁଡ଼ି ପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

# ବାଂଲାଦେଶର ନୂଆ ବହିରେ ଜିଆଉର୍ ରହମାନଙ୍କୁ ସ୍ୱାଧୀନତାର ଶ୍ରେୟ

**ଢାକା,୨।୧**

୧୯୭୧ ମୁକ୍ତିଯୁଦ୍ଧ ପରେ ପାକିସ୍ତାନଠାରୁ ପୃଥକ୍ ହୋଇ ବାଂଲାଦେଶ ସ୍ୱାଧୀନତା ଲାଭ କରିଥିଲା। ବଙ୍ଗବନ୍ଧୁ ନାମରେ ପରିଚିତ ଶେଖ୍ ମୁଜିବୁର ରହମାନଙ୍କୁ ଏହାର ଶ୍ରେୟ ଦିଆଯାଇଥାଏ। ଇତିମଧ୍ୟରେ ବାଂଲାଦେଶରେ ରାଜନୈତିକ ପାଣିପାଗ ବଦଳିଯାଇଛି। ମୁଜିବୁରଙ୍କ ଝିଅ ଶେଖ୍ ହାସିନା ଗାଦିଚ୍ୟୁତ ହୋଇ ଭାରତରେ ରାଜନୈତିକ ଶରଣ ନେଇଛନ୍ତି। ମହମ୍ମଦ ୟୁନିସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଚାଲିଥିବାବେଳେ ସ୍କୁଲ୍ ପାଠ୍ୟକ୍ରମରେ ମଧ୍ୟ ପରିବର୍ତ୍ତନ ଅଣାଯାଇଛି। ୨୦୨୫ ଶିକ୍ଷାବର୍ଷ ପାଇଁ ଉଦ୍ଦିଷ୍ଟ ନୂଆ ପାଠ୍ୟପୁସ୍ତକରେ ଲେଖାଯାଇଛି, ୧୯୭୧ ମାର୍ଚ୍ଚ ୨୬ରେ ତତ୍କାଳୀନ ସେନା ମେଜର ଜିଆଉର୍ ରହମନ ବାଂଲାଦେଶର ସ୍ୱାଧୀନତା ଘୋଷଣା କରିଥିଲେ। ପ୍ରକୃତରେ ଭାରତୀୟ ସେନାର ସହଯୋଗରେ ମୁଜିବୁର ବାଂଲାଦେଶକୁ ସ୍ୱାଧୀନ କରିଥିଲେ। ତେଣୁ ତାଙ୍କୁ ବାଂଲାଦେଶରେ 'ଜାତିର ଜନକ' ଆଖ୍ୟା ଦିଆଯାଇଛି। ନୂଆ ପୁସ୍ତକରେ ତାଙ୍କ ନାମ ସହ ଯୋଡ଼ାହୋଇ ରହିଥିବା ଏହି ସମ୍ମାନକୁ ହଟାଇଦିଆଯାଇଛି।

# 'ପୁଷ୍ପା ୨' ଦଳାଚକଟା: ହାଇଦ୍ରାବାଦ ପୋଲିସ କମିଶନରଙ୍କୁ ଏନ୍‌ଏଚ୍‌ଆର୍‌ସି ନୋଟିସ

**ନୂଆଦିଲ୍ଲୀ,୨।୧**

ଗତ ମାସ ୪ରେ 'ପୁଷ୍ପା ୨' ଫିଲ୍ମର ସ୍କ୍ରିନିଂ ଚାଲିଥିବାବେଳେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଦଳାଚକଟା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଘଟଣାକୁ ନେଇ ଗୁରୁବାର ଏନ୍‌ଏଚ୍‌ଆର୍‌ସି ହାଇଦ୍ରାବାଦ ପୋଲିସ କମିଶନରଙ୍କୁ ନୋଟିସ ଜାରି କରିଛନ୍ତି। ଉକ୍ତ ଦଳାଚକଟା ଘଟଣାରେ ପୋଲିସ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଏନ୍‌ଏଚ୍‌ଆର୍‌ସି ହାଇଦ୍ରାବାଦ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆମେରିକାରେ ଆତଙ୍କ...

ପ୍ରଥମ ପୃଷ୍ଠାରୁ...

ବନ୍ଧୁକ ଓ ବିସ୍ଫୋରକ ଉପକରଣ ସହ ଆଇଏସ୍ ପତାକା ପାଇବା ପରେ ଆତଙ୍କବାଦୀ ଲିଙ୍କ୍ ନେଇ ସ୍ପଷ୍ଟ କରିଛନ୍ତି। ଏନେଇ ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି, ସୋସିଆଲ ମିଡିଆରେ ଟ୍ରକ୍ ଡ୍ରାଇଭର ପୋଷ୍ଟ କରିଥିବା ଭିଡିଓ ଏଫ୍‌ବିଆଇର ହସ୍ତଗତ ହୋଇଛି। ଏହି ଆକ୍ରମଣ ଏକ 'ଜଘନ୍ୟ ଓ ବବରକାଣ୍ଡ'। ନ୍ୟୁଅର୍ଲିନ୍ସ ପୋଲିସ ଅଧୀକ୍ଷକ ଆନ୍ନେ କିର୍କପାଟ୍ରିକ୍ କହିଛନ୍ତି, କେବଳ ଏକ ଆତଙ୍କବାଦୀ ଆକ୍ରମଣ ନୁହେଁ, ଏହା ଏକ ପାପ। ଆମେରିକା ମାଟିରେ ଆତଙ୍କବାଦୀଙ୍କ ଦ୍ୱାରା ଯାନବାହନକୁ ଗଣହତ୍ୟା ପାଇଁ ବ୍ୟବହାର କରାଯିବାର ସଦ୍ୟ ଦୃଷ୍ଟାନ୍ତ ହେଉଛି ଏହି ଆକ୍ରମଣ। ଡ୍ରାଇଭର ଜଣକ ତମାମ ସୁରକ୍ଷା ବନ୍ଦୋବସ୍ତକୁ ଫାଙ୍କି ଯେଭଳି ଭାବେ ପଥଚାରୀଙ୍କ ଉପରେ ଟ୍ରକ୍ ମଡ଼ାଇଚାଲିଥିଲେ ତାହା ଅନେକ ପ୍ରଶ୍ନ ଛିଡ଼ା କରାଇଛି ବୋଲି ସେ କହିଛନ୍ତି।

୪୨ ବର୍ଷୀୟ ଶାମସୁଦ୍ଦିନ ଜଣେ ଆମେରିକା ନାଗରିକ। ସେ ଟେକ୍ସାସ୍‌ରେ ରହୁଥିଲେ। ଆମେରିକା ସେନାରେ ସେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜଣେ ମାନବ ସମ୍ବଳ ବିଶେଷଜ୍ଞ ଏବଂ ଆଇଟି ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଜଙ୍ଗର ୨୦୦୯ରୁ ୨୦୧୦ ପର୍ଯ୍ୟନ୍ତ ଆଫଗାନିସ୍ତାନରେ ମୁତୟନ ଥିବା ପେଣ୍ଟାଗନ ସୂତ୍ରରୁ ପ୍ରକାଶ। ଆଇଏସ୍ କିମ୍ବା ଅନ୍ୟ କୌଣସି ଆତଙ୍କବାଦୀ ସଙ୍ଗଠନ ସହ ତାଙ୍କ ସମ୍ପୃକ୍ତିକୁ ନେଇ ଏଫ୍‌ବିଆଇ ତଦନ୍ତ ଚଳାଇଛି। ସେ ଏକୁଟିଆ ଏହି ଆକ୍ରମଣ ଘଟାଇଛନ୍ତି, ନା ଏଥିରେ ଆଉ କିଏ ସମ୍ପୃକ୍ତ ତାହା ମଧ୍ୟ ଜାଣିବା ପାଇଁ ତଦନ୍ତ ଚାଲିଥିବା ଏଫ୍‌ବିଆଇର ଜଣେ ଆସିଷ୍ଟାଣ୍ଟ ସ୍ପେଶାଲ ଏଜେଣ୍ଟ ସୂଚନା ଦେଇଛନ୍ତି।

ସେହିପରି ରାତି ୧୧ଟା ୨୦ରେ ନ୍ୟୁୟର୍କର କୁଇନ୍ସସ୍ଥିତ ଏକ ନାଇଟ୍‌କ୍ଲବ୍‌ରେ ଗୁଳିକାଣ୍ଡ ଘଟିଛି। ଆମାଜୁରା ନାଇଟ୍‌କ୍ଲବ୍ ବାହାରେ ନବବର୍ଷ ପାଳନ ପାଇଁ ଗହଳି ଲାଗିରହିଥିବାବେଳେ ଆଖିବୁଜା ଗୁଳିମାଡ଼ରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଲଙ୍ଗ୍ ଆଇଲାଣ୍ଡ ଜେୱିଶ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଡିଜେ ଏବଂ ଲାଇଭ୍ ପର୍ଫମାନ୍ସ ପାଇଁ ଜଣାଶୁଣା ଆମାଜୁରା କ୍ଲବ୍ ଗତବର୍ଷ ପ୍ରାଣ ହରାଇଥିବା ଏହାର ଜଣେ ସଦସ୍ୟଙ୍କ ଉଦ୍ଦେଶ୍ୟରେ ବୁଧବାର ଏହି ପାର୍ଟିର ଆୟୋଜନ କରିଥିଲା। ଏଥିରେ ପ୍ରାୟ ୮୦ ଜଣ ସାମିଲ ହୋଇଥିଲେ।

ନ୍ୟୁଅର୍ଲିନ୍ସ ଗଣହତ୍ୟାର କିଛି ଘଣ୍ଟା ପରେ ଅର୍ଥାତ୍ ରାତି ୮ଟା ୪୦ରେ ଲାସ୍‌ଭେଗାସ୍ଥିତ ଟ୍ରମ୍ପ୍ ଇଣ୍ଟରନ୍ୟାଶନାଲ ହୋଟେଲ ବାହାରେ ଛିଡ଼ା ହୋଇଥିବା ଏକ ଟେସ୍‌ଲା ସାଇବରଟ୍ରକ୍‌ରେ ହଠାତ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ଉକ୍ତ ଟ୍ରକ୍‌ରେ ବାଣ, ଗ୍ୟାସ୍ ଟ୍ୟାଙ୍କ ଓ କ୍ୟାମ୍ପିଂ ଫୁଏଲ୍ ଥିବାରୁ ଏହାକୁ ଜାଣିଶୁଣି ଟାର୍ଗେଟ କରାଯାଇଥିବା କୁହାଯାଉଛି। ୩୭ ବର୍ଷୀୟ ଡ୍ରାଇଭର ମାଥ୍ୟୁ ଲିଭେଲ୍ସବର୍ଗର କୋଲରାଡୋ ସ୍ପ୍ରିଙ୍ଗ୍‌ସର ବାସିନ୍ଦା ଥିଲେ। ସେ ଏହା ପୂର୍ବରୁ ଆମେରିକା ସେନାରେ କାର୍ଯ୍ୟରତ ଥିଲେ। ବିସ୍ଫୋରଣରେ ଘଟିଥିବା ଟେସ୍‌ଲା ଟ୍ରକ୍ ଓ ନ୍ୟୁଅର୍ଲିନ୍ସ ଆକ୍ରମଣରେ ବ୍ୟବହୃତ ଟ୍ରକ୍‌କୁ ସମାନ କାର୍ ଶେୟାରିଂ ଆପ୍ ଜରିଆରେ ରେଣ୍ଟରେ ନିଆଯାଇଥିଲା। ତେଣୁ ଏହି ଘଟଣା ସହ ନ୍ୟୁଅର୍ଲିନ୍ସ ଆକ୍ରମଣର ସମ୍ପର୍କ ଓ ଆତଙ୍କବାଦୀ ଲିଙ୍କ୍ ରହିଛି କି ନାହିଁ, ସେନେଇ ପୋଲିସ ତଦନ୍ତ ଚଳାଇଛି। ଇତିମଧ୍ୟରେ ଏକ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ଆସନ୍ତା ୨୦ରେ ଆମେରିକାର ନୂଆ ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଥିବା ଡୋନାଲ୍ଡ ଟ୍ରମ୍ପଙ୍କ ହୋଟେଲ ବାହାରେ ଥିବା ଉକ୍ତ ଟ୍ରକ୍‌ରୁ ମାତ୍ର ୧୫ ଫୁଟ୍ ଦୂରରେ ନିଜ ଲଗେଜ୍ ଧରି ଛିଡ଼ା ହୋଇଥିବାବେଳେ କିଛି ସେକେଣ୍ଡ ଭିତରେ ବିସ୍ଫୋରଣ ଘଟିଥିବା ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଇତିମଧ୍ୟରେ ଟେସ୍‌ଲା ସିଇଓ ତଥା ବିଲିୟନେୟାର ଏଲନ୍ ମସ୍କ ନିଜ ସୋସିଆଲ ମିଡିଆ ସାଇଟ୍ ଏକ୍ସ'ରେ କହିଛନ୍ତି, ଟ୍ରମ୍ପ୍ ହୋଟେଲ ବାହାରେ ଘଟିଥିବା ବିସ୍ଫୋରଣ ଏକ ଆତଙ୍କବାଦୀ କାର୍ଯ୍ୟ। ଇଲେକ୍ଟ୍ରିକ୍ ଭେହିକିଲ୍‌ର ଡିଜାଇନ୍ ଯୋଗୁ ବ୍ଲାଷ୍ଟଜନିତ କ୍ଷତି ଅଧିକ ହୋଇନାହିଁ। ନିକଟସ୍ଥ ହୋଟେଲ ସମ୍ଭାବ୍ୟ ବିସ୍ଫୋରଣରୁ ବର୍ତ୍ତିଯାଇଛି। ଆତଙ୍କବାଦୀମାନେ ଏକ ଭୁଲ୍ ଯାନକୁ ଟାର୍ଗେଟ କରିଛନ୍ତି।

ନବବର୍ଷରେ ଲଗାତର ୩ଟି ଆକ୍ରମଣକୁ ନେଇ ଆମେରିକାବାସୀ ଆତଙ୍କିତ ହୋଇଯାଇଥିବାବେଳେ ସାରା ଦେଶରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ପୋଲିସ କଡ଼ା ନଜର ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାରେ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଉନ୍ନତ ଚିନ୍ତା ଓ କାର୍ଯ୍ୟଦକ୍ଷତାକୁ ଉପରିସ୍ଥଙ୍କ ଅନୁକମ୍ପା ସହକର୍ମୀଙ୍କୁ ସୁହାଇ ନ ପାରେ। ବିଦେଶସ୍ଥ ଆତ୍ମୀୟଙ୍କ ସମସ୍ୟା ବିଷୟରେ ଦୁଶ୍ଚିନ୍ତା ପାରିବାରିକ ଅଶାନ୍ତିର କାରଣ ହେବ। ବକେୟା ଅର୍ଥଲାଭ, ବ୍ୟବସାୟିକ ସଫଳତା, ପରିବହନରେ ଉନ୍ନତି ଓ ଆନୁଷ୍ଠାନିକ କାମରେ ନିୟୋଜିତ ରହିପାରନ୍ତି। ଆକସ୍ମିକ ଭ୍ରମଣ ସୁଯୋଗ ଜୁଟିପାରେ।

**ବୃଷ**
ବନ୍ଧୁଙ୍କ ସହ ଆଲୋଚନା କ୍ରମେ ନୂତନ ଯୋଜନାର ପରିକଳ୍ପନା କରିପାରନ୍ତି। ବହୁତ ଦିନରୁ ଅଟକିଥିବା କାମଟିକୁ ପୁନଃ ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ବ୍ୟବସାୟ, ନିର୍ମାଣ, ଶିଳ୍ପ, ଏଜେନ୍ସିପ୍, ବୀମା, ଶେୟାର ବଜାର ଦିଗରୁ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତାର କୁପରିଣାମ ସ୍ୱରୂପ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ**
ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ସମସ୍ୟା ସମାଧାନ କଷ୍ଟକର ହେବ। ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହକର୍ମୀ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇବେ। ରାଜନୀତି, ସଙ୍ଗଠନ, ଭ୍ରମଣ ଏବଂ ସଭା ସମିତି କ୍ଷେତ୍ରରେ ଉନ୍ନତ ଫଳ ପାଇବେ। ମାଲିମକଦ୍ଦମା ହେତୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ।

**କର୍କଟ**
ଅତ୍ୟଧିକ ଭାବପ୍ରବଣତାଜନିତ ସମସ୍ୟାର ସମ୍ମୁଖୀନ ହେବେ। ଉଚ୍ଚଶିକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ସମସ୍ୟା ସମାଧାନ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରେ ସୁଫଳ ପାଇବେ। ବାକ୍ ଅସଂଯମତା ଯୋଗୁ ସହକର୍ମୀଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। ଆତ୍ମୀୟଙ୍କ ପରଶ୍ରୀକାତରତା ମନୋଭାବ ଓ ଈର୍ଷାପରାୟଣତା ମାନସିକ ଅଶାନ୍ତିର କାରଣ ହେବ।

**ସିଂହ**
ଶୁକ୍ରଙ୍କ ପ୍ରଭାବରେ ବନ୍ଧୁମାନଙ୍କ ସହ ମନୋରଞ୍ଜନ ପ୍ରତି ଆଗ୍ରହୀ ହେବେ। ମୂଲ୍ୟବାନ୍ ଦ୍ରବ୍ୟ କିମ୍ବା ଯାନ୍ତ୍ରିକ ଜିନିଷ କ୍ରୟ କରିବା ପାଇଁ ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ଅକାରଣ ଅଭିଯୋଗ ସକାଶେ ଅନ୍ତରଙ୍ଗ ବନ୍ଧୁଟି ଉପରେ ସନ୍ଦେହ ଘନୀଭୂତ ହୋଇପାରେ। ବ୍ୟବସାୟ, ପରିବହନ, ବାଣିଜ୍ୟ, ନିର୍ମାଣାଦି କାମରେ ଉନ୍ନତି ହେବ।

**କନ୍ୟା**
ଶନିଙ୍କ କୁପ୍ରଭାବରୁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ କାମଟି ଅଟକି ରହିଯିବ। ପ୍ରତୀକ୍ଷା କରିଥିବା କୌଣସି ଖବର ସରକାରୀ ସ୍ତରରୁ ପାଇ ବିସ୍ମୟ ପ୍ରକାଶ କରିବେ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, କଳା, କାରିଗରି କ୍ଷେତ୍ରରୁ ପ୍ରଶଂସିତ ହେବେ। ଆର୍ଥିକ ସ୍ଥିତି ଖରାପ ରହିଥିବା କାରଣରୁ ମନ ସ୍ଥିର ରହିବ ନାହିଁ।

**ତୁଳା**
ଶନି କ୍ଷେତ୍ରସ୍ଥ ରାଶ୍ୟାଧିପତି ଯୋଗୁ ଥଣ୍ଡା ଜ୍ୱରରେ ପଡ଼ିପାରନ୍ତି। ସାଙ୍ଗଠନିକ କାର୍ଯ୍ୟର ନେତୃତ୍ୱ ଓ ସଭାସମିତିରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରା ସମୟରେ ଅସୁବିଧା ଭୋଗିବେ। ବିଶିଷ୍ଟ ବ୍ୟକ୍ତିଙ୍କ ବିରୋଧ କାରଣରୁ କେତେକ କାମ ଝୁଲନ୍ତା ଅବସ୍ଥାରେ ରହିଯାଇପାରେ।

**ବିଛା**
ଗ୍ରହସ୍ଥିତିର ଅନୁକୂଳତା କାରଣରୁ ଆଜିର ଦିନଟି ସବୁ ଦିଗରୁ ଶୁଭଫଳ ପ୍ରଦାନ କରିବ। ଯାହା ଇଚ୍ଛା କରିବେ ତାହା ପାଇବେ ଏବଂ ନିଜ ପରିବେଶରେ ନିଜର ପ୍ରାଧାନ୍ୟ ବୃଦ୍ଧି ପାଇବ। ସ୍ୱାଧୀନ ମନୋବୃତ୍ତି ବାଧାପ୍ରାପ୍ତ ହେବାରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ସାମାଜିକ କ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ଧନୁ**
ବନ୍ଧୁମିଳନ ଅବକାଶରେ ଦୂର ସମ୍ପର୍କୀୟଙ୍କ ଦର୍ଶନରେ ମନ ଖୁସି ରହିବ। ଦେଖେଇ ଶିଖେଇ କହୁଥିବା ସମ୍ପର୍କୀୟଙ୍କ ପ୍ରତାରଣାପୂର୍ଣ୍ଣ କଥାକୁ ବିଶ୍ୱାସ କଲେ ଅସୁବିଧା ଭୋଗିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସଫଳତା ହାସଲ କରିବେ। ସଭାସମିତି, ଅଧ୍ୟୟନ ଓ ଅଧ୍ୟାପନା, କର୍ମାରମ୍ଭ, ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ।

**ମକର**
ବିଭିନ୍ନ ଘରୋଇ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଆଳସ୍ୟ ଓ ଅବହେଳା ଯୋଗୁ ପରିବାରରେ ମନାନ୍ତର ସୃଷ୍ଟି ହେବ। ଅର୍ଥ ସାହାଯ୍ୟ ପାଇବେ ଓ ନୂତନ ଭାବେ ଆରମ୍ଭ କରିବାକୁ ମନସ୍ଥ କରିଥିବା କାମଟି ଆଦୌ ଅଟକିବ ନାହିଁ। ସଭା ସମିତି, ନିର୍ମାଣ ଓ ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**କୁମ୍ଭ**
ଯେକୌଣସି ପରିସ୍ଥିତିର ସାମ୍ନା କଲେ ମଧ୍ୟ କେବଳ ମିଠା କଥାରେ ଅନ୍ୟମାନଙ୍କୁ ବୁଝାଇବାରେ ସମର୍ଥ ହେବେ। ପ୍ରତିଯୋଗିତା, ମାଲିମକଦ୍ଦମା ପ୍ରଭୃତି ସପକ୍ଷରେ ଯିବାର ପୂର୍ଣ୍ଣ ଅନୁକୂଳ ସ୍ଥିତି ରହିଛି। ଦୈହିକ ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବିଚଳିତ କରିପାରେ। ଋଣ ପରିଶୋଧ ସକାଶେ କରଜଦାତାଙ୍କ ଚାପ ବୃଦ୍ଧି ପାଇପାରେ।

**ମୀନ**
ମିଠା କଥା କହୁଥିବା ବ୍ୟକ୍ତିଙ୍କ ଅଭିସନ୍ଧିମୂଳକ କାର୍ଯ୍ୟକଳାପ ପ୍ରତି ସଜାଗ ରୁହନ୍ତୁ। ରପ୍ତାନି ବାଣିଜ୍ୟ, ଫ୍ଲାଟିଂ କାରବାର, ଧାତୁ ଅଳଙ୍କାର, କୁଟିରଶିଳ୍ପ ବ୍ୟବସାୟୀଙ୍କ ପାଇଁ ଦିନଟି ଅନୁକୂଳ। ଅନାବଶ୍ୟକ ଖର୍ଚ୍ଚଭାର ଯୋଗୁ ମାନସିକ ଅସ୍ଥିରତା ଅନୁଭବ କରିପାରନ୍ତି। ରାଜନୀତି, ସଂଗଠନ, କଳା, ସାହିତ୍ୟ, ଚଳଚ୍ଚିତ୍ର ପ୍ରଭୃତିରେ ଉଚ୍ଚମାନର ଫଳ ପାଇବେ।

ଆଜି ଜାନୁଆରୀ ୩ ତାରିଖ, ପୌଷ ଶୁକ୍ଳ ଚତୁର୍ଥୀ ଶୁକ୍ରବାର, ଅଦ୍ୟ ବରଗଡ଼ରେ ୧୧ ଦିନ ବ୍ୟାପୀ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ, ରାଶିନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୧୦.୪୭ ଗତେ କୁମ୍ଭ ଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୫ ଗତେ ଘ.୦୭.୦୯ ମଧ୍ୟେ, ଘ.୦୭.୫୨ ଗତେ ଘ.୦୯.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୨୯ ଗତେ ଘ.୧୧.୫୧ ମଧ୍ୟେ ରାହୁ କାଳ।

## ୬ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, (ଅନିଲ ଦାସ): ଆସନ୍ତା ଜାନୁଆରୀ ୬ ତାରିଖ(ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଜାନୁଆରୀ ୬ ତାରିଖରେ ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ନେଇ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୪ କ୍ରୀଡ଼ାବିତ୍‌ଙ୍କୁ ଖେଳରତ୍ନ


ମନୁ ଭାକର


ଡି. ଗୁକେଶ


ହରମନପ୍ରୀତ ସିଂ


ପ୍ରବୀଣ କୁମାର

ନୂଆଦିଲ୍ଲୀ, ୨।୧ (ପି.ଟି.)

ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାର ଏଥର ୪ କ୍ରୀଡ଼ାବିତ୍‌ଙ୍କୁ ପ୍ରଦାନ କରାଯିବ। ସେମାନେ ହେଲେ ତାରକା ଶୁଟର ମନୁ ଭାକର, ଚେସ୍ ବିଶ୍ୱ ଚାମ୍ପିୟନ ଡି. ଗୁକେଶ, ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂ ଓ ପାରା-ଆଥ୍‌ଲେଟ୍ ପ୍ରବୀଣ କୁମାର। ୨୨ ବର୍ଷୀୟା ଭାକର ସ୍ୱାଧୀନ ଭାରତର ପ୍ରଥମ ଆଥ୍‌ଲେଟ୍ ଭାବେ ଗୋଟିଏ ଅଲିମ୍ପିକ୍ସରେ ୨ଟି ପଦକ ଅର୍ଜନ କରିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସରେ ସେ ୧୦ ମିଟର ଏୟାର ପିସ୍ତଲ ବ୍ୟକ୍ତିଗତ ଏବଂ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଏହି ସଫଳତା ପାଇଥିଲେ। ସେହିପରି କ୍ରମାଗତ ଦ୍ୱିତୀୟ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ପୁରୁଷ ହକି ଦଳର ନେତୃତ୍ୱ ନେଇଥିଲେ ହରମନପ୍ରୀତ। ଅନ୍ୟପକ୍ଷରେ ୧୮ ବର୍ଷୀୟ ଗୁକେଶ ସର୍ବକନିଷ୍ଠ ଚେସ୍ ବିଶ୍ୱ ଚାମ୍ପିୟନ ହୋଇ ଇତିହାସ ରଚିଥିଲେ। ଏହାଛଡ଼ା ସେ ଗତବର୍ଷ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ଭାରତକୁ ସ୍ୱର୍ଣ୍ଣ ପଦକ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପାରା ହାଇଜମ୍ପର ପ୍ରବୀଣ ପ୍ୟାରିସ୍ ପାରାଲିମ୍ପିକ୍ସର ଟି୬୪ ବର୍ଗରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଯେଉଁ ଆଥ୍‌ଲେଟ୍‌ଙ୍କର ଆଣ୍ଠୁ ତଳକୁ ୨ଟି ଯାକ ପାଦ ନ ଥାଏ ଏବଂ ସେମାନେ ଦୌଡ଼ିବା ପାଇଁ କୃତ୍ରିମ ଅଙ୍ଗ ବ୍ୟବହାର କରିଥାନ୍ତି ସେମାନଙ୍କୁ ଟି୬୪ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଥାଏ। ପ୍ରକାଶଯୋଗ୍ୟ , କିଛିଦିନ ପୂର୍ବରୁ ସୁପାରିସ ହୋଇଥିବା ତାଲିକାରେ ଭାକରଙ୍କ ନାମ ନ ଥିଲା। ଆବେଦନପତ୍ର ପାଇ ନ ଥିବାରୁ ଚୟନ କମିଟି ତାଙ୍କ ନାମ ସୁପାରିସ କରି ନ ଥିଲା। ଭାକର ଏହାକୁ ସ୍ୱୀକାର କରିଥିଲେ। ପରେ ଔପଚାରିକତା ପୂରଣ ପରେ ନିର୍ବିବାଦରେ ତାଙ୍କ ନାମ ପୁରସ୍କାର ତାଲିକାରେ ସାମିଲ କରାଯାଇଥିଲା। ଖେଳରତ୍ନ ବ୍ୟତୀତ ଏଥର ରେକର୍ଡ ୧୭ ପାରା-ଆଥ୍‌ଲେଟ୍‌ଙ୍କ ସମେତ ମୋଟ ୩୨ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯିବ। ଚଳିତ ମାସ ୧୭ ତାରିଖରେ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ। ଖେଳରତ୍ନ ପୁରସ୍କାର ପାଇଁ କ୍ରୀଡ଼ାବିତ୍‌ଙ୍କୁ ୨୫ ଲକ୍ଷ ଟଙ୍କା ସହ ଏକ ପ୍ରଶଂସାପତ୍ର ଓ ବଡ଼ ପଦକ ପ୍ରଦାନ କରାଯାଇଥାଏ।

# ସ୍ୱାସ୍ଥ୍ୟ କାର୍ଡ 'ଆଭା'ରେ ରହିବ ରୋଗୀଙ୍କ ସମସ୍ତ ତଥ୍ୟ

ଭୁବନେଶ୍ୱର, ୨।୧ (ଅନିଲ ଦାସ)

ଆୟୁଷ୍ମାନ ଭାରତ ହେଲ୍‌ଥ ଆକଉଣ୍ଟ ବା 'ଆଭା' କାର୍ଡ ପାଇଁ ସମସ୍ତେ ରେଜିଷ୍ଟ୍ରେଶନ କରିପାରିବେ। କ୍ୟୁଆର୍ କୋଡ୍ ସ୍କାନ କଲେ ପୂର୍ବ ରୋଗ ସମ୍ବନ୍ଧୀୟ ସମସ୍ତ ଡାଟା ଉପଲବ୍ଧ ହେବ। ନ୍ୟାଶନାଲ ଡିଜିଟାଲ ହେଲ୍‌ଥ ମିଶନ ଅନୁଯାୟୀ ରୋଗୀ ଏହି କାର୍ଡ ପାଇପାରିବେ। ଏଥିନିମନ୍ତେ ଅନ୍‌ଲାଇନରେ ଆବେଦନ କରିବାକୁ ହେବ। ଆୟୁଷ୍ମାନ ଭାରତ କାର୍ଡ ସହ ଏହି କାର୍ଡ ବଣ୍ଟନ କରାଯିବ। ଫେବୃଆରୀ ପୂର୍ବରୁ କାର୍ଡ ବାଣ୍ଟିବା ନେଇ ସରକାର ଯୋଜନା କରୁଛନ୍ତି। ଆଭା କାର୍ଡ ହେଉଛି ଏଟିଏମ ଓ ପାନ୍ ଭଳି ୧୪ ଡିଜିଟ୍ ଥିବା କାର୍ଡ। ଏହି କାର୍ଡରେ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ତଥ୍ୟ ରହିବ। ନୂଆ ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ପ୍ରେସ୍କ୍ରିପସନରୁ ମୁକ୍ତି ପାଇଁ ନୂଆ କାର୍ଡ ପ୍ରଚଳନ କରାଯିବ। କାର୍ଡରେ ସମ୍ପୃକ୍ତ କାର୍ଡଧାରକଙ୍କର ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ରହିବ। ନ୍ୟାଶନାଲ ଡିଜିଟାଲ ହେଲ୍‌ଥ ମିଶନକୁ ଓଡ଼ିଶା ସରକାର ଲାଗୁ କରିବେ ନୂଆ ସ୍ୱାସ୍ଥ୍ୟ କାର୍ଡ ନାଶନାଲ ହେଲ୍‌ଥ ଅଥରିଟି ଅଧୀନରେ ରହିବ। ଏହାର ନାମ ଆୟୁଷ୍ମାନ ଭାରତ ହେଲ୍‌ଥ ଆକାଉଣ୍ଟ କାର୍ଡ ରହିବ । ରାଜ୍ୟର ୩.୫ କୋଟି ଲୋକଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। କାର୍ଡର ଲୋଗୋ ମଧ୍ୟ ପରିବର୍ତ୍ତନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଗୁରୁବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। କ୍ୟୁଆର୍ କୋର୍ଡ ସ୍କାନ କରିବା ଦ୍ୱାରା ଧାରକଙ୍କ ପୂର୍ବ ରୋଗ ସମ୍ପର୍କରେ ସମସ୍ତ ପ୍ରକାର ତଥ୍ୟ ମିଳିପାରିବ। ଫଳରେ ଡାକ୍ତରଙ୍କୁ ରୋଗୀଙ୍କ ସ୍ୱାସ୍ଥ୍ୟ ବିଷୟରେ ସହଜରେ ତଥ୍ୟ ମିଳିପାରିବ। ଏହାଦ୍ୱାରା ସ୍ୱାସ୍ଥ୍ୟସେବା ସହଜ ହେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ କେଉଁ ତାରିଖ ମଧ୍ୟରେ ଏହି ନୂଆ କାର୍ଡ ମିଳିବ ସେନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ହୋଇନାହିଁ।

# ଆଜି ଶପଥ ନେବେ ନୂଆ ରାଜ୍ୟପାଳ

ଭୁବନେଶ୍ୱର, ୨।୧ (ସୁନିତ୍ ମିଶ୍ର)

ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତି ଗୁରୁବାର ଓଡ଼ିଶାରେ ପହଞ୍ଚିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ନୂଆ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇଛନ୍ତି। ରାଜଭବନ ପକ୍ଷରୁ ବିମାନବନ୍ଦରଠାରେ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଶୁକ୍ରବାର ରାଜଭବନଠାରେ ନୂଆ ରାଜ୍ୟପାଳଙ୍କ ଶପଥ ଗ୍ରହଣ ଉତ୍ସବ କାର୍ଯ୍ୟକ୍ରମ ରହିଛି। ହାଇକୋର୍ଟର ମୁଖ୍ୟ ବିଚାରପତି ତାଙ୍କୁ ଶପଥ ପାଠ କରାଇବେ।

ହରିବାବୁ ବିମାନବନ୍ଦରରୁ ବାହାରି ପୁରୀ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଶ୍ରୀଜୀଉଙ୍କ ଦର୍ଶନ ସାରି ପୁରୀ ରାଜଭବନଠାରେ ରାତ୍ରିଯାପନ କରିଛନ୍ତି। ଶୁକ୍ରବାର ଭୁବନେଶ୍ୱର ଆସି ରାଜଭବନରେ ଶପଥ ନେବେ। ମିଳିଥିବା ସୂଚନା ମୁତାବକ, ନୂଆ ରାଜ୍ୟପାଳଙ୍କୁ ଆସନ୍ତା ୬ରେ ଭାଜପାର ବିଧାୟକ ଏବଂ ମନ୍ତ୍ରୀମାନେ ରାଜ୍ୟପାଳଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

ଗତ ଡିସେମ୍ବର ୨୪ରେ ଓଡ଼ିଶାର ରାଜ୍ୟପାଳ ଭାବେ ହରିବାବୁ କମ୍ଭମପତି ନିଯୁକ୍ତ ହୋଇଥିଲେ। ପୂର୍ବରୁ ସେ ମିଜୋରାମର ରାଜ୍ୟପାଳ ଥିଲେ। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା କମ୍ଭମପତି ୧୯୭୪-୭୫ ମସିହାରେ ଜୟପ୍ରକାଶ ନାରାୟଣ ଆନ୍ଦୋଳନ ବେଳେ ଗିରଫ ହୋଇ ୬ ମାସ ଜେଲ ଯାଇଥିଲେ। ୧୯୯୯ରେ ପ୍ରଥମ ଥର ପାଇଁ ବିଶାଖାପାଟଣାର ବିଧାୟକ ଭାବେ ଆନ୍ଧ୍ରପ୍ରଦେଶ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୧୪ରେ ବିଶାଖାପାଟଣା ଲୋକ ସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ ।


ଓଡ଼ିଶାର ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କୁ ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଜଣାଉଛନ୍ତି।

# ଭୁବନେଶ୍ୱରରେ ନକଲି ସିମେଣ୍ଟ କାରଖାନା ଠାବ

ଭୁବନେଶ୍ୱର, ୨।୧ (ସତ୍ୟଜିତ୍ ରାଉତ)



## ମାଲିକଙ୍କ ସମେତ ୨ଗିରଫ


ଦୁର୍ଗାଚରଣ ସାସ୍‌ମଲ


ସଞ୍ଜୟ ରାଉତରାୟ

ସ୍ୱପ୍ନର ଘର ଗଢୁଥିବା ଲୋକଙ୍କ ସହ ଖେଳୁଥିଲେ। ନକଲି ସିମେଣ୍ଟ ବିକ୍ରିକରି ମାଲାମାଲ୍ ହେଉଥିଲେ। ଭୁବନେଶ୍ୱର ଟଙ୍କପାଣିରୋଡ୍‌ରେ ଗୁରୁବାର ନକଲି ସିମେଣ୍ଟ କାରଖାନା ଠାବ ହେବା ପରେ ଅଭିଯୁକ୍ତଙ୍କ ଏଭଳି କଳାକାରନାମା ପଦାକୁ ଆସିଛି। ବଡ଼ଗଡ଼ ଥାନା ପୋଲିସ 'ସ୍ମୃତି ଏଣ୍ଟରପ୍ରାଇଜେସ୍' ନାଁରେ ଥିବା ଏହି ସିମେଣ୍ଟ କାରଖାନାରେ ଚଢ଼ାଉ କରି ବିପୁଳ ନକଲି ସମେଣ୍ଟ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏଥିସହ ଏହାର ମାଲିକ ଓ ସେଲରଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ମାଲିକ ହେଲେ ବଡ଼ଗଡ ଥାନା ଅନ୍ତର୍ଗତ ଟଙ୍କପାଣିରୋଡ୍‌ରେ ରହୁଥିବା ଦୁର୍ଗାଚରଣ ସାସ୍‌ମଲ(୫୩) ଓ ସେଲର ହେଲେ ପାହାଳ ଥାନା ଅନ୍ତର୍ଗତ ଜୟପୁର ଅଞ୍ଚଳର ସଞ୍ଜୟ ରାଉତରାୟ(୫୨)। କାରଖାନାରୁ ପୋଲିସ ୧୪୦ନକଲି ଅଲ୍‌ଟ୍ରାଟେକ୍ ସିମେଣ୍ଟ ପ୍ୟାକେଟ୍, ଦୁଇଟି ଫୁନେଲ୍, ଚୁଡା, ଗୋଟିଏ ବେଲ୍‌ଚା, ଗୋଟିଏ ଶାବଳ ସହ ଅନ୍ୟାନ୍ୟ ସାମଗ୍ରୀ ଓ ବିଭିନ୍ନ ବ୍ରାଣ୍ଡର ଖାଲି ସିମେଣ୍ଟ ପ୍ୟାକେଟ୍ ଜବତ କରିଛି। ଏଥିସହ ଚାଲାଣରେ ବ୍ୟବହୃତ ୪୦୭ ଗାଡ଼ି (ଓଡି୦୭-ଇ-୭୨୮୧) ଓ ଗୋଟିଏ ବୋଲେରୋ (ଓଡି୦୨-ଏଏମ୍-୫୮୧୮)କୁ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଏନେଇ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୩୧୮(୨), ୩୪୫(୩), ୩୪୭(୧), ୩(୫) ସହ କପି ରାଇଟ୍‌ସ ଆକ୍ଟ ସେକ୍ସନ୍ ୬୩ରେ ବଡ଼ଗଡ଼ ଥାନା ମାମଲା (ନଂ.୪/୨୦୨୫) ରୁଜୁ କରି ଅଧିକ ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ମାଲିକ ଦୁର୍ଗାଚରଣ ଶ୍ରମିକମାନଙ୍କୁ ନିୟୋଜିତ କରି ଦୀର୍ଘଦିନ ହେବ ଏହି କାରବାର କରୁଥିଲେ। ସେ ଡାଲ୍‌ମିଆ ଡିଏସ୍‌ପି ଓ ଅଲ୍‌ଟ୍ରାଟେକ୍ ବ୍ରାଣ୍ଡର ଖରାପ ହୋଇ ପଥର (ମୁଣ୍ଡା) ହୋଇଯାଇଥିବା ସିମେଣ୍ଟ ପ୍ୟାକେଟଗୁଡ଼ିକୁ ବିଭିନ୍ନ ସିମେଣ୍ଟ ୟୁନିଟ, ଗୋଡାଉନ ଓ କ୍ରସିଂ ୟୁନିଟ୍‌ରୁ ଅଳ୍ପ ଦାମରେ କିଣି ଆଣୁଥିଲେ। ପରେ କାରଖାନାରେ ଶ୍ରମିକଙ୍କ ଜରିଆରେ ଉକ୍ତ ପଥର ହୋଇଯାଇଥିବା ସିମେଣ୍ଟକୁ ଭାଙ୍ଗି ଗୁଣ୍ଡ କରି ପୁଣି ବିଭିନ୍ନ ବ୍ରାଣ୍ଡର ଡୁପ୍ଲିକେଟ୍ ସିମେଣ୍ଟ ପ୍ୟାକେଟ୍‌ରେ ଭର୍ତ୍ତିକରି ଚାଲାଣ କରୁଥିଲେ। ଏନେଇ ଖବର ମିଳିବା ପରେ ପୋଲିସ ଟିମ୍ କାରଖାନାରେ ଚଢ଼ାଉ କରିବା ବେଳେ ଦୁର୍ଗାଚରଣ, ସେଲର ସଞ୍ଜୟ ଓ ୩ଜଣ ଶ୍ରମିକ ଥିଲେ। ଜବତ ଦୁଇଟି ଗାଡ଼ିରେ ଭର୍ତ୍ତି ହୋଇଥିବା ସିମେଣ୍ଟକୁ ସଞ୍ଜୟ ନେବା ପାଇଁ ପ୍ରସ୍ତୁତି କରୁଥିଲେ। ପାହାଳ ଥାନା ଅନ୍ତର୍ଗତ ଜୟପୁରରେ ସଞ୍ଜୟଙ୍କ ଏକ ସିମେଣ୍ଟ ଦୋକାନ ଥିବା ବେଳେ ସେ ଉକ୍ତ ନକଲି ସିମେଣ୍ଟକୁ ସେଠାରେ ବିଭିନ୍ନ ଗ୍ରାହକଙ୍କୁ ମାର୍କେଟ୍ ଦରରେ ବିକ୍ରି କରୁଥିଲେ ବୋଲି ପଚରାଉଚରା ପରେ ମାନିଥିଲେ। ତେବେ ଥାନା ପକ୍ଷରୁ ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଥିବାବେଳେ ଏଥିରେ ସମ୍ପୃକ୍ତ ଅନ୍ୟ ସେଲରମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ କରୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝୁଲା ମାଳି ଧରି କାହାକୁ ଜପୁଛୁ**
**କାଟୁଛୁ ଅଙ୍ଗରେ ଚିତା,**
**ବୟସ ଦିନରେ ନ କରୁ ଚେତା**
**ବୁଢ଼ୀ ଦିନେ ହେଲା ଚିନ୍ତା ।**

ମନୁଷ୍ୟର ସ୍ୱଭାବ ଏହି ଯେ, ସେ ଯୌବନରେ ରଙ୍ଗିନ ସ୍ୱପ୍ନ ଦେଖି ଜୀବନର ବାସ୍ତବତାକୁ ଭୁଲିଯାଏ। ବୟସ ନଇଁ ଆସିଲେ ସେ ଆଧ୍ୟାତ୍ମିକବାଦ ଆଡ଼କୁ କ୍ରମେ ଅଗ୍ରସର ହେବା ସହ ବାସ୍ତବତା କ'ଣ ତାହା ଜାଣିବାକୁ ପାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଝୁରି ମରୁଥିଲା ଜହ୍ନି**
**ଅକାଳେ ସକାଳେ ଉଇଁ ଆସୁଥିଲା**
**କାକୁଡ଼ି ପୁଞ୍ଜାଏ ଘେନି ।**

ଜହ୍ନି ଯେଉଁ ବର୍ଷା ଋତୁରେ ଫଳିଥାଏ, କାକୁଡ଼ି ମଧ୍ୟ ସେଇ ଋତୁରେ ଫଳିଥାଏ। ଏକା ଋତୁରେ ଫଳୁଥିବା ହେତୁ ସେ ଦୁହେଁ ଖୋଲା ମନରେ ବର୍ଷାଋତୁର ଭୂମିକାକୁ ନିଜ ନିଜର ଅନ୍ତରଙ୍ଗ ବୋଲି ପ୍ରଶଂସା କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଶେଷ ପର୍ଯ୍ୟାୟରେ ପ୍ରବାସୀ ଭାରତୀୟ ସମ୍ମିଳନୀ ପ୍ରସ୍ତୁତି, ତଦାରଖ କଲେ ମନ୍ତ୍ରୀ

ଭୁବନେଶ୍ୱର, ୨।୧ (ସୁନିତ୍ ମିଶ୍ର)

ଭୁବନେଶ୍ୱରରେ ୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି ପ୍ରବାସୀ ଭାରତୀୟ ସମ୍ମିଳନୀ। ଏହାକୁ ସଫଳତାର ସହ କରିବା ଲାଗି ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ ଚାଲିଛି। କାର୍ଯ୍ୟକ୍ରମରେ ୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମିଲ ହେବାକୁ ଥିବାବେଳେ ୧୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମିଲ ହେବେ। ପ୍ରାୟ ୭ ହଜାରରୁ ଅଧିକ ଲୋକ ଏଥିରେ ଯୋଗଦେବେ। କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭୁବନେଶ୍ୱରରେ ସାଜସଜ୍ଜା ଜୋରଦାର ହୋଇଛି। ରାସ୍ତାକଡ଼ର ସୌନ୍ଦର୍ଯ୍ୟ, କାନ୍ଥବାଡ଼ରେ ଓଡ଼ିଶାର ପାରମ୍ପରିକ ଚିତ୍ରର ଗାଥା ଦେଖିବାକୁ ମିଳିଲାଣି। ଭୁବନେଶ୍ୱରର ପରିମଳ ବ୍ୟବସ୍ଥା, ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁବାର ସକାଳୁ ଏୟାରପୋର୍ଟ ଛକରୁ ଆରମ୍ଭକରି ନନ୍ଦନକାନ ପର୍ଯ୍ୟନ୍ତ ପ୍ରମୁଖ ପରଦର୍ଶନକରି ତଦାରଖ କରିଛନ୍ତି। ତୁରନ୍ତ ହମ୍ପସ, ଖାଲ ସ୍ଥାନ, ଅସଜଡ଼ା ଜାଗାକୁ ସଜାଡ଼ିବା ଉପରେ ସେ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବାସୀ ଭାରତୀୟମାନେ ପାରମ୍ପରିକ ଓଡ଼ିଆ ଖାଦ୍ୟ, ଦେଶୀ ଖାଦ୍ୟର ମଜା ନେବେ ପ୍ରବାସୀ ବୋଲି ମନ୍ତ୍ରୀ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଦର୍ଶନୀ ପଡ଼ିଆରେ ଆଦିବାସୀ ମେଳା ସହ ଫୁଡ୍ ଫେଷ୍ଟ ଭଳି ସିଟି ଆକ୍ଟିଭେଶନ କାର୍ଯ୍ୟକ୍ରମ ହେବ। ଅନ୍ୟପଟେ ପ୍ରବାସୀ ଭାରତୀୟଙ୍କ ଲାଗି ୫ଟି ଡବଲ ଡେକର ବସ୍ ଆସି ପହଞ୍ଚିବା ପରେ ୬ରୁ ବସ୍ ଚଳାଇବାର ବ୍ୟବସ୍ଥା କରାଯାଉଛି। ପ୍ରବାସୀ ଭାରତୀୟଙ୍କୁ ନୂଆ ବସ୍‌ରେ ପୁରୀ ବୁଲାଇବା ସହ ଜଗନ୍ନାଥ ଦର୍ଶନ ସହ ଅବଢ଼ା ଖୁଆଇବା ପାଇଁ ମନ୍ତ୍ରୀ କହିଛନ୍ତି। ଦୋକାନ ଓ ଘର ଉଚ୍ଛେଦ ନେଇ ମନ୍ତ୍ରୀ କହିଛନ୍ତି, ଯେଉଁମାନେ ଅବରୋଧ କରିଛନ୍ତି ସେହିଗୁଡ଼ିକ ଉଚ୍ଛେଦ କରାଯାଉଛି। ମନ୍ତ୍ରୀଙ୍କ ଏହି ପରିଦର୍ଶନ କାଳରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଭିସିଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ।



# 'ସଂଗ୍ରାମୀଙ୍କ ତ୍ୟାଗର ମୂଲ୍ୟ ଦେଇହେବ ନାହିଁ'


ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଗୁରୁବାର ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିଗଣ।

ଭୁବନେଶ୍ୱର, ୨।୧ (ଅନିଲ ଦାସ)

ସ୍ୱାଧୀନତା ସଂଗ୍ରାମୀମାନେ ଅମୂଲ୍ୟ ରତ୍ନ। ସେମାନେ ଯେଉଁ ତ୍ୟାଗ କରିଛନ୍ତି ତା'ର ମୂଲ୍ୟ କେହି ଦେଇପାରିବେ ନାହିଁ। ଆମେ କେବଳ ତାଙ୍କୁ ସମ୍ମାନ ଦେଇପାରିବା ଏବଂ ସେମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିପାରିବା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହା କହିଛନ୍ତି। ଜରୁରିକାଳୀନ ପରିସ୍ଥିତିକୁ ଗଣତନ୍ତ୍ରର ଏକ କଳା ଦାଗ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମହତାବଙ୍କ କୃତୀ ଓ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଏବଂ ତାଙ୍କ ଅବଦାନର ସମ୍ମାନାର୍ଥେ ଚଳିତ ବର୍ଷ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକୀକୁ ରାଜ୍ୟ ତଥା ରାଷ୍ଟ୍ରସ୍ତରରେ ୧ ବର୍ଷବ୍ୟାପୀ ପାଳନ କରାଯାଉଛି। ଏଥିସହ ତାଙ୍କ ଜୀବନୀ ଉପରେ ବାୟୋପିକ୍ ନିର୍ମାଣ କରାଯିବ। ଏହାସହିତ ଦେଶରେ ଆହୁରି ଅନେକ ମହାନ୍ ବ୍ୟକ୍ତି ନିଜ ନିଜ ବିଚାରଧାରାରେ ସ୍ୱାଧୀନତା ପାଇଁ ଆନ୍ଦୋଳନ କରୁଥିଲେ। ଆମେ ସେମାନଙ୍କ କଥା ଜାଣିନାହୁଁ। ଇତିହାସରେ ସେମାନେ ଠିକ୍ ଭାବେ ସ୍ଥାନିତ ହୋଇନାହାନ୍ତି। ଇତିହାସର ଏହି ଭୁଲ୍‌କୁ ସୁଧାରିବା ପାଇଁ ୨୦୧୪ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍ୟମ ଆରମ୍ଭ ହୋଇଛି। ଆମ ରାଜ୍ୟରେ ବରଗଡ଼ ଜିଲାର ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ ମାଧୋ ସିଂହଙ୍କ ତ୍ୟାଗ ଓ ବଳିଦାନର ସମ୍ମାନାର୍ଥେ ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଆମେ ଆରମ୍ଭ କରିବାକୁ ଯାଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ମହୋତ୍ସବରେ ଦେଶର ୧୦ଟି ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନେ ଯୋଗଦେଇଥିଲେ। ସେମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ମହୋତ୍ସବ ଅବସରରେ ସ୍ୱାଧୀନତା ସଂଗ୍ରାମୀ ସଦନ ପରିସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ତଥା ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପୃଥ୍ୱୀରାଜ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହୋତ୍ସବର ସଭାପତି ବିମ୍ବାଧର ମୁଦୁଲି, ଏମ୍‌ପି ଭର୍ତ୍ତୃହରି ମହତାବ, ବିରୋଧୀ ଦଳ ଉପ-ନେତା ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ବାବୁ ସିଂହ, ସାରଦା ପ୍ରଧାନ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

# ଆଜିଠୁ ପୁଣି ରତ୍ନଭଣ୍ଡାର ମରାମତି

ପୁରୀ, ୨।୧ (ଅଜିତ୍ କୁମାର ମହାନ୍ତି)

ଗତ ଡିସେମ୍ବର ୧୭ରୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗର ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହେବା ପରେ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ୨୫ ତାରିଖରୁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼, ନୀତିକାନ୍ତିକୁ ଠିକ୍ ଭାବେ ସମ୍ପାଦନ କରିବା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦେଇ ଡିସେମ୍ବର ୨୫ରୁ ଜାନୁଆରୀ ୨ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସ୍ଥଗିତ ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏବେ ପ୍ରଶାସନର ନିଷ୍ପତ୍ତି ମୁତାବକ ୩ ତାରିଖ ଶୁକ୍ରବାରଠାରୁ ମରାମତି କାର୍ଯ୍ୟ ପୁନର୍ବାର ଆରମ୍ଭ ହେବାକୁ ଯାଉଛି। ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମରାମତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ୩ତାରିଖରୁ ପୁନର୍ବାର ଧାର୍ଯ୍ୟ ସମୟରେ କାମ ଆରମ୍ଭ କରାଯିବ। ଆସନ୍ତା ସଂକ୍ରାନ୍ତି ପର୍ଯ୍ୟନ୍ତ ଏପରି ଚାଲିବ। ଅଧିକ ସମୟ ଯେପରି କାର୍ଯ୍ୟ ହେବ ସେ ନେଇ ଚେଷ୍ଟା କରାଯାଉଛି। ଏନେଇ ଆଲୋଚନା ହୋଇଥିବାବେଳେ

## ରତ୍ନଭଣ୍ଡାର କବାଟ ରୁପା ଓ ସୁନା ଛାଉଣି ହେବ

ଏଏସ୍‌ଆଇ ପ୍ରସ୍ତୁତ ରହିଛି। ଏଏସ୍‌ଆଇ ପକ୍ଷରୁ ଯେଉଁ ସମୟ ଦିଆଯାଇଛି, ସେହି ସମୟ ମଧ୍ୟରେ କାର୍ଯ୍ୟ ସରିବ ବୋଲି ଆଶା କରାଯାଉଛି। ଜିପିଆର୍‌ଏସ୍ ସର୍ଭେ ଅନୁଯାୟୀ କାର୍ଯ୍ୟ କରାଯାଉଛି। ଭାରା ବନ୍ଧା ହେବା ସହ ସଫେଇ କରାଯାଇ ପଲସ୍ତରା ଛଡ଼ାଯାଇଛି। ଆଗକୁ ଯାହା କାର୍ଯ୍ୟ ହେବ ସେ ନେଇ ଏଏସ୍‌ଆଇ ପକ୍ଷରୁ ସୂଚନା ଦିଆଯିବ। ସେହିପରି ସିଂହଦ୍ୱାର ଗୁମୁଟ ମଣିବନ୍ଧ ସହ ପତିତପାବନ ମନ୍ଦିର ଉପର ଅଂଶର ରୁପା ଛାଉଣି କରାଯାଇଛି। ଆଗକୁ ରତ୍ନଭଣ୍ଡାର କବାଟ ରୁପା ଓ ସୁନା ଛାଉଣି କରିବାକୁ ନିଷ୍ପତ୍ତି ହୋଇଛି। ଭକ୍ତମାନେ ଅନେକ ସମୟରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସୁନା ଓ ରୁପା ଦାନ କରିଛନ୍ତି। ସେଗୁଡ଼ିକ ସାଇତା ହୋଇରହିଛି। ଆଗକୁ ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ଏମାର ମଠରୁ ମିଳିଥିବା ରୁପା ଇଟା ଶ୍ରୀମନ୍ଦିରକୁ ଅଣାଯାଉ ବୋଲି ସେବାୟତଙ୍କ ଦାବି ରହିଛି। ତେବେ ଏନେଇ ପରିଚାଳନା କମିଟିରେ ଆଲୋଚନା କରାଯାଇ ଆଇନ ବିଭାଗକୁ ଜଣାଯାଇଛି। ଆଲୋଚନା କରାଯାଇ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡ଼ିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। -ଶ୍ରୀମା

# ମୁଦ୍ରାସ୍ଫୀତି ଓ ଜଳବାୟୁ ସଙ୍କଟ





ମୋନିକା ଆର୍ଯ୍ୟ
ନିର୍ଦ୍ଦେଶକ, ଗଭର୍ନିଂ ବୋର୍ଡ ଅଫ୍ ନ୍ୟାଚୁରାଲ ରିସୋର୍ସ ଗଭର୍ନାନ୍ସ ଇନ୍‌ଷ୍ଟିଚ୍ୟୁଟ

ସଲିମ ଫକିର
ପ୍ରତିଷ୍ଠାତା ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଆଫ୍ରିକାନ୍ କ୍ଲାଇମେଟ୍ ଫାଉଣ୍ଡେଶନ

ବର୍ଷେ ଦୁଇ ବର୍ଷ ହେଲା ବୈଶ୍ୱିକ ମୁଦ୍ରାସ୍ଫୀତି ଯୋଗୁ ଖାଦ୍ୟ, ଶକ୍ତି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷଗୁଡ଼ିକର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଛି। ଫଳରେ ସାରା ବିଶ୍ୱରେ ବିଶେଷକରି ଜି-୨୦ ଦେଶଗୁଡ଼ିକରେ ଆମେରିକାରେ ମୂଲ୍ୟବୃଦ୍ଧି ରାଜନୈତିକ ଆଲୋଚନାର ପ୍ରମୁଖ ବିଷୟ ହୋଇଛି। ଉଦାହରଣ ସ୍ୱରୂପ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ୪୧ ପ୍ରତିଶତ ଆମେରିକାବସୀ ମୁଦ୍ରାସ୍ଫୀତିକୁ ସବୁଠୁ ବଡ଼ ଆର୍ଥିକ ସମସ୍ୟା ବୋଲି ଦର୍ଶାଇଥିଲେ। ଉକ୍ତ ମୁଦ୍ରାସ୍ଫୀତି ମଧ ବିଶ୍ୱତାପନ ସଙ୍କଟର ଗୁରୁତ୍ୱକୁ କମାଇ ଦେଇଛି। କିନ୍ତୁ ମୂଲ୍ୟ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି । ଚରମ ପାଣିପାଗ ଫସଲକୁ କ୍ଷତି କରିବା ସହ ଅମଳ ନଷ୍ଟ କରେ, ଖାଦ୍ୟର ମୂଲ୍ୟ ବୃଦ୍ଧି ଘଟାଏ। ଏହାର ପ୍ରଭାବରୁ ଅତ୍ୟଧିକ ଗ୍ରୀଷ୍ମପ୍ରବାହ, ମରୁଡ଼ି ଏବଂ ବନ୍ୟା ପରିସ୍ଥିତି ଲଗାତର ତୀବ୍ର ହେବାରେ ଲାଗିଛି। ଏହିସବୁ ଘଟଣା ଯୋଗାଣ ଶୃଙ୍ଖଳା ଏବଂ ଶକ୍ତି ଉତ୍ପାଦନରେ ବାଧା ଉପୁଜାଇ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରିଥାଏ। ଆଫ୍ରିକା ଏବଂ ଲାଟିନ ଆମେରିକାରେ ଘରୋଇ ବ୍ୟୟର ଖାଦ୍ୟ ଏକ ପ୍ରମୁଖ ଭାଗ ହୋଇଥିବାବେଳେ ସେଠାରେ ଜଳବାୟୁ ଦ୍ୱାରା ସୃଷ୍ଟି ହୋଇଥିବା ମୁଦ୍ରାସ୍ଫୀତିଜନିତ ଚାପ ଅତ୍ୟଧିକ ହୋଇଛି। ଉଦାହରଣ ସ୍ୱରୂପ, ଏଲ୍‌ନିନୋ ଯୋଗୁ ସୃଷ୍ଟି ମରୁଡ଼ି ମାଲୱି, ମୋଜାମ୍ବିକ, ଜାମ୍ବିଆ ଏବଂ ଜିମ୍ବାୱେରେ ମୁଖ୍ୟ ଖାଦ୍ୟ ଶସ୍ୟଗୁଡ଼ିକର ମୂଲ୍ୟ ବୃଦ୍ଧି କରି କ୍ଷୁଧା ସଙ୍କଟ ସୃଷ୍ଟି କରୁଛି । ଅପରପକ୍ଷେ, ଧନୀ ଦେଶଗୁଡ଼ିକରେ ପରିବାରଗୁଡ଼ିକ ସେମାନଙ୍କ ଆୟର ଏକ କ୍ଷୁଦ୍ର ଅଂଶକୁ ଖାଦ୍ୟରେ ଖର୍ଚ୍ଚ କରିଥାନ୍ତି ଏବଂ ଭଲରେ ଚଳିଥାନ୍ତି।

ଅନେକ ସମୟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆଲୋଚନାଗୁଡ଼ିକରେ ଅସୁରକ୍ଷିତ ଜନସଂଖ୍ୟା ଉପରେ ଏହାର ଅର୍ଥନୈତିକ କ୍ଷତି ଏବଂ ବୃଦ୍ଧି ପାଉଥିବା ଅସମାନତାକୁ ଅଣଦେଖା କରାଯାଏ। ଅନ୍ୟପଟେ ସବୁଜ ଅଭିବୃଦ୍ଧି ଏବଂ ନିର୍ଗମନ ହ୍ରାସ ଉପରେ ଗୁରୁତ୍ୱ ଦିଆଯାଏ। ମୁଦ୍ରାସ୍ଫୀତି ଆର୍ଥିକ ସ୍ଥିରତାରେ ବାଧା ଦେଉଥିବାରୁ, ଏହି କ୍ଷତିକୁ କୌଣସି ପରିସ୍ଥିତିରେ ଅଣଦେଖା କରାଯାଇ ପାରିବ ନାହିଁ। ପାଣିପାଗ ଧାରାରେ ପରିବର୍ତ୍ତନ ଯୋଗୁ ବ୍ରାଜିଲରେ କମଳା, ପଶ୍ଚିମ ଆଫ୍ରିକାରେ କୋକୋ ଏବଂ ଭିଏତ୍‌ନାମରେ କଫିର ମୂଲ୍ୟ ବୃଦ୍ଧି ହୋଇଛି। ପୋଟ୍‌ସଡାମ ଇନ୍‌ଷ୍ଟିଚ୍ୟୁଟ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ ଏବଂ ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କ ଦ୍ୱାରା କରାଯାଇଥିବା ଏକ ଆକଳନରୁ ଜଣାପଡ଼ିଛି ଯେ, ତାପମାତ୍ରା ବଢ଼ିବା ଦ୍ୱାରା ଖାଦ୍ୟ ମୂଲ୍ୟ ବୃଦ୍ଧି ପ୍ରତିବର୍ଷ ୩.୨ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ଏବଂ ୨୦୩୫ ସୁଦ୍ଧା ସାମଗ୍ରିକ ମୁଦ୍ରାସ୍ଫୀତି ବାର୍ଷିକ ୧.୧୮ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିପାରେ।

ଜଳବାୟୁ ପରିବର୍ତ୍ତନକୁ କେବଳ ଏକ ପରିବେଶଗତ ପ୍ରସଙ୍ଗ ଭାବରେ ଦେଖାଯାଉଛି । କିନ୍ତୁ ଏହା ଅର୍ଥନୀତିକେନ୍ଦ୍ରିକ ହେବା ଦରକାର। ବିତ୍ତୀୟ ଏବଂ ମୁଦ୍ରା ପ୍ରାଧିକରଣଗୁଡ଼ିକ ଉଭୟ ଏବେକାର ତଥା ଦୀର୍ଘକାଳୀନ ଜଳବାୟୁ ବିପଦକୁ ସେମାନଙ୍କ ମୁଦ୍ରାସ୍ଫୀତି ପୂର୍ବାନୁମାନ ଓ ନୀତିରେ ଅନ୍ତର୍ଭୁକ୍ତ କରିବା ଦରକାର। କେତେକ ସଂସ୍ଥା ଏହାକୁ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ଜଳବାୟୁ ବିପଦର ସ୍ଥିତିକୁ ଦକ୍ଷିଣ ଆଫ୍ରିକା ରିଜର୍ଭ ବ୍ୟାଙ୍କ୍ ସ୍ୱୀକାର କରିଛି । ୨୦୧୮ ପରଠାରୁ କୋଷ୍ଟାରିକାର ସେଣ୍ଟ୍ରାଲ ବ୍ୟାଙ୍କ୍ ବିଶ୍ୱତାପନ ପ୍ରଭାବକୁ ଏହାର ଅର୍ଥନୈତିକ ମଡେଲରେ ସାମିଲ କରିଛି।

ବ୍ୟବହାରିକ ସମାଧାନର ପଥ ସୃଷ୍ଟି କରିବା ପାଇଁ ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଏବଂ ଅର୍ଥ ମନ୍ତ୍ରଣାଳୟସବୁ ଜଳବାୟୁ ସଙ୍ଗଠନଗୁଡ଼ିକ ସହିତ କାର୍ଯ୍ୟ କରିବା ଉଚିତ, ଯାହା ଚରମ ପାଣିପାଗର ପାରସ୍ପରିକ ଝଟକା, ମୁଦ୍ରାସ୍ଫୀତି ବୃଦ୍ଧି ଏବଂ ଖାଦ୍ୟ ନିରାପତ୍ତାଜନିତ ବିପଦରୁ ରକ୍ଷା କରିବାରେ ମାନ୍ଦା ଅର୍ଥ ବ୍ୟବସ୍ଥାଗୁଡ଼ିକୁ ସାହାଯ୍ୟ କରିବ। ଉଦାହରଣ ସ୍ୱରୂପ, ଆଫ୍ରିକୀୟ ଜଳବାୟୁ ଫାଉଣ୍ଡେଶନ ବା ଏସିଏଫ୍ (ଯେଉଁଥିରେ ଆମେ କାର୍ଯ୍ୟ କରୁଛୁ) ଆଡପ୍‌ଟେଶନ ଆଣ୍ଡ୍ ରେଜିଲିଏନ୍ସ ଇନ୍‌ଭେଷ୍ଟମେଣ୍ଟ ପ୍ଲାଟଫର୍ମସ୍ (ଏଆର୍‌ଆଇପି) ବିକାଶ କରିଛି। ଏହା ଜଳବାୟୁଜନିତ କ୍ଷତି ଭରଣା କରିବାରେ ଏକ ବ୍ୟାପକ ଦୃଷ୍ଟିକୋଣ। ଏହା ମଧ ଉନ୍ନତ ଆନାଲିଟିକ୍ସ ବା ବିଶ୍ଳେଷଣ ପଦ୍ଧତି ବ୍ୟବହାର କରେ। ନିବେଶ ଓ ନୀତି ପ୍ରାଥମିକତାକୁ ସହଜ କରିବା ପାଇଁ ଜଳବାୟୁ ଏବଂ ପାଣିପାଗ ତଥ୍ୟ, ବାୟୋଫିଜିକାଲ ମଡେଲ ଏବଂ ଅର୍ଥ ବ୍ୟବସ୍ଥା ମଡେଲଗୁଡ଼ିକୁ ଏକାଠି ନେଇ ଏହା ଅନୁଧ୍ୟାନ କରିଥାଏ। ଗତବର୍ଷ ଫ୍ରିଡି ବାତ୍ୟା ମାଲୱିରେ ବ୍ୟାପକ କ୍ଷତି ଘଟାଇବା ପରେ ଏସିଏଫ୍ ସେଠାରେ ଏଆର୍‌ଆଇପି ବ୍ୟବହାର କରିଥିଲା। ଏହି ବିତ୍ତୀୟ ସାଧନକୁ ବ୍ୟବହାର କରି ନୀତି ନିର୍ଦ୍ଧାରକମାନେ ସ୍ଥାୟୀ ସମାଧାନ ଚିହ୍ନଟ କରିଥାନ୍ତି, ଯାହା



ବାତ୍ୟାଜନିତ ଅର୍ଥନୈତିକ କ୍ଷତି ହ୍ରାସ କରିବା ସହ ପ୍ରମୁଖ ଶିଳ୍ପଗୁଡ଼ିକର ସୁରକ୍ଷା ତଥା ଆର୍ଥିକ ସ୍ଥିରତାକୁ ମଜଭୁତ କରେ।

ଜଳବାୟୁ ଉପରେ ଗବେଷଣା କରୁଥିବା ଅନ୍ୟାନ୍ୟ ବିଶେଷଜ୍ଞମଣ୍ଡଳୀଗୁଡ଼ିକ ମଧ ସମାନ ଉଦ୍ଦେଶ୍ୟକୁ ଅନୁସରଣ କରୁଛନ୍ତି। ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣ ଲାଭକାରୀ ସଂଗଠନ ଇନିସିଏଟିଭା କ୍ଲାଇମେଟିକା ଡି ମେକ୍ସିକୋ ନୀତି ନିର୍ଦ୍ଧାରକମାନଙ୍କୁ ଅର୍ଥନୈତିକ ଯୋଜନାରେ ଜଳବାୟୁ ବିପଦକୁ ବିଚାରକୁ ନେବାକୁ ପ୍ରେରିତ କରୁଥିବାବେଳେ ବ୍ରାଜିଲର ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଆଣ୍ଡ୍ ସୋସାଇଟି ସ୍ୱଳ୍ପ ଆୟକାରୀ ସମୁଦାୟକୁ ଚରମ ପାଣିପାଗଜନିତ ଆର୍ଥିକ କ୍ଷୟକ୍ଷତିରୁ ରକ୍ଷା କରିବା ସକାଶେ ସାମାଜିକ ସୁରକ୍ଷା ଯୋଜନା ଏବଂ ଜଳବାୟୁ ସମ୍ବେଦନଶୀଳ ନୀତି ଲାଗି ଆହ୍ୱାନ ଦେଇଛି।

ଆଞ୍ଚଳିକ ସହଯୋଗ ମଧ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଏହା ଆଫ୍ରିକା ଏବଂ ଲାଟିନ ଆମେରିକୀୟ ଦେଶଗୁଡ଼ିକର ଜଳବାୟୁ ବିପଦକୁ ହ୍ରାସ କରିବ ଏବଂ ଏଥିରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ସମୁଦାୟକୁ ସହଯୋଗ କରିବା ପାଇଁ ଅର୍ଥନୈତିକ ନୀତିର ବିକାଶ ଏବଂ ଭାଗୀଦାରିକୁ ଅନୁମତି ଦେବ। ଆନ୍ତଃ ଆମେରିକୀୟ ବିକାଶ ବ୍ୟାଙ୍କର ରିଜିଓନାଲ କ୍ଲାଇମେଟ ଚେଞ୍ଜ ପ୍ଲାଟଫର୍ମ ଅଫ୍ ଇକୋନୋମି ଭଳି ପଦକ୍ଷେପ ଏବଂ ଅର୍ଥ ମନ୍ତ୍ରଣାଳୟସବୁ ଏହି ପ୍ରୟାସ ପାଇଁ ଏକ ବ୍ଲୁ ପ୍ରିଣ୍ଟ ଭାବରେ କାମ କରିପାରିବେ। ବିଶ୍ୱ ସ୍ତରରେ ଜଳବାୟୁ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ରହିବା ଆବଶ୍ୟକ। ୟୁରୋପୀୟ ସଂଘ(ଇୟୁ)ର କାର୍ବନ ବର୍ଡର ଆଡ୍‌ଜଷ୍ଟମେଣ୍ଟ ମେକାନିଜମ୍ ଜଳବାୟୁ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ପାଇଁ ଏକ ଯତ୍ନଶୀଳ ନୀତି ଗଠନର ଆବଶ୍ୟକତାକୁ ଦର୍ଶାଏ। ଆସନ୍ତା ବର୍ଷ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ଏବଂ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍ ୩୦)ର ଆୟୋଜକ ଦେଶ ଭାବେ ବ୍ରାଜିଲ ଏବଂ ବର୍ତ୍ତମାନର ଜି-୨୦ ଅଧ୍ୟକ୍ଷ ଭାବରେ ଦକ୍ଷିଣ ଆଫ୍ରିକା ପାଇଁ ବିଶ୍ୱର ଆର୍ଥିକ ଏଜେଣ୍ଡାକୁ ପୁନଃ ନିର୍ଦ୍ଧାରଣ ସହ ନୀତିଗୁଡ଼ିକୁ ସହଯୋଗ କରିବା ଲାଗି ଅପୂର୍ବ ସୁଯୋଗ ରହିଛି, ଯାହା ଉଭୟ ମୁଦ୍ରାସ୍ଫୀତି ଏବଂ ବିଶ୍ୱତାପନ ସଙ୍କଟକୁ ମୁକାବିଲା କରିପାରିବ।

ସମ୍ମିଳିତ ଏବଂ ନିର୍ଣ୍ଣାୟକ କାର୍ଯ୍ୟ କରିବାରେ ବିଫଳତା ହିଁ ଅସମାନତା ବଢ଼ାଇବା ସହ ଅର୍ଥନୈତିକ ସ୍ଥିରତାକୁ ନଷ୍ଟ କରିପାରେ ଏବଂ ଜଳବାୟୁ ଲକ୍ଷ୍ୟ ପୂରଣରେ ବାଧା ଆଣିପାରେ। କିନ୍ତୁ ଯଦି ନୀତି ନିର୍ଦ୍ଧାରକମାନେ ଜଳବାୟୁ ଏବଂ ଅର୍ଥନୈତିକ ରଣନୀତି ମଧ୍ୟରେ ବ୍ୟବଧାନ ଦୂର କରିପାରୁଥିବା ଅଭିନବ ଉପାୟ ବିକାଶ କରନ୍ତି, ତେବେ ସେମାନେ ଏବେକାର ଚରମ ପାଣିପାଗ ବିପଦକୁ ହ୍ରାସ କରିବା ସହ ଜଳବାୟୁ ବିପଦକୁ ଆକଳନ କରି ସ୍ଥାୟୀ ଭାବେ ତା'ର ମୁକାବିଲା କରିବାକୁ ସକ୍ଷମ ହୋଇପାରିବେ। ଉଭୟ ମୁଦ୍ରାସ୍ଫୀତି ଏବଂ ବିଶ୍ୱତାପନ ବୃଦ୍ଧି ପାଉଥିଲେ ମଧ ସମ୍ମିଳିତ ଓ ନ୍ୟାୟସଙ୍ଗତ ନୀତିର ଆବଶ୍ୟକତାକୁ କେବେ ବି ଅଧିକ ଜରୁରୀ ମନେକରାଯାଇ ନାହିଁ।

# ଓଲଟ ଗତି



ନିମାଇଁ ଚରଣ ଲେଙ୍କା

ଜଣେ ବିଦେଶୀ ପର୍ଯ୍ୟଟକ ସକାଳୁ ସହରର ଏକ ଲଜ୍‌ରୁ ରେଳଷ୍ଟେଶନକୁ ଚାଲିଚାଲି ଯାଉଥିଲେ ଓ ଦୁଇଟି ଓଜନିଆ ବ୍ୟାଗ୍ ଧରିଥିବାରୁ ଥକିପଡୁଥିଲେ। ସେହି ରାସ୍ତା ଦେଇ ଏକ ଅଟୋରିକ୍ସା ଯାଉଥିବାର ଦେଖି ଚାଳକକୁ ଷ୍ଟେଶନ ପର୍ଯ୍ୟନ୍ତ ଭଡ଼ା କେତେ ବୋଲି ପଚାରିବାରୁ ଚାଳକ ୨ଶହ ଟଙ୍କା କହିଲା। ଏଥିରେ ସେ ଅରାଜିହେବାରୁ ଅଟୋବାଲାଟି ଚାଲିଗଲା। ବ୍ୟକ୍ତି ଜଣକ ବହୁକଷ୍ଟରେ ପୁଣି ଗୁଡ଼ାଏ ବାଟ ଯିବା ପରେ ଥକିପଡ଼ିଲେ। ସେତିକିବେଳେ ସେହି ଅଟୋବାଲାଟି ପୁଣି ପହଞ୍ଚିଲା। ଏଥର ତାକୁ ଭଡ଼ା ପରିମାଣ ପଚାରିବାରୁ ସେ ୪ଶହ ଟଙ୍କା କହିଲା। ଏଥିରେ ପର୍ଯ୍ୟଟକ ବିରକ୍ତି ପ୍ରକାଶକରି କହିଲେ,''ଷ୍ଟେଶନ ଯେତେବେଳେ ଦୂର ଥିଲା, ତୁମେ ଯାହା ଭଡ଼ା କହୁଥିଲ, ଏବେ ପାଖ ହୋଇଯିବା ପରେ ମଧ ତୁମେ ତା'ଠାରୁ କମ୍ ନ କହି ବରଂ ୨ ଗୁଣ ଅଧିକ ଦାବି କରୁଛ? ଅଟୋଚାଳକ ନମ୍ରତାର ସହ କହିଲା, ''ମହାଶୟ! କଥା ହେଉଛି, ଆପଣ ଏବେ ଷ୍ଟେଶନର ବିପରୀତ ଦିଗରେ ଯାତ୍ରା କରୁଛନ୍ତି। ତେଣୁ ଯେତେ ଆଗକୁ ଯାଉଛନ୍ତି, ଷ୍ଟେଶନଠାରୁ ପାଖହେବା ପରିବର୍ତ୍ତେ ବରଂ ସେତେ ଅଧିକ ଦୂରେଇଯାଉଛନ୍ତି, ଅଥଚ ମୋର ଦୋଷ ଦେଉଛନ୍ତି। ଏଥିରେ ଅଧିକ ଭଡ଼ା ଦାବି କରିବାରେ ମୋର ଭୁଲ୍ କେଉଁଠି ରହିଲା?'' ଚାଳକଟିର ଏହି କଥାର ସତ୍ୟତାକୁ ଉପଲବ୍ଧିକରି ବ୍ୟକ୍ତି ଜଣକ ନିଜ ଭୁଲ୍ ପାଇଁ ଲଜ୍ଜିତ ହୋଇଗଲେ।

ପର୍ଯ୍ୟଟକ ଜଣକ ବିପରୀତ ଦିଗରେ ଯାଇ ଯେପରି ନିଜ ଲକ୍ଷ୍ୟସ୍ଥଳଠାରୁ ଦୂରେଇ ଯାଉଥିଲେ, ଆମେ ଅଧିକାଂଶ ମନୁଷ୍ୟ ସେହିପରି ଜୀବନର ଅନ୍ତିମ ଲକ୍ଷ୍ୟସ୍ଥଳ 'ମୁକ୍ତି'ର ବିପରୀତ ବା ଓଲଟା ଦିଗରେ ଗତି କରୁଥିବାରୁ ସୁଖ, ଶାନ୍ତି, ଆନନ୍ଦ ଓ ପ୍ରେମର ମହାସାଗର ପରମାତ୍ମାଙ୍କ ସାନ୍ନିଧ୍ୟଲାଭରୁ ବଞ୍ଚିତ ହେଉଛେ। କୀଟପତଙ୍ଗ, ପଶୁ, ପକ୍ଷୀ ଆଦି ବିଭିନ୍ନ ଜନ୍ମ ଅତିକ୍ରମକରି ଅଶେଷ ପୁଣ୍ୟଫଳ ପ୍ରଭାବରେ ଶ୍ରେଷ୍ଠଜନ୍ମ ଲାଭକରି, ପ୍ରଥମେ ପଶୁତ୍ୱ ପରିହାରକରି ମନୁଷ୍ୟତ୍ୱ, ତତ୍ପରେ ଦେବତ୍ୱ, କ୍ରମେ ଈଶ୍ୱରତ୍ୱ ଓ ପରିଶେଷରେ ବ୍ରହ୍ମତ୍ୱ ଲାଭ କରିବାକୁ ଥିବା ଆମ ପ୍ରତ୍ୟେକ ମନୁଷ୍ୟଙ୍କ ନିମନ୍ତେ ବ୍ରହ୍ମଲୋକ ବା ପରମଧାମ ହିଁ ଅନ୍ତିମ ଲକ୍ଷ୍ୟସ୍ଥଳ। ସେହି ଅମରଲୋକ ଆମ(ଆତ୍ମା)ର ସ୍ଥାୟୀ ନିବାସସ୍ଥଳ ବା ଠିକଣା ହୋଇଥିବାରୁ ଆମେ ମଧ ସେହି ପର୍ଯ୍ୟଟକଙ୍କ ପରି ଏହି ମରଲୋକରେ ଅଢ଼େଇଦିନର କୁଣିଆ। କଥା ହେଉଛି, ସାଧାରଣ ପାର୍ଥିବ ସୁଖ ପାଇଁ ଆମେ ଯେତେ ଯେତେ ଉପାୟମାନ କରୁ, କେବଳ ଏହି ଶରୀର ଓ ଧନ, ଜନ, ପ୍ରଭୁତା, କ୍ଷମତା ଓ ପ୍ରତିପତ୍ତିକୁ ଚିରଦିନ ହାସଲ କରିବା ପାଇଁ। ଚେତନ ଆତ୍ମା ପାଇଁ ନୁହେଁ, ଯେଉଁ ଆତ୍ମା ଆମର ଅନ୍ତିମ ଲକ୍ଷ୍ୟସ୍ଥଳ ସେହି ଶାଶ୍ୱତ ସୁଖ, ଶାନ୍ତି, ଆନନ୍ଦର ମହାସାଗର ପରମପିତାଙ୍କ ନିକଟରେ ନିରାପଦରେ ପହଞ୍ଚାଇ ଦେଇପାରିବ। ଏହା ହିଁ ଆମର ବିପରୀତ ବା ଓଲଟଗତି ଓ ବିପରୀତ ବୁଦ୍ଧି। ସକାଳେ ଆମେ ପୂର୍ବଦିଗରେ ଉଦିତସୂର୍ଯ୍ୟଙ୍କ ଆଡ଼କୁ ମୁହଁକରି ଚାଲିଲେ ସୂର୍ଯ୍ୟଙ୍କୁ ଦେଖିପାରିବା ସହ ନିଜ ଛାଇ ଆମ ପଛେ ପଛେ ଚାଲିବ। କିନ୍ତୁ ପଶ୍ଚିମଦିଗକୁ ମୁହଁକରି ଚାଲିଲେ ସୂର୍ଯ୍ୟଙ୍କୁ ତ ଦେଖିପାରିବା ନାହିଁ, ନିଜ ଛାଇକୁ ମଧ ଧରିପାରିବା ନାହିଁ। ଠିକ୍ ସେହିପରି ବାସ୍ତବ ଜୀବନରେ ଜ୍ଞାନସୂର୍ଯ୍ୟ ବା ଈଶ୍ୱରଙ୍କ ଆଡ଼କୁ ମୁହଁକରି ଚାଲିଲେ, ଈଶ୍ୱରପ୍ରାପ୍ତି ସହ କାମନା, ବାସନାରୂପୀ ଛାଇ ଆମକୁ ହିଁ ଅନୁଧାବନ କରିବେ। କିନ୍ତୁ ବିପରୀତ ଦିଗରେ ଗତିକଲେ ଆମେ ଜ୍ଞାନସୂର୍ଯ୍ୟଙ୍କୁ ତ ହରାଇବା, ଅଧିକନ୍ତୁ ଛାଇ(କାମନା, ବାସନା)କୁ ମଧ ଧରିପାରିବା ନାହିଁ। ତେଣୁ ପ୍ରଥମରୁ ଲକ୍ଷ୍ୟ ସ୍ଥିରକରି କର୍ମରେ ପ୍ରବୃତ୍ତ ହେବା ଉଚିତ। ଲକ୍ଷ୍ୟ ସ୍ଥିର ନ କଲେ କୌଣସି କାର୍ଯ୍ୟ ସଫଳ ହୁଏନାହିଁ, ବରଂ ଜୀବନ ବିଫଳ ହୋଇଯାଏ ଓ ଲକ୍ଷ୍ୟସ୍ଥଳଟି ମରୀଚିକା ପାଲଟି ଯାଏ। ଜୀବର ଜୀବତ୍ୱ ସ୍ୱାଭାବିକ, କିନ୍ତୁ ଦେବତ୍ୱ ଅସ୍ୱାଭାବିକ। ଜୀବତ୍ୱ ସ୍ଥାନରେ 'ଶିବତ୍ୱ' ପ୍ରତିଷ୍ଠା କରିବା ମାନବ ଜୀବନର ଲକ୍ଷ୍ୟ। ସେଥିପାଇଁ କାମ, କ୍ରୋଧ, ଲୋଭ, ମୋହ, ଅହଂକାର ଆଦି ସହଜରେ ଆସିଯାଏ; କିନ୍ତୁ ଦୟା, କ୍ଷମା, ଭକ୍ତି, ପ୍ରେମ ଇତ୍ୟାଦିଙ୍କୁ କଷ୍ଟ କରି ଆଣିବାକୁ ହୁଏ। ମନୁଷ୍ୟ ଯଦି କୃତ୍ରିମ ପରିବେଶ, ଆହାର, ବିହାରଠାରୁ ଦୂରରେ ରହି, ପ୍ରାକୃତିକ ନିୟମ, ଶାସ୍ତ୍ରବାଣୀ ବା ଈଶ୍ୱରୀୟ ନିୟମରେ ବିଚାର ଓ ଶକ୍ତିସଂଯମ ଦ୍ୱାରା ନିଜ ପ୍ରାଣଶକ୍ତିକୁ ସଞ୍ଚୟକରି ଯୋଗ, ଧ୍ୟାନ, ଆସନ ଓ ପ୍ରାଣାୟମ ଦ୍ୱାରା ପ୍ରାଣବଳ, ମନୋବଳକୁ ବୃଦ୍ଧିକରି, ପ୍ରତ୍ୟେକ ପ୍ରାଣୀଙ୍କ ପ୍ରତି କରୁଣା, ସେବା, ପ୍ରେମ, ତ୍ୟାଗ, କ୍ଷମା, ଶୁଭଭାବନା, ଶୁଭକାମନାରେ ହୃଦୟ ପରିପୂର୍ଣ୍ଣ କରିପାରିବ, ତେବେ ସେ ସହଜରେ ଜରା, ବ୍ୟାଧି ମୃତ୍ୟୁ ଉପରେ ବିଜୟପ୍ରାପ୍ତ କରି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ।

ମୋ: ୯୨୩୮୬୧୫୪୭୮

## ଏଇ ଭାରତରେ

କୁହାଯାଏ ଜ୍ଞାନ ଅର୍ଜନ କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ନ ଥାଏ। ସେଥିପାଇଁ ତ ୮୧ ବର୍ଷ ବୟସରେ ବି ପୁଣି ଥରେ ପାଠ ପଢ଼ିବା ଆରମ୍ଭ କରିଛନ୍ତି ସତ୍‌ପାଲ ଅରୋରା। ରାଜସ୍ଥାନ ଚିତ୍ତୋରଗଡ଼ର ପ୍ରତାପଗଡ଼ ଗ୍ରାମରେ ତାଙ୍କ ଘର। କିଛି ଦିନ ତଳେ ସେ ଏଲ୍‌ଏଲ୍‌ବି ଡିଗ୍ରି କରିବା ପାଇଁ କଲେଜରେ ନାମ ଲେଖାଇଛନ୍ତି। ୮୧ ବର୍ଷୀୟ ସତ୍‌ପାଲ ଏବେ ଅନ୍ୟ ଛାତ୍ରୀଛାତ୍ରଙ୍କ ସହିତ ଏକାଠି ବସି ନିୟମିତ କ୍ଲାସ କରୁଛନ୍ତି। ପାଠ ବିଷୟରେ ଅନ୍ୟ ଛାତ୍ରଙ୍କ ସହିତ ଚର୍ଚ୍ଚା ବି କରୁଛନ୍ତି। ନୂଆ ପିଢ଼ିର ପିଲାଙ୍କ ସହିତ ବସି ପାଠ ପଢ଼ିବା ପାଇଁ ତାଙ୍କର ଆଦୌ ସଙ୍କୋଚ ନାହିଁ। ୪୦ ବର୍ଷ ପରେ ପୁଣି ଥରେ ପାଠ ପଢ଼ା ଆରମ୍ଭ କରି ସେ ବେଶ୍ ଉତ୍ସାହିତ ଅଛନ୍ତି। ସତ୍‌ପାଲଙ୍କୁ କଲେଜରେ ପଢୁଥିବାର ଦେଖି ଅନ୍ୟ ଛାତ୍ର ତଥା ଷ୍ଟାଫ୍‌ମାନେ ବି ବେଶ୍ ଉତ୍ସାହିତ ଅଛନ୍ତି। ଡିଗ୍ରୀ କରିବା ପୂର୍ବରୁ ସତ୍‌ପାଲ ପ୍ରଥମେ ତାଙ୍କର ଜଣେ ଅଧ୍ୟାପକ ବନ୍ଧୁଙ୍କ ସହ ପରାମର୍ଶ କରିବା ପରେ ନାମ ଲେଖାଇଛନ୍ତି। ତାଙ୍କ କହିବା ଅନୁସାରେ ବୟସ କେବେ ହେଲେ କୌଣସି କାମରେ ବାଧା ସୃଷ୍ଟି କରିପାରେ ନାହିଁ। ମନର ଉତ୍ସାହ ଥିଲେ ସବୁ କାମ କରିହେବ। ସବୁ ମଣିଷ ପ୍ରତି ମୁହୂର୍ତ୍ତରେ ନୂଆ କିଛି ଶିଖିବା ପାଇଁ ଚେଷ୍ଟା ଜାରି ରଖିବା ଦରକାର। ତେବେ ତାଙ୍କର ଏଭଳି ଏକ ପ୍ରୟାସ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଜାନୁଆରୀ ୧୯୭୬

- ଦେଶର ପରିବାର ନିୟୋଜନ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମୀଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ଜାତୀୟ ପୁରସ୍କାର ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି।
- ଧାନବାଦ ନିକଟସ୍ଥ ଚାସନଲା କୋଇଲା ଖଣିରୁ ଜଳ ନିଷ୍କାସନ ଓ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସୋଭିଏତ ରୁଷିଆ, ଯୁକ୍ତରାଷ୍ଟ୍ର ଆମେରିକା, ପୋଲାଣ୍ଡର ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ଓ ବିଶେଷଜ୍ଞ ଦଳଙ୍କ ଆଗମନ।
- ମଧ୍ୟପ୍ରାଚ୍ୟ ଏୟାରଲାଇନ୍ସର ଏକ ଜେଟ ବିମାନ ସାଉଦି ଆରବରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୮୨ ଜଣ ନିହତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 4 | | 1 | | | 9 |
| | 1 | | | | | 2 | 7 | |
| | 5 | 9 | | | 6 | | | |
| 4 | | 7 | | 9 | | | 8 | |
| | | 8 | 2 | | | | 4 | |
| | | | | | | | | |
| 9 | 3 | | 1 | | | | | |
| | | | | 4 | 9 | | | 8 |
| | | | 6 | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 2 | 5 | 7 | 4 | 3 | 8 | 6 |
| 8 | 6 | 7 | 3 | 9 | 2 | 5 | 4 | 1 |
| 4 | 5 | 3 | 1 | 6 | 8 | 9 | 2 | 7 |
| 3 | 4 | 9 | 7 | 1 | 6 | 8 | 5 | 2 |
| 2 | 8 | 6 | 4 | 3 | 5 | 1 | 7 | 9 |
| 5 | 7 | 1 | 8 | 2 | 9 | 4 | 6 | 3 |
| 7 | 1 | 5 | 6 | 8 | 3 | 2 | 9 | 4 |
| 9 | 3 | 8 | 2 | 4 | 7 | 6 | 1 | 5 |
| 6 | 2 | 4 | 9 | 5 | 1 | 7 | 3 | 8 |

ଗତକାଲିର ଉତ୍ତର

# ମାକ୍ସୱେଲ୍‌ଙ୍କ ତରଙ୍ଗ ଓ ଆଲୋକ



ଡ. ଗୌରୀଶଙ୍କର ସାହୁ

ବ୍ରିଟିଶ ଗବେଷକ ସାର୍ ଆଇଜାକ୍ ନ୍ୟୁଟନ୍ ଆମ ଆଖପାଖରେ ଥିବା ବସ୍ତୁଗୁଡ଼ିକର ଗତିକୁ ନିର୍ଦ୍ଦିଷ୍ଟ ରୂପେ ମାପିବା ପାଇଁ ଗତିଶୀଳ ବସ୍ତୁର ଗତି ପଛରେ ନିହିତ ପ୍ରକୃତ କାରଣ ଅନାବରଣକୁ ତାତ୍ତ୍ୱିକ ନିଷ୍କର୍ଷ ପ୍ରଦାନ କରିଥିଲେ। ହେଲେ ଆଲୋକର ସମସ୍ତ ଗୁଣାବଳୀ ନ୍ୟୁଟନ୍‌ଙ୍କ ପ୍ରଦତ୍ତ ଗତିବିଜ୍ଞାନ ଦ୍ୱାରା ବୁଝାଯାଇପାରିଲା ନାହିଁ। ଏଇ ଯେମିତି, ବ୍ୟତିକରଣ (ଇ-ରଫେରେନ୍ସ), ବିକୀର୍ଣ୍ଣନ (ଡିଫ୍ରାକ୍ସନ) ପ୍ରଭୃତି ପ୍ରକ୍ରିୟା ସବୁ ଆଲୋକକୁ କଣିକା/କର୍ପସ୍କୁଲମାନଙ୍କ ସମାହାର ଭାବେ ଗ୍ରହଣକରି ବର୍ଣ୍ଣନା କରିହେଲା ନାହିଁ। ବରଂ ହଏଗଜନ୍‌ଙ୍କ ତରଙ୍ଗ ତତ୍ତ୍ୱ ବ୍ୟତିକରଣ, ବିକୀର୍ଣ୍ଣନ ପ୍ରଭୃତି ପ୍ରକ୍ରିୟାକୁ ବୁଝାଇବାରେ ସକ୍ଷମ ହେଲା। ନ୍ୟୁଟନ୍ ବଳୟ(ନ୍ୟୁଟନ୍ ରିଙ୍ଗ୍) ମଧ କେବଳ ହଏଗଜନ୍‌ଙ୍କ ତରଙ୍ଗ ତତ୍ତ୍ୱ ଦ୍ୱାରା ବୁଝିହେଲା। ତା'ହେଲେ ଆଲୋକ କଣିକାଟିଏ ନା ତରଙ୍ଗ? ଆଲୋକକୁ କଣିକା ଗୁଚ୍ଛ ପରି ଦେଖିଲେ ପ୍ରତିଫଳନ ପ୍ରକ୍ରିୟା ବୁଝିହେଉଛି, ତରଙ୍ଗ ଧରିନେଲେ ପ୍ରତିସରଣ ପ୍ରକ୍ରିୟା ବୁଝାଇହେଉଛି!

କୁଲମ୍ବଙ୍କ ନିୟମ, ଫାରାଡେଙ୍କ ନିୟମ, ଆମ୍ପିଅର୍‌ଙ୍କ ନିୟମ ଓ ବିସ୍ଥାପିତ ବିଦ୍ୟୁତ୍ ସ୍ରୋତକୁ ବିଚାରକୁ ନେଇ ସ୍କଟିସ୍ ପଦାର୍ଥ ବିଜ୍ଞାନୀ ଜେମ୍ସ କ୍ଲର୍କ ମାକ୍ସୱେଲ୍ ବିଦ୍ୟୁତ୍-ଚୁମ୍ବକୀୟ ତତ୍ତ୍ୱ ନିଗମନ କଲେ। ଏହା ମାକ୍ସୱେଲ୍‌ଙ୍କ ବିଦ୍ୟୁତ୍-ଚୁମ୍ବକୀୟ ତତ୍ତ୍ୱ ଭାବେ ସୁବିଦିତ। ମାକ୍ସୱେଲ୍ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗର ସମୀକରଣରେ ଦେଖାଯାଉଥିବା 'ଏପ୍ସିଲନ୍ ଓ ମ୍ୟୁ'ର ମୂଲ୍ୟ ୧୮୫୫ ସାଲ୍‌ରେ ଜର୍ମାନ୍ ଗବେଷକ ୱିଲ୍‌ହେନ୍ ୱେବର ଓ ରୁଡ୍‌ଲଫ୍ କୋହରାସ୍‌ଙ୍କ ଲୋଡେନ୍ ଜାର୍ ଡିସ୍‌ଚାର୍ଜ ପରୀକ୍ଷଣରୁ ମିଳିଥିବା ଫଳାଫଳରୁ ନିର୍ଣ୍ଣୟକଲେ। ସେ ଦେଖିଲେ ୱେବର-କୋହରାସ୍ ପରୀକ୍ଷଣରୁ ମିଳିଥିବା ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ବେଗ ଫରାସୀ ଗବେଷକ ଜିନ୍ ବର୍ନାଡ୍ ଲିଅନ୍ ଫାକଲଟ୍‌ଙ୍କ ଦ୍ୱାରା ମପାଯାଇଥିବା ଆଲୋକ ରଶ୍ମିର ବେଗ ସହ ସମାନ!

ସେ ସମୟରେ ସମସ୍ତେ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ବେଗ ଓ ଆଲୋକର ବେଗ ସମାନ ହେବାକୁ ଆକସ୍ମିକ ଓ ସଂଯୋଗ ମାତ୍ର କହୁଥିବାବେଳେ ମାକ୍ସୱେଲ୍ ସ୍ପଷ୍ଟ ମତ ପୋଷଣକଲେ ଯେ ଏହା ଏକ ସଂଯୋଗ ନୁହେଁ, ବରଂ ଆଲୋକରଶ୍ମି ଏକ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ହୋଇଥିବାର ସ୍ପଷ୍ଟ ପ୍ରମାଣ। ଜର୍ମାନ୍ ପଦାର୍ଥ ବିଜ୍ଞାନୀ ହେନ୍‌ରିକ୍ ରୁଡ୍‌ଲଫ୍ ହର୍ଜ ୧୮୮୬ରୁ ୧୮୮୯ ମଧ୍ୟରେ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ଉପରେ ଗବେଷଣାକରି ପ୍ରମାଣିତକଲେ ଯେ, ମାକ୍ସୱେଲ୍‌ଙ୍କ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ବେଗ ଆଲୋକର ବେଗ ସହ ସମାନ। ଭାରତୀୟ ପଦାର୍ଥ ବିଜ୍ଞାନୀ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ, ମାକ୍ସୱେଲ୍‌ଙ୍କ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ଗବେଷଣାଗାରରେ ସୃଷ୍ଟିକରି ବେତାର ମାଧ୍ୟମରେ ବାୟୁମଣ୍ଡଳରେ ଗତିକରି ପାରୁଥିବା ଦେଖାଇଥିଲେ। ୧୮୯୫ ସାଲରେ ଜଗଦୀଶ ବୋଷ କଲିକତା ଟାଉନ ହଲ୍‌ରେ ଯେଉଁ ବେତାର ତରଙ୍ଗ ବୈଦ୍ୟୁତିକ ତାରର ବିନା ସାହାଯ୍ୟରେ ବାୟୁମଣ୍ଡଳରେ ଗତିକରିପାରିବ ବୋଲି ପ୍ରଦର୍ଶିତ କରି ଦେଖାଇଥିଲେ, ତାହା ହର୍ଜଙ୍କ ତରଙ୍ଗ ସହ ସମରୂପୀ ଥିଲା। ଏହା ପରବର୍ତ୍ତୀ ସମୟରେ ରେଡିଓ ତରଙ୍ଗ ଭାବେ ଖ୍ୟାତିଲାଭ କଲା ଓ ବେତାର ଯୋଗାଯୋଗ ବିଜ୍ଞାନର ଆଧାରଶିଳା ବୋଲି ପ୍ରମାଣିତ ହେଲା।

ମାକ୍ସୱେଲ୍ ଗଣିତ ମାଧ୍ୟମରେ ପ୍ରଦର୍ଶିତ କରିଥିବା ଓ ହେନ୍‌ରିକ୍ ହର୍ଜ ଓ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ବୈଜ୍ଞାନିକ ଯନ୍ତ୍ରାଂଶ ଦ୍ୱାରା ଗବେଷଣାଗାରରେ ସୃଷ୍ଟି କରିବାରେ ସମର୍ଥ ହୋଇଥିବା ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ



ବାସ୍ତବରେ ଆଲୋକ ବର୍ଣ୍ଣାଳୀ ହିଁ ଥିଲା। ମାକ୍ସୱେଲ୍‌ଙ୍କ ତତ୍ତ୍ୱ ଆଲୋକ ରଶ୍ମିର ଦୃଶ୍ୟମାନ ଓ ଅଦୃଶ୍ୟ ସମସ୍ତ ତରଙ୍ଗ ଦୈର୍ଘ୍ୟଯୁକ୍ତ ତରଙ୍ଗ ପାଇଁ ପ୍ରଯୁଜ୍ୟ ଥିଲା। ହର୍ଜ ଓ ଆଚାର୍ଯ୍ୟ ଜଗଦୀଶ ଏହି ବର୍ଣ୍ଣାଳୀର ଏକ ଅଦୃଶ୍ୟ ଭାଗ, ରେଡିଓ ତରଙ୍ଗକୁ ଗବେଷଣାଗାରରେ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ।

ପ୍ରଥିତଯଶା ଓଡ଼ିଆ ବୈଜ୍ଞାନିକ ପଦ୍ମଭୂଷଣ ତ୍ରିଲୋଚନ ପ୍ରଧାନ ତାଙ୍କର ଗୋଟିଏ ପୁସ୍ତକରେ ଫର୍ମାଟ୍‌ଙ୍କ ନିୟମ କିପରି ମାକ୍ସୱେଲ୍‌ଙ୍କ ସମୀକରଣକୁ ରୂପାନ୍ତରିତ ହୋଇପାରେ ଅଙ୍କକଷି ଦେଖାଇଛନ୍ତି। ହଏଜନ୍ ଓ ହୁକ୍‌ଙ୍କ ଦ୍ୱାରା ବିକଶିତ ଆଲୋକର ତରଙ୍ଗତତ୍ତ୍ୱ, ମାକ୍ସୱେଲ୍‌ଙ୍କ ଗବେଷଣା ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଓ ସ୍ପଷ୍ଟ ସ୍ୱରୂପ ପ୍ରାପ୍ତ କଲା। ପ୍ରତିଫଳନ, ପ୍ରତିସରଣ, ବିକୀର୍ଣ୍ଣନ, ବ୍ୟତିକରଣ ପ୍ରଭୃତି ଆଲୋକର ବିଭିନ୍ନ ଗୁଣାବଳୀ ମାକ୍ସୱେଲ୍‌ଙ୍କ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ଅବଧାରଣା ଦ୍ୱାରା ଉଭୟ ଗାଣିତିକ ଓ ବ୍ୟାବହାରିକ ଦୃଷ୍ଟିରୁ ବୁଝିହେଲା।

ତେବେ ମହାନ୍ ନ୍ୟୁଟନ୍ କ'ଣ ଭୁଲ୍ ଥିଲେ? ଆଲୋକ କ'ଣ କଣିକା ନୁହେଁ? ନ୍ୟୁଟନ୍‌ଙ୍କ ପ୍ରସିଦ୍ଧି ପାଇଥିବା ଆଲୋକର କଣିକା(କର୍ପସ୍କୁଲ) ମଡେଲ କ'ଣ ପ୍ରହେଳିକା ଥିଲା? ରେନେ ଡେକାର୍ଟେ ଯେଉଁ କର୍ପସ୍କୁଲ(କଣିକା) ଶବ୍ଦ ପ୍ରଚଳିତ କରିଥିଲେ ଓ ନ୍ୟୁଟନ୍ ଯାହାକୁ ଲୋକପ୍ରିୟ କରିପାରିଥିଲେ ତାହା କ'ଣ ଇତିହାସର ଅନ୍ଧାରୀ ମୂଲକରେ ଏକ ଭ୍ରମ ପ୍ରମାଣିତ ହୋଇ ବିଲୀନ ହୋଇଯିବ? ଏପରି ଅନେକ ପ୍ରଶ୍ନ, ଅନେକ ଆଶଙ୍କା ପାରମ୍ପରିକ ଗତିଶାସ୍ତ୍ରକୁ ବାଇବେଲ ବୋଲି ମାନି ନେଇଥିବା ଗବେଷକମାନଙ୍କ ମନ ଓ ମସ୍ତିଷ୍କରେ!

୧୯୦୦ରେ ଜର୍ମାନ୍ ପଦାର୍ଥ ବିଜ୍ଞାନୀ ମାକ୍ସ ପ୍ଲାଙ୍କ୍‌ଙ୍କ କୃଷ୍ଣବସ୍ତୁର ବର୍ଣ୍ଣାଳୀ ବିଷୟକ ପ୍ରକାଶିତ ନିବନ୍ଧ, ୧୯୦୫ରେ ଇହୁଦୀ ଗବେଷକ ମହାନ୍ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ଆନାଲେନ୍ ଡର୍ ଫିଜିକ୍ସରେ ଆଲୋକ ବିଦ୍ୟୁତ୍ ପ୍ରଭାବ(ଫଟୋ ଇଲେକ୍ଟ୍ରିକ୍ ଇଫେକ୍ଟ) ସନ୍ଦର୍ଭରେ ପ୍ରକାଶିତ ନିବନ୍ଧ, ଆମେରିକୀୟ ପଦାର୍ଥ ବିଜ୍ଞାନୀ ଆର୍ଥର ହୋଲି କମ୍ପଟନ୍‌ଙ୍କ ୧୯୨୩ ସାଲରେ ଫିଜିକାଲ ରିଭ୍ୟୁରେ ରଞ୍ଜନ ରଶ୍ମି(ଏକ୍ସ-ରେ) ଗ୍ରାଫାଇଟ୍ ଖଣ୍ଡରେ ବିଚ୍ଛୁରିତ ହେବା ବିଷୟକ ନିବନ୍ଧ, ଭାରତୀୟ ବୈଜ୍ଞାନିକ ସତ୍ୟେନ୍ଦ୍ର ନାଥ ବୋଷଙ୍କ ୧୯୨୪ ସାଲରେ ଜେଟ୍‌ସିଫ୍ ଫର୍ ଫିଜିକ୍‌ରେ ପ୍ଲାଙ୍କ୍‌ଙ୍କ ନିୟମ ଓ ଆଲୋକ କ୍ୱାଣ୍ଟମ ତତ୍ତ୍ୱ ଶୀର୍ଷକ ଆଲେଖ୍ୟ, ଆଲୋକ ଯେ ଏକ କଣିକା, ଏହି କଥାକୁ ପ୍ରତିପାଦିତ କଲା। ପାଉଁଶଗଦାରୁ ପୁଣି ମୁଣ୍ଡଟେକି ଠିଆ ହେଲା, ନ୍ୟୁଟନ୍‌ଙ୍କ କର୍ପସ୍କୁଲ!

୧୯୦୨ରେ ହଙ୍ଗେରିଆନ ପଦାର୍ଥ ବିଜ୍ଞାନୀ ଫିଲିପ୍ ଏଡୁଆର୍ଡ ଆଣ୍ଟନ୍ ଭନ୍ ଲେନାର୍ଡ ଆଲୋକ ବିଦ୍ୟୁତ୍ ପ୍ରଭାବକୁ ଗବେଷଣାଗାରରେ ପ୍ରଦର୍ଶିତ କରିଥିଲେ। ସେ ବ୍ରିଟିଶ ବୈଜ୍ଞାନିକ ଯୋଶେଫ ଜନ୍ ଥମ୍ପସନଙ୍କ ଇଲେକ୍ଟ୍ରନ ପାଇଁ ବ୍ୟବହୃତ ବିଦ୍ୟୁତ୍ କର୍ପସ୍କୁଲ ଶବ୍ଦ ବଦଳରେ ବିଦ୍ୟୁତ୍ କ୍ୱାଣ୍ଟା ଶବ୍ଦ ବ୍ୟବହାର କରିଥିଲେ। ପରବର୍ତ୍ତୀ ସମୟରେ ଇଲେକ୍ଟ୍ରନ, କର୍ପସ୍କୁଲ ବା କ୍ୱାଣ୍ଟା ନୁହେଁ ବରଂ କଣିକା(ପାର୍ଟିକ୍ଲ) ବୋଲି ଜଣାପଡ଼ିଲା।

ହର୍ମାନ୍ ଭନ୍ ହେଲମୋଜ୍ ଓ ଫିଲିପ୍ ଲେନାର୍ଡ ବ୍ୟବହାର କରିଥିବା ଶକ୍ତିପେଟିକା ବା କ୍ୱାଣ୍ଟା, ଆଲୋକର କଣିକା ସ୍ୱରୂପକୁ ଦର୍ଶାଇବା ପାଇଁ ଆଲୋକ ବିଦ୍ୟୁତ୍ ପ୍ରଭାବ ସମ୍ପର୍କରେ ଆଲୋଚନା ବେଳେ ବ୍ୟବହୃତ ହେଲା। ୧୯୦୫ରେ ଆଲବର୍ଟ ଆଇନ୍‌ଷ୍ଟାଇନ୍ ଆଲୋକକୁ ବସ୍ତୁତ୍ୱ ଶୂନ୍ୟ କଣିକା ବୋଲି ଘୋଷଣାକରି ଫିଲିପ୍ ଲେନାର୍ଡଙ୍କ ଆଲୋକ ବିଦ୍ୟୁତ୍ ପ୍ରଭାବ ପ୍ରଦର୍ଶିତ କରୁଥିବା ପରୀକ୍ଷଣକୁ ସ୍ପଷ୍ଟଭାବେ ବୁଝାଇବାରେ ସକ୍ଷମ ହେଲେ। ଏଇ ବସ୍ତୁତ୍ୱଶୂନ୍ୟ ଆଲୋକ କଣିକା, କ୍ୱାଣ୍ଟା ନାମରେ ଆଜି ବିଦିତ। ଆଲୋକ କ୍ୱାଣ୍ଟାକୁ ଫୋଟନ୍ କୁହାଯାଏ। ବସ୍ତୁତ୍ୱଯୁକ୍ତ ନ୍ୟୁଟନ୍‌ଙ୍କ କର୍ପୁସ୍କଲ କଣିକା ଓ କଣିକା ଗୁଣ ରହିତ ହଏଜେନ୍‌ଙ୍କ ତରଙ୍ଗ, ଆଲୋକ ରଶ୍ମିର ବାସ୍ତବ ସ୍ୱରୂପ ଦର୍ଶାଇବାରେ ଅସମର୍ଥ ବୋଲି ବିଂଶଶତାବ୍ଦୀର ବୈଜ୍ଞାନିକମାନେ ପ୍ରମାଣିତ କରିଦେଖାଇଲେ।

ପ୍ରାଧ୍ୟାପକ ଓ ଗବେଷକ
ମୋ: ୭୯୭୮୪୨୧୮୩୫

## ପାଠକ ଶ୍ରେଷ୍ଠ ବିଚାରକ

### ଡାକ୍ତର ନିଯୁକ୍ତି ହେଉ

ମହାଶୟ,

ଓଡ଼ିଶାରେ ଡାକ୍ତରମାନଙ୍କ ନିଯୁକ୍ତି ସମ୍ପର୍କରେ 'ଧରିତ୍ରୀ' ଖବରକାଗଜରେ ପ୍ରାଧାନ୍ୟ ଦେଲେ ଭଲ ହୁଅନ୍ତା। ସରକାରୀ ଡାକ୍ତରଖାନାଗୁଡ଼ିକରେ ଏବେ ରୋଗୀଙ୍କ ଲମ୍ୱା ଲାଇନ୍ ଦେଖିବାକୁ ମିଳୁଛି। ଡାକ୍ତରମାନଙ୍କ ଘୋର ଅଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଜଣେ ଡାକ୍ତର ୫ ଜଣଙ୍କର କାମ କରୁଥିବାରୁ ରୋଗୀ ଦୀର୍ଘ ସମୟ ଅପେକ୍ଷାର ପୀଡ଼ା ସହ୍ୟ କରୁଥିବା ବେଳେ ଏହା ମଧ ଡାକ୍ତରମାନଙ୍କ ଉପରେ ପ୍ରବଳ ଚାପ ପକାଉଛି। ଓଡ଼ିଶାରେ ଶହ ଶହ ଡାକ୍ତର ଏମ୍‌ବିବିଏସ୍ ପାଠ ଶେଷ କରି ଘରେ ବସିଛନ୍ତି। ସେମାନଙ୍କୁ କେବଳ ମୌଖିକ ପରୀକ୍ଷା ଜରିଆରେ ନିଯୁକ୍ତି ଦିଆଗଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଓଡ଼ିଶାରେ ଅନେକ ମେଡିକାଲ କଲେଜ ଅଛି। ମାତ୍ର ସେଠାରେ ପ୍ରବଳ ଭିଡ଼ ଓ ରୋଗୀଙ୍କର ପ୍ରବଳ ଚାପ। ଦୟାକରି ଏ ବିଷୟରେ ଧରିତ୍ରୀରେ ଛାପିବାକୁ ଅନୁରୋଧ।

– ସୁକନ୍ୟା ମହାନ୍ତି, ସୂର୍ଯ୍ୟନଗର, ଭୁବନେଶ୍ୱର

## ଚିରନ୍ତନୀ

ଗୀତାର ଉଚ୍ଛ୍ୱାସେ ସେ ତା'ର
ପ୍ରାଣ ଉଠେ ମାତି
ସ୍ୱପନ ଭାଙ୍ଗିଲେ ପୁଣି
ହୃଦ ଯାଏ ତାତି।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଞ୍ଜୟ ଜୟସ୍ୱାଲ ଭାଜପା ନିର୍ବାଚନ ଅଧିକାରୀ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ଭାଜପା ରାଜ୍ୟ ସଭାପତି ନିର୍ବାଚନ ଖୁବ୍‌ଶୀଘ୍ର ହୋଇପାରେ। ଦଳର ନିର୍ବାଚନୀ ପ୍ରକ୍ରିୟା ଏବେ ଜାରି ରହିଛି। ମଣ୍ଡଳ ସଭାପତିଙ୍କଠାରୁ ଆରମ୍ଭ କରି ଜିଲା ଓ ରାଜ୍ୟ ସଭାପତି ପର୍ଯ୍ୟନ୍ତ ନିର୍ବାଚନ ସରିବ। ତେବେ ରାଜ୍ୟ ଭାଜପା ସଭାପତି ନିର୍ବାଚନ ଲାଗି ଦଳ ପକ୍ଷରୁ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ଏହାସହ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ମଧ ନିର୍ବାଚିତ ହେବେ। ଓଡ଼ିଶା ଲାଗି ଏମ୍‌ପି ସଞ୍ଜୟ ଜୟସ୍ୱାଲଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ମିଳିଥିବା ନେଇ ଦଳ ପକ୍ଷରୁ ଘୋଷଣା କରାଯାଇଛି। ଓଡ଼ିଶା ସମେତ ଅନ୍ୟ ରାଜ୍ୟ ଲାଗି ମଧ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି।

# ବିପିଏସ୍‌ସି ପ୍ରିଲିମ୍ ବାତିଲ ଦାବିରେ ପ୍ରଶାନ୍ତଙ୍କ ଅନଶନ

ନୂଆଦିଲ୍ଲୀ,୨।୧

ବିହାର ଲୋକସେବା ଆୟୋଗ (ବିପିଏସ୍‌ସି) ଦ୍ୱାରା ଆୟୋଜିତ ୭୦ତମ ଇଣ୍ଟିଗ୍ରେଟେଡ୍ କମ୍ବାଇନ୍‌ଡ କମ୍ପିଟିଭ୍ (ପ୍ରିଲିମିନାରି) ପରୀକ୍ଷା (ସିସିଇ), ୨୦୨୪ରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ପରେ ଏହି ପରୀକ୍ଷା ବାତିଲ ଦାବି ଜୋର୍ ଧରିଛି। ପରୀକ୍ଷା ବାତିଲ ଦାବିରେ ଜନସୁରାଜ ଦଳ ମୁଖ୍ୟ ପ୍ରଶାନ୍ତ କିଶୋର ଅନ୍ୟମାନଙ୍କ ସହ ପାଟନାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନରେ ବସିଛନ୍ତି। ଗତ ମାସରେ ହୋଇଥିବା ଏହି ପରୀକ୍ଷା ବାତିଲ କରି ପୁନର୍ବାର ପରୀକ୍ଷା କରାଇବା ଦାବିରେ ବିପିଏସ୍‌ସି ଆଶାୟୀ ବିକ୍ଷୋଭ ଚଳାଇଥିବାବେଳେ ପ୍ରଶାନ୍ତ କିଶୋର ଏହାକୁ ସମର୍ଥନ ଜଣାଇଥିଲେ। ରାଜ୍ୟରେ ସରକାରୀ ଚାକିରିରେ ଦୁର୍ନୀତି ଚାଲିଥିବା ସେ ଅଭିଯୋଗ କରିଛନ୍ତି। ବିପିଏସ୍‌ସି ପରିଚାଳିତ ପରୀକ୍ଷା ଜରିଆରେ ଖାଲି ପଦବୀ ପାଇଁ ଅନେକ ହଜାର କୋଟି ଟଙ୍କା କାରବାର ହୋଇଥିବା ସେ ଜାଣିବାକୁ ପାଇଛନ୍ତି ବୋଲି କହିଛନ୍ତି। ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ସେ ଦାବି କରୁଥିବା ଗଣମାଧ୍ୟମକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ୪୮ ଘଣ୍ଟା ମଧ୍ୟରେ ମାମଲାର ସମାଧାନ କରିବା ପାଇଁ ପ୍ରଶାନ୍ତ ସୋମବାର ମହଲତ ଦେଇଥିଲେ। ଏହି ସମୟ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସେ ଚେତାବନୀ ଦେଇଥିଲେ।


ପାଟନାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଶାନ୍ତ କିଶୋର ଓ ଅନ୍ୟମାନେ ଅନଶନରେ ବସିଛନ୍ତି।

# ‘ଲୋକେ ଯାହାଙ୍କୁ ଦାୟିତ୍ୱ ଦେଇଥିଲେ, ଭେଟିପାରୁ ନ ଥିଲେ’

## ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମାଲୋଚନା

ଭୁବନେଶ୍ୱର, ୨।୧(ଅନିଲ ଦାସ)

ଦୀର୍ଘ ଦଶନ୍ଧି ଧରି ଶାସନରେ ଥିବା ବିଜେଡି ଓ କଂଗ୍ରେସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରୋକ୍ଷରେ ସମାଲୋଚନା କରିଛନ୍ତି। ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ଉତ୍ସବରେ ସେ କହିଛନ୍ତି, ଲୋକଙ୍କ କାମ କରିବା ଓ ବିକାଶଧାରାକୁ ଆଗକୁ ନେବା ପାଇଁ ଭାଜପା ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ କରୁଛନ୍ତି। ଯେଉଁମାନେ ପୂର୍ବରୁ ଦାୟିତ୍ୱ ନେଇ କାମ କରୁଥିଲେ, ସେମାନଙ୍କୁ ଲୋକେ ଭେଟିପାରୁ ନ ଥିଲେ। ଆଜି ସେମାନେ ଲୋକଙ୍କ ପାଖକୁ ଯାଉଛନ୍ତି। ଭାଜପା ସରକାରର କାର୍ଯ୍ୟଶୈଳୀ ଦେଖି ସେମାନେ ଆଜି ଆଇଭରି ଟାୱାରରୁ ବାହାରି ଧୂଳି ଖାଇବାକୁ ବାଧ୍ୟ ହେଉଛନ୍ତି। ସେମାନଙ୍କୁ ଲମ୍ବା ସମୟ ଦେଇଥିଲେ ଓଡ଼ିଶାବାସୀ। ଭାଜପା ସରକାରର କାର୍ଯ୍ୟଧାରାକୁ ଦେଖି ସେମାନେ ବ୍ୟତିବ୍ୟସ୍ତ ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କଂଗ୍ରେସର ନିରଞ୍ଜନ ପଟ୍ଟନାୟକ ଓଡ଼ିଶାକୁ ଏକ ଗରିବ ରାଜ୍ୟ କହିଥିବା କଥାକୁ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ସବୁଠୁ ଗରିବ ରାଜ୍ୟ କହିବା ଠିକ୍ ହେଲା ନାହିଁ। ଏଥିପାଇଁ ଦାୟୀ କିଏ। ତାହାର ଉତ୍ତର ବି ଆସିବା କଥା। ପ୍ରକୃତରେ ଯଦି ଓଡ଼ିଶାକୁ ଆଗକୁ ନେବାର ଥିଲା, ତେବେ ଆଜି ପର୍ଯ୍ୟନ୍ତ ଅନେକ ଥର ଲୋକମାନେ ସେମାନଙ୍କୁ ଦାୟିତ୍ୱ ଦେଇଥିଲେ। କିନ୍ତୁ ରାଜ୍ୟକୁ କିଏ ଏଭଳି ସ୍ଥିତିରେ ପହଞ୍ଚାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରେ ଭାଜପା ସରକାର ହୋଇଛି। ଆଜି ମନ୍ତ୍ରୀମାନେ ଲୋକସେବା ଭବନ ନୁହେଁ, ଗାଁରେ ବୁଲୁଛନ୍ତି। ‘ଦାନା’ ବାତ୍ୟା ବେଳେ ମଧ୍ୟ ଗ୍ରାଉଣ୍ଡରେ ମନ୍ତ୍ରୀମାନେ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




# ଜୋର୍ ଧରିଲା ପାୱାର ପରିବାର ଏକାଠିହେବା ଚର୍ଚ୍ଚା

ମୁମ୍ବାଇ, ୨।୧

ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ଏନ୍‌ସିପି(ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାର ଏକାଠି ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବୁଧବାର ଅଜିତଙ୍କ ମା’ ଆଶାତାଇ ପଣ୍ଡରପୁରର ରୁକ୍ମିଣୀ-ବିଥଲ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି, ପାୱାର ପରିବାରରେ ରହିଥିବା ସମସ୍ତ ବିବାଦ ଶେଷ ହେଉ। ଏନେଇ ସେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ରାଜନୈତିକ ବିବାଦ ଶେଷକରି ତାଙ୍କ ପୁଅ ଅଜିତ ଏବଂ ଦିଅର ଶରଦ ପୁଣି ଥରେ ଏକାଠି ହୁଅନ୍ତୁ ବୋଲି ତାଙ୍କର ପ୍ରାର୍ଥନା ସଫଳ ହେବ। ଆଶାତାଇଙ୍କ ମନ୍ତବ୍ୟକୁ ନେଇ ବରିଷ୍ଠ ଏନ୍‌ସିପି ନେତା ପ୍ରଫୁଲ ପଟେଲ କହିଛନ୍ତି, ରାଜନୈତିକ ଭାବେ ଅଲଗା ହେବା ପରେ ମଧ୍ୟ ଅଜିତ ଓ ତାଙ୍କ ନେତୃତ୍ୱାଧୀନ ଏନ୍‌ସିପିର ସବୁ ନେତା ଓ କର୍ମୀ ଶରଦଙ୍କୁ ଯଥେଷ୍ଟ ସମ୍ମାନ ଦିଅନ୍ତି। ସେ ଆମ ପାଇଁ ପିତୃ ତୁଲ୍ୟ। ଯଦି ପାୱାର ପରିବାର ଏକାଠି ହୁଅନ୍ତି, ତେବେ ଏଥିରେ ତାଙ୍କ ସହ ଏନ୍‌ସିପିର ସମସ୍ତ ନେତା ଓ କର୍ମୀ ଖୁସିହେବେ। ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ଥିବା ଏନ୍‌ସିପି ନେତା ନରହରି ଜିର୍‌ୱାଲ କହିଛନ୍ତି, ଶରଦ ଏବଂ ଅଜିତ ଏକାଠି ହେଲେ ଏନ୍‌ସିପି ଅଧିକ ଶକ୍ତିଶାଳୀ ହେବ। ଏନ୍‌ସିପି ବିଭାଜିତ ହୋଇଥିବାରୁ ତାଙ୍କ ଭଳି ଅନେକ ଦଳୀୟ କର୍ମୀ ଦୁଃଖିତ ଅଛନ୍ତି।

# ଠିକ୍ ସମୟରେ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୨।୧(ଅନିଲ ଦାସ)

ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯାଉ। ଉପଯୁକ୍ତ ତଦନ୍ତ ସହ ନିର୍ଦ୍ଦିଷ୍ଟ ସମୟରେ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦାବି କରିଛନ୍ତି। ଚାଷୀଙ୍କୁ ପାଣିପାଗ ନେଇ ମଧ୍ୟ ସମୟ ପୂର୍ବରୁ ସଚେତନ କରିବାକୁ ସେ ଦାବି କରିଛନ୍ତି। ଏ ନେଇ ନବୀନ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି, ଗତ ଡିସେମ୍ବର ୩୦ ଓ ୩୧ ଦୁଇଦିନ ଧରି ସେ ଗଞ୍ଜାମ, ପୁରୀ, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରେ ଅଦିନିଆ ବର୍ଷାରେ ପ୍ରଭାବିତ ହୋଇଥିବା ଚାଷୀଙ୍କୁ ଭେଟିଥିଲେ। ଅମଳ ପୂର୍ବରୁ ବର୍ଷା ସବୁ ଫସଲ ଉଜାଡ଼ି ଦେଇଥିବାରୁ ଚାଷୀ ପରିବାର ମନସ୍ତାପ ମଧ୍ୟରେ ଅଛନ୍ତି। ଗସ୍ତ ସମୟରେ ନବୀନଙ୍କୁ ଚାଷୀମାନେ ତାଙ୍କ କଷ୍ଟ ଓ ଦୁର୍ଦ୍ଦଶା ସମ୍ପର୍କରେ ଜଣାଇଥିଲେ। ଫସଲ ନଷ୍ଟ ପାଇଁ ଚାଷୀମାନେ ଯେପରି ଆତ୍ମହତ୍ୟା କରୁଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେ ନିଜେ ମଧ୍ୟ ଜଗତ୍‌ସିଂହପୁର ବାଲିକୁଦା ବ୍ଲକର ଆତ୍ମହତ୍ୟା କରିଥିବା ଚାଷୀ କୃତ୍ତିବାସ ସ୍ୱାଇଁଙ୍କ ପରିବାରକୁ ଭେଟିଥିଲେ। ସେମାନଙ୍କ ଆତ୍ମବିଶ୍ୱାସକୁ ଫେରାଇ ଆଣିବାକୁ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ନବୀନ ଦାବି କରିଛନ୍ତି।





















## ୫ରୁ 'କାଦମ୍ବିନୀ'ର ବାର୍ଷିକ ସାହିତ୍ୟ ମହାକୁମ୍ଭ

ଭୁବନେଶ୍ୱର,୨।୧(ସୌମ୍ୟରଞ୍ଜନ ରାଉତ)

'କାଦମ୍ବିନୀ'ର ବାର୍ଷିକ ସାହିତ୍ୟ ମହାକୁମ୍ଭ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକାହାଟ' ଆସନ୍ତା ୫ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହିଅବସରରେ ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସର୍ବଭାରତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ମରାଠୀ ସାହିତ୍ୟିକ ଡ. ଜ୍ଞାନେଶ୍ୱର ମୁଳେଙ୍କୁ ଚଳିତବର୍ଷର ସମ୍ମାନଜନକ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ସେହିଭଳି 'ପରାଗ'ର ସମ୍ପାଦକ ବନମାଳୀ ସେନାପତି ଏବଂ 'କାବ୍ୟଲୋକ'ର ସମ୍ପାଦକ ଭିକାରୀ ଧଳଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ସାହିତ୍ୟିକ ରମେଶ ପ୍ରସାଦ ପାଣିଗ୍ରାହୀ, ଜୟକୃଷ୍ଣ ସାମଲ, ଶୈଳଜା କୁମାରୀ, ଅପରାଜିତା ମହାନ୍ତି ଓ ପ୍ରଭାକର ଶତପଥୀଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା'ରେ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଇନ୍ଦିରା ଗାନ୍ଧୀ ଜାତୀୟ କଳାକେନ୍ଦ୍ରର ସଦସ୍ୟ ସଚିବ ଡ. ସଚ୍ଚିଦାନନ୍ଦ ଯୋଶୀ, ମୁଖ୍ୟବକ୍ତା ଭାବେ ଚଳଚ୍ଚିତ୍ର ଓ ଟେଲି ଅଭିନେତା ଚନ୍ଦ୍ରପ୍ରକାଶ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶାର ସାହିତ୍ୟିକା ବନଜ ଦେବୀ, ଲେଖିକା ତଥା ସମ୍ପାଦିକା ନୀନା ବର୍ମା ଏବଂ ଲେଖକ ତଥା ଅଭିନେତା ଅଖିଳେନ୍ଦ୍ର ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ୧୨ରେ 'ରଙ୍ଗଶୁର' ମୁକ୍ତିଲାଭ

ଭୁବନେଶ୍ୱର,୨।୧ (ସୌମ୍ୟରଞ୍ଜନ ରାଉତ)

ଆସନ୍ତା ୧୨ ତାରିଖରେ ଓଡ଼ିଆ ଚଳଚ୍ଚିତ୍ର 'ରଙ୍ଗଶୁର' ମୁକ୍ତିଲାଭ କରିବ। ପ୍ରଯୋଜନା ସଂସ୍ଥା ତରଫରୁ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମରେ ଏହାର ପ୍ରଯୋଜକ ସଚ୍ଚିକାନ୍ତ ଜେନା ଓ ପ୍ରଶାନ୍ତ ବେହେରାଙ୍କ ସମେତ ବିନି ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରତାପ ରାଉତ, କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ଅଭିନେତା ସମରେଶ ରାଉତରାୟ, ଶୁଭାଶିଷ ଶର୍ମା (ମଣ୍ଟୁ), ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଶୁଭଶ୍ରୀ ନାୟକ ଏବଂ ସମ୍ବିତ୍ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମୁନ୍ ଟିଭି ଓ ପ୍ରକାଶ ଫିଲ୍ମସ୍ ପ୍ରଯୋଜିତ ଏବଂ ମ୍ୟାକ୍ସିମିଆ ଫିଲ୍ମ ଏହାର ସହ-ପ୍ରଯୋଜନା ଭାର ସମ୍ଭାଳିଛନ୍ତି। ଏହାର ସହପ୍ରଯୋଜନା କରିଛନ୍ତି ସୁନୀଲ ଯାଦବ ଓ ପ୍ରତାପ ରାଉତ। କାହାଣୀ, ଚିତ୍ରୋତ୍ତୋଳନ ଓ ନିର୍ଦ୍ଦେଶନାରେ ଅଛନ୍ତି ଟେକ୍ନିସିଆନ ପ୍ରତାପ ରାଉତ। ଏହି ଚଳଚ୍ଚିତ୍ରଟି ଓଡ଼ିଆ ପରମ୍ପରାର ଏକ ପ୍ରାଚୀନ ତଥା ବିଲୁପ୍ତପ୍ରାୟ ଲୋକକଳା ନୃତ୍ୟ ବାଘନାଚ ଉପରେ ଆଧାରିତ ବୋଲି ସୂଚନା ଦିଆଯାଇଛି।

# ରେଳ ଧାରଣାରୁ ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ

ଭୁବନେଶ୍ୱର,୨।୧(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପୁନମ୍ ଗେଟ ନିକଟ ରେଳ ଧାରଣାରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଗୁରୁବାର ମିଳିଛି। ମୃତକ ହେଲେ ଲିଙ୍ଗରାଜ ମନ୍ଦିର ନିକଟ କୁଞ୍ଜପାଟଣା ସାହିର ସ୍ୱରାଜ ବେହେରା(୨୫)। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ ମାରଣାସ୍ତ୍ରରେ ଆକ୍ରମଣ ଯୋଗୁଁ ସ୍ୱରାଜଙ୍କ ଶରୀରରେ ବିଭିନ୍ନ କ୍ଷତ ଚିହ୍ନ ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାର ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି ।

**ହତ୍ୟା ଅଭିଯୋଗ ଆଣି ରାସ୍ତାରୋକୋ କଲେ ପରିବାର ଲୋକେ**





ଏଥିସହ ହତ୍ୟା ପରେ ଦୁର୍ଘଟଣାର ରୂପ ଦେବାକୁ ରେଳଧାରଣାରେ ଫିଙ୍ଗିଦେଇଥିବା ଅଭିଯୋଗ ଆଣି ଲିଙ୍ଗରାଜ ଓ ଜିଆରପି ଥାନାରେ ପରିବାର ପକ୍ଷରୁ ଏତଲା ଦିଆଯାଇଛି। ଅଭିଯୋଗ ଆଧାରରେ ଜିଆର୍‌ପି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଘଟଣାର ଠିକ୍ ତଦନ୍ତ ସହ ନ୍ୟାୟ ଦାବିରେ ପରିବାର ଓ ସମ୍ପର୍କୀୟ ମୃତଦେହକୁ ଧରି ପୁରୁଣା ଭୁବନେଶ୍ୱର ରଥରୋଡ ଛକରେ ଟାୟାର ଜାଳି ରାସ୍ତାରୋକୋ କରିବାରୁ କିଛି ସମୟ ଉତ୍ତେଜନା ପ୍ରକାଶ ପାଇବା ସହ ସମ୍ପୃକ୍ତ ଅଞ୍ଚଳରେ ଟ୍ରାଫିକ୍ ଜାମ୍ ହୋଇଥିଲା। ଲିଙ୍ଗରାଜ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ବହୁ ବୁଝାଶୁଝା କରିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କେସ ୟୁଟର୍ନ ସହ ମାମଲା ରୁଜୁ କରି ଘଟଣାର ତଦନ୍ତ ହେବାକୁ କହିବାରୁ ଲୋକମାନେ ଧାରଣାରୁ ହଟିଥିଲେ ।

ମୃତକଙ୍କ ପରିବାର ଲୋକଙ୍କ ସୂଚନାନୁସାରେ ମୃତକ ସ୍ୱରାଜ ବୁଧବାର ରାତିରେ ସାଙ୍ଗମାନଙ୍କ ସହ ଭୋଜି କରି ଆଉ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ ସ୍ୱରାଜଙ୍କ କ୍ଷତାକ୍ତ ମୃତଦେହ ପୁନମ ଗେଟ ନିକଟସ୍ଥ ରେଳଧାରଣାରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ସ୍ୱରାଜଙ୍କ ପରିବାର ଓ ସମ୍ପର୍କୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସ୍ୱରାଜ ରକ୍ତାକ୍ତ ଅବସ୍ଥାରେ ପଡିଥିବା ଦେଖି ଚକିତ ହୋଇଯାଇ ହତ୍ୟା ଅଭିଯୋଗ ଆଣିଥିଲେ। ଜିଆରପି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ପରିବାର ଲୋକେ ହତ୍ୟା ଅଭିଯୋଗ ବାବଦରେ ସକାଳ ୮ଟାରୁ ୧୨ ଟା ପର୍ଯ୍ୟନ୍ତ ଏୟାରପୋର୍ଟ ଓ ଜିଆରପି ଥାନା ଦୌଡ଼ିଥିଲେ। ଦୁଇ ଥାନା ପ୍ରଥମେ ଅଭିଯୋଗ ରଖିବାକୁ ମନା କରିବାରୁ କେଉଁ ଥାନାରେ ଅଭିଯୋଗ କରିବେ, ସେନେଇ ପରିବାର ଲୋକେ ବହୁହଟହଟା ହୋଇଥିଲେ। ବହୁ ବାଦ ବିବାଦ ପରେ ଜିଆର୍‌ପି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା।

## ଶୋଇବା ଘରେ ଯୁବକଙ୍କ ଝୁଲନ୍ତା ମୃତଦେହ

ବାରଙ୍ଗ,୨।୧(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ଫକିରପଡ଼ା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଘରୁ ଝୁଲନ୍ତା ଅବସ୍ଥାରେ ଜବତ ହୋଇଛି। ମୃତକ ହେଲେ ବିଶାଲ ଭଟ୍ଟ(୨୨)। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୧/୨୫) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବିଶାଲ ଅପରାହ୍ନ ୪ଟା ୩୦ ସମୟରେ ନିକଟ ଗ୍ରାମର ଜଣେ ସାଙ୍ଗଙ୍କୁ ଭିଡିଓ କଲ୍ କରିଥିଲେ। ସେଥିରେ ତାଙ୍କ ମାନସିକ ଅବସ୍ଥା ଠିକ୍ ନାହିଁ କହି କଲ୍ କାଟି ଦେଇଥିଲେ। ପରେ ତାଙ୍କ ସାଙ୍ଗ ବିଶାଲ ଘରେ ପହଞ୍ଚି ପରିବାର ଲୋକଙ୍କୁ ସବୁକଥା କହିଥିଲେ। ପରିବାର ଲୋକେ ବିଶାଲଙ୍କ ବନ୍ଦ ଥିବା ଶୋଇବା ଘର କବାଟ ଭାଙ୍ଗିବାରୁ ତାଙ୍କୁ ଫ୍ୟାନ୍‌ରେ ଏକ ଗାମୁଛା ସାହାଯ୍ୟରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ବିଶାଲଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରୁ ଖବରପାଇ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

## ଭିକ୍ଷୁକଙ୍କୁ ସ୍ୱାବଲମ୍ବୀ ହେବାକୁ ବୁଝାଇଲା ଓଡ଼ିଶା ପତିତ ଉଦ୍ଧାର ସମିତି

ଭୁବନେଶ୍ୱର, ୨।୧(ବନ୍ଦନା ସେଠୀ)

ରାଜଧାନୀକୁ ଭିକ୍ଷାମୁକ୍ତ ସହର କରିବା ପ୍ରୟାସର ଏକ ଅଂଶ ସ୍ୱରୁପ ବିଭିନ୍ନ ପଦକ୍ଷେପ ନେଉଛି ପତିତ ଉଦ୍ଧାର ସମିତି। ଏହି କ୍ରମରେ ଗୁରୁବାର ସମିତି ପକ୍ଷରୁ ରାମ ମନ୍ଦିର ସମ୍ମୁଖରେ ବସି ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ସଚେତନ କରାଯାଇଥିଲା। ସମିତିର ସମ୍ପାଦକ ଆଭାରାଣୀ ଚୌଧୁରୀଙ୍କ ସମେତ କର୍ମଚାରୀମାନେ ମିଳିତ ଭାବେ ଭିକ୍ଷୁକଙ୍କ ପାଖକୁ ଯାଇ ସେମାନଙ୍କ କଥା ହୋଇଥିଲେ। ଏଭଳି ଭିକ୍ଷାବୃତ୍ତି ନ କରି ସ୍ୱାବଲମ୍ବୀ ହୋଇ ସମ୍ମାନର ସହ ବଞ୍ଚିବା ପାଇଁ ପରାମର୍ଶ ଦେଇଥିଲେ। ସହରକୁ ଭିକ୍ଷୁକ ମୁକ୍ତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏଭଳି ସଚେତନମୂଳକ କାର୍ଯ୍ୟକୁ ଦେଖି ସେଠାକୁ ଆସିଥିବା ଶ୍ରଦ୍ଧାଳୁମାନେ ସମିତିର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଭଞ୍ଜକଳା ମଣ୍ଡପରେ ଆୟୋଜିତ ଓଡ଼ିଶା ନାଟ୍ୟ ସଂଘର ନାଟକ ପରିକ୍ରମା 'ନାଟ୍ୟଧାରା'ରେ ଢେଙ୍କାନାଳର ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର ପକ୍ଷରୁ ପରିବେଷିକ ନାଟକ 'ଗିର୍‌ଗିଟ୍'ର ଏକ ଦୃଶ୍ୟ। (ଫଟୋ- ବିକାଶ ନାୟକ)

## ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣକୁ ନେଇ ଗୋଷ୍ଠୀ ସଂଘର୍ଷ, ୧୦ ଆହତ

କଣାସ,୨।୧(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ଥାନା ପାଣ୍ଡିଆକେରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶିମିଳିପାଟଣା ଗ୍ରାମରେ ଗୁରୁବାର ରାତିରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣକୁ ନେଇ ୨ ରାଜନୈତିକ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ କଣାସ ଓ ଡେଲାଙ୍ଗ ଥାନା ଆଇଆଇସି, ପିପିଲି ଏସ୍‌ଡିପିଓ ପହଞ୍ଚି ତଦନ୍ତ କରୁଛନ୍ତି।

ସୂଚନା ଅନୁଯାୟୀ, ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଅର୍ଥ ବରାଦ ହେବା ପରେ ୨ ଗୋଷ୍ଠୀର ବ୍ୟକ୍ତିମାନେ ଗୃହ ନିର୍ମାଣ କରିବା ସକାଶେ ଗୁରୁବାର ରାତ୍ରି ୯ଟାରେ ଜିଦ୍ ଧରି ବସିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣା କରିବାରୁ ସଂଘର୍ଷ ଘଟିଥିଲା। ଖବରପାଇ ଘଟଣାସ୍ଥଳରେ ପ୍ରଥମେ କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଝୁଝାରସିଂ ଓ ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ତେବେ ଉତ୍ତେଜନା ଲାଗିରହିବାରୁ ସେମାନେ ପିପିଲି ଏସ୍‌ଡିପିଓଙ୍କୁ ଖବର ଦେଇଥିଲେ। ପିପିଲି ଏସ୍‌ଡିପିଓ ବିଷ୍ଣୁଚରଣ ପତି ପହଞ୍ଚି ଉଭୟ ପକ୍ଷକୁ ବୁଝାଶୁଝା କରିବା ସହ ପୋଲିସ ଫୋର୍ସ ମଗାଇ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

## ସାଧାରଣ ପ୍ରଶାସନ ବିଭାଗ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୨।୧ (ବନ୍ଦନା ସେଠୀ)

ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ବରିଷ୍ଠ ଅଧିକାରୀ ବିଜୟ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମଚାରୀ ନିରଞ୍ଜନ ବସ୍ତାଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଭାଗର ଅର୍ଥ ପରାମର୍ଶଦାତା ସାଗରିକା ହୋତା, ଅତିରିକ୍ତ ଶାସନ ସଚିବ ଶଶାଙ୍କ ଶେଖର ଦାସ, ଦେବବ୍ରତ ମଲ୍ଲିକ, ଯୁଗ୍ମଶାସନ ସଚିବ ଗାୟତ୍ରୀ ଦେବୀ, ଅଞ୍ଜନ କୁମାର ଦାସ ଅତିରିକ୍ତ ଭୂମି ଅଧିକାରୀ ତନୁଶ୍ରୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅବସର ଗ୍ରହଣ କରିଥିବା ନିରଞ୍ଜନଙ୍କ କର୍ମମୟ ଜୀବନ ସମ୍ପର୍କରେ ବକ୍ତାମାନେ କହିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଅମୀୟ କୁମାର ଦାସ ଓ ସାଧାରଣ ସମ୍ପାଦକ ନଳିନୀକାନ୍ତ ଶର୍ମା ସଭା ପରିଚାଳନା କରିଥିଲେ।

## ଶିମିଳିପାଳ ଏନ୍‌କ୍ଲୋଜରରେ ସୁସ୍ଥ ଅଛି ଜିନ୍ନତ: ମନ୍ତ୍ରୀ

ଭୁବନେଶ୍ୱର,୨।୧(ବନ୍ଦନା ସେଠୀ)

**ଖୁବ୍‌ଶୀଘ୍ର ଓଡ଼ିଶା ଆସିବେ ଆଉ ୩ ମହାବଳ ବାଘ**

ପଶ୍ଚିମବଙ୍ଗରେ ଟ୍ରାଙ୍କୁଲାଇଜ୍ କରି ଧରିବା ପରେ ବାଘୁଣୀ 'ଜିନ୍ନତ'କୁ ଶିମିଳିପାଳ ଅଣାଯାଇ ଏନ୍‌କ୍ଲୋଜରରେ ରଖାଯାଇଛି। ସେ ବର୍ତ୍ତମାନ ସୁସ୍ଥ ଅଛି। ଜଳକ୍ରୀଡ଼ା କରିବା ସହ ସ୍ୱାଭାବିକ ଭାବେ ଖାଦ୍ୟ ଖାଉଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସୂଚନା ଦେଇଛନ୍ତି। ଜିନ୍ନତ ଏବେ ଚହଲା ଏନ୍‌କ୍ଲୋଜରରେ ଅଛି। ତାକୁ ଶିମିଳିପାଳର ଦକ୍ଷିଣ କିମ୍ବା ଉତ୍ତର ଭାଗରେ ଛଡାଯିବ। ଯମୁନା ଦକ୍ଷିଣ ଭାଗରେ ରହିଛି। ସେଠାକାର ପରିବେଶ ବେଶ୍ ଭଲ ରହିଛି। ସେହି ଦୃଷ୍ଟିରୁ ଜିନ୍ନତକୁ ମଧ୍ୟ ସେଠାରେ ଛଡାଯିବ ବୋଲି ଚିନ୍ତା କରାଯାଉଛି। ମାତ୍ର ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଅଣାଯିବା ସହିତ ପିସିସିଏଫ୍‌ଙ୍କ ସ୍ତରରେ ନିଷ୍ପତ୍ତି ନିଆଯିବ। ସେହିପରି ଓଡ଼ିଶା ଆସିବାକୁ ଥିବା ୫ ମହାବଳ ବାଘ ଭିତରୁ ଯମୁନା ଓ ଜିନ୍ନତ ଆସି ସାରିଛନ୍ତି। ଖୁବ୍‌ଶୀଘ୍ର ଆଉ ୩ ମହାବଳ ବାଘ ଓଡ଼ିଶା ଆସିବେ। ଏନେଇ ଆଲୋଚନା ଜାରି ରହିଛି। ସେମାନଙ୍କୁ ଦେବ୍ରିଗଡ଼ ଅଭୟାରଣ୍ୟରେ ଛଡ଼ାଯିବ। ଯମୁନା ଓ ଜିନ୍ନତ ପରିବେଶ ସହିତ ସମ୍ପୂର୍ଣ୍ଣ ଭାବେ ଖାପ ଖୁଆଇବା ପରେ ପରବର୍ତ୍ତୀ ସମୟରେ ଆଉ ୩ ମହାବଳ ବାଘ ଆଣିବାକୁ ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ନିଶାମୁକ୍ତ ସମାଜ ପାଇଁ ସଙ୍କଳ୍ପ ନେଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୨।୧(ସୁଚିସ୍ମିତା ସାହୁ)



ନିଶାସେବନ ବିରୋଧରେ ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ଅଣ୍ଟା ଭିଡିଛି। ଗୁରୁବାର ନିକୋ ପାର୍କ ରାସ୍ତାରେ ଆଣ୍ଟି ଡ୍ରଗ୍ କ୍ୟାମ୍ପେନ ଅନୁଷ୍ଠିତ ହୋଇଯାଇଛି। ମୀର୍ ଅହମ୍ମଦ ଅଲ୍ଲୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ଶିଳ୍ପାଞ୍ଚଳ ସୁରକ୍ଷା ବଳର ଡେପୁଟି କମାଣ୍ଡାଣ୍ଟ ଲଳିତେନ୍ଦୁମହାନ୍ତି, ଅଭିନେତା ଚନ୍ଦନ କର, ହାସ୍ୟ ଅଭିନେତା ଜ୍ଞାନ ବାରିକ, ଅଭିନେତ୍ରୀ ସୁରଭି ପ୍ରିୟଦର୍ଶିନୀ, ସାମାଜିକ କର୍ମୀ ନିରୋଜାଲକ୍ଷ୍ମୀ ମହାପାତ୍ର, ହର ପ୍ରସାଦ ମହାପାତ୍ର ଓ ବିଦ୍ୟୁଜା ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଅଭିଯାନରେ ୧୭୦ରୁ ଊର୍ଦ୍ଧ୍ୱ କଲେଜ ଛାତ୍ରୀଛାତ୍ର, ସାମାଜିକ କର୍ମୀ ଉପସ୍ଥିତ ରହି ନିଶାମୁକ୍ତ ସମାଜ ପାଇଁ ସଂକଳ୍ପ ନେଇଥିଲେ। ଛାତ୍ରୀଛାତ୍ରମାନେ ପଦଯାତ୍ରାରେ ବାହାରି ନିଶାସେବନ କ୍ୟାନ୍‌ସରର କାରଣ, ନିଶା ଛାଡ଼ନ୍ତୁ ଜୀବନ ବାଛନ୍ତୁ, ନିଶାକୁ ନା ପ୍ରମୁଖ ସ୍ଲୋଗାନ ଦେଇ ନିକୋ ପାର୍କ, ଶାସ୍ତ୍ରୀନଗର, ମଧୁସୂଦନ ନଗର ଆଦି ଅଞ୍ଚଳ ପରିକ୍ରମା କରିଥିଲେ। ଲିଙ୍ଗରାଜ ସାହୁ, ସରୋଜ କୁମାର ପ୍ରଧାନ, ମନୋଜ କୁମାର ଜେନା, ଭାଗ୍ୟଶ୍ରୀ ମହାନ୍ତି, ବିଷ୍ଣୁପ୍ରସାଦ ସାହୁ, ବିନୋଦ ରାଉତ, ତାପସ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତବର୍ଷ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିଶା ବିରୋଧରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଛି।

## ୨୭ ଭାଗ ସଂରକ୍ଷଣ ଦାବି କଲା ରାଜ୍ୟ ଓବିସି ଫୋରମ

ଭୁବନେଶ୍ୱର,୨।୧(ସୁଚିସ୍ମିତା ସାହୁ)

**ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ**

ଦୁଇବର୍ଷ ଭିତରେ ରାଜ୍ୟରେ ଖାଲିଥିବା ୧ଲକ୍ଷ ୧୦ହଜାର ୫୫୭ ପଦବୀରୁ ୬୫ହଜାର ପଦବୀ ପୂରଣ କରାଯିବ। ବୁଧବାର ଅନୁଷ୍ଠିତ ବିଭିନ୍ନ ନିଯୁକ୍ତି ଆୟୋଗ ଅଧ୍ୟକ୍ଷଙ୍କ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ସୂଚନା ଦେଇଥିଲେ। ତେବେ ଏହାକୁ ନେଇ ଓବିସି ଫୋରମ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖାଯାଇଛି। ସେଥିରେ ଫୋରମ୍‌ର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ଉଲ୍ଲେଖ କରିଛନ୍ତି ଯେ, ଏହି ନିଯୁକ୍ତି ପ୍ରକ୍ରିୟାରେ ରାଜ୍ୟର ବହୁ ଓବିସି ବର୍ଗର ପ୍ରାର୍ଥୀ ବଞ୍ଚିତ ହେବେ। ମାତ୍ର ୭୩୧୨ ଓବିସି ପ୍ରାର୍ଥୀ ନିଯୁକ୍ତି ପାଇବେ। ତେଣୁ ଏହା ପୂର୍ବରୁ ରାଜ୍ୟ ସରକାର ଓବିସି ବର୍ଗ ଲାଗି ୧୧.୨୫ ପ୍ରତିଶତ ବଦଳରେ କେନ୍ଦ୍ର ସରକାରଙ୍କ ଭଳି ୨୭% ସଂରକ୍ଷଣ ସୁନିଶ୍ଚିତ କରନ୍ତୁ। ଏହା ଲାଗୁ ହେଲେ ଏହି ବର୍ଗର ୧୭ ହଜାର ୫୫୦ଜଣ ପ୍ରାର୍ଥୀ ନିଯୁକ୍ତି ସୁଯୋଗ ପାଇପାରିବେ। ନଚେତ ୧୦ ହଜାର ୨୩୮ ଓବିସି ବର୍ଗର ପ୍ରାର୍ଥୀ ଚାକିରି ପାଇବାରୁ ବଞ୍ଚିତ ହେବେ। ଏଥିସହ ମେଡ଼ିକାଲ, ଇଞ୍ଜିନିୟରିଂ ସମେତ କଲେଜ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖା ଓ ପଞ୍ଚାୟତିରାଜ, ଜିଲା ପରିଷଦ ନିର୍ବାଚନରେ୨୭ ଭାଗ ଓବିସି ସ୍ଥାନ ସଂରକ୍ଷଣ କରିବାକୁ ସେ ଦାବି କରିଛନ୍ତି। ଏହା ବ୍ୟତୀତ ବିଜେଡି ସରକାର ସମୟରେ ହୋଇଥିବା ଓବିସି ସର୍ବେକ୍ଷଣ ରିପୋର୍ଟ ପ୍ରକାଶ କରିବାକୁ ଫୋରମ ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ପ୍ରବାସୀ ଭାରତୀୟ ଦିବସ ପାଇଁ ବୁଲା କୁକୁରଙ୍କ ଉପରେ ବିଏମ୍‌ସିର ଅତ୍ୟାଚାର

ଭୁବନେଶ୍ୱର, ୨।୧ (ବନ୍ଦନା ସେଠୀ)

**ପ୍ରଧାନମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଲା ପିପୁଲ୍ସ ଫର୍ ଆନିମଲ୍**

ଜାନୁଆରୀ ୮ ଓ ୯ରେ ଭୁବନେଶ୍ୱରରେ ହେବାକୁ ଥିବା ଦୁଇଦିନିଆ ପ୍ରବାସୀ ଭାରତୀୟ ଦିବସ ସମାରୋହ ପାଇଁ ବିଏମ୍‌ସି ରାସ୍ତାକଡ଼ କୁକୁରଙ୍କ ଉପରେ ଅତ୍ୟାଚାର କରୁଛି। ସୌନ୍ଦର୍ଯ୍ୟକରଣ ନାମରେ ସେମାନଙ୍କୁ ସ୍ଥାନାନ୍ତର କରାଯାଉଛି। ଦୀର୍ଘ ୧୫ଦିନ ଧରି ବିଭିନ୍ନ ସ୍ଥାନରୁ ୪୫୦ରୁ ଊର୍ଦ୍ଧ୍ୱ କୁକୁରଙ୍କୁ ସ୍ଥାନାନ୍ତର କରାଯାଇ ମଞ୍ଚେଶ୍ୱରସ୍ଥିତ କୁକୁର ବନ୍ଧ୍ୟାକରଣ କେନ୍ଦ୍ରରେ ରଖାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, କୁକୁରମାନଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ କରିବା ଆଇନ ବିରୁଦ୍ଧ। ମାତ୍ର ବିଏମ୍‌ସି ନିରୀହ କୁକୁରଙ୍କ ଉପରେ ଅତ୍ୟାଚାର କରୁଛି ବୋଲି ପିପୁଲ୍ସ ଫର୍ ଆନିମଲର ରାଜ୍ୟ ସଭାପତି ଜୀବନ ବଲ୍ଲଭ ଦାସ ଗୁରୁବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସେହିପରି ବିଏମ୍‌ସିର ଏଭଳି କାର୍ଯ୍ୟଧାରାକୁ ବିରୋଧ କରି ସଂସ୍ଥା ପକ୍ଷରୁ ପ୍ରଧାନମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ବିଏମ୍‌ସିକୁ ଚିଠି ଲେଖାଯାଇଛି। ବିଭିନ୍ନ ରାସ୍ତାଘାଟରୁ କୁକୁରଙ୍କୁ ଉଠାଇ ନେଇ ମଞ୍ଚେଶ୍ୱରସ୍ଥିତ ହସ୍ପିଟାଲରେ ରଖାଯାଉଥିଲେ ମଧ୍ୟ ଉପଯୁକ୍ତ ଖାଦ୍ୟ, ପାନୀୟ ଜଳ ଦିଆଯାଉ ନ ଥିବାରୁ ସେମାନେ ଭୋକରେ ରହୁଛନ୍ତି। ଚିକିତ୍ସା ଅଭାବରୁ ଦୁର୍ବଳ ହେବାରେ ଲାଗିଛନ୍ତି। କୁକୁରଙ୍କର ଏବେ ପ୍ରଜନନ ସମୟ ଚାଲିଥିବାରୁ କୁନିକୁନି ଛୁଆଙ୍କଠାରୁ ସେମାନଙ୍କ ମା'ମାନଙ୍କୁ ଛଡାଇ ନିଆଯାଉଛି। ଫଳରେ କ୍ଷୀର ନ ପାଇ ଅନେକ ଛୁଆ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଭଳି କାର୍ଯ୍ୟକରି ବିଏମ୍‌ସି ଅଧିକାରୀ 'ଜୀବେ ନିଷ୍ଠୁରତା ନିରୋଧ ଆଇନ'ର ଉଲ୍ଲଂଘନ କରୁଛି। ତେଣୁ କୁକୁରଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ବନ୍ଦ କରାଯାଉ। ଏଥିସହ ମଞ୍ଚେଶ୍ୱରଠାରେ ରଖାଯାଇଥିବା କୁକୁରଙ୍କୁ ସେମାନଙ୍କ ପୂର୍ବ ସ୍ଥାନରେ ଛାଡିଦେବାକୁ ଦାବି କରାଯାଇଛି। ଏନେଇ ଓଡ଼ିଶା ଜୀବେ ନିଷ୍ଠୁରତା ନିରୋଧ ଅନୁଷ୍ଠାନର ସ୍ଥାୟୀ ସଦସ୍ୟ ଡା. ତ୍ରୈଲୋକ୍ୟ ନାଥ ମହାରଣା, ପ୍ରାଣୀ ସ୍ୱେଚ୍ଛାସେବୀ ସୋନାଲ କବି, ଖୋର୍ଦ୍ଧା ଏସ୍‌ପିସିଏ କାର୍ଯ୍ୟକାରୀ କମିଟି ସଦସ୍ୟ ସନ୍ତୋଷ ଦାସ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ବାଣୀବିହାର ଛକରୁ ହଟିଲା ଉଠାଦୋକାନ

**ପ୍ରତିବାଦରେ ୭ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବ ମହାସଂଘ**

ଭୁବନେଶ୍ୱର, ୨।୧(ବନ୍ଦନା ସେଠୀ)




ପ୍ରବାସୀ ଭାରତୀୟ ଦିବସ ସମାରୋହ ପାଇଁ ରାଜଧାନୀ ଭୁବନେଶ୍ୱରର ସୌନ୍ଦର୍ଯ୍ୟକରଣ ସହ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଉଛି। ଏହିକ୍ରମରେ ଗୁରୁବାର ବାଣୀବିହାର ଛକରେ ଫୁଟ୍‌ପାଥରେ ଗଢ଼ି ଉଠିଥିବା ଅସ୍ଥାୟୀ ଦୋକାନ ବଜାରକୁ ଉଚ୍ଛେଦ କରାଯାଇଛି। ବିଡିଏ ଓ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ପୋଲିସ ସହ ପହଞ୍ଚି ୫୦ ଉଠାଦୋକାନକୁ ଭାଙ୍ଗି ଦେଇଥିଲା। ଏହି କାର୍ଯ୍ୟରେ ୫ଟି ବୁଲ୍‌ଡୋଜର ନିୟୋଜିତ ଥିଲା। ଦୋକାନୀମାନେ ବ୍ୟବସାୟ କରିବାକୁ ଆସିବାବେଳକୁ ସେମାନଙ୍କ ଦୋକାନ ମାଟିରେ ମିଶି ସାରିଥିଲା। ଦୋକାନରେ ଥିବା ଜିନିଷପତ୍ର ଓ ଆସବାବପତ୍ର କାଢ଼ି ନ ପାରି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଉଚ୍ଛେଦ ସମୟରେ ଓମ୍‌ଫେଡ୍ ବ୍ୟବସାୟୀ ଅଶୋକ ପାଇକରାୟଙ୍କ ଦୋକାନରେ ଥିବା ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବାବେଳେ ଅନ୍ୟ ଦୋକାନୀମାନଙ୍କ ପ୍ରାୟ ୫୦ଲକ୍ଷ ଟଙ୍କାରୁ ଅଧିକ ସାମଗ୍ରୀ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି, ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପାଇଁ ଭୁବନେଶ୍ୱରର ଗରିବ ଲୋକଙ୍କୁ ବଳି ପକାଉଛନ୍ତି ରାଜ୍ୟ ସରକାର। ପ୍ରତିବାଦ ସ୍ୱରୂପ ୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ।

**କୁରାଢ଼ମଲ୍ଲ କ୍ରିକେଟ: ଗଙ୍ଗପଡ଼ା ବିଜୟୀ**

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁରାଢ଼ମଲ୍ଲ ମା' ବାଉତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲରେ ଗଙ୍ଗପଡ଼ା ଟିମ୍ ବିଜୟୀ ହୋଇଛି । ଗୁରୁବାର ଜରିପୁଟ ଓ ଗଙ୍ଗପଡ଼ା ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଗଙ୍ଗପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୫ ଉଇକେଟ ବିନିମୟରେ ୧୪୩ ରନ ସଂଗ୍ରହ କରିଥିଲା । ଜବାବରେ ଜରିପୁଟ ଟିମ୍ ୧୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଦିଲୀପ ମହାକୁଡ଼ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ତିରୁପତି ସାମନ୍ତରାୟ ଏବଂ ଶଙ୍କର ପରିଡା ମ୍ୟାଚ୍ ପରିଚାଳନା କରିଥିଲେ ।

# ଜିଲାରେ ୫୫୨୭ ଯକ୍ଷ୍ମାରୋଗୀ ଚିହ୍ନଟ

**ଜିଲା ଟିବି ଫୋରମ ବୈଠକ**
- ଡିଏଚ୍ଏଚ୍‌ରେ ନାହାନ୍ତି ଯକ୍ଷ୍ମାରୋଗ ବିଶେଷଜ୍ଞ
- ଖୋର୍ଦ୍ଧାରେ ସଫଳତା ୯୧%, ଭୁବନେଶ୍ୱରରେ ୯୩%

ଖୋର୍ଦ୍ଧା୨୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଟ୍ୟୁବରକୁଲୋସିସ (ଟିବି) ଫୋରମ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ, ଏଡିପିଏଚ୍‌ଓ(ଯକ୍ଷ୍ମା) ଖୋର୍ଦ୍ଧା ଡା. ଇନ୍ଦିରା ରଥ, ଏଡିପିଏଚଓ ଭୁବନେଶ୍ୱର ଡା. ସୁମନ ସୁନ୍ଦରରାୟ, ଡିପିଏଚଓ ଡା. ଜୀବନ୍ତ ଆଚାର୍ଯ୍ୟ, ଏଆରଟି(ଏମ୍‌ଓ) ଡା. ବି.ଏନ୍ ତ୍ରିପାଠୀ, ଡିପିଏମ୍ ପ୍ରକାଶ ଚନ୍ଦ୍ର ବାନାର୍ଜୀ, ଏଚ୍‌ଆଇଭି ଡିପିଏମ ବିଧାନଚନ୍ଦ୍ର ନାୟକ, ବରିଷ୍ଠ ଯକ୍ଷ୍ମା ତଦାରଖକାରୀ(ଜଟଣୀ) ଚୌଧୁରୀ ପ୍ରଜ୍ଞାଜ୍ୟୋତି ସ୍ୱାଇଁ, ଖୋର୍ଦ୍ଧାର ପ୍ରକାଶ କୁମାର ଚମ୍ପତିରାୟ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫୋରମ ସଦସ୍ୟ ଜିଲା ପରିଷଦ ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ, ଖବରଦାତା ପ୍ରଭାତ ପାଣିଗ୍ରାହୀଙ୍କ ସମେତ ଏ ଦିଗରେ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ଯକ୍ଷ୍ମା ଏବଂ ଏଚ୍‌ଆଇଭି ଜିଲା ସଂଯୋଜକ ଉମାକାନ୍ତ ପଣ୍ଡା ବୈଠକର ଆଭିମୁଖ୍ୟ, ଜିଲାରେ ଯକ୍ଷ୍ମା ରୋଗର ସ୍ଥିତି, ରୋଗୀଙ୍କୁ ସରକାରଙ୍କ ପକ୍ଷରୁ



ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଅଧିକାରୀ ଏବଂ ଅନ୍ୟମାନେ ।

ଦିଆଯାଉଥିବା ସୁବିଧା, ସେବା, ନିରାକରଣ ପାଇଁ ବିଭାଗୀୟ ପଦକ୍ଷେପ, କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ଯକ୍ଷ୍ମା ସଞ୍ଚାଳକ ମନୋରଞ୍ଜନ ପାତ୍ର ସହଯୋଗ କରିଥିଲେ । ଯକ୍ଷ୍ମାରୁ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଥିବା ୩ଜଣ ଯକ୍ଷ୍ମା ବିଜେତା ଯୋଗଦେଇ ସେମାନଙ୍କ ଅନୁଭୂତି କହିଥିଲେ । ଜିଲାପାଳ ଜିଲାରେ ଯକ୍ଷ୍ମା ନିରାକରଣ ଦିଗରେ ଚାଲିଥିବା ବିଭାଗୀୟ ବିଭିନ୍ନ ଯୋଜନା ସମୀକ୍ଷା ସହ ମେଡିକାଲ ଶିକ୍ଷାନୁଷ୍ଠାନ, କଲେଜ ସ୍ତରରେ ଅଧିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରତି ମାସର ପ୍ରଥମ ସୋମବାରରେ ଆୟୋଜନ ମିଳିତ ଜନଶୁଣାଣି ଶିବିରରେ ଏହାର ପ୍ରଦର୍ଶନୀ, ସଚେତନତା ବାର୍ତ୍ତା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଯୋଜନାରେ ସଚେତନାମୂଳକ କାର୍ଯ୍ୟକ୍ରମ ସ୍ଥିତି ନଗନ୍ୟ ରହିଥିବାରୁ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଜିଲାରେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ଡିଏଚଏଚରେ ଦୀର୍ଘ ୪ବର୍ଷ ଧରି ଛାତି ଓ ଯକ୍ଷ୍ମା ରୋଗ ବିଶେଷଜ୍ଞ ପଦବୀ ଖାଲି ପଡିଛି । ପଦବୀ ପୂରଣ ପାଇଁ ସଦସ୍ୟମାନେ ଦାବି କରିଥିଲେ ।

ସୂଚନା ମୁତାବକ, ଖୋର୍ଦ୍ଧା ଜିଲାରେ ଖୋର୍ଦ୍ଧା ଓ ଭୁବନେଶ୍ୱର ଗୋଟିଏ ଲେଖାଏ ଜିଲାସ୍ତରୀୟ ଟିବି କେନ୍ଦ୍ର ରହିଛି । ଟ୍ୟୁବରକୁଲୋସିସ ୟୁନିଟ୍ ଖୋର୍ଦ୍ଧାରେ ୧୦ଟି ଏବଂ ଭୁବନେଶ୍ୱରରେ ୩ଟି ରହିଛି । ମାଇକ୍ରୋସ୍କୋପିକ ୟୁନିଟ ଖୋର୍ଦ୍ଧାରେ ୧୭ ଓ ଭୁବନେଶ୍ୱରରେ ୧୮ଟି ରହିଛି । ସିବିନାଟ ଓ ଟ୍ରୁନାଟ ଟେଷ୍ଟିଂ କେନ୍ଦ୍ର ଖୋର୍ଦ୍ଧା ଡିଏଚଏଚ ସମେତ ସିଏଚସି, ପିଏଚସି ସ୍ତରରେ ୬୧, ଭୁବନେଶ୍ୱରରେ ୨୭ଟି ରହିଛି । ଭୁବନେଶ୍ୱରରେ ଗୋଟିଏ ଏଆରଟି କେନ୍ଦ୍ର ରହିଛି । ୨୦୨୪ ଜାନୁଆରୀଠାରୁ ଡିସେମ୍ବର ଶେଷ ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳ(୧୪.୯ଲକ୍ଷ ଜନସଂଖ୍ୟା)ରେ ୩୬,୩୪୯ ଯକ୍ଷ୍ମା ପରୀକ୍ଷା କରାଯାଇଥିବା ବେଳେ ଭୁବନେଶ୍ୱର ମହାନଗର ନିଗମ(୯.୪ଲକ୍ଷ ଜନସଂଖ୍ୟା)ରେ ୩୪,୧୭୪ଜଣଙ୍କ ପରୀକ୍ଷା କରାଯାଇଛି । ଏଥିରୁ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୨୮୭ ରୋଗୀ ଚିହ୍ନଟ ହୋଇଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥଙ୍କ ସଂଖ୍ୟା ୯୧ ପ୍ରତିଶତ ରହିଛି । ଭୁବନେଶ୍ୱରରେ ୪୨୪୦ ଚିହ୍ନଟ ଓ ସଫଳତା ହାର ୯୩ ପ୍ରତିଶତ ରହିଛି । ନିକ୍ଷୟ ପୋଷଣ ଯୋଜନା(ଏନପିୱାଇ)ରେ ଯକ୍ଷ୍ମା ପୀଡ଼ିତଙ୍କ ସୁବିଧା ପାଇଁ ୨୦୨୪ରେ ୧୬୭୭ ରୋଗୀଙ୍କ ଆକାଉଣ୍ଟକୁ ୪୨,୯୭,୫୦୦ଟଙ୍କା ଦିଆଯାଇଥିବା ବେଳେ ଭୁବନେଶ୍ୱରରେ ୨୫୧୮ ରୋଗୀଙ୍କ ଆକାଉଣ୍ଟକୁ ୬୨,୬୮,୯୫୦ ଟଙ୍କା ଦିଆଯାଇଛି । ଜିଲାରେ ସଚେତନତା କାର୍ଯ୍ୟକ୍ରମ ପାଇଁ ୫୦ ଯକ୍ଷ୍ମା ଚାମ୍ପିୟନଙ୍କୁ ନିଯୁକ୍ତ ନେଇ ଟାର୍ଗେଟ ରହିଥିବା ବେଳେ ବାଣପୁର ଓ ଜଟଣୀକୁ ବାଦ୍ ଦେଇ ୨୨ଜଣଙ୍କୁ ନିୟୋଜିତ କରାଯାଇଛି । ଏମାନେ ଗ୍ରାମାଞ୍ଚଳ ସ୍ତରରେ ସ୍ଥାନୀୟ ଜନପ୍ରତିନିଧି, ଆଶା, ଅଙ୍ଗନୱାଡ଼ି, ସାମାଜିକ କର୍ମୀଙ୍କୁ ନେଇ ସଚେତନାମୂଳକ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ।

**ସଂକ୍ଷେପରେ**

## କାର୍, ଟଙ୍କା ଜବତ: ୨ ଗିରଫ

ଜଟଣୀ,୨୧ (ରବୀନ୍ଦ୍ରନାଥ ମହାକୁଡ଼)

ଡ୍ରାଇଭରଙ୍କୁ ମାଡ଼ ମାରି କାର୍ ଏବଂ ଟଙ୍କା ଲୁଟିନେବା ଘଟଣାରେ ଜଟଣୀ ଥାନା ପୋଲିସ ଗୁରୁବାର ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତଦ୍ୱୟ ହେଲେ ପୁରୀ ଜିଲା କଣାସ ଥାନା ଅଧୀନ ନାନକେରା ଗ୍ରାମର ନରେଶ କୁମାର ଜେନା ଓରଫ ରିଙ୍କୁ ଏବଂ ଅବିନାଶ ଜେନା ଓରଫ ହାପି । ଏମାନଙ୍କ ନିକଟରୁ କାର୍, ଦୁଇଟି ଏଟିଏମ୍ କାର୍ଡ ଏବଂ ୧୯,୫୦୦ ଟଙ୍କା ଜବତ ହୋଇଛି । ଏନେଇ ଥାନାରେ ଏକ ମାମଲା (ନଂ.୧/୨୫) ରୁଜୁ ହୋଇଛି । ଅଭିଯୋଗ ମୁତାବକ, ଭଦ୍ରକ ଜଲାର କଚେରୀ ଷ୍ଟାଣ୍ଡରେ ମଧୁସୂଦନ ସାହୁ କାର୍ ଚାଳକଭାବେ କାର୍ଯ୍ୟ କରନ୍ତି । ଗତ ୩୧ ତାରିଖରେ ଅଭିଯୁକ୍ତଦ୍ୱୟ ମଧୁସୂଦନଙ୍କ କାରରେ ଭଡ଼ାରେ ଜଟଣୀ ଅଭିମୁଖେ ଆସିଥିଲେ । ତିରିମଲ ଛକଠାରେ ଅଭିଯୁକ୍ତଦ୍ୱୟ ମଧୁସୂଦନଙ୍କୁ ବାନ୍ଧି ମାଡ଼ ମାରିବା ସହ କାର୍, ୮ହଜାର ଟଙ୍କା, ଦୁଇଟି ଏଟିଏମ କାର୍ଡକୁ ବ୍ୟବହାର କରି ୧୧,୫୦୦ଟଙ୍କା ଉଠାଇ ନେଇଥିଲେ । ଏନେଇ ମଧୁସୂଦନ ଜଟଣୀ ଥାନାରେ ଅଭିଯୋଗ କରିଥିଲେ ।

## ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପରଲୋକ

ଟାଙ୍ଗୀ,୨୧ (ରଘୁନାଥ ସାହୁ)

ଚିଲିକା ବ୍ଲକ ଅଧୀନ କେଦାରେଶ୍ୱର ଗ୍ରାମର ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବଦତ୍ତ ମହାପାତ୍ରଙ୍କ ପରଲୋକ ହୋଇଯାଇଛି । ତାଙ୍କୁ ୬୨ବର୍ଷ ବୟସ ହୋଇଥିଲା । ସେ ନିକଟରେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁ ଖବରପାଇ ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ ବିଶ୍ୱାଳ, ଶିକ୍ଷକ ଅବଧୂତ ଚମ୍ପତି, ଜିଲା ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲୀଳ ସ୍ୱାଇଁ, ସମ୍ପାଦକ ସନ୍ତୋଷ ବେହେରା, ଜିଲା ସାଧାରଣ ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ପ୍ରଭାକର ବିଶ୍ୱାଳ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ ପିନାକୀ ମୁଖାଗ୍ନି ଦେଇଥିଲେ ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ସାଙ୍ଗଠନିକ ବୈଠକ

ନିରାକାରପୁର,୨୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଶ୍ରୀରାମମନ୍ଦିରସ୍ଥିତ ମାରୁତି ମଣ୍ଡପରେ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଦିବ୍ୟସିଂହ ତ୍ରିପାଠୀ ଏଥିରେ ପୌରୋହିତ୍ୟ କରିଥିଲେ । ସମ୍ପାଦକ ଅଦ୍ୱୈତ ପାଇକରାୟ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ମାଧବ ରଥ ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ । ସ୍ଥାନୀୟ ବ୍ୟାଙ୍କ ଶାଖାର ପ୍ରବନ୍ଧକ ଉପସ୍ଥିତ ଥିଲେ । କାର୍ଯ୍ୟକାରୀ ସମ୍ପାଦକ ଦେବରାଜ ଜେନା ପେନ୍‌ସନ ଭୋଗୀଙ୍କ ସମସ୍ୟା ଉପସ୍ଥାପନ କରିଥିଲେ । ସମସ୍ୟାଗୁଡ଼ିକ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଶାଖା ପରିଚାଳକ ପ୍ରତିଶ୍ରୁତି ଦେଇଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ମିଶ୍ରଙ୍କ ଜୟନ୍ତୀ

ବେଗୁନିଆ,୨୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ୯୯ତମ ଜୟନ୍ତୀ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡ.ଭୋଳେଶ୍ୱର ନାୟକ, ଉପେନ୍ଦ୍ର ଦାଶ, ପ୍ରଭାତ କୁମାର ନାୟକ, ବଂଶୀଧର ପାଣିଗ୍ରାହୀ, କୈଳାସ ନାଥ ସୁବୁଦ୍ଧି, ପ୍ରହ୍ଲାଦ ବାରିକ, ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କର ଶିକ୍ଷାକ୍ଷେତ୍ରରେ ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ । ଶିକ୍ଷକ ନାରାୟଣ ମାନସିଂହ ସଂଯୋଜନା ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ସରସ୍ୱତୀ ସାହୁ ଏବଂ ମାନସ କୁମାର ସେଠୀ ସହଯୋଗ କରିଥିଲେ । ଗତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀ ମନସ୍ୱିନୀ ସାହୁ ଏବଂ ସୁଭସ୍ମିତା ପାଣିଗ୍ରାହୀଙ୍କୁ ଚନ୍ଦ୍ରଶେଖର ମିଶ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ପ୍ରବନ୍ଧ ଲିଖନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ଶିକ୍ଷକ ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ଭାଗୁଆଳିଙ୍କୁ ପିଣ୍ଡି ଦାବି କଲା ପଞ୍ଚସଖା ବଣିକ ସଂଘ


ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପଞ୍ଚସଖା ବଣିକ ସଂଘ ସଦସ୍ୟ ଏବଂ ଅନ୍ୟମାନେ ।

ଖୋର୍ଦ୍ଧା, ୨୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ପରିବା, ଫଳ ଓ ପୂଜା ସାମଗ୍ରୀକୁ ମିଶାଇ ୧୩୦ବେପାରୀଙ୍କୁ ଉଚ୍ଛେଦ କରାଯାଇଛି । ରାସ୍ତାକଡ଼ରେ ବେପାର କରୁଥିବା ୫୬ଜଣଙ୍କୁ ଟିଏଲ୍‌ସି ସ୍ଥିତ ଶ୍ମଶାନ ପଡିଆରେ ପିଣ୍ଡି ଆବଣ୍ଟନ କରାଯାଇ ଥଇଥାନ କରାଯାଇଛି । ତେବେ ପୂର୍ବରୁ ୩ହଜାର ଟଙ୍କା ଟୋକନ ଦାଖଲ କରିଥିବା ୫୪୦ ବ୍ୟବସାୟୀ ଅନ୍ତର୍ଗତ ପଞ୍ଚସଖା ଓ ଲକ୍ଷ୍ମୀ ବଜାର ପରିବା ସଂଘ ବେପାରୀଙ୍କୁ ନବନିର୍ମିତ ଭେଣ୍ଡିଜୋନ ଗୃହ ଆବଣ୍ଟନ କରାଯାଇଛି । ଆରମ୍ଭରୁ ଉଚ୍ଛେଦ ଏବଂ ଥଇଥାନକୁ ନେଇ ବିରୋଧ କରିଥିଲେ ଉକ୍ତ ପରିବା ବେପାରୀ । ତେବେ ପଞ୍ଚସଖାରେ ୪୦ରୁ ଊର୍ଦ୍ଧ୍ୱ ବେପାରୀ ରହିଥିବା ବେଳେ ୧୫ଜଣଙ୍କୁ ଗୃହ ଆବଣ୍ଟନ କରାଯାଇଛି । ଗୁରୁବାର ପଞ୍ଚସଖା ବଣିକ ସଂଘ ଏନେଇ ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀଙ୍କୁ ଭେଟି ଭାଗୁଆଳିମାନଙ୍କୁ ପରିବା ହାଟରେ ପିଣ୍ଡି ଦେବା ପାଇଁ ନିବେଦନ କରିଛନ୍ତି । ପ୍ରକାଶ ଯେ, ସମବାୟ ଛକରେ ପଞ୍ଚସଖା ବଣିକ ସଂଘ ଏବଂ ଲାଗି ରହିଛି ଲକ୍ଷ୍ମୀ ପରିବା ବଜାର ସଂଘ । ଏଠାରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ବ୍ୟବସାୟୀ ମାଲିକଙ୍କ ସହ ଭାଗୁଆଳିରେ ବେପାର କରି ଆସୁଛନ୍ତି । ସହର ଦୁଇଟି ବଡ ପରିବା ବଜାର । ସହର ସୌନ୍ଦର୍ଯ୍ୟକରଣ ପାଇଁ ପରିବା ବଜାରକୁ ଉଚ୍ଛେଦ କରାଯାଇଛି । ତେବେ ଏଠାରେ ବେପାର କରି ପରିବାର ଚଳାଉଥିବା ଭାଗୁଆଳି ବେପାରୀଙ୍କୁ ଥଇଥାନ କରା ନ ଗଲେ ସେମାନେ କିପରି ଚଳିବେ, କେଉଁଠି ବେପାର କରିବେ ବୋଲି ପ୍ରଶ୍ନ କରିଛନ୍ତି । ଭେଣ୍ଡିଂଜୋନରେ ଆବଣ୍ଟିତ ଗୃହରେ ଦୁଇରୁ ତିନି ଜଣ ବେପାର କରିବା ସମ୍ଭବ ନୁହଁ । ତେଣୁ ଅନ୍ୟମାନଙ୍କୁ ପିଣ୍ଡି ଆବଣ୍ଟନ ପାଇଁ ସଂଘ ଦାବି କରିଛି । ସଂଘ ଦାବି ଉପରେ ବିଚାର କରାଯିବ ବୋଲି ଉପଜିଲାପାଳ କହିଛନ୍ତି । ସେହିପରି ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବ କହିଛନ୍ତି, ଉକ୍ତ ବଜାରରେ ୧୫ଜଣ ମାଲିକ ଅଛନ୍ତି । ସେମାନଙ୍କ ସାଥିରେ ଅନ୍ୟମାନେ ସହଯୋଗୀ, ଭାଗରେ ବେପାର କରୁଛନ୍ତି । ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗୃହ ଆବଣ୍ଟିତ ବେପାରୀ ଭେଣ୍ଡିଂଜୋନରେ ମିଳିମିଶି ବେପାର କରନ୍ତୁ, ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କ ଚିନ୍ତା କରାଯିବ ।

## ବଘେଇ କ୍ରିକେଟ କ୍ଲବ ଫାଇନାଲରେ

ବୋଲଗଡ଼,୨୧ (ଦେବବ୍ରତ ହୋତା)

ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆରେ ଅନୁଷ୍ଠିତ ଚତୁର୍ଦ୍ଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁବାର ବଘେଇ କ୍ରିକେଟ କ୍ଲବ ଏବଂ ଖଳିସାହି କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ଟସ୍ ଜିତି ବଘେଇ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫.୨ଓଭରରେ ୭ ଉଇକେଟ ବିନିମୟରେ ୧୩୪ରନ ସଂଗ୍ରହ କରିଥିଲା । ଜବାବରେ ଖଳିସାହି ଟିମ୍ ୧୪.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୧ରନ ସଂଗ୍ରହ କରି ପରାଜିତ ହୋଇଥିଲା । ବଘେଇ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି । ମଧୁ ମଙ୍ଗରାଜ ଏବଂ ପିଣ୍ଟୁଆ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ । ଅତିଥିଭାବେ ପ୍ରସନ୍ନ ଶ୍ରୀଚନ୍ଦନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ନିରଞ୍ଜନ ନାୟକ, ଶାନ୍ତନୁ ଛୋଟରାୟ, ବିକାଶ, ରାଜକିଶୋର ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ ।

## ୪ରେ ବାଲୁଗାଁ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ

ବାଲୁଗାଁ,୨୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବଜାର ଦେଇ ଯାଇଥିବା ୫ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ ଲାଗି ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆସନ୍ତା ୪ ତାରିଖରୁ ଆରମ୍ଭ ହେବ ବୋଲି ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ କହିଛନ୍ତି । ପ୍ରକାଶ ଯେ, ଚିଲିକା ତହସିଲ ଅଧୀନ ଗୋବର୍ଦ୍ଧନପୁର ମୌଜାଠାରୁ ଆରମ୍ଭ କରି ଶିଙ୍ଗେଶ୍ୱର, ସରଳାପଦର, ବାଲୁଗାଁ, ସାମନ୍ତରାପୁର, ଭେଲେରି, ଇଞ୍ଜନପୁର ଏବଂ ଗବପଦର ମୌଜା ପର୍ଯ୍ୟନ୍ତ ଦୀର୍ଘ ୪କି.ମି. ରାସ୍ତା ପ୍ରଶସ୍ତୀକରଣ ହେବ । ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଖୋର୍ଦ୍ଧାର କାର୍ଯ୍ୟାଦେଶ ରହିଛି । ଏହି ପରିପ୍ରେକ୍ଷୀରେ ଚିଲିକା ତହସିଲ ପକ୍ଷରୁ ମାପଚୁପ କାର୍ଯ୍ୟ ଶେଷ ହୋଇ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାୟୀ ଏବଂ ଅସ୍ଥାୟୀ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଗତ ଅକ୍ଟୋବର ୪ରେ ପ୍ରାଥମିକ ପର୍ଯ୍ୟାୟରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ଉକ୍ତ ଦିନ ଗୋବର୍ଦ୍ଧନପୁର ମୌଜାଠାରୁ ସରଳାପଦର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା । ପରଦିନ ପୋଲିସ ଫୋର୍ସ ଅନ୍ୟତ୍ର ସ୍ଥାନାନ୍ତର ଯୋଗୁ ଉଚ୍ଛେଦ କାର୍ଯ୍ୟକୁ ସାମୟିକ ସ୍ଥଗିତ ରଖାଯାଇ ପରବର୍ତ୍ତୀ ତାରିଖ ନଭେମ୍ବର ୩କୁ ନୋଟିସ ହୋଇଥିଲା । ଉକ୍ତ ଦିନ ପାଇଁ ମଧ୍ୟ ଫୋର୍ସ ଉପଲବ୍ଧ ନ ହେବାରୁ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରହିଥିଲା । ଇତିମଧ୍ୟରେ ଏକ ମାସ ବିତିଯାଇଥିବା ବେଳେ ପୁନର୍ବାର ଉଚ୍ଛେଦ କାର୍ଯ୍ୟ ଆସନ୍ତା ୪ ତାରିଖକୁ ଧାର୍ଯ୍ୟ ହୋଇଛି । ଉକ୍ତ ଦିନ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବଜାର ରାସ୍ତାର ଉଭୟ ପାର୍ଶ୍ୱରୁ ଉଚ୍ଛେଦ କାର୍ଯ୍ୟ ହେବ । ଆଇନ ଶୃଙ୍ଖଳା ଦୃଷ୍ଟିକୋଣରୁ ଅଧିକ ସଂଖ୍ୟାରେ ପୋଲିସ ଫୋର୍ସ ମୁତୟନ ନିମନ୍ତେ ଉପଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି ବୋଲି ତହସିଲଦାର ଘଡ଼େଇ କହିଛନ୍ତି । ଏ ନେଇ ପ୍ରଶାସନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଛି ।

## ୫ରୁ ରାଜ୍ୟସ୍ତରୀୟ ଗିନି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା,୨୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଖୋର୍ଦ୍ଧା ଷ୍ଟାଡିୟମରେ ଆସନ୍ତା ୫ ତାରିଖରୁ ରାଜ୍ୟସ୍ତରୀୟ ଗିନି କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସଂସ୍କରଣର ଦ୍ୱିତୀୟ ବର୍ଷର ମ୍ୟାଚ୍ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ୮ଟି ଟିମ୍ ଅଂଶଗ୍ରହଣ କରିବେ । ଉଦ୍‌ଘାଟନୀ ମ୍ୟାଚ୍ ସୋଲାର ସ୍ପୋର୍ଟିଂ କଟକ ଏବଂ କିଶୋର କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ । ୬ ତାରିଖରେ ଜୁଭେନାଇଲ କ୍ଲବ କଟକ-ଜାଗୃତି କ୍ଲବ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ହେବ । ୭ ତାରିଖ ପ୍ରଥମ ସେମିଫାଇନାଲ ୫ ତାରିଖ ବିଜେତା ଏବଂ ୬ ତାରିଖ ବିଜେତା, ୮ ତାରିଖରେ ୟୁନିୟନ ସ୍ପୋର୍ଟିଂ କଟକ-ମୁକ୍ତେଶ୍ୱର କ୍ରିକେଟ କ୍ଲବ ଭୁବନେଶ୍ୱର, ୯ ତାରିଖରେ ରାଇଜିଂ ଷ୍ଟୁଡେଣ୍ଟ କଟକ-ଖୋର୍ଦ୍ଧା କ୍ରିକେଟ୍ ଆସୋସିଏଶନ ମଧ୍ୟରେ ଖେଳ ହେବ । ୧୦ ତାରିଖରେ ଦ୍ୱିତୀୟ ସେମିଫାଇନାଲ ୮ତାରିଖର ବିଜେତା-୯ ତାରିଖ ବିଜେତା, ୧୧ତାରିଖରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଏବଂ ୧୨ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନର ସାଧାରଣ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ଗୋଲାପ ଦେଇ ଗାଡ଼ି ଚାଳକଙ୍କୁ ସଚେତନ କଲେ

ବାଲୁଗାଁ,୨୧ (ସଂଗ୍ରାମ ପାଇକରାୟ)

ଚିଲିକା ବ୍ଲକ ଅଧୀନ ବାଲୁଗାଁ ଡିଏଭି ଗୁରୁକୁଳ ବିଦ୍ୟାଳୟ ପକ୍ଷରୁ ଗୁରୁବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲୁଗାଁ ବଜାର ମୁଖ୍ୟ ଗାନ୍ଧୀ ଛକଠାରେ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକତ୍ରିତ ହୋଇଥିଲେ । ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ସମ୍ପର୍କିତ ପ୍ଲାକାର୍ଡ ଏବଂ ବ୍ୟାନର ଧରି ଜନସାଧାରଣଙ୍କୁ ବିନା ହେଲ୍‌ମେଟ, ବିନା ଡ୍ରାଇଭିଂ ଲାଇସେନ୍ସ ଓ ସିଟବେଲ୍ଟ ବିନା ରାସ୍ତାରେ ଗାଡ଼ି ନ ଚଳାଇବା ନିମନ୍ତେ ସଚେତନ କରିଥିଲେ । ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡାଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ଯୋଗଦେଇଥିଲେ । ବିନା ହେଲ୍‌ମେଟରେ ଗାଡି ଚଳାଉଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ନିୟମ ମାନିବା ପାଇଁ କୁହାଯାଉଥିବା ବେଳେ ହେଲ୍‌ମେଟ ପିନ୍ଧି ଗାଡ଼ି ଚଳାଉଥିବା ଚାଳକଙ୍କୁ ମିଠା ଖୁଆଇ ଧନ୍ୟବାଦ ଜଣାଇଥିଲେ । ସେହିପରି ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା ଏବଂ ପୋଲିସ କର୍ମଚାରୀଙ୍କ ସହିତ ମିଶି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବାଣପୁରସ୍ଥିତ ପଲଟଣ ପଡିଆ ଓ କଲେଜ ଛକଠାରେ ଗାଡି ଚାଳକଙ୍କୁ ଅନୁରୂପ ଭାବେ ସଚେତନ କରାଇଥିଲେ । ବିଦ୍ୟାଳୟ ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର, ସମ୍ପାଦିକା ମିତା ମହାପାତ୍ର, ଏକାଡେମିକ୍ ମୁଖ୍ୟ ଜ୍ୟୋତିପ୍ରକାଶ ତ୍ରିପାଠୀ, ଅଧ୍ୟକ୍ଷ ରାମଚନ୍ଦ୍ର ଦାଶଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜନସାଧାରଣ ପ୍ରଶଂସା କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ଜଳ ସୁପରିଚାଳନାରେ ପାଣି ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ**

ଖୋର୍ଦ୍ଧା,୨୧ (ପ୍ରଭାତ ପାଣିଗ୍ରାହୀ)

ଜଳ ସମ୍ପଦ ବିଭାଗ, ଖୋର୍ଦ୍ଧା ଆନୁକୂଲ୍ୟରେ ଜିଲା ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ମୁଖ୍ୟ ଅତିଥି, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ତଥା ଜିଲା ନୋଡାଲ ଅଧିକାରୀ କେନ୍ଦ୍ରୀୟ ଜଳସେଚନ ମଣ୍ଡଳ ଭୁବନେଶ୍ୱର ରାକେଶ ଚନ୍ଦ୍ର ମହାନ୍ତି, ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ) ରବି ନାରାୟଣ ସେନାପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ସିଡିଏଓ କହିଥିଲେ, ତୃଣମୂଳସ୍ତରରେ ଚାଷଜମିକୁ କିପରି ଜଳସେଚନ ପହଞ୍ଚିପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି । ଟୋପାଏ ପାଣି ବୁନ୍ଦାର ମହତ୍ତ୍ୱ ରହିଛି । ପାଣି ଅପଚୟ ନ କରି ସ୍ୱଳ୍ପରେ ଫସଲ କରାଯାଇପାରିବ, ସେଥିପ୍ରତି ଦୃଷ୍ଟି ଦେଲେ ଜଳସେଚନଜନିତ ବଡ଼ ସମସ୍ୟାକୁ ଦୂର କରାଯାଇପାରିବ ।

ସେହିପରି ସଭାପତିତ୍ୱ ଭାଷଣରେ ଜିଲାପାଳ କହିଥିଲେ, ଜଳର ସୁପରିଚାଳନା ଦିଗରେ ପାଣି ପଞ୍ଚାୟତର ପ୍ରମୁଖ ଭୂମିକା ରହିଛି । ପାଣି ପଞ୍ଚାୟତ ପ୍ରଥମେ ଦାୟିତ୍ୱ ସମ୍ପର୍କରେ ଜାଣନ୍ତୁ । ଏହା ଏକ କୃଷକ ସଙ୍ଗଠନ । ଜଳସେଚନ ବ୍ୟବସ୍ଥାର ଭିତ୍ତିଭୂମି ବିକାଶ, ରକ୍ଷଣାବେକ୍ଷଣ ଓ ପରିଚାଳନାରେ ଭାଗୀଦାରି, ସମସ୍ତ ଚାଷୀଙ୍କୁ ସୁଷମ ତଥା ନିର୍ଭରଯୋଗ୍ୟ ଜଳବଣ୍ଟନ, ଜଳ ବଜେଟ, ଖସଡ଼ା ପ୍ରସ୍ତୁତରେ ଚାଷୀଙ୍କ ଅଂଶଗ୍ରହଣ, ଜଳବାୟୀ ପ୍ରତିରୋଧୀ ନାନାବିଧ ଫସଲ ଚାଷ ଦିଗରେ ପାଣି ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ସରକାର ଶିଳ୍ପାଞ୍ଚଳ ଭିତ୍ତିଭୂମି ପ୍ରତି ଯେତିକି ଗୁରୁତ୍ୱ ଦେଉଛନ୍ତି ତା'ଠାରୁ ଅଧିକ ଗୁରୁତ୍ୱ ଜଳ ସମ୍ପଦ, ପାଣି ପଞ୍ଚାୟତ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । କୃଷି ଯନ୍ତ୍ରପାତି, ଋଣ, ଉତ୍ପାଦ ଶସ୍ୟର କ୍ରୟ, ବିକ୍ରୟ ସହ ମଣ୍ଡି ପରିଚାଳନା ମଧ୍ୟ କରିପାରିବେ । ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟର ଉଦାହରଣ ଦେଇ ପାଣି ପଞ୍ଚାୟତ ସକ୍ରିୟ


ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ ।

ରହିଲେ ଯୋଜନା ସଫଳ ରୂପାୟନ ହୋଇପାରିବ ବୋଲି କହିଥିଲେ । ଜିଲା ପରିଷଦ ଉପାଧ୍ୟକ୍ଷ ମହାରଣା କହିଥିଲେ, ଓଡ଼ିଶା କୃଷିପ୍ରଧାନ ରାଜ୍ୟ । କୃଷକ ଦେଶର ଅନ୍ନଦାତା । ଚାଷୀ ଓ ଚାଷକାର୍ଯ୍ୟ ବିକାଶରେ ପାଣି ପଞ୍ଚାୟତର ସହଭାଗିତା ଜରୁରୀ । ଅଦିନିଆ ବର୍ଷା ପ୍ରଭାବରେ ଜିଲାରେ ଚାଷୀଙ୍କ ବିଶେଷ କ୍ଷତି ହୋଇଛି । ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାକେଶ ଚନ୍ଦ୍ର ମହାନ୍ତି କହିଥିଲେ, କୃଷି ଏବଂ କୃଷକମାନଙ୍କୁ ଉତ୍ସାହିତ ପାଇଁ ୧୫ ଦିନ ବ୍ୟାପୀ ପାଣି ପଞ୍ଚାୟତ ପକ୍ଷ ପାଳିତ ହେଉଛି । ଦକ୍ଷତାଭିତ୍ତିରେ ବୃହତ୍, ମଧ୍ୟମ, କ୍ଷୁଦ୍ର ତଥା ଉଠାଜଳସେଚନ ପ୍ରକଳ୍ପଗୁଡିକର ଯୋଗ୍ୟ ବିବେଚିତ ପାଣି ପଞ୍ଚାୟତକୁ ପୁରସ୍କୃତ କରାଯାଉଛି । ଚଳିତବର୍ଷ ପାଣି ପଞ୍ଚାୟତଗୁଡ଼ିକୁ ଅଧିକ କ୍ରିୟାଶୀଳ, କୃଷିଭିତ୍ତିକ ସମସ୍ୟାର ଉପସ୍ଥାପନା ଏବଂ ସମାଧାନ ଲକ୍ଷ୍ୟ ସେଚ ସମାଧାନ ମୋବାଇଲ ଆପ୍ କାର୍ଯ୍ୟକ୍ଷମ ହୋଇଛି । ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା ପାଣି ପଞ୍ଚାୟତ ପକ୍ଷ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି କହିଲେ, ଜଳ ସମ୍ପଦ ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ଜିଲାର କୃଷକ ଭାଇମାନଙ୍କୁ ପ୍ରତ୍ୟକ୍ଷ ଭାବେ ସାମିଲ ପାଇଁ ଚଳିତବର୍ଷ କୃଷି ଓଡ଼ିଶା ସହିତ ପାଣି ପଞ୍ଚାୟତ ପକ୍ଷକୁ ସଂଯୁକ୍ତଭାବେ ପାଳନ କରାଯାଉଛି । କୃଷକ ସମାଜକୁ ବିକଶିତ ତଥା ସ୍ୱୟଂ ସମ୍ପୂର୍ଣ୍ଣ ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ । ଏହି ବିଭାଗ ଉପରୋକ୍ତ ତିନି ବିଭାଗ ଦ୍ୱାରା ଖୋଲାଯାଇଥିବା ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ଶାଳିଆ ଡ୍ୟାମ ଉପଖଣ୍ଡ ଚାଷୀ ନକୁଳ ପ୍ରଧାନ ଏବଂ ବାଲିଅନ୍ତା ଉପଖଣ୍ଡ ଚାଷୀ ଦିଲୀପ କୁମାର ରାଜ ଚାଷର ବିଭିନ୍ନ ସମସ୍ୟା ଓ ସମାଧାନ ଦିଗ ଉପରେ ମତ ରଖିଥିଲେ । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜଳସମ୍ପଦ ବିଭାଗ ଉପଖଣ୍ଡର ଅନିଲ ପାଢ଼ୀ, ଶାଳିଆ ଡ୍ୟାମ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, ପ୍ରଭାସ ଚନ୍ଦ୍ର ପଟ୍ଟନାୟକ, ସନତ କୁମାର ମଲ୍ଲିକ, ବାଳକୃଷ୍ଣ ବିଶୋଇ, ବିନୋଦ ସାହୁ, ଲକ୍ଷ୍ମୀପ୍ରିୟା ପୃଷ୍ଟି, ରୋଶନୀ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

**କାର୍ ଧକ୍କାରେ ଯୁବକ ଗୁରୁତର**

ନିମାପଡ଼ା,(ରଞ୍ଜନ ପଟ୍ଟନାୟକ)- ନିମାପଡ଼ା-କୋଣାର୍କ ରାସ୍ତାରେ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ନିମାପଡ଼ା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଧୀନ ବନମାଳୀପୁର ଅଞ୍ଚଳର ରାଜା। ରାଜା ଗୁରୁବାର ଅପରାହ୍ନ ସମୟରେ ସ୍କୁଟି ଯୋଗେ କୋଣାର୍କରୁ ଆସୁଥିଲେ। ଏହି ସମୟରେ ଦିଘାଲୋ ଜଙ୍ଗଲ ନିକଟରେ ତାଙ୍କୁ ପଛପଟୁ ଏକ କାର୍ ଧକ୍କାଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ନିମାପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରାଜାଙ୍କୁ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧।୨୦୨୫

| | |
|---|---|
| ୬,୬୬,୩୯୪ ଟଙ୍କା | |
| ସୁନା | ୧୪.୬୫୦ ଗ୍ରାମ୍ |
| ରୁପା | ୮୫.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ସାମ୍ବାଦିକ ରମେଶ ଚୌଧୁରୀଙ୍କ ପରଲୋକ



ପୁରୀ,୨।୧ (ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ଜଣାଶୁଣା ବରିଷ୍ଠ ସାମ୍ବାଦିକ ରମେଶ ଚୌଧୁରୀଙ୍କର ଗୁରୁବାର ପରଲୋକ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ହୃଦ୍ଘାତଜନିତ ରୋଗର ଚିକିତ୍ସିତ ହେଉଥିବାବେଳେ ଗୁରୁବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରୁ ତାଙ୍କ ମରଶରୀର ପୁରୀ ଲୋକନାଥ ରୋଡସ୍ଥିତ ନିଜସ୍ୱ ବାସଭବନକୁ ଅଣାଯିବା ପରେ ଅନେକ ଶୁଭେଚ୍ଛୁ ଶେଷ ଦର୍ଶନ କରିଥିଲେ। ସେ ବିଭିନ୍ନ ସାପ୍ତାହିକ ଖବରକାଗଜର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ବିଶେଷକରି ସମାଲୋଚନାମୂଳକ ଖବରକାଗଜ ଯାଞ୍ଚ ଓ ଶ୍ରୀକ୍ଷେତ୍ର ଯାଞ୍ଚ ପାଇଁ ସେ ପରିଚିତ ଥିଲେ। ଏଥିସହ ସତ୍ୟ ସଂଘର୍ଷ ଓ ଜଗନ୍ନାଥ ଟାଇମ୍ସରେ ସମ୍ପାଦକ ରହିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ଦୀପ୍ତିରଞ୍ଜନ ଚୌଧୁରୀ ମୁଖାଗ୍ନି ଦେଇଥିଲେ। ସେଠାରେ ତାଙ୍କ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା, ସାମ୍ବାଦିକ ଅନନ୍ତ ମିଶ୍ର, ପ୍ରମୋଦ ଦାଶ, ଅନିମେଶ ପଟ୍ଟନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଓ ସାହି ବାସିନ୍ଦା ଶେଷ ଦର୍ଶନ କରିଥିଲେ।

### ଯାତ୍ରୀବାହୀ ବସ୍ ଜବତ, ଚାଳକ ଅଟକ

**ବସ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟଣା**

ନିମାପଡ଼ା,୨।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା-ପିପିଲି ରାସ୍ତାର ରଗିଲୋ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ଘଟଣାରେ ନିମାପଡ଼ା ପୋଲିସ ଯାତ୍ରୀବାହୀ ବସ୍ (ଓଡି ୦୫ ଏଏଫ୍ ୯୧୦୩)କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ଆହତ ଏୟାରଫିଲ୍ଡ ଥାନା ଅଧୀନ ଆଦିତ୍ୟ ନଗର ବୋତଣ୍ଡା ଗ୍ରାମର ଆଶୁତୋଷ ସାହୁଙ୍କ ବାପା ଗୋବିନ୍ଦ ଚନ୍ଦ୍ର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (୧/୨୫) ରୁଜୁ କରି ତଦନ୍ତ ଚଳାଇଛି।

## ୨୦ ବର୍ଷ ହେଲା ପୋତି ହୋଇପଡ଼ିଛି ଦୟାନଦୀ

କଣାସ,୨।୧(ବିଭୂତି ଭୂଷଣ ତ୍ରିପାଠୀ)



କେନ୍ଦ୍ର ସରକାର ବିଭିନ୍ନ ନଦୀ ସଂଯୋଗୀକରଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଆଗାମୀ ଦିନରେ ବିଲୁପ୍ତ ହେବାକୁ ବସିଥିବା ପୁରାଣ ବର୍ଣ୍ଣିତ କଳିଙ୍ଗ ଯୁଦ୍ଧର ମୂକସାକ୍ଷୀ କୁଆଖାଇରୁ ବାହିରିଥିବା ଦୟାନଦୀ ଏଥିରୁ ବାଦ୍ ପଡ଼ିଛି। ଫଳରେ ନଦୀପଠାର ଗ୍ରାମବାସୀ ନିଜ ବେଉସା ହରାଇ ବସିଛନ୍ତି। ନଦୀ ଖନନ ହେଲେ ପୁନଶ୍ଚ ଚାଷୀ ତାଙ୍କ ବେଉସା ଫେରିପାଇବା ସହ ଦୟାନଦୀ ଚିରସ୍ରୋତା ହୋଇପାରିବ। ନଦୀ ଖନନ ନେଇ ପୂର୍ବରୁ ନୀଳାଚଳ କୃଷକ ମହାସଂଘ ଏବଂ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ପ୍ରଧାନ, ସାମାଜିକ କର୍ମୀ ଶ୍ରୀକାନ୍ତ ପାଟ୍ଟଯୋଶୀ ଦାବି କରିଆସୁଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେବେ ନଦୀପଠା ଗ୍ରାମବାସୀ ନଦୀ ଖନନ ପାଇଁ ଦାବି କରିଛନ୍ତି।

କୁଆଖାଇ ନଦୀରୁ ସରେଇପୁରଠାରେ ବାହାରିଥିବା ଦୟାନଦୀ ତିରିମଲ୍ଲଠାରୁ ୨ ଭାଗ ହୋଇ ଘୋରଡ଼ିଆ, ତ୍ରିଲୋଚନପୁର, କଣାସ ଦେଇ ବଳଭଦ୍ରପୁର, ଜଙ୍କିଆ, ବସନ୍ତପୁର, ଗଡ଼ିଶାଗୋଦା ଦେଇ ଚିଲିକାରେ ପଡ଼ିଛି। ତାହାର ଶାଖାନଦୀ ରାଜୁଆ ତିରିମଲ୍ଲଠାରୁ ବାହାରି ପୁନଶ୍ଚ ନୂଆଦୋକନ୍ଦାଠାରେ ଦୟାନଦୀ ସହିତ ମିଶିଛି। ବର୍ତ୍ତମାନ ଦୟାନଦୀ ବର୍ଷକରେ ୮ ମାସ ଧରି ଶୁଖିଲା ପଡୁଥିବାବେଳେ ରାଜୁଆ ନଦୀ ଚିରସ୍ରୋତା ହୋଇ ରହିଛି। ଦୟାନଦୀର ୨ ପାର୍ଶ୍ୱପଠା ପାଣ୍ଡିଆବିରି, ଘଷୋରଡ଼ିଆ, ଡିଗିରିଆ, ବାଲପୁର, ବୀରକେଶରପୁର, ଶିଶୁଆପଡ଼ା, ତ୍ରିଲୋଚନପୁର, ମାଟିଆପଡ଼ା, ବାଙ୍କତଳ, ପାଣ୍ଡିଆକେରା, ରାଣୀପଡ଼ା, ନାନାକେରା,

**ବର୍ଷକରେ ୮ ମାସ ଶୁଖିଲା**

ଦୋକନ୍ଦା, ଭାଟପଡ଼ା, କଣାସ ପ୍ରଭୃତି ଗ୍ରାମର ଚାଷୀ ନଦୀପଠାରେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରୁଥିଲେ। ହେଲେ ଦୀର୍ଘ ୨୦ ବର୍ଷ ହେଲା ଦୟାନଦୀ ଶଯ୍ୟା ପୋତି ହୋଇଯାଇ ନଦୀ ନାଳରେ ପରିଣତ ହୋଇଥିବାରୁ ବର୍ଷକରେ ୮ ମାସ ଶୁଖିଲା ପଡୁଛି। ଉକ୍ତ ଗ୍ରାମର ଚାଷୀ ନିଜ ବେଉସା ହରାଇବା ସହ ବନ୍ୟା ସମୟରେ ନଦୀ ପୋତି ହୋଇପଡ଼ିଥିବାରୁ ଅନେକ ସମସ୍ୟା ଭୋଗୁଛନ୍ତି। ଆଗାମୀ ଦିନରେ ବିଲୁପ୍ତ ହେବାକୁ ବସିଥିବା ଏହି ଦୟାନଦୀ ଉପରେ କିପରି ପ୍ରଶାସନର ନଜର ପଡୁନାହିଁ, ତାହା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

## ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣକୁ ନେଇ ଗୋଷ୍ଠୀ ସଂଘର୍ଷ, ୧୦ ଆହତ

କଣାସ,୨।୧(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ଥାନା ପାଣ୍ଡିଆକେରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶିମିଳିପାଟଣା ଗ୍ରାମରେ ଗୁରୁବାର ରାତିରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣକୁ ନେଇ ୨ ରାଜନୈତିକ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ ଘଟଣାସ୍ଥଳରେ କଣାସ ଥାନା ଆଇଆଇସି, ଡେଲାଙ୍ଗ ଥାନା ଆଇଆଇସି, ପିପିଲି ଏସ୍‌ଡିପିଓ ପହଞ୍ଚି ତଦନ୍ତ କରୁଛନ୍ତି। ଖବର ଲେଖାଯିବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଅର୍ଥ ବରାଦ ହେବା ପରେ ୨ ଗୋଷ୍ଠୀର ବ୍ୟକ୍ତିମାନେ ଗୃହ ନିର୍ମାଣ କରିବା ସକାଶେ ଗୁରୁବାର ରାତ୍ରି ୯ଟାରେ ଜିଦ୍ ଧରି ବସିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣା କରିବାରୁ ସଂଘର୍ଷ ଘଟିଥିଲା। ଖବରପାଇ ଘଟଣାସ୍ଥଳରେ ପ୍ରଥମେ କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂ ଓ ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ତେବେ ଉତ୍ତେଜନା ଲାଗିରହିବାରୁ ସେମାନେ ପିପିଲି ଏସ୍‌ଡିପିଓଙ୍କୁ ଖବର ଦେଇଥିଲେ। ପିପିଲି ଏସ୍‌ଡିପିଓ ବିଷ୍ଣୁଚରଣ ପତି ପହଞ୍ଚି ଉଭୟ ପକ୍ଷକୁ ବୁଝାଶୁଝା କରିବା ସହ ପୋଲିସ ଫୋର୍ସ ମଗାଇ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ତେବେ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଥିବାବେଳେ ଗିରଫ ଭୟରେ ୨ ଗୋଷ୍ଠୀର ଅନେକ ବ୍ୟକ୍ତି ଲୁଚିରହିଥିବା ଜଣାପଡ଼ିଛି। ଗାଁରେ ପୋଲିସ ମୁତୟନ କରାଯିବା ସହ ପରିସ୍ଥିତି ଉପରେ ନଜର ରଖାଯାଇଥିବା କଣାସ ଥାନା ପକ୍ଷରୁ କୁହାଯାଇଛି।

## ସର୍ବଭାରତୀୟ ଓପନ କରାଟେ: ପୁରୀକୁ ୩୨ ପଦକ



ପୁରୀ,୨।୧(ଅଜିତ୍ କୁମାର ମହାନ୍ତି)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଡିସେମ୍ବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ୧୪ତମ ଓପନ କରାଟେ ଚାମ୍ପିୟନଶିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୨ଶହ ଖେଳାଳି ଭାଗନେଇଥିବାବେଳେ ପୁରୀର ୨୩ଜଣ ଅଂଶଗ୍ରହଣ କରିଥିଲେ। ପୁରୀ ଉତ୍କଳ କରାଟେ ସ୍କୁଲର ପ୍ରତିଯୋଗୀମାନେ କୃତିତ୍ୱ ହାସଲ କରିଛନ୍ତି। ପୁରୀକୁ ମୋଟ ୩୨ଟି ପଦକ ମିଳିଛି। ତନ୍ମଧ୍ୟରେ ୧୧ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୧୮ କାଂସ୍ୟ ପଦକ ରହିଛି। ଲାଡ୍‌ଲୀ ବିଶ୍ୱାଳ ୨ ସ୍ୱର୍ଣ୍ଣ, ଅଂଶିତା ବେହେରା, ଆରାଧନା ନାୟକ, ଅଭ୍ୟର୍ଥନା ସାଇସ୍ୱରୂପ ସ୍ୱାଇଁ ଓ ହାର୍ଦ୍ଦିକ ଦାସଙ୍କୁ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ମିଳିଛି। ସେହିପରି ଶୁଭଶ୍ରୀ ଦାସ, ଆୟେଶା ସାମନ୍ତରାୟ, ଓମ୍ ସାଇପ୍ରସାଦ ବଳିଆରସିଂ ଏବଂ ଆକୃତି ପ୍ରଧାନଙ୍କୁ ଗୋଟିଏ ସ୍ୱର୍ଣ୍ଣ ପଦକ ମିଳିଛି। ସ୍ୱପ୍ନଜିତ୍ ଘୋଷଙ୍କୁ ଗୋଟିଏ ରୌପ୍ୟ ଓ କାଂସ୍ୟ, ପ୍ରତୀକ ବିଶ୍ୱାଳ ଓ ବୈଶାଖୀ ନାୟକଙ୍କୁ ଗୋଟିଏ ଲେଖାଏ ରୌପ୍ୟ, ମାନୁଶ୍ରୀ ବରାଳ, ସତ୍ୟରଞ୍ଜନ ଚିନରାଙ୍କୁ ଦୁଇଟି କାଂସ୍ୟ, ଶୁଭମ ଦଳାଇ, ହରିହର ମହାପାତ୍ର, ଲୋପାମୁଦ୍ରା ନାୟକ, କୁନାଲ ପଟ୍ଟନାୟକ, ଅରିଜିତ୍ ଦେବତା, ଅଭିଜିତ୍ ଦଳାଇ, ଆଶିଷ ରଞ୍ଜନ ଘୋଷ ଏବଂ ଅମ୍ରିତ କୁମାର ମହାନ୍ତିଙ୍କୁ ଗୋଟିଏ ଲେଖାଏ କାଂସ୍ୟ ପଦକ ମିଳିଛି। ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ସାମ୍ପାଇ ସୁବାସ ଚନ୍ଦ୍ର ଦଳାଇ ଏବଂ ସେନ୍‌ସାଥ ଜୟଦେବ ପଟ୍ଟନାୟକ ନେତୃତ୍ୱ ନେଇଥିବାବେଳେ ଶୁଭମ ଦଳାଇ କୋଚ୍ ଏବଂ ହରିହର ମହାପାତ୍ର ଟିମ୍ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ହରପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଇଣ୍ଡିଆ ଅର୍ଗାନାଇଜେଶନ ଚିଫ୍ ଟେକ୍ନିକାଲ ଡାଇରେକ୍ଟର ଭରତ ଶର୍ମା ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପ୍ରଦକ ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ।

## ୨ ବାଇକ୍ ମୁହାଁମୁହିଁ, ଜଣେ ମୃତ, ୨ ଆହତ

ଅସ୍ତରଙ୍ଗ,୨।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଅଞ୍ଚଳରେ ନୂତନବର୍ଷ ସନ୍ଧ୍ୟା ସମୟରେ ହୋଇଥିବା ଦୁର୍ଘଟଣାରେ ୩ ଗୁରୁତରଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଜୀବନ ସହ ସଂଗ୍ରାମ କରୁଛନ୍ତି। ଅସ୍ତରଙ୍ଗ ବ୍ଲକ ଅଧୀନ ନୂଆଗଡ଼ରୁ ଅସ୍ତରଙ୍ଗ ମୁଖ୍ୟରାସ୍ତା ବିଲୁଆମୁଣ୍ଡୁଳି ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ଫଳରେ ୩ ଜଣ ଗୁରୁତର ହୋଇଥିଲେ। ଶରତ ମହାନ୍ତି ସ୍କୁଟି (ଓଡି ୧୩ଏଚ ୧୬୬୯) ଯୋଗେ ଅସ୍ତରଙ୍ଗରୁ ଘର ନୂଆଗଡ଼କୁ ଫେରୁଥିଲେ। ବିପରୀତ ପଟୁ ବିକାଶ ବେହେରା ଓ ତାଙ୍କ ସାଥୀ ଦୁର୍ଯ୍ୟୋଧନ ଦାସ ବାଇକ୍(ଓଡି ୦୫ଏ ୫୯୫୩) ଯୋଗେ ଆସୁଥିବାବେଳେ ବିଲୁଆମୁଣ୍ଡୁଳି ନିକଟରେ ମୁହାଁମୁହିଁ ହୋଇଥିଲେ। ଏଥିରେ ୩ ଜଣ ଗୁରୁତର ହୋଇଥିବାବେଳେ ସେମାନଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ପରେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ତେବେ ଶରତଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁବାର ତାଙ୍କ ମୃତଦେହ ନିଜ ବାସଭବନରେ ପହଞ୍ଚିଥିଲା।

## ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ



ସାକ୍ଷୀଗୋପାଳ,୨।୧(ଭରତ ରାଉତ)

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସାକ୍ଷୀଗୋପାଳସ୍ଥିତ ଉପସେବାକେନ୍ଦ୍ର ତରଫରୁ ନବବର୍ଷ ଉପଲକ୍ଷେ ଗୁରୁବାର ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଜିତେନ୍ଦ୍ର ବେହେରା, ପରଜାପଡା ସରପଞ୍ଚ ଗୋପାଳ ମିଶ୍ର, ଦାଣ୍ଡମୁକୁନ୍ଦପୁର ସରପଞ୍ଚ ପରେଶ ମିଶ୍ର, ଦୁର୍ଗାଦାସପୁର ସରପଞ୍ଚ ବିଭୂତି ଭୂଷଣ ନାଥ ପ୍ରମୁଖ ଯୋଗଦେଇ କହିଥିଲେ, ସଭ୍ୟ ଶିକ୍ଷିତ ସମାଜରେ ଦିନକୁ ଦିନ ବଢୁଥିବା ଅଶାନ୍ତି, ଅରାଜକତା, ଅସ୍ଥିରତା, ଅସୁସ୍ଥତାର ନିରାକରଣ କେବଳ ରାଜଯୋଗ ଦ୍ୱାରା ସମ୍ଭବ ହୋଇପାରିବ। ପୃଥିବୀର ଶ୍ରେଷ୍ଠ ପ୍ରାଣୀ ମଣିଷ ଏବେ ବସ୍ତୁବାଦୀ ସମାଜ ଭିତରେ ନିଜର ଜ୍ଞାନ, ବୁଦ୍ଧି,ବିବେକ ହରାଇ କେବଳ ପ୍ରାଣୀ ପାଲଟି ଯାଇଛନ୍ତି। ଆଧ୍ୟାତ୍ମିକ ଚିନ୍ତାଧାରା ଦ୍ୱାରା ସବୁକିଛି ସମସ୍ୟାର ସମାଧାନ ହୋଇପାରିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେବାକେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସଂଯୁକ୍ତା ଭଉଣୀ ନୂତନ ବର୍ଷର ଅଭିନନ୍ଦନ ଜଣାଇ ସମସ୍ତଙ୍କ ସୁସ୍ଥ ଜୀବନ କାମନା କରିବା ସହ ସହଜ ରାଜଯୋଗ ଶିକ୍ଷାର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। କୁନି କୁନି ଛାତ୍ରୀଛାତ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ ବ୍ରହ୍ମାକୁମାରୀ ଭଉଣୀ ସହଯୋଗ କରିଥିଲେ। ରାଜଯୋଗୀ ବ୍ରହ୍ମାକୁମାର ପିତାମ୍ବର ଭାଇ ମଞ୍ଚ ପରିଚାଳନା କରିଥିବା ବେଳେ ସୁକାନ୍ତ, ରଞ୍ଜନ, ପ୍ରଭାତ, ପାର୍ଥ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୩୨ଟି ପାଠଶାଳାରୁ ୩୫୦ରୁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ଭାଇ ଭଉଣୀ ଉପସ୍ଥିତ ଥିଲେ।

## ଠାକୁର ନିଗମାନନ୍ଦ ଦେବଙ୍କ ପୂଜୋତ୍ସବ, ଭକ୍ତ ସମାବେଶ

ନିମାପଡ଼ା,୨।୧(ବିଚିତ୍ରାନନ୍ଦ ସାହୁ)

ନୀଳାଚଳ ସାରସ୍ୱତ ସଂଘ ପୁରୀ ଜିଲା ଅଧୀନ ନିମାପଡ଼ା ଆଶ୍ରମଠାରେ ଠାକୁର ନିଗମାନନ୍ଦ ଦେବଙ୍କ ସ୍ୱତନ୍ତ୍ର ପୂଜୋତ୍ସବ, ପ୍ରାର୍ଥନା ସଭା ଓ ଭକ୍ତ ସମାବେଶ ଆୟୋଜିତ ହୋଇଥିଲା। ସମାରୋହରେ ଅତିଥି ଭାବେ ନୀଳାଚଳ ସାରସ୍ୱତ ସଂଘ କେନ୍ଦ୍ର ସଭାପତି ସନ୍ତୋଷ ମହାନ୍ତି, ଉପସଭାପତି କୀର୍ତ୍ତନ ବିହାରୀ ପାତ୍ର, ପରିଚାଳକ ଶରତ ଚନ୍ଦ୍ର ସିଂଦେଓ, ନିମାପଡ଼ା ଶାଖା ସଂଘ ସଭାପତି ରବୀନ୍ଦ୍ର ନାୟକ, ମହେନ୍ଦ୍ର ସିଂ ଭାଟିଆ, ନିଗମାନନ୍ଦ ସାହୁ, ଯୋଗଜନ୍ମା ସାହୁ ପ୍ରମୁଖ ଯୋଗଦେଇ ଏହି ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଠାକୁରଙ୍କ ଷୋଡ଼ଶ ଉପଚାର ପୂଜା, ମଙ୍ଗଳ ଆଳତି, ସାମୂହିକ ପ୍ରାର୍ଥନା ସଭା ଯଥାବିଧି ଅନୁଷ୍ଠିତ ହୋଇଥିଲା। ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୮୦୦ ଭକ୍ତ ଯୋଗଦେଇ ଠାକୁରଙ୍କ ଆଶିଷ ଲାଭ କରିଥିଲେ।

## ବାବା ଅଭିରାମ ସରସ୍ୱତୀଙ୍କ ତ୍ରିବେଣୀ ଆଳତି

କଣାସ,୨।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ଶେଷ ସୀମା ଦୟା, ଭାର୍ଗବୀ, ଲୁଣା ନଦୀର ମିଶ୍ରଣସ୍ଥଳ ବଡ଼ଗୋଠଠାରେ ଅବସ୍ଥାପିତ ଅନନ୍ତ ନାରାୟଣ ପୀଠ ତ୍ରିବେଣୀ ଘାଟରେ ଗୁରୁବାର ସଦ୍‌ଗୁରୁ ବାବା ଅଭିରାମ ସରସ୍ୱତୀ ତ୍ରିବେଣୀ ଆଳତିର ଶୁଭାରମ୍ଭ କରିଛନ୍ତି। ଏଥିରେ ବ୍ରହ୍ମଗିରି, କଣାସ ଅଞ୍ଚଳ ଭକ୍ତଙ୍କ ସମେତ ପୁରୀ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା ଅଞ୍ଚଳରୁ ଆସିଥିବା ବାବାଙ୍କ ଶିଷ୍ୟ ବୃନ୍ଦ ଆଳତିରେ ଅଂଶଗ୍ରହଣ କରିଥିଲେ। ଶ୍ରୀଧର ପାଇକରାୟ, କୃଷ୍ଣଚନ୍ଦ୍ର ସାହୁ, ଅଜୟ ସେଠୀ, କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଡ଼ଗୋଷ୍ଠ ବିକାଶ କମିଟି ପକ୍ଷରୁ ଆଶ୍ରମରେ ବାବା ଓ ଭକ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବାବାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା।

## ସେଣ୍ଟ ଜାଭିୟର ହାଇସ୍କୁଲର ନୂତନ ଗୃହ ଉଦ୍‌ଘାଟିତ

ନିମାପଡ଼ା,୨।୧(ରଞ୍ଜନ ପଟ୍ଟନାୟକ)



ନିମାପଡ଼ା ଅମଳପଡ଼ାରେ ଦୀର୍ଘଦିନ ଧରି ଚାଲୁଥିବା ସେଣ୍ଟ ଜାଭିୟର ହାଇସ୍କୁଲ ଗୁହାଳପଡ଼ିଆ କେନାଲ ରୋଡ୍‌ସ୍ଥିତ ନୂତନ ଗୃହକୁ ସ୍ଥାନାନ୍ତରିତ ହୋଇ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସେଣ୍ଟ ଜାଭିୟର ଗ୍ରୁପ୍ ଚେୟାରମ୍ୟାନ ପ୍ରଭାତ କୁମାର ମିଶ୍ର, ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ହାଇସ୍କୁଲ ଉପଦେଷ୍ଟା କ୍ଷୀରୋଦ କୁମାର ରାୟ ମହାପାତ୍ର, ହାଇସ୍କୁଲ ଅଧ୍ୟକ୍ଷା ମୋନାଲିସା ନାୟକ, ଏସ୍‌ପି ଫାଉଣ୍ଡେଶନ ପ୍ରତିଷ୍ଠାତା କ୍ୟାପ୍‌ଟେନ ଶ୍ୱେତପର୍ଣ୍ଣା ରାୟ ମହାପାତ୍ର, ଏସ୍‌ପି ଫାଉଣ୍ଡେଶନ ଅଧ୍ୟକ୍ଷା ବିଲୁପ୍ତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକଙ୍କ ସମେତ ସ୍କୁଲ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରବାସୀ ଭାରତୀୟ ଦିବସ ପାଳିତ



ପିପିଲି,୨।୧(ଦୁର୍ଗାମାଧବ ମିଶ୍ର)

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଏବଂ ସମଗ୍ର ଶିକ୍ଷା, ପୁରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୋବିନ୍ଦପୁର କ୍ଲଷ୍ଟର ଅଧୀନ ଗୋବିନ୍ଦପୁର ନୋଡାଲ ୟୁପି, ହରିଅନ୍ତା ପ୍ରକଳ୍ପ ଉଚ୍ଚ ପ୍ରାଥମିକ, ଆରୁହା ୟୁଜିୟୁପି, ଗୋବିନ୍ଦପୁର ହାଇସ୍କୁଲରେ ଗୁରୁବାର ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ସିଆର୍‌ସିସି ଚିନ୍ତାମଣି ଓଝାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ପିଲାଙ୍କ ମଧ୍ୟରେ ପୋଷ୍ଟର ତିଆରି ଓ ପ୍ରବନ୍ଧ ପ୍ରତିଯୋଗିତା ଉଭୟ ଓଡ଼ିଆ ଏବଂ ଇଂଲିଶ ଭାଷାରେ ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗିତାର ବିଷୟବସ୍ତୁ 'ପ୍ରବାସୀ ଭାରତୀୟଙ୍କ ସଫଳତା ଏବଂ ଭାରତର ଉନ୍ନତିରେ ସେମାନଙ୍କ ଅବଦାନ' ରଖାଯାଇଥିଲା। ପ୍ରତିଯୋଗିତାର ପ୍ରଥମ କୃତୀ ପ୍ରତିଯୋଗୀ ଆସନ୍ତା ୪ରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବାକୁ ସ୍ଥିର ହୋଇଛି।

## ସରକାରୀ ଅନୁଦାନ ହରିଲୁଟ୍ ଅଭିଯୋଗ

**କ୍ଷେତ ପୋଖରୀ ଖନନ, ନଡ଼ିଆଚାରା ରୋପଣ ଏବଂ 'ମୋ ଉପକାରୀ ବଗିଚା' ଯୋଜନାରେ ଅନିୟମିତତା**

ଅସ୍ତରଙ୍ଗ,୨।୧(ମମତା ଜେନା):

କାକଟପୁର ବ୍ଲକ ଅଧୀନ କାଦୁଆନୂଆଗାଁ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କ୍ଷେତ ପୋଖରୀ ଖନନ ଓ ନଡ଼ିଆ ଚାରା ରୋପଣରେ ସରକାରୀ ଅନୁଦାନ ହରିଲୁଟ ହୋଇଥିବା ଅଭିଯୋଗ ହେଉଛି। ଏ ନେଇ ତଦନ୍ତ ହୋଇ ନ ଥିବା ବେଳେ ଏବେ ଏହି ଯୋଜନା ଅନ୍ତର୍ଗତ 'ମୋ ଉପକାରୀ ବଗିଚା' ଆଳରେ ପୁଣି ଅର୍ଥ ହରିଲୁଟ ପାଇଁ ମସୁଧା ଚାଲିଥିବା ପଞ୍ଚାୟତବାସୀ ଅଭିଯୋଗ ଆଣିଛନ୍ତି।

ପୁରୀ ଜିଲା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାଦୁଆନୂଆଗାଁ ପଞ୍ଚାୟତରେ କ୍ଷେତପୋଖରୀ ଖନନ ଓ ନଡ଼ିଆ ଚାରା ଯୋଗାଣରେ ଅନିୟମିତତା ସହ ଏବାବଦରେ ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଇଛି ବୋଲି ପୂର୍ବତନ ସରପଞ୍ଚ ଭୀମସେନ ସେଠୀ, ଦୁର୍ଯ୍ୟୋଧନ ମହାନ୍ତି, ଗଣେଶ ପାତ୍ର, ଗୌତମ ପାତ୍ର, ଦୁଃଶାସନ ବେହୁରା, ଅଭିମନ୍ୟୁ ବେହୁରା, କପିଳ ନାୟକ, ନବଘନ ବେହେରା ପ୍ରମୁଖ ଅଭିଯୋଗ ଆଣିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ସେମାନେ ପୁରୀ ଜିଲାପାଳ, ମୃତ୍ତିକା ସଂରକ୍ଷଣ ବିଭାଗ ନିର୍ଦ୍ଦେଶକ, ଭିଜିଲାନ୍ସ ବିଭାଗ ନିକଟରେ ଦାବି କରିଥିଲେ। କିନ୍ତୁ ଅଭିଯୋଗର ତଦନ୍ତ ହେଲାନାହିଁ। ତେଣୁ ଗତ ୬ତାରିଖରେ କାକଟପୁର ବ୍ଲକକୁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅନୁଧ୍ୟାନ ପାଇଁ ଆସିଥିବା ସେଣ୍ଟ୍ରାଲ ଏଜି ଅଡିଟ୍ ଟିମ୍‌କୁ ଉପରୋକ୍ତ ଅଭିଯୋଗକାରୀମାନେ ଭେଟି ଅଭିଯୋଗ ଜଣାଇବା ସହ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଦେଇ ତଦନ୍ତ ଦାବି କରିଥିଲେ। ଏହାପରେ ଜିଲାପାଳ ତଦନ୍ତ ପାଇଁ କାକଟପୁର ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକାରୀ ଟିମ୍ କ୍ଷେତ୍ର ପରିଦର୍ଶନ କରିବାବେଳେ କେତେଜଣ ହିତାଧିକାରୀ ଆଦୌ ପ୍ରକଳ୍ପ ନ କରି ଏବଂ ଆଉ କେତେଜଣ ଲୋକ ନାମକୁ ମାତ୍ର ୪ରୁ ୫ଟି ନଡ଼ିଆ ଚାରା ରୋପଣ କରି ସରକାରୀ ଅର୍ଥ ହାତେଇଥିବା ପାଇଥିବା ଜାଣିବାକୁ ପାଇଛନ୍ତି। ସେହିଭଳି ୨ଜଣ ହିତାଧିକାରୀ କ୍ଷେତ ପୋଖରୀ ଖୋଳିଥିବାବେଳେ ଆଉ ୧୦ଜଣ ପୋଖରୀ ନ ଖୋଳି କିଭଳି ସରକାରୀ ଅର୍ଥ ତାଙ୍କ ବ୍ୟାଙ୍କ ଜମାଖାତାକୁ ଗଲା ତାହା ସାଧାରଣରେ ପ୍ରଶ୍ନ ପାଲଟିଛି। ସେହିପରି ଯେଉଁ ୫୭ ହିତାଧିକାରୀଙ୍କୁ ନଡ଼ିଆ ଚାଷ ପାଇଁ ଚାରା ଯୋଗାଣ ସହ ଅନୁଦାନ ଯୋଗାଇ ଦିଆଯାଇଛି, ବାସ୍ତବରେ ସେମାନଙ୍କ ଜମିର ଖାତା, ପ୍ଲଟ ଠିକ ନ ଥିବା କୁହାଯାଉଛି। କାଦୁଆନୂଆଗାଁ ପଞ୍ଚାୟତର ସମ୍ପୃକ୍ତ ହିତାଧିକାରୀଙ୍କୁ ଅନ୍ୟ ପଞ୍ଚାୟତର ବୋଲି ଦର୍ଶାଇ ଅର୍ଥ ଚଳୁ କରାଯାଇଛି। ଏ ନେଇ ପଞ୍ଚାୟତବାସୀ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ସେଚନାଳର ସମସ୍ତ ଜମିକୁ ଜଳ ପ୍ରବାହ ଉପରେ ଗୁରୁତ୍ୱ

**ଜିଲାସ୍ତରୀୟ ପାଣି ପଞ୍ଚାୟତପକ୍ଷ ସମାବେଶ**

ଡେଲାଙ୍ଗ,୨।୧(ରଶ୍ମିରଞ୍ଜନ ପ୍ରଧାନ)



କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

କୃଷି ଓ କୃଷକଙ୍କ ମଧ୍ୟରେ ସମନ୍ୱୟ ରଖି ସେଚନାଳ ଜଳର ସୁଷମ ବଣ୍ଟନ ପରିଚାଳନା ପୂର୍ବକ ସେଚନାଳ ଅନ୍ତର୍ଭୁକ୍ତ ସମସ୍ତ ଜମିକୁ ଜଳ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେବାକୁ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି। ଡେଲାଙ୍ଗ ସେଚ ଉପଖଣ୍ଡ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୁରୀ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ହୋଇଯାଇଛି। ସମାବେଶରେ ବିଧାୟକ ପଟ୍ଟନାୟକ ଉପରୋକ୍ତ ଆହ୍ୱାନ ଦେବା ସହ ୨୫ବର୍ଷ ପରେ ସେଚ ଉପଖଣ୍ଡ କାର୍ଯ୍ୟାଳୟକୁ ଚାଷୀ ଆସିଥିବା ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ପୁରୀ ବିଭାଜନ ସେଚ ଅଧୀକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଦୟା, ରାଜୁଆ, ମକରା, ଲୁଣାନଦୀର ଜଳ ପ୍ରଦୂଷଣମୁକ୍ତ ରଖିବାକୁ ପରାମର୍ଶ ଦେଇଥିଲେ। ନିମାପଡ଼ା ସେଚ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇ ପାଣି ପଞ୍ଚାୟତର ଲକ୍ଷ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପାଣି ପଞ୍ଚାୟତ ସମ୍ପର୍କିତ ବକ୍ତୃତା, ପ୍ରବନ୍ଧ ଚିତ୍ରାଙ୍କନ, କୁଇଜ୍ ଓ ସଚେତନତା ପ୍ରଜ୍ଞାପନ ନମୁନା ପ୍ରଦର୍ଶନ ପ୍ରତିଯୋଗିତାର ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପୁରସ୍କାର, ସ୍ମାରକୀ ଫଳକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପୁରୀ ବିଭାଜନର ୭୯ ଓ ନିମାପଡ଼ା ବିଭାଜନର ୧୧୫ ପାଣି ପଞ୍ଚାୟତର କର୍ମକର୍ତ୍ତା ଏହି ସମାବେଶରେ ଅଂଶଗ୍ରହଣ କରିଥିଲେ। ବଳଙ୍ଗା ପାଣି ପଞ୍ଚାୟତ ସଭାପତି ସର୍ବେଶ୍ୱର ଦାଶ ଓ ଘୋରଡିଆ ପାଣି ପଞ୍ଚାୟତ ସମ୍ପାଦକ ରମେଶଚନ୍ଦ୍ର ପାଟଶାଣୀ ସୋଠ ନାଳ ରକ୍ଷଣାବେକ୍ଷଣ କ୍ଷେତ୍ରରେ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦେବାକୁ ପ୍ରସ୍ତାବ ଦେଇଥିଲେ। ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇ ଧନ୍ୟବାଦ ଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ତନୁଜ କିଶୋର ରାଉତ ଓ ମକରାନନ୍ଦ ବେହେରା, ସହକାରୀ ଯନ୍ତ୍ରୀ କରୁଣାକର ଲେଙ୍କା, ଶିଶିର ଚନ୍ଦ୍ର ସାହୁ ଓ ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ସମାବେଶ ପରିଚାଳନାରେ ସହଯୋଗ କରିଥିଲେ। ରାଜ୍ୟ ତଥା ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା କବି ତଥା ଜଳସମ୍ପଦ କର୍ମଚାରୀ ନିରନ ନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶୋଇବା ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅଧୀନ ଫକିରପଡ଼ା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଘରୁ ଝୁଲନ୍ତା ଅବସ୍ଥାରେ ଜବତ ହୋଇଛି। ସେ ହେଲେ ବିଶାଳ ଭଞ୍ଜ(୨୨)। ବିଶାଳ ଅପରାହ୍ନରେ ନିକଟ ଗ୍ରାମର ଜଣେ ସାଙ୍ଗଙ୍କୁ ଭିଡିଓ କଲ୍ କରିଥିଲେ। ସେଥିରେ ତାଙ୍କ ମାନସିକ ଅବସ୍ଥା ଠିକ୍ ନାହିଁ କହି କଲ୍ କାଟି ଦେଇଥିଲେ। ପରେ ତାଙ୍କ ସାଙ୍ଗ ବିଶାଳ ଘରେ ପହଞ୍ଚି ପରିବାର ଲୋକଙ୍କୁ ସବୁକଥା କହିଥିଲେ। ପରିବାର ଲୋକେ ବିଶାଳଙ୍କ ବନ୍ଦ ଥିବା ଶୋଇବା ଘର କବାଟ ଭାଙ୍ଗିବାରୁ ତାଙ୍କୁ ଫ୍ୟାନ୍‌ରେ ଏକ ଗାମୁଛା ସାହାଯ୍ୟରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ବିଶାଳଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୧/୨୫) ରୁଜୁ କରି ତଦନ୍ତ ଚଳାଇଛି।

# ସଫେଇ ଏଜେନ୍ସିର ମନମୁଖି କାର୍ଯ୍ୟକୁ ନେଇ ହଟ୍ଟଗୋଳ

**ସିଏମ୍‌ସିର ୨୭ତମ କାଉନସିଲ ବୈଠକ**

- ଆର୍ଥିକ ସଙ୍କଟ ଦୂର ପାଇଁ ରାଜସ୍ୱ ବୃଦ୍ଧି ପ୍ରସ୍ତାବ
- କଟକ ପରିଦର୍ଶନରେ ଆସୁଛନ୍ତି ପ୍ରବାସୀ ଭାରତୀୟ

କଟକ,୨।୧(କାର୍ତ୍ତିକ ସାହୁ)

ସହରରେ ସଫେଇ ବ୍ୟବସ୍ଥାକୁ ନେଇ ସିଏମ୍‌ସିର ୨୭ତମ କାଉନ୍‌ସିଲ ବୈଠକରେ ଗୁରୁବାର କର୍ପୋରେଟରମାନେ ହଟ୍ଟଗୋଳ କରିଛନ୍ତି। ୱାର୍ଡକୁ ସଫେଇ ଗାଡ଼ି ଯାଉନାହିଁ। ଆବର୍ଜନା ପଡ଼ିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ବାରମ୍ବାର ଅଭିଯୋଗ କରିବା ପରେ ବି ସଫେଇ ଏଜେନ୍ସି ଗୁରୁତ୍ୱ ଦେଉନାହିଁ। ମନଇଚ୍ଛା ଏଜେନ୍ସି କାମ କରୁଥିବାରୁ ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆସିପାରୁନାହିଁ। ସିଏମ୍‌ସିରେ ରାଜସ୍ୱ ହ୍ରାସ ପାଇ ଆର୍ଥିକ ସଙ୍କଟ ଦେଖାଦେଇଛି। ଏସବୁକୁ ନେଇ କାଉନସିଲ ବୈଠକରେ କର୍ପୋରେଟରମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହ ସଫେଇ ଏଜେନ୍ସିର ମନମୁଖି କାର୍ଯ୍ୟ ବନ୍ଦ କରିବା ଏବଂ ରାଜସ୍ୱ ବୃଦ୍ଧିଉପରେ ଗୁରୁତ୍ୱ ଦେବାକୁ ଦାବିକରିଛନ୍ତି।

ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ବିଜୁଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଧାୟିକା



ସିଏମ୍‌ସି କାଉନସିଲ ବୈଠକରେ ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ଅନ୍ୟମାନେ।

ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ପ୍ରବାସୀ ଭାରତୀୟମାନେ କଟକ ପରିଦର୍ଶନରେ ଆସୁଥିବାରୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ କହିଥିଲେ। ନିର୍ମାଣାଧୀନ ଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ବିଳମ୍ବକୁ ନେଇ ବିଧାୟିକା ଅଧିକାରୀମାନଙ୍କଠାରୁ ଉତ୍ତର ଚାହିଁଥିଲେ। ସହିଦ ଭବନ ଓ କଲ୍ୟାଣ ମଣ୍ଡପର ନବୀକରଣ, ବିଶ୍ୱନାଥ ପାଠାଗାର ନିର୍ମାଣ, ସିଏମ୍‌ସିର ପୁରୁଣା କୋଠାର ପୁନରୁଦ୍ଧାର ସମେତ ୧୭୦ କୋଟି ପ୍ରକଳ୍ପ କାର୍ଯ୍ୟ ଧୀମାଗତିରେ ଚାଲିଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଜେନ୍ସିଗୁଡ଼ିକ ଡ୍ରେନ୍‌ରୁ ପଙ୍କୋଦ୍ଧାର କାର୍ଯ୍ୟ ଠିକ୍ ଭାବେ କରିବାକୁ ନିର୍ଦ୍ଦେଶ ଦେବା ସହ ସହରରେ ଅଧିକ ଭେଣ୍ଡିଂଜୋନ ନିର୍ମାଣ କରିବାକୁ କହିଥିଲେ। କର୍ପୋରେଟର ତାପସ ସାମନ୍ତରାୟ ଓ ଚନ୍ଦନ ଜେନା ନୂଆବର୍ଷରୁ ସିଏମ୍‌ସିର ରାଜସ୍ୱ ବୃଦ୍ଧି ସଂକ୍ରାନ୍ତରେ କେତେକ ପ୍ରସ୍ତାବ ଦେଇଥିଲେ। ସିଏମ୍‌ସିରେ ଆର୍ଥିକ ସଙ୍କଟ ଦେଖାଦେଇଥିବାରୁ ଆୟ ବୃଦ୍ଧି କରିବା ଉପରେ କର୍ପୋରେଟରମାନେ ମତ ଉପସ୍ଥାପନ କରିଥିଲେ। ଗୃହ ଟିକସ ବକେୟା, ହୋର୍ଡିଂ, ଦୋକାନ ଗୃହ ଭଡ଼ା ଆଦାୟ ପ୍ରଭୃତିରେ ସ୍ୱଚ୍ଛତା ରହିଲେ ବହୁ ରାଜସ୍ୱ ଆଦାୟ ହୋଇପାରିବ ବୋଲି ସେମାନେ କହିଥିଲେ। କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। କଂଗ୍ରେସ କର୍ପୋରେଟର ଶୁଭାଶିଷ ପଟ୍ଟନାୟକ ବାଲିସାହି ବସ୍ତିରେ ଥିବା ଶୌଚାଳୟ ସମସ୍ୟା ସମ୍ପର୍କରେ କହିଥିଲେ। କର୍ପୋରେଟର ପ୍ରଜ୍ଞା ବେଉରା କାଳିଆବୁଦା ଶ୍ମଶାନର ପୁନରୁଦ୍ଧାର ଓ ୱାର୍ଡ ସମସ୍ୟା ଉପସ୍ଥାପନ କରିଥିଲେ। ଏହି ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଯୋଗଦେଇଥିଲେ।

## ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲରେ ନବବର୍ଷ ଉତ୍ସବ



ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)

କଟକ ତେଲେଙ୍ଗାପେଣ୍ଠସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ପରିସରରେ ଇଂଲିଶ ନବବର୍ଷ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲର ନିର୍ଦ୍ଦେଶକ ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା କର୍କଟ ରୋଗର କାରଣ, ନିରାକରଣ ଏବଂ ଏହାର ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ହସ୍ପିଟାଲ ପକ୍ଷରୁ ଡା. ରଣଜିତ୍ କର, ଡା ସୁବ୍ରାହ୍ମ ପାଣି, ଡା. ସୁଶାନ୍ତ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ହସ୍ପିଟାଲ ପକ୍ଷରୁ ପାଳନ କରାଯାଉଥିବାବେଳେ କର୍କଟ ରୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଇଥାଏ। ଲୋକମାନେ ତମାଖୁ ଛାଡ଼ିବାକୁ ପରାମର୍ଶ ଦେବାସହ କର୍କଟ ରୋଗର ପ୍ରତିରୋଧ ଓ ପୂର୍ବ ଚିହ୍ନଟ ଲାଗି ଗୁରୁତ୍ୱାରୋପ କରାଯାଇଛି।

## ଏସ୍‌ସିବିରେ ଖୋଲିଲା ରୋଗୀ ସମ୍ପର୍କୀୟ ଆଶ୍ରୟସ୍ଥଳୀ

**ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

କଟକ,୨।୧(ଶିଲ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ରୋଗୀ ସମ୍ପର୍କୀୟଙ୍କ ପାଇଁ ଆଶ୍ରୟସ୍ଥଳୀ ଖୋଲାଯାଇଛି। ପୂର୍ବରୁ ମେଡିକାଲ ପରିସରରେ ଥିବା ନନ୍‌ଟ୍ରମା କାଜୁଆଲ୍‌ଟି ସ୍ଥାନରେ ଏହି ଆଶ୍ରୟସ୍ଥଳୀ ଗୁରୁବାରଠାରୁ କାର୍ଯ୍ୟକାରୀ ହୋଇଛି। ଏଠାରେ ୧୫୦ରୁ ଅଧିକ ଲୋକ ଆଶ୍ରୟ ନେବାର ବ୍ୟବସ୍ଥା କରାଯାଇଛି। ଏଥିସହ ୬୦ଟି ଚେୟାର ଓ ଫ୍ୟାନ୍ ବ୍ୟବସ୍ଥା କରାଯାଇଛି। ମହିଳାଙ୍କୁ ନଜରରେ ରଖି ସ୍ୱତନ୍ତ୍ର ଭାବେ ଦୁଇଟି ଶୌଚାୟଳ ଓ ଆଶ୍ରୟ ନେବା ସ୍ଥାନ କରାଯାଇଛି। ଏହାବ୍ୟତୀତ ପୁରୁଷ ଓ ଅନ୍ୟମାନଙ୍କ ପାଇଁ ୮ଟି ଶୌଚାୟଳର ବ୍ୟବସ୍ଥା କରାଯାଇଛି। ଏନେଇ ମେଡିକାଲର କୁଳସଚିବ ଡ. ଅବିନାଶ ରାଉତ କହିଛନ୍ତି, ମେଡିକାଲକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ଏଣେତେଣେ ଆଶ୍ରୟ ନେଉଥିଲେ। ଏହାକୁ ନଜରରେ ରଖି ସ୍ୱତନ୍ତ୍ର ଭାବେ ଏହି ଆଶ୍ରୟସ୍ଥଳୀ କାର୍ଯ୍ୟକାରୀ କରାଯାଇଛି। ମେଡିକାଲ ପରିସରର କୌଣସି ସ୍ଥାନରେ ଲୋକ ଆଶ୍ରୟ ନେବା ଦେଖିବା ମାତ୍ରେ ସେମାନଙ୍କୁ ଏହି ଆଶ୍ରୟସ୍ଥଳୀକୁ ପଠାଇବା ପାଇଁ ମେଡିକାଲରେ ନିୟୋଜିତ ସୁରକ୍ଷା କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ପ୍ରତିଦିନ ମେଡିକାଲକୁ ବିଭିନ୍ନ ସ୍ଥାନରୁ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ହେଲେ ସେମାନଙ୍କ ସମ୍ପର୍କୀୟ ଆଶ୍ରୟ ନେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ମେଡିକାଲରେ ଥିବା ନନ୍‌ଟ୍ରମା କାଜୁଆଲ୍‌ଟିକୁ ଆନାଟମି ବିଭାଗ ନିକଟକୁ ସ୍ଥାନାନ୍ତର କରାଯାଇଥିଲା। ପୂର୍ବରୁ ନନ୍‌ଟ୍ରମା କାଜୁଆଲ୍‌ଟି ଥିବା ସ୍ଥାନକୁ ରୋଗୀ ସମ୍ପର୍କୀୟଙ୍କ ଆଶ୍ରୟସ୍ଥଳି କରାଯାଇଛି।

**ସଂକ୍ଷେପରେ**

## ଗାତରେ ପଡ଼ି ବାଇକ ଚାଳକ ଗୁରୁତର

**୧ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା କେନାଲବନ୍ଧ**

ସାଲେପୁର,୨।୧(ଅରବିନ୍ଦ ଭୂୟାଁ)

ଖଇରାଠାରୁ ଅସୁରେଶ୍ୱର ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା କେନାଲବନ୍ଧର ଦକ୍ଷିଣ ପାର୍ଶ୍ୱ ରାସ୍ତାର ଜଳହରି ନିକଟରେ ଥିବା ଏକ ଗାତରେ ପଡି ଗୁରୁବାର ସନ୍ଧ୍ୟାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ପାଟପୁର ଗ୍ରାମର ନିରଞ୍ଜନ କାଣ୍ଡି(୨୫)। ସେ ମୋଟରସାଇକେଲ୍ ଯୋଗେ ଘରକୁ ଫେରୁଥିବାବେଳେ ଏହି ଗାତ ଜାଣି ନପାରି ସେଥିରେ ପଡ଼ି ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଦୀର୍ଘ ସମୟ ପରେ ନିରଞ୍ଜନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ସୂଚନାଯୋଗ୍ୟ, ବର୍ଷେ ପୂର୍ବେ ୧କୋଟି ୯୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ୩ ଦିନ ତଳେ ଏହି ରାସ୍ତା ଦବିଯାଇ ସେଠାରେ ବଡ଼ ଗାତ ସୃଷ୍ଟି ହୋଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଏହାକୁ ମରାମତି କରାଯାଇ ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।




କଟକ ରେଳ ଷ୍ଟେଶନରେ ଆରପିଏଫ୍ ପକ୍ଷରୁ ଅନୁଷ୍ଠିତ ମାନବଚାଲାଣ ଉପରେ ସଚେତନତା କାର୍ଯ୍ୟକ୍ରମ।

## ମହିଳାଙ୍କୁ ଅସଦାଚରଣ, ୪ ଯୁବକ ଗିରଫ

କଟକ,୨।୧(କାର୍ତ୍ତିକ ସାହୁ)

ମହିଳାଙ୍କୁ ଅସଦାଚରଣ ଓ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ଘଟଣାରେ ମଧୁପାଟଣା ପୋଲିସ ୪ ଜଣଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୂଆପଡ଼ା ମଙ୍ଗଳାସାହିର ରାକେଶ ବିହାରୀ, ଚନ୍ଦନ ବିହାରୀ, ଦିପୁନା ନାୟକ ଓ ସୁକା ସିଂ। ସୂଚନା ଅନୁଯାୟୀ, ନୂଆପଡ଼ା ମଙ୍ଗଳାସାହିରେ ରଞ୍ଜନ ବେହେରା, ତାଙ୍କ ସ୍ତ୍ରୀ ରୁନୁ ଓ ଦୁଇ ଶିଶୁକନ୍ୟାଙ୍କ ସହ ରୁହନ୍ତି। ଗତ ୩୧ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ରଞ୍ଜନଙ୍କ ଘର କବାଟ ବାଡ଼େଇଥିଲେ। ହେଲେ ସେ ନ ଖୋଲିବାରୁ ଅଭିଯୁକ୍ତମାନେ ଧକ୍କା ମାରି କବାଟ ଭାଙ୍ଗି ଭିତରେ ପଶିଥିଲେ। ପରେ ରୁନୁଙ୍କୁ ଅସଦାଚରଣ କରିଥିଲେ। ରଞ୍ଜନ ଏଥିରେ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାଡ଼ମାରି ସେଠାରୁ ପଳାଇଥିଲେ। ଏନେଇ ରୁନୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତ ଗିରଫ

ଚୌଦ୍ୱାର,୨।୧(ଆଶୁତୋଷ ଦାସ)

ଆକ୍ରମଣ ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ପୌରପାଳିକା ୧୯ ନମ୍ବର ୱାର୍ଡ଼ ଅଧୀନ କେଦାରେଶ୍ୱର ଅଞ୍ଚଳର ମନୋରଞ୍ଜନ ଦାସ। ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତିରେ କେଦାରେଶ୍ୱର ଅଞ୍ଚଳର ଦୀପକ ରାଉତ ଓ ମନୋରଞ୍ଜନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ମନୋରଞ୍ଜନ ଏଥିରେ ଉତ୍‌କ୍ଷିପ୍ତ ହୋଇ କଟୁରିରେ ଦୀପକଙ୍କ କାନ୍ଧକୁ ହାଣି ଦେଇଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଦୀପକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪/୨୫) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ‘ପାଣି ପଞ୍ଚାୟତର ସବୁ ସୁବିଧା ଚାଷୀ ନିଅନ୍ତୁ’

**ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ**

କଟକ,୨।୧(କାର୍ତ୍ତିକ ସାହୁ)

କୃଷି ଓ କୃଷକଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଏହି କ୍ରମରେ କଟକ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପ୍ରତାପନଗରୀସ୍ଥିତ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ(ୱାଲ୍‌ମି)ଠାରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଅଧ୍ୟକ୍ଷତା କରି ପାଣି ପଞ୍ଚାୟତର ସମସ୍ତ ସୁବିଧା ସୁଯୋଗ ଚାଷୀମାନେ ନିଅନ୍ତୁ ବୋଲି କହିଛନ୍ତି। ଚାଷୀମାନେ ପାଣି ପଞ୍ଚାୟତର ସମସ୍ତ ସୁବିଧା ବିନିଯୋଗରେ ବିଭିନ୍ନ ପ୍ରକାର ଚାଷ କରି ଲାଭବାନ ହେବା ସହ ପ୍ରାକୃତିକ ଦୁର୍ବିପାକରୁ ଫସଲକୁ ସୁରକ୍ଷା ଦେଇପାରିବେ। ଏଥିରେ ମୁଖ୍ୟ ଅତିଥି ଭାବେ ୱାଲ୍‌ମିର ନିର୍ଦ୍ଦେଶକ ଇଂ. ନିରଞ୍ଜନ ରାଉତ, ମୁଖ୍ୟବକ୍ତା ୱାଲ୍‌ମିର ମୁଖ୍ୟ ସଂଯୋଜକ ଡ. ସ୍ୱଧନ୍ୟ ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ୱାଲ୍‌ମିର ଯୁଗ୍ମ ନିର୍ଦ୍ଦେଶକ ଇଂ. ଚନ୍ଦ୍ରଶେଖର ସେଠୀ, ଉଠା ଜଳସେଚନର ନିର୍ବାହୀ ଯନ୍ତ୍ରୀ ଇଂ. ନିରଞ୍ଜନ ନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ ପରିସରରେ ବିଭିନ୍ନ ଷ୍ଟଲକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପାଣି ପଞ୍ଚାୟତ ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପାଣି ପଞ୍ଚାୟତର ନୋଡାଲ ଅଧିକାରୀ ଇଂ.ହେମନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ବିଭିନ୍ନ ପାଣି ପଞ୍ଚାୟତର ସଭାପତି, କର୍ମକର୍ତ୍ତା, ଚାଷୀ, ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ମହାନଦୀ ଦକ୍ଷିଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ବିଜୟ କୁମାର ସେଠୀ ସ୍ୱାଗତ ଭାଷଣ ଏବଂ ପ୍ରତାପନଗରୀସ୍ଥିତ ଉଠା ଜଳସେଚନ ଏସ୍‌ଡିଓ ଇଂ. ଅଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ଧାନ ମଣ୍ଡି ସଚେତନତା ରଥ ଉଦ୍‌ଘାଟିତ




ଆଠଗଡ,୨।୧(ସତ୍ୟ ପ୍ରସାଦ ରଥ)

ଆଠଗଡ ଉପଖଣ୍ଡରେ ଚାଷୀମାନେ ମଣ୍ଡିରେ ବଳକା ଧାନ ଶୁକ୍ରବାରଠାରୁ ବିକ୍ରୟ କରିବେ। ଗୁରୁବାର ଏହି ପରିପ୍ରେକ୍ଷୀରେ ଚାଷୀମାନଙ୍କୁ ସଚେତନତା ନିମନ୍ତେ ଏକ ପ୍ରଚାର ରଥ ବାହାରିଲା। ଆଠଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ରଥକୁ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରଥ ବିଭିନ୍ନ ପଞ୍ଚାୟତ ବୁଲି ଚାଷୀମାନଙ୍କୁ ସଚେତନତା କରାଇବ। ଧାନରେ ଆର୍ଦ୍ରତା ଅଧିକ ଥିଲେ ଭଲ ଭାବେ ଶୁଖାଇବା ଆବଶ୍ୟକ ଏଥିସହ ଶୁଖାଇବା ସମୟରେ ଧାନକୁ ଉପର ତଳକୁ କରିବାକୁ ପଡିବ। ଅଧିକ ପରିମାଣର ଅର୍ଜୈବିକ ପଦାର୍ଥ ଥିଲେ ଧାନକୁ ଭଲଭାବରେ ଶୁଖାଇ ଉଡ଼ାଇବା ଏବଂ ପାଛୋଡ଼ିବାକୁ ପଡ଼ିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ମଧୁସ୍ମିତା ବିଶି, ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ ଓ ସମରେନ୍ଦ୍ର ଭଞ୍ଜ, ବରିଷ୍ଠ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ବିଜେନ୍ଦ୍ର କୁମାର ମହାନ୍ତି ଓ ନରସିଂହପୁର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ରାମନାରାୟଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚ ସାବିତ୍ରୀ ରାଉତଙ୍କ ପରଲୋକ

ଖୁଣ୍ଟୁଣୀ,୨।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ମହାକାଳବସ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ସାବିତ୍ରୀ ରାଉତ(୭୨)ଙ୍କର ଗୁରୁବାର ମଧ୍ୟାହ୍ନରେ ମହାକାଳବସ୍ତ ଗ୍ରାମସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ମସ୍ତିଷ୍କାଘାତରେ ପୀଡିତ ହୋଇ ଭୁବନେଶ୍ୱରସ୍ଥିତ ଏକ



ଘରୋଇ ହସ୍ପିଟାଲରେ ୨ ମାସ ହେଲା ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ଆଲୋକ ରଞ୍ଜନ, ଅମିୟ ରଞ୍ଜନ, ପୁତ୍ରବଧୂ, ଝିଅ-ଜ୍ୱାଇଁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମୃତ୍ୟୁ ଖବରପାଇ ବିଧାୟକ ବିଜୟ ଦଳବେହେରା, ବଡ଼ମ୍ବା ବ୍ଲକ ଚେୟାରମ୍ୟାନ ରଘୁପତି ମହାନ୍ତି, କଟକ ଜିଲା ଭାଜପା ସଭାପତି ରାମ ନାରାୟଣ ମହାନ୍ତି, ବରିଷ୍ଠ ବୁଦ୍ଧିଜୀବୀ କିରଣ ବିହାରୀ ଖଟୁଆ, ପ୍ରମୋଦ କୁମାର ଧଳ, ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀର ସଭାପତି ଅଜୟ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନୈତିକ ନେତା ରାଉତଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାକାଳବସ୍ତ ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିଲା। ସାନପୁଅ ଅମିୟ ରଞ୍ଜନ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସାବିତ୍ରୀ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ।

# ଚାଷୀଙ୍କୁ ମିଳୁ ଉପଯୁକ୍ତ କ୍ଷତିପୂରଣ

କଟକ,୨।୧(କାର୍ତ୍ତିକ ସାହୁ)

ବିଭିନ୍ନ ଦାବି ନେଇ ମହାନଗର ନାଗରିକ ମଞ୍ଚ ପକ୍ଷରୁ କଟେରିଗଡ଼ାଠାରେ ଗଣଧାରଣା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚାଷୀ ଓ ଭାଗଚାଷୀଙ୍କୁ ଅଦିନିଆ ବର୍ଷାଜନିତ ଫସଲହାନିର ଉପଯୁକ୍ତ କ୍ଷତିପୂରଣ ଦେବା ସହ କୃଷିଋଣ ଛାଡ଼ କରିବା, ଫସଲ ଏଫ୍‌ସିଆଇ ସିଧାସଳଖ ଚାଷୀଙ୍କଠାରୁ କିଣିବା, ଚାଷୀଙ୍କୁ ଦୀର୍ଘକାଳୀନ ସୁଧ ରହିତ ଋଣ ଦେବା ଓ ଋଣ ଆଦାୟ ପାଇଁ ଜୁଲୁମ ବନ୍ଦ କରିବା, ସବୁ ଚାଷଯୋଗ୍ୟ ଜମିକୁ ଜଳଯୋଗାଣ କରିବା ଆଦି ଦାବି ଉପସ୍ଥାପନ କରାଯାଇଛି। ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଚାଷ ଓ ଚାଷୀ ବଞ୍ଚାଅ ଅଭିଯାନର ସଂଯୋଜକ ଯୁଗଳ କିଶୋର ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ବିଶ୍ୱାବସୁ ଦାସ, ଡ. ବିଶ୍ୱଜିତ୍, ଇଂ. କ୍ଷୀରୋଦ ମହାପାତ୍ର, ଖଗେଶ୍ୱର ସେଠୀ, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ସୁକାନ୍ତ ନାୟକ, ଇଂ. ରମାକାନ୍ତ ପ୍ରଧାନ, ଲଲାଟେନ୍ଦୁ ପ୍ରଧାନ, ସୁରେନ୍ଦ୍ର ଗୋଛାୟତ, ଶେଖ୍ ୟାସିନ, ଦୀପକ ଦାସ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ପ୍ରତିବାଦ ସଭା ପରେ ସଙ୍ଗଠନ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଜିଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଥିଲା।

## କଲ୍ୟାଣ ମଣ୍ଡପ ସ୍ଥାନାନ୍ତରଣକୁ ବିରୋଧ

**ବିଡିଓଙ୍କୁ ଦାବିପତ୍ର**

କଟକ ସଦର,୨।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ ସ୍ଥାନାନ୍ତରଣକୁ ସ୍ଥାନୀୟ ସରପଞ୍ଚ ରତ୍ନାକର ରାଉତ ବିରୋଧ କରିଛନ୍ତି। ଏନେଇ ସେ ଗୁରୁବାର ଏକ ଦାବିପତ୍ର ବିଡିଓ ପ୍ରତୀକ କୁମାର ସାହୁଙ୍କୁ ପ୍ରଦାନ କରିଛନ୍ତି। ଧରିଣା ଗ୍ରାମରେ ନିର୍ମାଣ ପାଇଁ ଉଦ୍ଦିଷ୍ଟ କଲ୍ୟାଣ ମଣ୍ଡପକୁ ଅର୍ଚ୍ଛିଲ ଗ୍ରାମର ଭୁଟାନ ଗାଦି ପରିସରକୁ ସ୍ଥାନାନ୍ତର ନ କରିବା ପାଇଁ ରାଉତ ଦାବିପତ୍ରରେ ଦର୍ଶାଇଛନ୍ତି। କାରଣ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମଙ୍ଗଳବାର ଏହି କଲ୍ୟାଣ ମଣ୍ଡପ ପାଇଁ ଶିଳାନ୍ୟାସ ଗାଦି ପରିସରରେ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ୩ ବର୍ଷ ତଳେ ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନ ୧୦ ଲକ୍ଷ ଟଙ୍କା ବ୍ୟୟରେ ଧରିଣା ଗ୍ରାମରେ ଉକ୍ତ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଯୋଜନା ହୋଇଥିଲା। ଏଥିପାଇଁ ଜାଗା ଦେବାକୁ କିଶନ ନଗର ତହସିଲଦାରଙ୍କୁ ପତ୍ର ଲେଖାଯାଇଥିଲା। ଏବେ ଅର୍ଚ୍ଛିଲ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଶିଳାନ୍ୟାସ ଫଳକ ଲଗାଯାଇ ସେଥିରେ ସରପଞ୍ଚଙ୍କୁ ଅତିଥି କରାଯାଇଛି ବୋଲି ଉଲ୍ଲେଖ ରହିଛି, ଯାହାକୁ ସରପଞ୍ଚ ବିରୋଧ କରିଛନ୍ତି। ଅନ୍ୟପକ୍ଷରେ ନୂଆ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ହେବା ସମ୍ପର୍କରେ ଜାଣି ନ ଥିବା ବିଡିଓ ସାହୁ କହିଛନ୍ତି। ସମିତିସଭ୍ୟା ସସ୍ମିତା ଦାଶ କହିଛନ୍ତି, ଧରିଣା ଗ୍ରାମରେ ନିର୍ମାଣ ଉପଯୋଗୀ ଜାଗା ତହସିଲଦାର ଏ ପର୍ଯ୍ୟନ୍ତ ଯୋଗାଇ ଦେଇନାହାନ୍ତି। ତେଣୁ ବିଧାୟକଙ୍କ ପରାମର୍ଶକ୍ରମେ ଭୁଟାନ୍ ଗାଦି ପରିସରକୁ ସ୍ଥାନାନ୍ତର କରାଯାଇଛି। ପ୍ରୋଟୋକଲ ଦୃଷ୍ଟିରୁ ଫଳକରେ ସରପଞ୍ଚଙ୍କ ନାମ ଲେଖାଯାଇଥିଲା। ଏବେ ଜଳସେଚନ ବିଭାଗ ଜାଗା ଓ ଗୋଚର ଜମିରେ ବେଆଇନ ନିର୍ମାଣ ଉପରେ ରୋକ ଲାଗିଥିବାରୁ ବାଧ୍ୟ ହୋଇ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନିଆଗଲା।

# ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଶୂନ ପାଇଁ ଆହ୍ୱାନ

**କଟକ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

କଟକ,୨।୧(କାର୍ତ୍ତିକ ସାହୁ)

ସଡ଼କ ଦୁର୍ଘଟଣା ରୋକିବା ପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଅଧ୍ୟକ୍ଷତା କରି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଦୁର୍ଘଟଣା ହାର ହ୍ରାସ କରିବା ନିମନ୍ତେ ଦୁର୍ଘଟଣାର କାରଣ ତର୍ଜମା କରିବାକୁ କମିଟିମାନ ଗଠନ କରି ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଚଳିତ ମାସ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଶୂନ୍ୟ ରଖିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଚଳିତମାସ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଥିବାରୁ ଜିଲାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଉପଲକ୍ଷେ



ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ଅନ୍ୟମାନେ।

ଦୁଇଟି ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଡ୍ରାଇଭରଙ୍କ ପାଇଁ ବିଭିନ୍ନ ବସ୍ ରହଣି କେନ୍ଦ୍ରଗୁଡ଼ିକରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷଣ ଶିବିର ଆୟୋଜନ କରାଯିବ। ଏଥିସହ ସଚେତନତାଧର୍ମୀ ନାଟକ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଗାଡ଼ିଚାଳନା ସମୟରେ ହେଲ୍‌ମେଟ୍ ବ୍ୟବହାର, ସିଟ୍ ବେଲ୍ଟ ବାନ୍ଧିବା, ମୋବାଇଲ ଫୋନ୍‌ରେ ବାର୍ତ୍ତାଳାପ ନ କରିବା, ମଦ୍ୟପାନ କରି ଗାଡ଼ି ଚାଳନାରୁ ନିବୃତ୍ତ ରହିବା, ଦ୍ରୁତଗତିରେ ଗାଡ଼ି ନ ଚଲାଇବା, ୧୮ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ଯାନବାହନ ନ ଦେବା, ଓଭରଟେକ୍ କରିବାରୁ ନିବୃତ୍ତ ରହିବା, ଜିଲାର ବିଭିନ୍ନ ସ୍ଥାନରେ ଡିଭାଇଡର ସ୍ଥାପନ, ଜେବ୍ରା କ୍ରସିଂ ନିର୍ମାଣ, ଆଲୋକ ବ୍ୟବସ୍ଥା, ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ବୈଠକରେ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ୍ ସିଂ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ପଣ୍ଡା, ଟ୍ରାଫିକ୍ ଏସିପି ସୁଶାନ୍ତ କୁମାର ସିଂଙ୍କ ସମେତ ବରିଷ୍ଠ ପଦାଧିକାରୀ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ସଡ଼କ ନିର୍ମାଣ ବିଭାଗର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। କେନ୍ଦ୍ରାଞ୍ଚଳ ପରିବହନ ଉପାୟୁକ୍ତ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ବିରଞ୍ଚି ନାରାୟଣ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରବାସୀ ଭାରତୀୟଙ୍କୁ ଆକୃଷ୍ଟ କରିବ ଆଦିବାସୀ ମେଳା

ଭୁବନେଶ୍ୱର,୨।୧ (ସୌମ୍ୟରଞ୍ଜନ ରାଉତ)

**୫ରୁ ଆରମ୍ଭ**
- ଲେଜର, ଡ୍ରୋନ୍, ଲାଇଟ୍ ଆଣ୍ଡ ସାଉଣ୍ଡ ଓ ଫାୟାର୍ ୱାର୍କ ଶୋ' ଆକର୍ଷଣ ସାଜିବ
- ବିର୍ସା ମୁଣ୍ଡାଙ୍କ ଉପରେ ସ୍ୱତନ୍ତ୍ର ପାଭିଲିୟନ

ସହର ଭିତରେ ଆଦିବାସୀ ଗାଁ ଓ ବଜାରର ଭ୍ରମ ସୃଷ୍ଟି କରିବ ଚଳିତ ବର୍ଷର ଆଦିବାସୀ ମେଳା। ଜାନୁଆରୀ ୫ରେ ଆରମ୍ଭ ହେବାକୁ ଯାଉଥିବା ଏହି ରାଜ୍ୟସ୍ତରୀୟ ମେଳା ଲାଗି ପ୍ରସ୍ତୁତି ପ୍ରାୟ ସରି ଆସିଲାଣି। ପ୍ରଥମକରି ଓଡ଼ିଶାରେ ଆୟୋଜିତ ହେଉଥିବା ପ୍ରବାସୀ ଭାରତୀୟ ଦିବସକୁ ଦୃଷ୍ଟିରେ ରଖି ଚଳିତବର୍ଷ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡିଆରେ ମେଳାର ଆୟୋଜନ କରାଯାଇଛି। ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଆଦିବାସୀ ମେଳାରେ ମୁଖ୍ୟ ଆକର୍ଷଣ ହେବ ଆଦିବାସୀ ଗ୍ରାମ, ଆଦିବାସୀ ହାଟ, କଳା ଓ ହସ୍ତଶିଳ୍ପ ଗ୍ରାମ, ଜନଜାତି ଖାଦ୍ୟ ସମ୍ଭାରକୁ ନେଇ ଫୁଡ୍ କୋର୍ଟ, ଲାଇଭ୍ ଡେମୋନ୍‌ଷ୍ଟ୍ରେସନ ଓ ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ। ଚଳିତବର୍ଷ ୨୦ଟି ଆଦିବାସୀ କୁଟୀର ନିର୍ମାଣ କରାଯାଉଥିବା ବେଳେ ୧୪୭ଟି ଷ୍ଟଲରେ ଆଦିବାସୀ ସାମଗ୍ରୀ ବିକ୍ରିବଟା ହେବ। ଏଥିସହ କଳା ଓ ହସ୍ତଶିଳ୍ପ ଗ୍ରାମ ପାଇଁ ୪୦ଟି ଷ୍ଟଲ ପ୍ରସ୍ତୁତ କରାଯାଉଥିବାବେଳେ ୧୫ଟି ଷ୍ଟଲରେ ଲାଇଭ ଡେମୋନଷ୍ଟ୍ରେଶନର ସୁବିଧା ରହିବ। ଏଥିସହ ଭଗବାନ ବିର୍ସା ମୁଣ୍ଡା ପାଭିଲିୟନରେ ୫ ଗ୍ୟାଲେରିରେ ବିର୍ସା ମୁଣ୍ଡାଙ୍କ ଜୀବନୀ, ରାଜ୍ୟ ତଥା ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ସମ୍ପର୍କିତ ଗ୍ୟାଲେରି, ଚିତ୍ର ପ୍ରଦର୍ଶନୀ, ମିନି ଥିଏଟର ଓ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯିବ। ସନ୍ଧ୍ୟାରେ ଆଦିବାସୀ ନୃତ୍ୟସଙ୍ଗୀତ ପରିବେଷଣ କରାଯିବା ସହ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଆଧାରିତ ଲେଜର ଶୋ, ଓଡ଼ିଶାର ଜନଜାତି ସମ୍ପ୍ରଦାୟଭିତ୍ତିକ ଡ୍ରୋନ୍ ଶୋ, ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ପର୍ଯ୍ୟବସିତ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ, ଫ୍ୟାଶନ ଶୋ ଏବଂ ଫାୟାର୍ ୱାର୍କ ଶୋ'ର ମଧ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।







(ଫଟୋ: ବିକାଶ ନାୟକ)

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିରଞ୍ଚି



@ ସ୍ମିତା



@ ସୁଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମା'ଙ୍କ ଗାଳିଶୁଣି ନାବାଳିକାଙ୍କ ଆତ୍ମହତ୍ୟା

ଆଠଗଡ,୨।୧ (ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ ଥାନା ଅନ୍ତର୍ଗତ ଛଣସରା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ମା'ଙ୍କ ଗାଳିଶୁଣି ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ହେଲେ ଏହି ଗ୍ରାମର ସ୍ୱର୍ଗତ ବୁଦ୍ଧିଆ ଦାସଙ୍କ ନାବାଳିକା କନ୍ୟା(୧୨)। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସେ ସ୍ଥାନୀୟ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଥିଲେ। ଗୁରୁବାର କୌଣସି କାରଣରୁ ସ୍କୁଲ ଯାଇ ନ ଥିବାରୁ ମା'ତାଙ୍କୁ ଗାଳି କରିଥିଲେ। ଏଥିରେ ନାବାଳିକା ଜଣକ ଭାଙ୍ଗିପଡ଼ି ଘର ଭିତରେ ଓଢ଼ଣୀ ଦେଇ ଝୁଲିପଡ଼ିଥିଲେ। ପରିବାର ଲୋକେ ଏହା ଦେଖି ତୁରନ୍ତ ସମ୍ପୃକ୍ତ ନାବାଳିକାଙ୍କୁ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଏଥିସହ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ବିଦ୍ୟାଳୟ ପାଚେରି ପାର୍ଶ୍ୱରୁ ବୋମା ଉଦ୍ଧାର

କଳାପଥର,୨।୧ (ଗଙ୍ଗାଧର ସାହୁ)



ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ ଧଳାପଥର ବାଳିକା ଉଚ୍ଚ ବିଦ୍ୟାଳୟ ପାଚେରି ପାର୍ଶ୍ୱରୁ ଗୁରୁବାର ଏକ ଅଫୁଟା ବୋମା ଉଦ୍ଧାର ହୋଇଛି। ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ଉକ୍ତ ବୋମାକୁ ଉଦ୍ଧାର କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟ ସମ୍ମୁଖ ପାଚେରିରେ ମହାପ୍ରଭୁଙ୍କର ଚିତ୍ର ଅଙ୍କନ କରାଯାଉଥିବା ବେଳେ ସେଠାରେ ସଫେଇ ନ ହେବାରୁ ଲଟାବୁଦା ମାଡ଼ିଯାଇଥିଲା। ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ଏବଂ ନିଖିଳ ଉତ୍କଳ ଭାଗବତ ପ୍ରଚାର ସମିତିର ପ୍ରବଚକ କମଳାକାନ୍ତ ପ୍ରହରାଜଙ୍କ ସହଯୋଗରେ ଗୁରୁବାର ଉକ୍ତ ସ୍ଥାନ ସଫେଇ କରାଯାଉଥିବା ବେଳେ ଏକ ଅଫୁଟା ବୋମା ଥିବା ଦେଖିବାକୁ ମିଳିଥିଲା। ଏନେଇ ଧଳାପଥର ଫାଣ୍ଡି ଅଫିସର ସୁଶାନ୍ତ କୁମାର ମଲିକଙ୍କୁ ଅବଗତ କରାଯାଇଥିଲା। ପୋଲିସ ଟିମ୍ ପହଞ୍ଚି ସେଠାରୁ ବୋମାଟିକୁ ଉଦ୍ଧାର କରି ଅନୁସନ୍ଧାନ ଚଳାଇଛି। ତେବେ ବୋମାର ଉପରଭାଗ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଥିଲା।

## ଯୁକ୍ତ ୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର,୨।୧ (ସୁଚିସ୍ମିତା ସାହୁ)

ଯୁକ୍ତ ୨ ପ୍ରାକ୍ଟିକାଲ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପ୍ରାକ୍ଟିକାଲ ଚାଲିବ। ପ୍ରଥମ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗରେ ମୋଟ ୨ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ପ୍ରାକ୍ଟିକାଲ ପରୀକ୍ଷା ଦେଇଛନ୍ତି। ୧୨୭୬ଟି ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ସମେତ ୪୭୫ଟି ସେଲ୍ଫ ଫାଇନାନ୍ସିଂ କଲେଜରେ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ମିଳିଛି। ପ୍ରାକ୍ଟିକାଲ ପରୀକ୍ଷାରେ ସ୍ୱଚ୍ଛତା ଆଣିବା ଦିଗରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପଦକ୍ଷେପ ନେଇଛି। ପରୀକ୍ଷା ସରିବା କ୍ଷଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ୨ କଲେଜ) କର୍ତ୍ତୃପକ୍ଷ ଆସନ୍ତା ୧୦ରୁ ୨୫ ତାରିଖ ମଧ୍ୟରେ ଇଣ୍ଟରନାଲ ଆସେସ୍‌ମେଣ୍ଟ ଓ ପ୍ରାକ୍ଟିକାଲ ପରୀକ୍ଷାର ମାର୍କ ସାମ୍ସ ପୋର୍ଟାଲରେ ଦାଖଲ କରିବେ। ଇତିମଧ୍ୟରେ ପରୀକ୍ଷା ପୂର୍ବରୁ ସମସ୍ତ କେନ୍ଦ୍ରରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରାଯାଇଛି। ପରୀକ୍ଷା ମୂଲ୍ୟାୟନ, ମାର୍କ ଫଏଲରେ ମାର୍କ ଚଢ଼ାଇବା, ପରୀକ୍ଷକଙ୍କ ରିପୋର୍ଟ, ଖାତା ସଂଗ୍ରହ, ଉତ୍ତରଖାତା ପ୍ୟାକେଟ ସିଲ୍ ଭଳି ସମସ୍ତ କାର୍ଯ୍ୟକ୍ରମ ସିସିଟିଭି ନଜରରେ ରହିବ। ପୂରା ପରୀକ୍ଷାର ଭିଡିଓ ରେକର୍ଡିଂ ଦାଖଲ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ଆସନ୍ତା ଫେବୃଆରୀ ୧୮ରୁ ଯୁକ୍ତ୨ ଲିଖିତ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୭ ଯାଏ ଚାଲିବ।

### ଅନ୍‌ଲାଇନ୍‌ରେ ମୂଲ୍ୟାୟନ ହେବ କଳା ଓ ଧନ୍ଦାମୂଳକ ଇଂଲିଶ୍, ଓଡ଼ିଆ ଖାତା

ପ୍ରଥମଥର ପାଇଁ କଳା ଓ ଧନ୍ଦାମୂଳକ ପରୀକ୍ଷାର ଓଡ଼ିଆ ଏବଂ ଇଂଲିଶ୍ ଖାତା ଅନ୍‌ଲାଇନ ମାଧ୍ୟମରେ ମୂଲ୍ୟାୟନ କରାଯିବ। ପୂର୍ବରୁ ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାର ଓଡ଼ିଆ ଓ ଇଂଲିଶ ଖାତା କେବଳ ଅନ୍‌ଲାଇନରେ ଦେଖାଯାଉଥିଲା। ଅଫ୍‌ଲାଇନ ଖାତା ଦେଖିବାରେ ବିଳମ୍ବ ହେଉଥିଲା। ଏହାଦ୍ୱାରା ବିଦ୍ୟାର୍ଥୀଙ୍କ ପରୀକ୍ଷା ଫଳ ବାହାରିବା ମଧ ବିଳମ୍ବ ହେଉଥିଲା। ଏକାସଙ୍ଗେ ତିନୋଟିଯାକ ବିଭାଗ ସହିତ ଧନ୍ଦାମୂଳକ ପରୀକ୍ଷା ଫଳ ବାହାର କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଲକ୍ଷ୍ୟ ରଖିଛି। ଖୁବ୍‌ଶୀଘ୍ର ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପାଇଁ ସାମ୍ପଲ ପ୍ରଶ୍ନପତ୍ର ପ୍ରକାଶ କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନକଲେ ନବନିଯୁକ୍ତ ରାଜ୍ୟପାଳ

## ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି କାମନା କରିଛି: ହରିବାବୁ କମ୍ଭମପତି

ପୁରୀ,୨।୧ (ଅଜିତ୍ କୁମାର ମହାନ୍ତି)




ମହାପ୍ରଭୁଙ୍କ ଦର୍ଶନ ସାରି ହରିବାବୁ କମ୍ଭମପତି ପରିବାର ସହ ଫେରୁଛନ୍ତି।

ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିବା ଡ. ହରିବାବୁ କମ୍ଭମପତି ଶପଥ ଗ୍ରହଣ କରିବା ପୂର୍ବରୁ ଗୁରୁବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ସନ୍ଧ୍ୟାରେ କଡ଼ାସୁରକ୍ଷା ମଧ୍ୟରେ ନୂତନ ରାଜ୍ୟପାଳ କମ୍ଭମପତି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ତାଙ୍କୁ ଶ୍ରୀମନ୍ଦିର ଓ ଜିଲା ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ସେ ପରିବାର ସହ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ମହାଲକ୍ଷ୍ମୀ, ବିମଳା ଓ ବଟଗଣେଶଙ୍କ ସମେତ ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିସାରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ସେବାୟତ, ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂତନ ରାଜ୍ୟପାଳଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ପତିତପାବନ ବାନା ସହ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଏହି ଅବସରରେ କମ୍ଭମପତି 'ଜୟ ଜଗନ୍ନାଥ' କହି ତାଙ୍କ ବକ୍ତବ୍ୟ ଆରମ୍ଭ କରିଥିଲେ। ସେ କହିଥିଲେ, ମିଜୋରାମରୁ ସିଧା ଓଡ଼ିଶାରେ ପହଞ୍ଚିବା ପରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଆସିଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମିଳିଲା। ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରି ଆଶୀର୍ବାଦ ନେଲି। ବେଶ୍ ଆନନ୍ଦ ଲାଗୁଛି। ଓଡ଼ିଶା ପ୍ରାନ୍ତ ଏବଂ ଓଡ଼ିଶାବାସୀଙ୍କ ସୁଖ, କଲ୍ୟାଣ, ସମୃଦ୍ଧି, ଖୁସି ପାଇଁ ମହାପ୍ରଭୁଙ୍କ ନିକଟରେ କାମନା କରିଛି। ଶୁକ୍ରବାର ଓଡ଼ିଶାର ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବି। ମହାପ୍ରଭୁଙ୍କ କୃପାରୁ ଓଡ଼ିଶାର ବିକାଶ, ରାଜ୍ୟବାସୀଙ୍କ କଲ୍ୟାଣ ନିମନ୍ତେ ଚେଷ୍ଟା କରିବି। ଶପଥ ଗ୍ରହଣ ପରେ ସମସ୍ତ ବିଷୟରେ ସୂଚନା ଦେବି ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନବନିଯୁକ୍ତ ରାଜ୍ୟପାଳ କମ୍ଭମପତି ଓ ତାଙ୍କ ପରିବାର ସଦସ୍ୟଙ୍କ ପାଇଁ ଗୁରୁବାର ରାତିରେ ପୁରୀ ରାଜଭବନରେ ରାତ୍ରିଯାପନର ବ୍ୟବସ୍ଥା କରାଯାଇଛି।

### ଗର୍ଭଗୃହ ଦର୍ଶନ କଥା ପଚାରିଲେ କମ୍ଭମପତି

ପୁରୀ,୨।୧(ଅଜିତ୍ କୁମାର ମହାନ୍ତି): ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ହରିବାବୁ କମ୍ଭମପତି ଗୁରୁବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ତାଙ୍କର ସେବାୟତ ସୋମନାଥ ଖୁଣ୍ଟିଆଙ୍କ ସହ କିଛି ବାର୍ତ୍ତାଳାପ ହୋଇଥିଲା। ଏ ନେଇ ଖୁଣ୍ଟିଆ ସୂଚନା ଦେଇ କହିଛନ୍ତି, କମ୍ଭମପତି ତାଙ୍କୁ କହିଥିଲେ ଯେ, ପୂର୍ବରୁ ୨୦୧୫ରେ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତେବେ ବର୍ତ୍ତମାନର ଏପରି ବ୍ୟବସ୍ଥା ଓ ଏତେ ସଂଖ୍ୟାରେ ଲୋକ ଆଗରୁ ଦେଖି ନ ଥିଲେ। ସେତେବେଳେ ଭିତର ଗର୍ଭଗୃହରେ ସେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। କିନ୍ତୁ ଏବେ କାହିଁକି ଗର୍ଭଗୃହ ଦର୍ଶନ ହେଉନାହିଁ ବୋଲି ଖୁଣ୍ଟିଆଙ୍କୁ ପଚାରିଥିଲେ। ଅନ୍ୟପକ୍ଷରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି କାରଣରୁ ଗର୍ଭଗୃହ ଦର୍ଶନ ବ୍ୟବସ୍ଥା ବନ୍ଦ ରହିଛି। ଆପଣ ଚାହିଁଲେ ପୁଣିଥରେ ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇପାରିବ ବୋଲି କମ୍ଭମପତିଙ୍କୁ ସେ ଜଣାଇଥିବା ନେଇ ଖୁଣ୍ଟିଆ ପ୍ରକାଶ କରିଛନ୍ତି।

# ଓଡ଼ିଶାରେ ପହଞ୍ଚିଲା ଡବଲ ଡେକର ବସ୍



ଭୁବନେଶ୍ୱର,୨।୧ (ବନ୍ଦନା ସେଠୀ)

ଓଡ଼ିଶାରେ ପହଞ୍ଚିଲା ଇଲେକ୍ଟ୍ରିକ୍ ଡବଲ ଡେକର ବସ୍। ବସ୍‌ଟି ଗୁରୁବାର ଆନ୍ଧ୍ରପ୍ରଦେଶ ବର୍ଡର ଅତିକ୍ରମ କରି ବ୍ରହ୍ମପୁରରେ ପହଞ୍ଚିବା ପରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ପ୍ରବାସୀ ଭାରତୀୟ ଦିବସ ପାଇଁ ମହାରାଷ୍ଟ୍ରରୁ ୫ଟି ଇଲେକ୍ଟ୍ରିକ ଡବଲ ଡେକର ବସ୍ ଅଣାଯାଉଛି। ଡିସେମ୍ବର ୨୮ରେ ୨ଟି ବସ୍ ବାହାରିଥିବାବେଳେ ସେଥିରୁ ଗୋଟିଏ ବସ୍ ପହଞ୍ଚିସାରିଛି। ସେହିପରି ଡିସେମ୍ବର ୩୧ରେ ଗୋଟିଏ ଏବଂ ଜାନୁଆରୀ ୧ରେ ଆଉ ୨ଟି ବସ୍ ଓଡ଼ିଶା ଅଭିମୁଖେ ବାହାରିଛି। ବସ୍‌ଗୁଡିକରେ ଓଡ଼ିଶାର କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିଛି। ଥରେ ବିଦ୍ୟୁତ୍ ସଂଯୋଗ କଲେ ଏହା ପ୍ରାୟ ୨୫୦ରୁ ୩ଶହ କି.ମି. ପର୍ଯ୍ୟନ୍ତ ଚାଲିପାରିବ।

**ଆଉ ୪ ଆସୁଛି**

ବସ୍‌ଟି ୫୫ ସିଟ୍ ବିଶିଷ୍ଟ ହୋଇଥିବାବେଳେ ଏହାର ବେଗ ୪୫ କି.ମି. ରହିଛି। ସେହିପରି ବସ୍‌ଟି ଶୀତତାପ ନିୟନ୍ତ୍ରିତ ହୋଇଥିବାବେଳେ ତାହା ସବୁବେଳେ ସିସିଟିଭି ନଜରରେ ରହିବ। ବସ୍‌ରେ ପ୍ରଥମେ ପ୍ରବାସୀ ଭାରତୀୟମାନେ ବୁଲିବା ପରେ ଭୁବନେଶ୍ୱର, ପୁରୀ ଏବଂ କଟକରେ ଏହା ଚଳାଚଳ କରିବ। ବସ୍‌ର ସାମ୍ନା ପଟରେ କୋଣାର୍କ ଚକ୍ର ଚିହ୍ନ ରହିଥିବାବେଳେ ଶ୍ରୀମନ୍ଦିର, ଧଉଳି ଶାନ୍ତିସ୍ତୁପ ଓ କଟକ ବାଲିଯାତ୍ରାର ଚିତ୍ର ସ୍ଥାନ ପାଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଏହି ଡବଲ ଡେକର ବସ୍ ଚାଲିବାକୁ ଥିବାରୁ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି।

**ଓଡ଼ିଶା ସରକାର**
**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର**
E-Mail: serwcirclesbp@yahoo.com
Office Order No. 3691 **2nd Corrigendum** Dated: 27.12.2024
**Bid Identification No. Road Tender Online RWCSBP-07/2024-25**
No. O-1116: Following modifications are hereby made to the notice inviting tender vide this office Bid ID No. Road Tender Online RWCSBP-07/2024-25
1. The availability of tender online for bidding may be read as 30.12.2024 from 11.00 A.M. to 13.01.2025 upto 5.00 P.M. instead of from 23.12.2024 from 11.00 A.M. to 06.01.2025 upto 5.00 P.M.
2. The last date & time for seeking clarification may be read as 10.01.2025 upto 5.00 P.M. instead of 04.01.2025 upto 5.00 P.M.
3. The date & time of technical opening bid may be read as 15.01.2025 at 11.00 A.M. instead of 07.01.2025 at 11.00 A.M.
All other terms and condition remain unchanged.
Sd./- Chief Construction Engineer
R.W. Circle, Sambalpur
OIPR-25091/11/0026/2425

**ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଦେବଗଡ଼**
**ବିଜ୍ଞାପନ**
No. i-397: ଏତଦ୍ୱାରା ଦେବଗଡ଼ ଜିଲ୍ଲାରେ ଗ୍ରାମ ରୋଜଗାର ସେବକ ନିଯୁକ୍ତି ପାଇଁ ଦରଖାସ୍ତ କରିଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି, ସେମାନେ ଦାଖଲ କରିଥିବା ଦସ୍ତାବିଜର ନକଲ ଅନୁସାରେ ତଥ୍ୟ ଯାଞ୍ଚ କରାଯାଇ ଏକ ତାଲିକା ପ୍ରସ୍ତୁତ କରାଯାଇଅଛି। ଏହି ତାଲିକା District Website https://deogarh.odisha.gov.in ଉପଲବ୍ଧ। ଏହି ନୋଟିସ ନିର୍ଗମନ ହେବାର ୧୫ଦିନ ମଧ୍ୟରେ ଯାଞ୍ଚ ତଥ୍ୟାବଳୀ ଉପରେ ଯଦି କାହାର ଅଭିଯୋଗ ଅଛି, ଅଭିଯୋଗ ପତ୍ର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଦାଖଲ କରି ପ୍ରାପ୍ତିପତ୍ର ସ୍ୱୀକୃତି ନେବେ କିମ୍ବା ଅନ୍‌ଲାଇନ ସାହାଯ୍ୟରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ mail id: ori-ddeogarh@nic.inରେ ଅଭିଯୋଗ ଦାଖଲ କରିପାରିବେ। ଏହି ଅଭିଯୋଗ ପତ୍ରକୁ କମିଟି ଦ୍ୱାରା ଯାଞ୍ଚ କରାଯାଇ ଆପଣଙ୍କ ଯୋଗ୍ୟତା ସମ୍ପର୍କରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଯଦି କୌଣସି ଅଭିଯୋଗ ସମୟ ସୀମା ମଧ୍ୟରେ ଦାଖଲ ନ କରନ୍ତି ତା ହେଲେ ଏହି ଯାଞ୍ଚ ତଥ୍ୟ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ପରବର୍ତ୍ତୀ ସମୟରେ ଆପଣଙ୍କ ଅଭିଯୋଗ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଆପତ୍ତି ଦାଖଲ କରିବା ପାଇଁ ଶେଷ ତାରିଖ 15.01.2025 ସନ୍ଧ୍ୟା 5.30 P.M. (ଇ-ମେଲ୍ କିମ୍ବା ଅଫ୍‌ଲାଇନ୍)।
ସ୍ୱା./- ଜିଲ୍ଲାପାଳ-ତଥା-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବଗଡ଼
OIPR-19366/11/0004/2425

**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ନୋଟିସ ନଂ.: ଏସ୍‌ଟି-ସିଓଏନ୍-ଜେଏସ୍‌ଜି-ବିଜିଏଚ୍-୪ଟିଏଚ୍-ଲାଇନ୍-୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଡେପୁଟି ଚିଫ୍ ସିଗ୍ନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ସିଓଏନ୍/ଏଚ୍‌କ୍ୟୁ/ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ବାଗଡିହି-ଝାରସୁଗୁଡ଼ା ଗୁଡ୍‌ସ ୟାର୍ଡ ମଧ୍ୟରେ ୪ର୍ଥ ଲାଇନ୍ ଏବଂ ଧୁତ୍ରା ଓ ବାଗଡିହି ଷ୍ଟେଶନଠାରେ ପରବର୍ତ୍ତୀ ପର୍ଯ୍ୟାୟର କାର୍ଯ୍ୟ ସଂକ୍ରାନ୍ତରେ ଷ୍ଟେଶନ- ବାଗଡିହି ଓ ଧୁତ୍ରା, ବାଗଡିହି-ଧୁତ୍ରା ଏବଂ ଧୁତ୍ରା-ଝାରସୁଗୁଡ଼ା ଗୁଡ୍‌ସ ୟାର୍ଡ ସେକ୍ସନରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍ ଏବଂ ଅଟୋ-ସିଗ୍ନାଲିଂ ବ୍ୟବସ୍ଥା (ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ)ର ପ୍ରାବଧାନ, ଝାରସୁଗୁଡ଼ା ଗୁଡ୍‌ସ ୟାର୍ଡ ତଥା ଏମ୍‌ସିଏଲ୍ ବ୍ଲକ୍ କ୍ୟାବିନ୍‌ଠାରେ ଇଆଇର ପରିବର୍ତ୍ତନ । **ଟେଣ୍ଡରର ବିଜ୍ଞାପିତ ମୂଲ୍ୟ:** ₹୫୫,୪୩,୮୬,୮୯୫.୩୨ । **ଅମାନତ ରାଶି:** ₹୨୯,୨୧,୯୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** 0 । **ଟେଣ୍ଡର ସମାପ୍ତି ତାରିଖ ଓ ସମୟ:** ୨୪।୦୧।୨୦୨୫, ୧୫.୦୦ ଘଟିକା । **ଟେଣ୍ଡର ପ୍ରକାର:** ଖୋଲା । ଟେଣ୍ଡର ନୋଟିସର ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ । (PR-973)

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-229
**କାର୍ଯ୍ୟର ନାମ :** "ସମ୍ବଲପୁରରେ ବିଭିନ୍ନ ସିନିୟର ସେକ୍ସନ ଇଂଜିନିୟର/P-Ways ନିମନ୍ତେ ବରଗଡ଼ ରୋଡ଼ (BRGA), ସମ୍ବଲପୁର ସିଟି (SBPY), ଲୋଇସିଙ୍ଗା (LSX), ନୂଆପଡ଼ା (NPD) ଏବଂ ଖରିଆର ରୋଡ଼ (KRAR) ଠାରେ ଭଣ୍ଡାର ଗୋଦାମଗୁଡ଼ିକର ବ୍ୟବସ୍ଥା ଏବଂ ଅନ୍ୟ ସରକାରୀ ସୁବିଧା" ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 12,79, 416.49, EMD/ବିଡ୍ ସୁରକ୍ଷା ଜମା (₹) : 25,600.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA) ଜାରୀ ହେବା ତାରିଖ ଠାରୁ ଛଅ ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.01.2025 ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସ ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-852/P/24-25

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ବିବିଧ ଏସ୍ ଆଣ୍ଡ ଟି କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୮୨-ଏସ୍‌ଏନ୍‌ଟି-ପିଆର୍‌ଓଜେ.-ଟେଣ୍ଡର-୨୦୨୪, ତାରିଖ: ୨୪।୧୨।୨୦୨୪।
**କାର୍ଯ୍ୟର ନାମ:** ଦ.ପୂ.ମ. ରେଳପଥର ବିଳାସପୁର ଡିଭିଜନର ଝାରସୁଗୁଡ଼ା ସେକ୍ସନରେ ହିମଗିର-ବେଲପାହାଡ଼ ବ୍ରଜରାଜନଗର-ଆଇବି-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (ଓଏଫ୍‌ସି ଆଧାରିତ) ସହିତ ଅଟୋମାଟିକ୍ ସିଗ୍ନାଲିଂର ବ୍ୟବସ୍ଥା ସହିତ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂରେ ପରିବର୍ତ୍ତନ ଏବଂ ହିମଗିର ଝାରସୁଗୁଡ଼ା ସେକ୍ସନରେ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ, ଏମ୍‌ଏସ୍‌ଡିଏସି ଏବଂ ଆଇପିଏସ୍ ଆଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ, ସମସ୍ତ ଆଭ୍ୟନ୍ତରୀଣ ଓ ବାହ୍ୟ କାର୍ଯ୍ୟର ନିର୍ବାହ, ହଟ୍‌ଗୁଡ଼ିକର ନିର୍ମାଣ ଓ ବିଦ୍ୟୁତୀକରଣ ଇତ୍ୟାଦି, କବଚ ପାଇଁ ଓଏଫ୍‌ସି ବ୍ୟାକ୍‌ବୋନ୍‌ର ବ୍ୟବସ୍ଥା । ଏସ୍ ଆଣ୍ଡ ଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଆଇଆର୍‌ଆଇଏସ୍‌ଇଟି, ସିକନ୍ଦରାବାଦଠାରେ ଅଟୋମାଟିକ୍ ସିଗ୍ନାଲିଂ ପାଇଁ ସେଟ୍‌ଅପର ବ୍ୟବସ୍ଥା।
**ଟେଣ୍ଡର ମୂଲ୍ୟ:** ₹୪୩,୪୬,୯୭,୩୨୫.୬୦/- (ଟଙ୍କା ତେୟାଳିଶ କୋଟି ଛୟାଳିଶ ଲକ୍ଷ ସତାନବେ ହଜାର ତିନିଶହ ପଚିଶ ଟଙ୍କା ଷାଠିଏ ପଇସା ମାତ୍ର)। ବିଡ୍ ଅମାନତ (ଅଗ୍ରିମ ରାଶି): ₹୨୩,୨୩,୫୦୦.୦୦/- (ଟଙ୍କା ତେଇଶ ଲକ୍ଷ ତେଇଶ ହଜାର ପାଞ୍ଚଶହ ମାତ୍ର)। **ଟେଣ୍ଡରର ସମାପ୍ତିର ତାରିଖ ଓ ସମୟ:** ତା୨୦।୦୧।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ ।
ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ 'ଇ' ଟେଣ୍ଡର ଦସ୍ତାବିଜର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍: https://www.ireps.gov.in ପରିଦର୍ଶନ କରନ୍ତୁ।
*ଡେପୁଟି ଚିଫ୍ ସିଗ୍ନାଲ ଓ ଟେଲି. ଇଞ୍ଜିନିୟର (ପିଆର୍‌ଓଜେ.)*
CPR/10/413 *ଦ.ପୂ.ମ. ରେଳପଥ, ବିଳାସପୁର ।*
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

## ଭୁବନେଶ୍ୱରରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ପକ୍ଷରୁ ଗତ ଡିସେମ୍ବରରେ ପ୍ରକାଶିତ ୨୦୨୫ କ୍ୟାଲେଣ୍ଡର ବର୍ଷର କାର୍ଯ୍ୟସୂଚୀ ଅନୁସାରେ ସର୍ବପ୍ରଥମ ଇଣ୍ଡିଆନ ଓପନ ୱାର୍ଲ୍ଡ ଆଥ୍‌ଲେଟିକ୍ସ ବ୍ରୋଞ୍ଜ ଲେଭଲ କଣ୍ଟିନେଣ୍ଟାଲ ଟୁର୍ ଅଗଷ୍ଟ ୧୦ରୁ ଭୁବନେଶ୍ୱରରେ ହେବ। ସେପ୍ଟେମ୍ବରରେ ଜାପାନର ଟୋକିଓରେ ହେବାକୁଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପୂର୍ବରୁ ଭୁବନେଶ୍ୱରର ଏହି ପ୍ରତିଯୋଗିତାରେ ଭାରତୀୟ ଆଥ୍‌ଲେଟମାନେ ସେମାନଙ୍କ ଦକ୍ଷତା ଦେଖାଇବାର ଭଲ ସୁଯୋଗ ପାଇବେ। ବିଶେଷକରି ଭାରତୀୟ ଆଥ୍‌ଲେଟମାନେ ଘରୋଇ ପରିବେଶରେ ର୍‍ୟାଙ୍କିଙ୍ଗ୍ ପଏଣ୍ଟ (କାଟେଗୋରି-ସି) ହାସଲ କରପାରିବେ। ବ୍ରୋଞ୍ଜ୍ ଲେଭଲ ଟୁର୍ ହେଉଛି ଗୋଲ୍ଡେନ ଓ ସିଲଭର ଲେଭଲ ଟୁର୍‌ଠାରୁ ଲୋ-ଲେଭଲ ପ୍ରତିଯୋଗିତା। ୧୯୮୦ର ଶେଷଭାଗ ଏବଂ ୧୯୯୦ର ପ୍ରଥମ ଭାଗରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପର୍‌ମିଟ ମିଟ୍ସ ପରେ ଭାରତ ପ୍ରଥମଥର ପାଇଁ ଏପରି ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିବ। ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ ମିଟ୍ ଆୟୋଜନ ପାଇଁ କେତେକ ଔପଚାରିକତା ରହିଛି। ପ୍ରତିଯୋଗିତା ଆୟୋଜନ ହେବାକୁ ଥିବା ଷ୍ଟାଡିୟମରେ ଅତିକମ୍‌ରେ ୩୦୦୦ ଦର୍ଶକ ବସିବା କ୍ଷମତା ଥିବା ଆବଶ୍ୟକ। ଦ୍ୱିତୀୟ ଶ୍ରେଣୀୟ ୬ ଲେନ୍ ବିଶିଷ୍ଟ ଟ୍ରାକ୍ ସହିତ ବ୍ୟବହାର ହେବାକୁଥିବା ସରଞ୍ଜାମଗୁଡ଼ିକ ବିଶ୍ୱ ଆଥ୍‌ଲେଟିକ୍ସ ଦ୍ୱାରା ସ୍ୱୀକୃତ ହୋଇଥିବା ଆବଶ୍ୟକ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ଭିତ୍ତିଭୂମି ଥିବା ଷ୍ଟାଡିୟମ ମଧ୍ୟରୁ ଅନ୍ୟତମ। ଏଥିରେ ଅନେକ ଥର ଜାତୀୟ ଚାମ୍ପିୟନଶିପ୍ ସହ ୨୦୧୭ରେ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜିତ ହୋଇଛି। ସେତେବେଳେ ଦେଶ ବିଦେଶର ଆଥ୍‌ଲେଟ ଓ ଅଫିସିଆଲମାନେ ଏଠାରେ ଉପଲବ୍ଧ ଭିତ୍ତିଭୂମି ଓ ସୁବିଧା ସୁଯୋଗରେ ଅତ୍ୟନ୍ତ ଖୁସି ଜାହିର କରିଥିଲେ। ଏଏଫ୍‌ଆଇର କାର୍ଯ୍ୟସୂଚୀ ଅନୁସାରେ ଅକ୍ଟୋବର ୧୦ରୁ ୧୪ ପର୍ଯ୍ୟନ୍ତ ୨୯ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମଧ୍ୟ ଭୁବନେଶ୍ୱରରେ ଆୟୋଜନ ହେବ।



KHO KHO™ WORLD CUP INDIA 2025

# ୨୦୨୫ରେ ପ୍ରମୁଖ କ୍ରୀଡ଼ା ଇଭେଣ୍ଟ

୨୦୨୫ରେ ଅଲିମ୍ପିକ୍ କ୍ରୀଡ଼ା କିମ୍ବା ପୁରୁଷ ଫିଫା ବିଶ୍ୱକପ୍ ନାହିଁ। ଏହି ବର୍ଷ ମହିଳା ବର୍ଗରେ ଅନେକ ବିଶ୍ୱସ୍ତରୀୟ କ୍ରୀଡ଼ା ଅନୁଷ୍ଠିତ ହେବ। ଏଥିରେ ରଗ୍‌ବୀ, ଫୁଟବଲ ଓ କ୍ରିକେଟ ସାମିଲ। ଇଂଲଣ୍ଡରେ ମହିଳା ରଗ୍‌ବୀ ବିଶ୍ୱକପ୍, ସୁଇଜରଲାଣ୍ଡରେ ୟୁଫା ମହିଳା ୟୁରୋପିଆନ ଫୁଟବଲ ଚାମ୍ପିୟନଶିପ୍ ଏବଂ ଭାରତରେ ମହିଳା କ୍ରିକେଟ ବିଶ୍ୱକପ୍ ଆକର୍ଷଣରେ ରହିବ। ପୁରୁଷ ବର୍ଗର କ୍ରୀଡ଼ା ମଧ୍ୟରେ ଫିଫା କ୍ଲବ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ, ଫିଫା ଇଣ୍ଟରକଣ୍ଟିନେଣ୍ଟାଲ କପ୍, ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ, ଆଇସିସି ଚାମ୍ପିୟନ୍ସ ଟ୍ରଫି, ରାଇଡର କପ୍ ଗଲ୍ଫ, ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ, ୱାର୍ଲ୍ଡ ଗେମ୍ସ ସହିତ ଗ୍ରାଣ୍ଡସ୍ଲାମ ଟେନିସ, ଫର୍ମୁଲାୱାନ ମୋଟରରେସିଂ, ଆଦି ବାର୍ଷିକ ପ୍ରତିଯୋଗିତା ଗୁଡ଼ିକ ଆୟୋଜନ ହେବ...

## ମହିଳା କ୍ରିକେଟ ବିଶ୍ୱକପ୍

୨୦୨୫ ମହିଳା କ୍ରିକେଟ ବିଶ୍ୱକପ୍ ଭାରତରେ ଆୟୋଜନ ହେବ। ପ୍ରତିଯୋଗିତାର ଏହା ହେବ ୧୩ଶ ସଂସ୍କରଣ। ୧୯୭୮, ୧୯୯୭ ଓ ୨୦୧୩ ପରେ ଭାରତ ୪ର୍ଥ ଥର ପାଇଁ ଏହି ମେଗା ଇଭେଣ୍ଟ ଆୟୋଜନ ଅଧିକାର ପାଇଛି। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ୨୦୨୨ରେ ଟାଇଟଲ ଜିତିଥିବା ଅଷ୍ଟ୍ରେଲିଆ ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳିବ। ପ୍ରତିଯୋଗିତାରେ ମୋଟ ୩୧ଟି ମ୍ୟାଚ ଅନୁଷ୍ଠିତ ହେବ। ଭାରତ ଆୟୋଜନ ଅଧିକାର ପାଇଥିଲେ ହେଁ ଯଦି ପାକିସ୍ତାନ ଯୋଗ୍ୟତା ଅର୍ଜନ କରେ ତେବେ ଏହାର ମ୍ୟାଚଗୁଡ଼ିକ କୌଣସି ଏକ ନିରପେକ୍ଷ ଭେନ୍ୟୁରେ ଆୟୋଜନ ହେବ। ଭାରତ-ପାକିସ୍ତାନ-ଆଇସି ମଧ୍ୟରେ ଏପରି ବୁଝାମଣା ହୋଇଛି। ଏହା ୨୦୨୭ ପର୍ଯ୍ୟନ୍ତ ବଳବତ୍ତର ରହିବ। ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ଅବଶିଷ୍ଟ ୩ଟି ଟିମ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଦେଇ ଆସିବେ।

## ଖୋ ଖୋ ବିଶ୍ୱକପ୍

ଭାରତର ସ୍ୱଦେଶୀ କ୍ରୀଡ଼ା ଖୋ ଖୋର ସର୍ବପ୍ରଥମ ବିଶ୍ୱକପ୍ ଚଳିତ ବର୍ଷ ଆୟୋଜନ ହେବ। ଏହା ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆରେନାରେ ଜାନୁଆରୀ ୧୩ରୁ ୨୯ ପର୍ଯ୍ୟନ୍ତ ଉଭୟ ମହିଳା ଓ ପୁରୁଷ ବର୍ଗରେ ଅନୁଷ୍ଠିତ ହେବ। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ଓ ଅନ୍ତର୍ଜାତୀୟ ଖୋ ଖୋ ଫେଡେରେଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ହେବ। ଅଲ୍‌ଟିମେଟ ଖୋ ଖୋ ଭଳି ପ୍ରଥମ ସଂସ୍କରଣରେ ଖୋ ଖୋ ବିଶ୍ୱକପ୍ ସେଭେନ-ଏ- ସାଇଡ୍ ଫର୍ମାଟରେ ଖେଳାଯିବ। ଏଥିପାଇଁ ଆର୍ଥିକ ପୁରସ୍କାର ନ ଥିଲେ ହେଁ ଅନ୍ୟ ପୁରସ୍କାର ମାନ ରହିଛି। ପୁରୁଷ ବିଭାଗରେ ୨୧ ଓ ମହିଳାରେ ୨୦ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ପ୍ରତି ଦଳରେ ୧୫ ଖେଳାଳି, ଜଣେ ଲେଖାଏ କୋଚ୍, ମ୍ୟାନେଜର ଓ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ ରହିବେ। ପୁରୁଷ ବିଭାଗରେ ଆଫ୍ରିକାରୁ ୩ ଦଳ ଘାନା, କେନିୟା ଓ ଦକ୍ଷିଣ ଆଫ୍ରିକା, ଏସିଆରୁ ୯ ଦଳ ଭାରତ, ବାଂଲାଦେଶ, ଭୁଟାନ, ଇରାନ, ମାଲେସିଆ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଦକ୍ଷିଣ କୋରିଆ, ୟୁରୋପରୁ ୪ ଦଳ ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡ୍ସ ଓ ପୋଲାଣ୍ଡ, ଉତ୍ତର ଆମେରିକାରୁ ଆମେରିକା, ଦକ୍ଷିଣ ଆମେରିକାରୁ ୩ ଦଳ ଆର୍ଜେଣ୍ଟିନା, ବ୍ରାଜିଲ ଓ ପେରୁ ଏବଂ ଓସେନିଆରୁ ଅଷ୍ଟ୍ରେଲିଆ ଅଂଶଗ୍ରହଣ କରିବ। ସେହିପରି ମହିଳା ବର୍ଗରେ ଆଫ୍ରିକାରୁ ୩ ଦଳ ଉଗାଣ୍ଡା, କେନିୟା ଓ ଦକ୍ଷିଣ ଆଫ୍ରିକା, ଏସିଆରୁ ୧୦ ଦଳ ଭାରତ, ବାଂଲାଦେଶ, ଭୁଟାନ, ଇଣ୍ଡୋନେସିଆ, ଇରାନ, ମାଲେସିଆ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଦକ୍ଷିଣ କୋରିଆ, ୟୁରୋପରୁ ୪ ଦଳ ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡ୍ସ ଓ ପୋଲାଣ୍ଡ, ଦକ୍ଷିଣ ଆମେରିକାରୁ ପେରୁ ଏବଂ ଓସେନିଆରୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରିବ।

## ଜୁନିୟର ହକି ବିଶ୍ୱକପ୍

୨୦୨୫ରେ ଡିସେମ୍ବରରେ ଅନୁଷ୍ଠିତ ହେବ ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ। ଜୁନିୟର ପୁରୁଷ ହକି ବିଶ୍ୱକପରେ ୨୪ଟି ଦଳ ଅଂଶଗ୍ରହଣ କରିବେ। ଭାରତ ଏହାର ଆୟୋଜନ ଅଧିକାର ହାସଲ କରିଛି। ଆୟୋଜକ ଭାରତକୁ ଛାଡ଼ିଦେଲେ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ୧୭ଟି ଦଳ ହେଲେ ଆର୍ଜେଣ୍ଟିନା, କାନାଡ଼ା, ଚିଲି, ବେଲଜିୟମ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ନେଦରଲାଣ୍ଡ୍ସ, ସ୍ପେନ୍, ଅଷ୍ଟ୍ରେଲିଆ, ସ୍ୱିଜରଲାଣ୍ଡ, ବାଂଲାଦେଶ, ଚାଇନା, ଜାପାନ, ମାଲେସିଆ, ପାକିସ୍ତାନ ଓ ଥାଇଲାଣ୍ଡ। ଜାନୁଆରୀରୁ ଏପ୍ରିଲ ମଧ୍ୟରେ ହେବାକୁଥିବା ଓସେନିଆ କପ୍ ଓ ଆଫ୍ରିକାନ୍ କପ୍‌ରୁ ଅବଶିଷ୍ଟ ୬ଟି ଦଳ ଯୋଗ୍ୟତା ଅର୍ଜନ କରିବେ। ସେହିପରି ଜୁନିୟର ମହିଳା ହକି ବିଶ୍ୱକପ ମଧ୍ୟ ଏହିବର୍ଷ ଅନୁଷ୍ଠିତ ହେବ। ଏଥର ଚିଲିର ସାଣ୍ଟିଆଗୋରେ ଏହା ଆୟୋଜନ ହେବ। ଆୟୋଜକ ଚିଲିକୁ ମିଶାଇ ମୋଟ ୨୪ଟି ଦଳ ଏଥିରେ ଭାଗନେବେ। ଏପ୍ରିଲରେ ହେବାକୁଥିବା ଜୁନିୟର ଆଫ୍ରିକାନ୍ କପ୍‌ରୁ ୩ଟି ଦଳ ଯୋଗ୍ୟତା ଅର୍ଜନ କରିବେ। ଯୋଗ୍ୟତା ଅର୍ଜନ କରି ସାରିଥିବା ଅନ୍ୟ ୨୦ଟି ଦଳ ହେଲେ ଆର୍ଜେଣ୍ଟିନା, ଆମେରିକା, ଉରୁଗୁଏ, କାନାଡ଼ା, ବେଲଜିୟମ, ଇଂଲଣ୍ଡ, ଜର୍ମାନୀ, ଆୟର୍ଲାଣ୍ଡ, ନେଦରଲାଣ୍ଡ୍ସ, ସ୍ପେନ, ୱେଲ୍ସ, ସ୍କଟଲାଣ୍ଡ, ଭାରତ, ଚାଇନା, ଦକ୍ଷିଣ କୋରିଆ, ଜାପାନ, ମାଲେସିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ସୋଲୋମନ ଆଇସଲାଣ୍ଡ୍ସ।

# ସମସ୍ୟା ଘେରରେ ଭାରତୀୟ କ୍ରିକେଟ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲରେ ଟପ୍-୨ରେ ରହିବା ପରେ ଖରାପ ପ୍ରଦର୍ଶନ ଯୋଗୁ ସୁଯୋଗ ହାତଛଡା କରିଛି ଭାରତ। ଶେଷ ୨ଟି ସିରିଜରେ ଭାରତ ଖେଳିଥିବା ୭ ମ୍ୟାଚ ମଧ୍ୟରୁ ୫ଟିରେ ପରାଜିତ ହୋଇଛି। ଫଳରେ ସିନିୟର ଖେଳାଳିଙ୍କ ଉପରେ ଚାପ ବଢ଼ିଛି...**



ନିର୍ମଳ କୁମାର ମିଶ୍ର

୨୦୨୪ର ଶେଷ ମ୍ୟାଚ ମେଲବୋର୍ନ ଟେଷ୍ଟ ହାରିଛି ଟିମ୍ ଇଣ୍ଡିଆ। ସିଡନୀ ଟେଷ୍ଟରୁ ୨୦୨୫ର ଅଭିଯାନ ଆରମ୍ଭ କରିବ। ବିଶ୍ୱଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବା ଅସମ୍ଭବ ମନେ ହେଉଥିବାରୁ ଚାପରେ ରହିଛି ରୋହିତ ବାହିନୀ। ଏଥି ମଧ୍ୟରେ ଖରାପ ପ୍ରଦର୍ଶନ ପାଇଁ ଟିମ୍ ସମାଲୋଚିତ ହୋଇଛି। କ୍ରିକେଟ ପ୍ରେମୀମାନେ ନିରାଶ ହୋଇଛନ୍ତି। ଦଳରେ ବଡ ପରିବର୍ତ୍ତନ ଆବଶ୍ୟକ ବୋଲି ଅନେକେ ମନେ କରୁଛନ୍ତି। ଭାରତର ଅସ୍ଥିର ପ୍ରଦର୍ଶନ, ସିନିୟର ଖେଳାଳି ରୋହିତ ଶର୍ମା, ବିରାଟ କୋହଲିଙ୍କ ଖରାପ ଫର୍ମ, ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସ୍ପିନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନୀଙ୍କ ଅଷ୍ଟ୍ରେଲିଆ ସିରିଜ ଅଧାରୁ ଅବସର, ଦୀର୍ଘ ଦିନ ପରେ ଭାରତକୁ ନିତୀଶ କୁମାର ରେଡିଙ୍କ ପରି ଅଲରାଉଣ୍ଡର ମିଳିବା, ଭାରତୀୟ ଷ୍ଟାର ପେସବୋଲର ଯଶପ୍ରୀତ ବୁମରାଙ୍କ ଚମତ୍କାର ପ୍ରଦର୍ଶନ, ବିଦେଶ ମାଟିରେ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲଙ୍କ ଚମକ, ଦୀର୍ଘ ୧୨ବର୍ଷ ପରେ ଆଇସିସି ଟ୍ରଫି ହାସଲ, ସଫଳ କୋଚ ରାହୁଲ ଦ୍ରାବିଡଙ୍କ ସ୍ଥାନରେ ଗୌତମ ଗମ୍ଭୀର ମୁଖ୍ୟ କୋଚ ହେବା, ୧୨ବର୍ଷ ପରେ ନ୍ୟୁଜିଲାଣ୍ଡଠାରୁ ଘରୋଇ ସିରିଜରେ ହ୍ୱାଇଟୱାସ ହେବା, ୨୮ବର୍ଷ ପରେ ଶ୍ରୀଲଙ୍କାଠାରୁ ଏକଦିବସୀୟ ସିରିଜ ହାରିବା, ରୋହିତ ଶର୍ମା, ବିରାଟ କୋହଲି ଓ ରବିନ୍ଦ୍ର ଜାଡେଜାଙ୍କ ଟି୨୦ରୁ ଅବସର ଘୋଷଣା, ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ଥାନ ବିପକ୍ଷରେ ସିରିଜ ବିଜୟ, ଦୁର୍ଘଟଣା ପରେ ଷ୍ଟାର ଉଇକେଟ କିପର ରିଷଭ ପନ୍ତଙ୍କ ଅନ୍ତର୍ଜାତୀୟ କ୍ରିକେଟକୁ ସଫଳ ପ୍ରତ୍ୟାବର୍ତ୍ତନ, ଜୟ ଶାହା ସର୍ବକନିଷ୍ଠ ଓ ଭାରତର ୫ମ ଭାରତୀୟ ରୂପେ ଆଇସିସିର ଚେୟାରମ୍ୟାନ ନିଯୁକ୍ତି ହେବା ଏବଂ ଆଇପିଏଲର ମେଗା ଅକ୍ସନରେ ଭାରତୀୟ ବ୍ୟାଟର୍ସ ଓ ବୋଲରଙ୍କ ଆଧିପତ୍ୟ ବିସ୍ତାର ଆଦି ୨୦୨୪ରେ ଭାରତୀୟ କ୍ରିକେଟକୁ ବେଶ ଚର୍ଚ୍ଚାର ପରିସରକୁ ଆଣିଥିଲା।

୨୦୨୫ରେ ଭାରତ ବହୁ ପ୍ରତିକ୍ଷିତ ଚାମ୍ପିୟନ୍ସ ଟ୍ରଫି ସହିତ ଏସିଆ କପ୍ କ୍ରିକେଟ ଓ ବର୍ଷ ଆରମ୍ଭରୁ ଇଂଲଣ୍ଡ ସହିତ ୫ଟି ଟି୨୦ ଓ ୩ଟି ଏକଦିବସୀୟ ମ୍ୟାଚ ଖେଳିବ। ଏହା ବ୍ୟତୀତ ରହିଛି କେତେଗୁଡିଏ ଦ୍ୱିପାକ୍ଷିକ ସିରିଜ। ବିଶ୍ୱଟେଷ୍ଟ ଚାମ୍ପିୟନଶିପର ୪ର୍ଥ ପର୍ଯ୍ୟାୟରେ ଇଂଲଣ୍ଡ ବିପକ୍ଷ ୫ଟିକିଆ ଟେଷ୍ଟ ସିରିଜ ମଧ୍ୟ ବିଦେଶ ମାଟିରେ ଖେଳିବ। ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟକୁ ବଡ ବ୍ୟବଧାନରେ ହାରିଥିବାରୁ ସିଡନୀ ଟେଷ୍ଟ ପରେ ଦଳରେ ବ୍ୟାପକ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏହା କେତେକ ସିନିୟର ଖେଳାଳିଙ୍କ ପାଇଁ ଶେଷ ଟେଷ୍ଟ ହୋଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଚଳିତ ଅଷ୍ଟ୍ରେଲିଆ ସିରିଜରେ ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ନିତିଶ କୁମାର ରେଡି, ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ଛାଡି ଦେଲେ ଅନ୍ୟମାନଙ୍କ ପ୍ରଦର୍ଶନ ଖରାପ ରହିଛି। ରୋହିତ ଶର୍ମାଙ୍କ ପରେ ଯଶପ୍ରୀତ ବୁମରା ଟେଷ୍ଟ ଦଳର ଅଧିନାୟକ ହେବା ପ୍ରାୟ ନିଶ୍ଚିତ। ପର୍ଥ ଟେଷ୍ଟରେ ଭାରତକୁ ଅପ୍ରତ୍ୟାଶିତ ବିଜୟ ଦେଇଥିବା ଅଧିନାୟକ ବୁମରା ମାତ୍ର ୪୪ ଟେଷ୍ଟରୁ ୨୦୦ ଉଇକେଟ ପୂରଣ କରିଛନ୍ତି। ଚଳିତ ସିରିଜରେ ଚମତ୍କାର ଫାଷ୍ଟ ବୋଲିଂ ମାଧ୍ୟମରେ ସେ ୩୦ଟି ଉଇକେଟ ନେଇ ସାରିଛନ୍ତି। ୨୦୨୪ରେ ସେ ମୋଟ ୭୧ଟି ଉଇକେଟ ନେଇ ଆଇସିସି ପ୍ଲେୟର ଅଫ୍ ଦି ଇୟର ଦୌଡରେ ସାମିଲ ହୋଇଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲରେ ଟପ୍-୨ରେ ଦୀର୍ଘ ୨ମାସ ରହିବା ପରେ ଖରାପ ପ୍ରଦର୍ଶନ ଯୋଗୁ ସୁଯୋଗ ହାତଛଡା କରିଛି ଭାରତ। ଶେଷ ୨ଟି ସିରିଜରେ ଭାରତ ଖେଳିଥିବା ୭ ମ୍ୟାଚ ମଧ୍ୟରୁ ୫ଟିରେ ପରାଜୟ ହୋଇଥିବାରୁ ଭାରତୀୟ ଦଳକୁ ପୂର୍ବତନ ଖେଳାଳି ଓ ଭାଷ୍ୟକାରମାନେ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ରୋହିତ ଶର୍ମାଙ୍କ ଅଧିନାୟକତ୍ୱ, ଖରାପ ଫର୍ମ, ଦଳ ଚୟନ, ନିଜର ବ୍ୟାଟିଂ ଅର୍ଡର ପରିବର୍ତ୍ତନକୁ ନେଇ ଏବଂ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଦଳର ବିପର୍ଯ୍ୟୟ ପାଇଁ ଦାୟୀ। ୨୦୨୪ରେ ଭାରତୟ ଦଳ ଖେଳିଥିବା ୧୫ ଟେଷ୍ଟ ମଧ୍ୟରୁ ୮ଟିରେ ବିଜୟ ୬ ପରାଜୟ ଏବଂ ଗୋଟିଏ ଡ୍ର ସହ ବର୍ଷ ଶେଷ କରିଛି।

ଅଷ୍ଟ୍ରେଲିଆ ସିରିଜ ପରେ ମୁଖ୍ୟ ଫୋକସରେ ରହିବ ଚାମ୍ପିୟନ୍ସ ଟ୍ରଫି। ଏହା ପୂର୍ବରୁ ଇଂଲଣ୍ଡ ଦଳ ଭାରତ ଗସ୍ତରେ ଆସିବ। ଏଥିରେ ୫ଟି ଟି୨୦ ଓ ୩ଟି ଏକଦିବସୀୟ ମ୍ୟାଚ ଖେଳିବ। ଏଥି ମଧ୍ୟରୁ ଫେବୃଆରୀ ୯ରେ କଟକଠାରେ ଏକ ମ୍ୟାଚ ଖେଳାଯିବ। ଏହି ଏକଦିବସୀୟ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ଯେପରି ମ୍ୟାଚ ଖେଳାଯିବାରେ କୌଣସି ପ୍ରତିବନ୍ଧକ ସୃଷ୍ଟି ନହୁଏ ସେଥିପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ରହିଛି ବାରବାଟୀ। ଦୀର୍ଘ ଦିନ ପରେ କ୍ରିକେଟ ବାରବାଟୀକୁ ଫେରିଥିବାରୁ ବେଶ ଉତ୍ସାହିତ ଅଛନ୍ତି ଦର୍ଶକ। ଇଂଲଣ୍ଡ ବିପକ୍ଷ ୫ଟି ଟେଷ୍ଟ ଜୁନ୍ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୪ ପର୍ଯ୍ୟନ୍ତ ଚାଲିବ। ସେହିପରି ଅଗଷ୍ଟ ମାସରେ ଭାରତୀୟ ଦଳ ବାଂଲାଦେଶ ଗସ୍ତ କରି ୩ଟି ଏକଦିବସୀୟ ଓ ୩ଟି ଟି୨୦ ମ୍ୟାଚ ଖେଳିବ। ଅକ୍ଟୋବର ମାସରେ ଘରୋଇ ପରିବେଶରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨ଟି ଟେଷ୍ଟ, ଅଷ୍ଟ୍ରେଲିଆ ବିପକ୍ଷରେ ୩ଟି ଏକଦିବସୀୟ ଏବଂ ୫ଟି ଟି୨୦ ମ୍ୟାଚ ନଭେମ୍ବର ମାସରେ ଖେଳିବ। ଏହି ସିରିଜ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବାରୁ ଭାରତ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ନଭେମ୍ବର ଓ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ଏକ ସଂପୂର୍ଣ୍ଣ ସିରିଜ ୩ଟି ଫର୍ମାଟରେ ଖେଳିବା ପାଇଁ ଭାରତ ଆସିବ। ଏଥିରେ ୨ଟି ଟେଷ୍ଟ, ୩ଟି ଏକଦିବସୀୟ ଓ ୫ଟି ଟି୨୦ ମ୍ୟାଚ ସାମିଲ। ବିଦେଶ ମାଟିରେ ଇଂଲଣ୍ଡ ବିପକ୍ଷରେ ୫ଟି ଟେଷ୍ଟ, ନ୍ୟୁଜିଲାଣ୍ଡ ବିପକ୍ଷରେ ୨ଟି ଓ ଶ୍ରୀଲଙ୍କା ବିପକ୍ଷରେ ୨ଟି ମ୍ୟାଚ ଖେଳିବାକୁ ଥିବା ବେଳେ ଘରୋଇ ପରିବେଶରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ଟି, ଅଷ୍ଟ୍ରେଲିଆ ବିପକ୍ଷରେ ୫ଟି ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨ଟି ଟେଷ୍ଟ ମ୍ୟାଚ ଖେଳିବ ଭାରତ।

ଆଗାମୀ ଦିନରେ ଭାରତୀୟ ଦଳର ରୂପରେଖ ବଦଳିବା ସମ୍ଭାବନା ରହିଛି। ବିଶେଷ କରି ବିଭିନ୍ନ ଫର୍ମାଟରେ ଅନେକ ଯୁବ ଖେଳାଳିଙ୍କୁ ଦେଖିବାକୁ ମିଳିପାରେ। ୩ ଫର୍ମାଟ ପାଇଁ ଭିନ୍ନ ଅଧିନାୟକ ରହିଲେ ଟିମ୍ ଉପରେ ଚାପ କମ ରହିବ। ଆମ ନିକଟରେ ଭଲ ବେଞ୍ଚ ଷ୍ଟ୍ରେନ୍ଥ ରହିଛି। ଅଭିଷେକ ଶର୍ମା, ରୁତୁରାଜ ଗାଏକ୍‌ୱାର୍ଡ, ଇଶାନ କିଶନ, ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ, ସାଇ ସୁଦର୍ଶନ, ରିୟାନ ପରାଗ, ତିଳକ ବର୍ମା, ଆୟୁଷ ବଦୋନୀ, ତୁଷାର ଦେଶପାଣ୍ଡେ, ମୁକେଶ କୁମାର, ଶିଭମ ମାଭି, ଯଶ ଠାକୁର, ଶିବମ ଦୁବେ, ଭେଙ୍କଟେଶ ଆୟର, କମଲେଶ ନାଗରକୋଟି, ବୈଭବ ସୂର୍ଯ୍ୟବଂଶୀ, ମୟଙ୍କ ଯାଦବଙ୍କ ପରି ଅନେକ ଯୁବ ଖେଳାଳି ସୁଯୋଗ ଅପେକ୍ଷାରେ ରହିଛନ୍ତି। ଆଗାମୀ ଆଇପିଏଲରୁ ମଧ ଅନେକ ଯୁବ ଖେଳାଳି ସୃଷ୍ଟି ହେବେ। ୨୦୧୨-୧୩ରେ ଇଂଲଣ୍ଡ ଠାରୁ ଟେଷ୍ଟ ସିରିଜ ହାରିବା ପରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ଯେଉଁ ଯୁବ ଖେଳାଳିମାନେ ସୁଯୋଗ ପାଇଥିଲେ ସେତେବେଳେ ବହୁ ସମାଲୋଚନା କରାଯାଇଥିଲା। ମାତ୍ର ତାହାର ସୁଫଳ ବିଦେଶ ମାଟିରେ ଟେଷ୍ଟ ବିଜୟ ସହଜ କରିବାରେ ସହାୟକ ହୋଇଥିଲା।।



ରୋହିତ ଶର୍ମା

## ଟେଷ୍ଟ

ବିଜୟ ହଜାରେ ଟ୍ରଫି ମ୍ୟାଚରେ
ବିପକ୍ଷରେ ନାଗାଲାଣ୍ଡ
ମୁମ୍ବାଇର ସର୍ବ କନିଷ୍ଠ ଖେଳାଳି
ଆୟୁଷର ବିଗ୍ ମୁଣ୍ଡ
ଲିଷ୍ଟ-ଏ କ୍ରିକେଟ ଷଣ୍ଡ
ଦେଢ଼ଶ'ରୁ ଉର୍ଦ୍ଧ୍ୱ ରନ କରି ନୂଆ
ୱାର୍ଲ୍ଡ ରେକର୍ଡ କଲା ଧଣ୍ଡ।



ଆୟୁଷ ମାହାତ୍ରେ

ଫ୍ୟାନ ତିନି ଲକ୍ଷ ତେଅସ୍ତରୀ ଛଅ
ଶହ ଏକାନବେ ଜଣ
ମେଲବୋର୍ନ ଟେଷ୍ଟ ଦେଖିଲେ ଚବିଶ
ବର୍ଷ କହେ ଦେଇ ରାଣ
ଟେଷ୍ଟ ଫଳାଫଳ ଗଣ
ତେପନ ଟେଷ୍ଟରୁ ପଚାଶ ରେଜଲ୍ଟ
ଏ ବିଶ୍ୱ ରେକର୍ଡ ମଣ।

ଶିକ୍ଷା ହେଉ ଅବା କ୍ରୀଡ଼ା ବିଜ୍‌ନେସ୍
ନ ହୋଇଲେ ସିରିୟସ
ଜିରୋ ନାଇଟ ସେଲିବ୍ରେଶନ ପରି
ଆମେ
ମଦ ପିଇ ହେବା ନାଶ
ଯା'ର ଏକାଗ୍ରତା ବଶ
ସଫଳତା ଆପେ ତା' ପାଖେ ପହଞ୍ଚେ
ଟେଷ୍ଟ କର ଯାଇ କୁଶ।

-ସୁବାସ ଚନ୍ଦ୍ର ପ୍ରଧାନ

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଶାନ୍ତିଲତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୟୁଏସଏଫବିଏଲର ନୂତନ ଶାଖା




**ଭୁବନେଶ୍ୱର,୨।୧**

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ ବା ୟୁଏସଏଫବିଏଲର ୩ଟି ନୂତନ ଶାଖା ନିକଟରେ ଓଡିଶାର ମାଥିଲି (ଜୟପୁର), ବାଲିଗୁଡା (ବ୍ରହ୍ମପୁର) ଏବଂ କୋଦଲା (ବ୍ରହ୍ମପୁର) ଠାରେ ଉଦଘାଟିତ ହୋଇଯାଇଛି।

ଏପରିକି ମାଥିଲି, ବାଲିଗୁଡା ଓ କୋଦଲାର ବାସିନ୍ଦାମାନେ ଏଠାରେ ବିଭିନ୍ନ ପ୍ରକାରର ଆକାଉଣ୍ଟ ସୁବିଧା ସାଙ୍ଗକୁ ଫିକ୍ସଡ ଡିପୋଜିଟ୍ ଓ ରିକରିଂ ଡିପୋଜିଟ୍ ଭଳି ବ୍ୟାପକ ବ୍ୟାଙ୍କିଙ୍ଗ୍ ଉତ୍ପାଦର ଲାଭ ଉଠାଇପାରିବେ। ସେହିଭଳି ବ୍ୟାଙ୍କ ଗ୍ରାହକଙ୍କୁ ବିଭିନ୍ନ ଋଣ ଉତ୍ପାଦ ଗୃହ ଋଣ, ବ୍ୟବସାୟ ଋଣ, ସମ୍ପତି ବିପରୀତରେ ଋଣ, କ୍ରେଡିଟ୍, ବୀମା ଏବଂ ନିବେଶ ଉତ୍ପାଦ ମଧ୍ୟ ପ୍ରଦାନ କରିଥାଏ। ଏପରିକି ବ୍ୟାଙ୍କର ସୁଦୃଢ଼ ଭିତିଭୂମି, ଡିଜିଟାଲ ବ୍ୟାଙ୍କିଂ କ୍ଷମତା ଏବଂ ଏଟିଏମ୍ ନେଟୱାର୍କ ସମସ୍ତ ଗ୍ରାହକଙ୍କ ପାଇଁ ଏକ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ ଅନୁଭୂତି ସୁନିଶ୍ଚିତ କରୁଛି।

ଏ ସମ୍ପର୍କରେ ୟୁଏସଏଫବିଏଲର ଏମଡି ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି, 'ମାଥିଲି, ବାଲିଗୁଡା ଓ କୋଦଲାଠାରେ ଆମେ ଆମର ନୂତନ ବ୍ୟାଙ୍କିଂ ଆଉଟଲେଟ୍‌କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ବେଶ ଉତ୍ସାହିତ ଅଛୁ। ଏପରିକି ଓଡ଼ିଶାରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲାବେଳେ ଆମର ନୂତନ ଶାଖାଗୁଡ଼ିକ ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନଙ୍କର ଅନନ୍ୟ ଆବଶ୍ୟକତା ପୂରଣ କରିବାସହିତ ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ଏବଂ ଆର୍ଥିକ କଲ୍ୟାଣ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିବା ବିଭିନ୍ନ ପ୍ରକାରର ଆର୍ଥିକ ସେବା ପ୍ରଦାନ କରିବେ। ଏହି ବ୍ୟାଙ୍କିଙ୍ଗ ଆଉଟଲେଟ୍ ଗୁଡ଼ିକ ଗରିବ କିମ୍ବା ନିମ୍ନ ଆୟକାରୀ ବ୍ୟକ୍ତି କିମ୍ବା ଗୋଷ୍ଠୀ ଯେଉଁମାନଙ୍କର ଆର୍ଥିକ ସେବାରେ ସୀମିତ ପହଞ୍ଚ ଅଛି, ସେମାନଙ୍କୁ ବ୍ୟବସାୟ ବିକାଶ ସେବା ପାଇଁ ମାଇକ୍ରୋ-ବ୍ୟାଙ୍କିଙ୍ଗ୍ ଋଣ ପ୍ରଦାନ କରିବ। ଗ୍ରୁପ୍ ଋଣର ଜେଏଲଜି ମଡେଲରେ ଏକ ପିୟର-ଗ୍ୟାରେଣ୍ଟି ଲୋନ୍ ମଡେଲ୍ ଅନ୍ତର୍ଭୁକ୍ତ ରହିଛି। ଯାହା ବ୍ୟକ୍ତିବିଶେଷଙ୍କୁ ବ୍ୟକ୍ତିଗତ ଭିତିରେ ବନ୍ଧକ କିମ୍ବା ସକ୍ୟୋରିଟୀ ପ୍ରଦାନ ନକରି ଋଣ ନେବାକୁ ସକ୍ଷମ କରିଥାଏ।

# ନିବେଶକ ଯୋଡ଼ିଲେ ଲକ୍ଷାଧିକ ଟଙ୍କାର ନିବେଶ

■ସେନ୍‌ସେକ୍ସ ୮୦,୦୦୦ ନିକଟବର୍ତ୍ତୀ
■୨୪,୦୦୦ ଉପରେ ନିଫ୍ଟି

**ମୁମ୍ବାଇ,୨।୧ (ଅଭୟ ଦାଶ)**



ନୂଆବର୍ଷ ଆରମ୍ଭରୁ ଶେୟାର ବଜାରର ନିବେଶକମାନେ ଉତ୍ସାହିତ ଅଛନ୍ତି। ଏପରିକି ବର୍ଷ ଆରମ୍ଭରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିବେଶକ ପୁଞ୍ଜିବଜାରରେ ଲକ୍ଷାଧିକ ଟଙ୍କାର ନିବେଶ ଯୋଡ଼ିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ପ୍ରାରମ୍ଭରୁ ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସ୧.୯୪% ବୃଦ୍ଧି ଘଟି ପ୍ରାୟ ୮୦,୦୩୩ ଅଙ୍କ ଛୁଇଁଥିଲାବେଳେ କାରବାର ଶେଷ ବେଳକୁ ଏହା ୧୪୩୬.୩୦ ଅଙ୍କ ବୃଦ୍ଧି ଘଟି ପ୍ରାୟ ୮୦,୦୦୦ (୭୯,୯୪୩.୭୧ ଅଙ୍କ) ଅଙ୍କର ନିକଟବର୍ତ୍ତୀ ହୋଇଛି। ଏପରିକି ନିଫ୍ଟି ୫୦ର କାରବାର ୨.୦୩% ବୃଦ୍ଧି ଘଟି ୨୪,୨୨୬.୭% ଅଙ୍କରେ ପହଞ୍ଚିଯାଇଥିଲାବେଳେ କାର୍ଯ୍ୟଦିବସ ଶେଷ ସୁଦ୍ଧା ଏହା ୧.୮୮% ବୃଦ୍ଧି ଘଟି ୨୪,୦୦୦ ( ୨୪,୧୮୮.୬୫ ଅଙ୍କ) ଅଙ୍କ ଉପରେ ଉପରେ ରହିଛି। ସେହିଭଳି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ଓ ସ୍ମଲକ୍ୟାପ କାରବାରରେ ପ୍ରାୟ ୨% ବୃଦ୍ଧି ଘଟିଥିଲାବେଳେ ନିଫ୍ଟି ସ୍ମଲକ୍ୟାପ୍‌ର କାରବାର ୧.୧୪% ବୃଦ୍ଧି ଘଟି ୫୮,୧୦୮.୨୦ ଅଙ୍କରେ ପହଞ୍ଚିଛି। ଏପରିକି ନିଫ୍ଟି ସ୍ମଲକ୍ୟାପ୍‌ର କାରବାର ୦.୬୩% ବୃଦ୍ଧି ଘଟି ୯୦୬୫.୨୦ ଅଙ୍କରେ ଥିଲାବେଳେ ବ୍ୟାଙ୍କିଙ୍ଗ୍ ୧.୦୭% ବୃଦ୍ଧି ଘଟି ୫୧,୬୦୫.୫୫ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିପରି ସେକ୍ଟରିଆଲ କ୍ଷେତ୍ରରେ ସମସ୍ତ ନିବେଶକ ଲାଭବାନ୍ ହୋଇଥିଲାବେଳେ ଅଟୋ (୩.୫%), ଆଇଟି (୨%) ଏବଂ ଏଫ୍‌ଏମ୍‌ସିଜି, ଅଏଲ ଆଣ୍ଡ ଗ୍ୟାସ୍, ପିଏସ୍‌ୟୁ, ରିଅଲିଟି ଏବଂ ବ୍ୟାଙ୍କ (୧%) ଆଦିର ନିବେଶକ ବୃଦ୍ଧି ହୋଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ଭାବେ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୪୩୬ (୧୪୩୬.୩୦) ପଏଣ୍ଟ ବଢି ପ୍ରାୟ ୭୯,୯୪୪ (୭୯,୯୪୩.୭୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ ପ୍ରାୟ ୪୪୬ (୪୪୫.୭୫) ପଏଣ୍ଟ ବୃଦ୍ଧି ଘଟି ୨୪,୧୮୯ (୨୪,୧୮୮.୬୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ ବୃଦ୍ଧି ଘଟିଛି।

# ରିହାତି ମୂଲ୍ୟରେ ଷ୍ଟକ୍ ଅପ୍ସନ ପ୍ରଦାନ

**ନୂଆଦିଲ୍ଲୀ,୨।୧**

JSL JINDAL STAINLESS

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅଭିନବ ଯୋଜନା 'ଏମ୍ପ୍ଲଇ ଷ୍ଟକ୍ ଅପସନ୍ସ (ଇଏସ୍‌ଓପି)ର ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ସମସ୍ତ ବରିଷ୍ଠ କର୍ମଚାରୀଙ୍କ ପାଇଁ କର୍ମଚାରୀ ଷ୍ଟକ୍ ଅପ୍ସନ୍ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ଇଏସ୍‌ଓପି ଏବଂ ପ୍ରତିବନ୍ଧିତ ଷ୍ଟକ୍ ୟୁନିଟ୍ ବା ଆର୍‌ଏସ୍‌ୟୁ ମାଧ୍ୟମରେ ୧୨,୪୨,୭୩୬ ଷ୍ଟକ୍ ଅପ୍ସନ୍ ରିହାତି ମୂଲ୍ୟରେ ପ୍ରଦାନ କରାଯାଇଛି। ଏହିକ୍ରମରେ ଗତ ବର୍ଷ ଡିସେମ୍ବରରେ କମ୍ପାନୀ ଦେଇଥିବା ଷ୍ଟକ୍ ଅପ୍ସନକୁ ମଧ୍ୟ ଜାରି ରଖିଛି। ଏହି ଷ୍ଟକ୍ ଅପ୍ସନଗୁଡ଼ିକୁ ପ୍ରଦର୍ଶନ ଆଧାରରେ ୪ ବର୍ଷ ଧରି ଦିଆଯିବ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ସିଏଚ୍‌ଆର୍‌ଓ (ମୁଖ୍ୟ ମାନବ ସମ୍ବଳ ଅଧିକାରୀ) ସୁଶୀଲ ବାଭେଜା କହିଛନ୍ତି, କର୍ମଚାରୀଙ୍କ ଅଭିବୃଦ୍ଧି ଉପରେ ଆମେ ଗୁରୁତ୍ୱ ଦେବା ସହ ମିଳିତ ସଫଳତା ପାଇଁ କମ୍ପାନୀ ସୁଯୋଗ ସୃଷ୍ଟି କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ରହିଛି। ଏଭଳି ପଦକ୍ଷେପ ଆମ କର୍ମଚାରୀମାନଙ୍କ ସମ୍ପତ୍ତି ବୃଦ୍ଧିକୁ ସକ୍ଷମ କରିବା ସହ ମାଲିକାନାରେ ଅଂଶୀଦାର ହେବାରେ ମଧ ସହାୟକ ହେବ। ଏହା କାର୍ଯ୍ୟକ୍ଷେତ୍ରରେ ଅଧିକ ସମ୍ପୃକ୍ତି, ପ୍ରେରଣା ଏବଂ ଆନୁଗତ୍ୟକୁ ପ୍ରୋତ୍ସାହିତ କରିଥାଏ। ପ୍ରତିବଦଳରେ ସମସ୍ତ ଅଂଶୀଦାର ଏହାଦ୍ୱାରା ଲାଭାନ୍ୱିତ ଏବଂ ଉତ୍ପାଦକତା ବୃଦ୍ଧି ହେବା ସହ ଆମ କମ୍ପାନୀ ସଂସ୍କୃତି ସୁଦୃଢ଼ ହେବ। ଏହାଦ୍ୱାରା ଲୋକେ ଓ ସଂସ୍ଥା ଉଭୟ ଲାଭ ପାଇବେ। ଚଳିତ ବର୍ଷ ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ଏହା ଦ୍ୱିତୀୟ ଇଏସ୍‌ଓପି ଘୋଷଣା ହୋଇଛି। କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରତିବଦ୍ଧତା ଏବଂ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି।

# ଦିଲ୍ଲୀ ଏସ୍‌ଜି ପାଇପର୍ସ ସହ ଏସ୍‌ସିଏଲ୍‌ର ବୁଝାମଣା

**ନୂଆଦିଲ୍ଲୀ,୧।୧**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସୋମାନି ସେରାମିକ୍ସ ଲିମିଟେଡ୍ (ଏସ୍‌ସିଏଲ୍) ଏବଂ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୬ଷ୍ଠ ସଂସ୍କରଣ ପାଇଁ ଆସୋସିଏଟ ସ୍ପନ୍‌ସର ଭାବେ ଦିଲ୍ଲୀ ଏସ୍‌ଜି ପାଇପର୍ସ ସହ ଏସ୍‌ସିଏଲ୍ ସହଭାଗିତା କରିଛି। ଏହି ସହଭାଗିତାର ଅଂଶ ଭାବେ ସୋମାନିର ଲୋଗୋ ଉଭୟ ପୁରୁଷ ଓ ମହିଳା ଟିମ ଜର୍ସିର କୋଲାରରେ ପ୍ରଦର୍ଶିତ ହେବ। ସେହିଭଳି ସାତ ବର୍ଷର ବ୍ୟବଧାନ ପରେ ୨୦୨୪ ଡିସେମ୍ବର ୨୮ରୁ ୨୦୨୫ ଫେବୃଆରୀ ୧ ପର୍ଯ୍ୟନ୍ତ ରାଉରକେଲା ଓ ରାଞ୍ଚିଠାରେ ଏଚ୍‌ଆଇଏଲ୍‌ର ୬ଷ୍ଠ ସଂସ୍କରଣ ଆୟୋଜିତ ହେଉଛି। ଏ ସମ୍ପର୍କରେ ଏସ୍‌ସିଏଲ୍‌ର ଏମ୍‌ଡି ତଥା ସିଇଓ ଅଭିଷେକ ସୋମାନି କହିଛନ୍ତି, ସୋମାନି ସେରାମିକ୍ସ ହକି ଇଣ୍ଡିଆ ଲିଗ୍-୨୦୨୫ ପାଇଁ ଦିଲ୍ଲୀ ଏସ୍‌ଜି ପାଇପର୍ସ ସହ ସହଭାଗିତାକରି ବେଶ୍ ଉତ୍ସାହିତ ଅଛି। ଏହି ସହଭାଗିତା ଆମର 'ଜମିନ ସେ ଜୁଡେ' ନୀତିକୁ ପ୍ରତିଫଳନ କରୁଛି। ଠିକ୍ ଯେପରି ହକି ଆମ ଦେଶର ଉତ୍ସାହ ଓ ସ୍ଥିରତାକୁ ଧାରଣ କରିଛି। ଏହି ସହଭାଗିତା ଭାରତର କ୍ରୀଡା କ୍ଷେତ୍ରରେ ଶକ୍ତି, ମୂଳଦୁଆ ଓ ଗର୍ବର ବିରାସତକୁ ସୁଦୃଢ଼ କରୁଛି।


# Classified Everyday
0674-2580101, 9692975378


REAL ESTATE
SALE

**Official space & shops (BMC & RERA approved) for sale in a prime location of BBSR. For details please contact: 7605932509.** D-2319

**Sum Hospital / Kalinga Studio Chowk ରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914.** D-76223

**4 BHK luxurious flat for sale at Unit-3, Kharavelanagar, back side of Ram Mandir. Handover within 2 months. Please contact: 9438362399.** D-2395

**(A) Commercial plot, facing to NH Road, Nakhara to Niali NH 10000 sqft., 3 sides road, (B) Residential plot near Petal English Medium School 1250 sqft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-76405

**ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ - 7008052921.** D-76228

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-2459




Newly open health benefits spa by experience lady therapist. 8117972440. D-76182

Newly open health benefits spa special offer @799, Bapujinagar, 8018429809. D-76183

AFFIDAVIT

I, BAMALI SIBARAM REDDY, S/o Bamali Bhagirathi Reddy, born on 03.05.1988, residing At- Anangapur, P.O.- Kusapada, Via- Digapahandi, Ganjam, Odisha, Pin-761012 have changed my name to BAMALI SHIBARAM REDDY vide affidavit dated 27.12.2024 at Digapahandi. D-2467

As per affidavit before Executive Magistrate, I, Manoj Kumar Jena @ Manoj Das, S/o Bhagirathi Jena is one and same person. My name is LIC documents made bearing Policy No. 587525163, Manoj Das. Henceforth, I shall be known as Manoj Kumar Jena for all purposes in future. D-2457

By virtue of an affidavit sworn before Executive Magistrate, Bhadrak, I, Rajendra Kumar Parhi (53yrs.), Vill.- Chakabental, P.O.- Keshpur, P.S.- Bhadrak (R), Dist.- Bhadrak, presently residing at Biju Pattnaik Nagar, Samaraipur, Bhadrak declare that in School admission register my son Bhabasindhu Parhis father and mothers name is mentioned Rajendra Parhi and Banajini Mishra instead of Rajendra Kumar Parhi and Banajine Mishra. Hence, I declare parents both name are same person. D-2469

By virtue of an affidavit No.10790/ Dt. 26.12.2024 sworn before Executive Magistrate, Bhadrak, I Nikhat Bibi, W/o Sk Safiruddin, At- Kadarayan, P.O.- Gopinathpur, P.S. - Singla, Dist.- Balasore, Pin : 756030 declare that name of my minor son have changed from Sk Tafir to Sk Toufir Raza for all purposes. D-2470

**I, Santosh Bahadur Rajdeo Singh Thakur, S/o Rajdeo Chander Singh Thakur, resident of Block- 3/3B, BMC Bhabani Enclave, Saheed Nagar, P.O.- Saheednagar, Dist.- Khordha, Odisha, Pin 751007 declare by this affidavit No. 73 AA 993404, Dtd: 24.12.2024 that now onwards I shall be known as SANTOSH THAKUR for all Future Purpose.** D-2468

By virtue of an affidavit sworn before the Notary Public, Patnagarh, I, Sushila Tandi, W/o Damodar Mahananda, R/o At- Patrapali, P.O.- Kapani, P.S.- Belpada, Dist.- Balangir declare that in Bank of Baroda account my name has been recorded as Sushila Tandi. But in Aadhaar card my name has been mentioned as Sushila Mahananda. That both names is one and same person. D-2464

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଡକ୍ଟର ପ୍ରିୟମ୍ବଦା ଦାଶଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି**



ନୟାଗଡ଼ ଜିଲ୍ଲାର ଶରଣକୁଳ ନିକଟସ୍ଥ ବାଉଁଶିଆ ରଘୁନାଥପୁର ଶାସନ ଗ୍ରାମର ପଣ୍ଡିତ ସ୍ୱର୍ଗତ ବିନାୟକ ଦାଶ ଓ ହିରାମଣି ଦେବୀଙ୍କର ଚତୁର୍ଥ କନ୍ୟା ତଥା ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ବୃତ୍ତିନିବୃତ୍ତ ଅଧ୍ୟାପିକା ଶ୍ରୀମତୀ ପ୍ରିୟମ୍ବଦା ଦାଶଙ୍କୁ ଆନ୍ତର୍ଜାତିକ ଅନୁଷ୍ଠାନ American Merit Council ତରଫରୁ ସମାଜ ବିଜ୍ଞାନ ଓ ଧର୍ମ କ୍ଷେତ୍ରରେ ସମ୍ମାନସୂଚକ ଡକ୍ଟରେଟ ଉପାଧିରେ ୩୧।୧୨।୨୦୨୪ରେ ଭୂଷିତ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ଏହା ଓଡ଼ିଶାର ଧାର୍ମିକ ରାଜଧାନୀ ପୁରୀ ଟାଉନ୍ ହଲ୍‌ଠାରେ World Charity Welfare Foundation ଦ୍ୱାରା ଆୟୋଜିତ କରାଯାଇଥିଲା ଏବଂ ପଞ୍ଜାବ ୟୁନିଭର୍‌ସିଟିର ପ୍ରଫେସର ଅନ୍ୟାନ୍ୟ ଅତିଥିଙ୍କ ଗହଣରେ ଏହି ସମ୍ମାନ ପ୍ରଦାନ କରିଥିଲେ। ସେ ଆମ ଜିଲ୍ଲା ଓ ଶରଣକୁଳ ଅଞ୍ଚଳ ପାଇଁ ଗର୍ବ ଏବଂ ଗୌରବ ବୃଦ୍ଧି କରିଛନ୍ତି।

ଧ-୨୪୬୩

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**୰ବିକ୍ରମ ପରିଡ଼ା**
ମାଧବ, ନିଆଳି
ଆବିର୍ଭାବ- ୨୯।୧୧।୧୯୪୫
ତିରୋଧାନ- ୩୦।୧୨।୨୦୧୯

ବାପା, ତୁମେ ଆମକୁ ଅସମୟରେ ଛାଡ଼ି ଚାଲିଗଲ। ତୁମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଥାଇ ଆମକୁ କଲ୍ୟାଣ କର। ତୁମର ସ୍ମୃତିକୁ ପାଥେୟ କରି ଆଗକୁ ଚାଲିବୁ। ସବୁବେଳେ ତୁମେ ଆମ ମନ ଭିତରେ ରହିବା ତୁମ ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତୁଣୀ: ଲକି, ନାତି: ରିଙ୍କୁ, ଲିକୁ, ଗୁଡ୍ଡୁ, କ୍ରିଷ୍ଣା, ବନ୍ଧୁ ଓ ପରିବାରବର୍ଗ।

ଧ-୨୪୭୧

**ଦ୍ୱାଦଶ ଶ୍ରାଦ୍ଧ ବାର୍ଷିକୀ**



**୰ଶ୍ରୀମତୀ ମମତା ଦାଶ/ରଥ**
ସ୍ୱାମୀ-ପ୍ରଦ୍ୟୁମ୍ନ ରଥ
ଆବିର୍ଭାବ:୨୮.୦୬.୧୯୬୩
ତିରୋଧାନ:୧୬.୦୧.୨୦୧୩

ତୁମକୁ ଚିଠି-ତା୮.୮.୧୯୮୮
ରାତ୍ରିର ନୀରବତା ଭାଙ୍ଗିଦିଅ, ଶ୍ରାବଣର ରିମ୍‌ଝିମ୍ ଶବ୍ଦରେ ମୋ ଘରର ରୁଦ୍ଧଦ୍ୱାର ଖୋଲିଦିଅ ତୁମରି ବାହୁରେ। (ମମତା)

ଶୋକସନ୍ତପ୍ତ-ହତଭାଗ୍ୟ ସ୍ୱାମୀ
ପୁତ୍ର-ଡ଼ଃ ଅନିରୁଦ୍ଧ, ବୋହୂ-ରାକ୍ଷୀ, ନାତି-ରୁଦ୍ରାଦିତ୍ୟ, କନ୍ୟା- ଅଭିଷିକ୍ତା, କାଳିଆ, ମିନୁ, ଯସ୍ମିନ୍ ଏବଂ ସମସ୍ତ ବନ୍ଧୁ ଓ ପରିଜନ ବର୍ଗ

ଧ-୭୫୪୭୮

**ଏକାଦଶାହ ଉପଲକ୍ଷେ**



**୰ବିଭୁଦେନ୍ଦୁ ପ୍ରସାଦ ମହାନ୍ତି(ଗୋରା)**
ଆବିର୍ଭାବ – ୨୬.୧୧.୧୯୫୭
ତିରୋଧାନ – ୨୪.୧୨.୨୦୨୪

ବାପା ଏମିତି ହଠାତ୍ ତମେ ମତେ ଛାଡ଼ି ଚାଲିଯିବ ଭାବିନଥିଲି। ତୁମ ବିନା ଜୀବନ ଜିଇଁବା ଶିଖିନି। ହେଲେ ତୁମ ଭଲପାଇବା, ତୁମ ଆଦର୍ଶ, ତୁମ ଉପଦେଶକୁ ନେଇ ଆଗକୁ ବଢ଼ିବାକୁ ଚେଷ୍ଟା କରିବି।

ଇତି
ହତଭାଗ୍ୟ ଝିଅ ମୋନାଲିସା ମହାନ୍ତି ଓ ଶୋକସନ୍ତପ୍ତ ପରିବାରବର୍ଗ, ବାଟଗାଁ, ପୁରୀ



ଧ-୨୪୫୫


# ସିଆର୍‌ଆଇ ପମ୍ପ୍‌ସର ନୂଆ ମାଇଲଖୁଣ୍ଟ

**ନୂଆଦିଲ୍ଲୀ,୨।୧**

C.R.I PUMPS Pumping trust. Worldwide.

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସିଆର୍‌ଆଇ ଗ୍ରୁପ୍‌ର ଅଗ୍ରଣୀ ବ୍ରାଣ୍ଡ ସିଆର୍‌ଆଇ ପମ୍ପ୍‌ସକୁ ନିକଟରେ ଏକ ବୃହତ୍ ସଫଳତା ମିଳିଛି। ଏପରିକି କମ୍ପାନୀର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଓ ସଫଳତା ପାଇଁ ବ୍ରାଣ୍ଡ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଅପରପକ୍ଷରେ ମାଗେଲ ଟାୟାଲା ସୌର କୃଷି ପମ୍ପ (ଏମ୍‌ଟିଏସ୍‌କେପି) ଅଧୀନରେ ମହାରାଷ୍ଟ୍ର ଷ୍ଟେଟ୍ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁଶନ କମ୍ପାନୀ ଲିମିଟେଡ୍ (ଏମ୍‌ଏସ୍‌ଇଡିସିଏଲ୍), ମୁମ୍ବାଇର ମହାରାଷ୍ଟ୍ର ଦ୍ୱାରା ଏହି କମ୍ପାନୀକୁ ଆନୁଷ୍ଠାନିକ ଭାବେ ୭୫୪ କୋଟି ଟଙ୍କା ମୂଲ୍ୟର ୨୫,୦୦୦ ସୋଲାର ପମ୍ପିଂ ସିଷ୍ଟମ୍ ଯୋଗାଣ ପାଇଁ ତାଲିକାଭୁକ୍ତ କରାଯାଇଛି। ଏଥିରେ ସୂଚୀଭୁକ୍ତ ହେବା ସହ ସିଆର୍‌ଆଇ ପମ୍ପ୍‌ସ ଅକ୍ଷୟ ଶକ୍ତି ସମାଧାନ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା ସହ ମହାରାଷ୍ଟ୍ରର କୃଷି କ୍ଷେତ୍ରକୁ ଶକ୍ତି ପ୍ରଦାନ କରିବା ଏବଂ ଏକ ସବୁଜ ତଥା ଅଧିକ ସ୍ଥାୟୀ ଭବିଷ୍ୟତରେ ଯୋଗଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ରହିଛି।

ଏ ସମ୍ପର୍କରେ ସିଆର୍‌ଆଇ ଗ୍ରୁପ୍ ଅଧ୍ୟକ୍ଷ ଜି.ସୌନ୍ଦରରଞ୍ଜନ କହିଛନ୍ତି, ଏହି ସୋଲାର ପମ୍ପିଂ ସିଷ୍ଟମ ଯୋଗାଣ ପାଇଁ ଏମ୍‌ଏସ୍‌ଇଡିସିଏଲ୍ ଦ୍ୱାରା ମନୋନୀତ ହେବା ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ମୂଲ୍ୟବାନ୍ ଅର୍ଡର ବିଶ୍ୱସନୀୟ, ଶକ୍ତି-ଦକ୍ଷ, ସ୍ଥାୟୀ ପମ୍ପିଂ ସମାଧାନ ବିକଶିତ କରିବାରେ ଉଦ୍ଭାବନ ଏବଂ ଉତ୍କର୍ଷ ପ୍ରତି ସିଆର୍‌ଆଇର ଅତୁଟ ପ୍ରତିବଦ୍ଧତାକୁ ଆଲୋକପାତ କରୁଛି। ଆମର ଦୃଢ଼ କାର୍ଯ୍ୟକାରୀ ଦକ୍ଷତା, ଗଭୀର ଶିଳ୍ପ ଦକ୍ଷତା ଏବଂ ବିଭିନ୍ନ ଅଞ୍ଚଳରେ ବ୍ୟାପକ ନେଟ୍‌ୱର୍କ ସହ ସିଆର୍‌ଆଇ ପମ୍ପ୍‌ସ ଏହି ସିଷ୍ଟମଗୁଡ଼ିକର ନିରବଚ୍ଛିନ୍ନ ବିତରଣ ଏବଂ ସ୍ଥାପନକୁ ସୁନିଶ୍ଚିତ କରୁଛି। ଅକ୍ଷୟ ଶକ୍ତି କ୍ଷେତ୍ରରେ ବିଶ୍ୱବ୍ୟାପୀ ପରିବର୍ତ୍ତନ ତ୍ୱରାନ୍ୱିତ ହେଉଥିବା ବେଳେ ସିଆରଆଇ ପମ୍ପ ସୋଲାର ପମ୍ପିଂ ସିଷ୍ଟମ୍ ପ୍ରଦାନ କରିବା ପାଇଁ ଗଭୀର ଭାବେ ଉତ୍ସର୍ଗୀକୃତ ରହିଛି। ଯାହା ପରିବେଶ ପରିଚାଳନାକୁ ପ୍ରୋତ୍ସାହିତ ଏବଂ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରୁଛି। ୧୭୦,୦୦୦ରୁ ଅଧିକ ସୋଲାର ପମ୍ପିଂ ସିଷ୍ଟମ୍ ଏବଂ ଆଇଓଟି-ସମର୍ଥିତ ସ୍ମାର୍ଟ ପମ୍ପର ସଫଳ ପ୍ରତିଷ୍ଠା ସହ ସିଆର୍‌ଆଇ ପମ୍ପ୍‌ସ୍ ସ୍ଥାୟୀ ଉଦ୍ଭାବନରେ ନୂତନ ମାନଦଣ୍ଡ ସୃଜନ କରିବା ଜାରି ରଖିଛି। ଏହାର ଉନ୍ନତ ପମ୍ପିଂ ଜ୍ଞାନକୌଶଳ ମାଧ୍ୟମରେ ସିଆର୍‌ଆଇ ପମ୍ପ୍‌ସ ପ୍ରାୟ ୫,୨୦୦ ନିୟୁତ ୟୁନିଟର କେଡବ୍ଲ୍ୟୁଏଚ୍ ଶକ୍ତି ସଞ୍ଚୟ ଏବଂ ୪.୧୩ ନିୟୁତ ଟନ୍ କାର୍ବନ ନିର୍ଗମନ ହ୍ରାସ ସହ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି।

# ଏଆଇର ଉପଯୋଗ ବଢ଼ାଉଛି ବିଦ୍ୟୁତ୍ ଶକ୍ତି ବ୍ୟବହାର

**ଭୁବନେଶ୍ୱର,୨।୧( ମହାରଣା)**

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଏହା ବିଦ୍ୟୁତ୍ ଶକ୍ତି ଉପଯୋଗକୁ ମଧ ବଢ଼ାଇଛି। ବର୍ତ୍ତମାନ ପ୍ରତି କ୍ଷେତ୍ରରେ ଚାଟଜିପିଟି, ଗୁଗଲ ଜେମିନି, ମେଟା ଏଆଇ ଭଳି ଏଆଇ ଟୁଲ୍‌ସ ବ୍ୟବହାର କରାଯାଉଛି। ଏସବୁ ଏଆଇ ଟୁଲ୍‌ସ ବ୍ୟବହାର ସହଜ, ମାତ୍ର ଏହି ଏଆଇ ସର୍ଭର ଯେଉଁ ଡାଟା ପ୍ରୋସେସ୍ କରନ୍ତି ସେଥିପାଇଁ ବିଜୁଳି ବ୍ୟବହାର ହେଉଛି। ଏହି ଡାଟା ସେଣ୍ଟରଗୁଡ଼ିକର ବିଜୁଳି ବ୍ୟବହାର ପରିମାଣ ଏତେ ମାତ୍ରାରେ ବଢ଼ିଯାଇଛି ଯେ ଆଗାମୀ ଦିନରେ ଗୋଟିଏ ସହର ପାଇଁ ଆବଶ୍ୟକ ପରିମାଣର ବିଜୁଳି ଏଥିରେ ବ୍ୟବହାର ହେବ ବୋଲି ମତ ପ୍ରକାଶ ପାଇଛି। ଏହି ଡାଟା ସେଣ୍ଟର କେବଳ ସଫ୍ଟୱେର ବା ଆପ୍ଲିକେଶନ ଚାଳନା ପାଇଁ କାର୍ଯ୍ୟକରେ ନାହିଁ ବରଂ ବ୍ୟବସାୟ ଓ ଉପଭୋକ୍ତାଙ୍କ ନିତିଦିନିଆ ବ୍ୟବହାରରେ ଲାଗୁଛି। ଡିଜିଟାଲ ଯୁଗରେ ଯେକୌଣସି କ୍ଷେତ୍ରରେ ଏଆଇର ବ୍ୟବହାର ତଥା ଡାଟା ପ୍ରୋସେସିଂ ପାଇଁ ଡାଟା ସେଣ୍ଟରର ପରିସର ମଧ ବୃଦ୍ଧି ହେବାରେ ଲାଗିଛି। ଗତ ୧୦ ବର୍ଷ ମଧ୍ୟରେ ଏଥିରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହେଉଛି। ସେହି ଅନୁରୂପ ବିଦ୍ୟୁତ୍ ଶକ୍ତି ଚାହିଦା ମଧ ବଢୁଛି।

# ଜମ୍ମୁ-କଶ୍ମୀର ଆଣ୍ଡ ଲଦାଖ : ଥ୍ରୋ ଦ ଏଜେସ୍ ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)**

ନୂଆଦିଲ୍ଲୀ ସ୍ଥିତ ଡ. ଆମ୍ବେଡକର ଇଣ୍ଟରନ୍ୟାଶନାଲ ସେଣ୍ଟରରେ ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ କରକମଳରେ ଜମ୍ମୁ-କଶ୍ମୀର ଆଣ୍ଡ ଲଦାଖ : ଥ୍ରୋ ଦ ଏଜେସ୍ 'ଜମ୍ମୁ ଓ କଶ୍ମୀର ଏବଂ ଲଦାଖ: ନିରନ୍ତରତା ଏବଂ ସଂଯୋଗର ଏକ ଐତିହାସିକ ବିବରଣୀ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ(ଏନ୍‌ବିଟି) ଏବଂ ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦ(ଆଇସିଏଚ୍‌ଆର୍)ର ମିଳିତ ଉଦ୍ୟମରେ ପ୍ରସ୍ତୁତ ହୋଇଥିବା ଏହି ପୁସ୍ତକକୁ ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଲୋକାର୍ପଣ କରାଯାଇଛି। ଏହି ପୁସ୍ତକ ଉନ୍ମୋଚନ ସମାରୋହରେ ଧର୍ମେନ୍ଦ୍ର କହିଛନ୍ତି, ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ରହିବ। ଏହାକୁ ଆଇନର କୌଣସି ଧାରା ବଦଳାଇପାରିବ ନାହିଁ। ଜମ୍ମୁ-କଶ୍ମୀରର ଇତିହାସ ଓ ସାଂସ୍କୃତିକ ଐତିହ୍ୟକୁ ପୁନରୁଦ୍ଧାର କରିବା ଦିଗରେ ମୋଦି ସରକାର କାର୍ଯ୍ୟ କରୁଛନ୍ତି। ଏହି ପୁସ୍ତକ ଜମ୍ମୁ-କଶ୍ମୀର ଏବଂ ଲଦାଖର ଗୌରବମୟ ୩୦୦୦ ବର୍ଷର

**ଜମ୍ମୁ-କଶ୍ମୀର, ଲଦାଖର ଗୌରବମୟ ୩୦୦୦ ବର୍ଷର ଐତିହାସିକ ଯାତ୍ରାକୁ ନେଇ ପୁସ୍ତକ ସମର୍ପିତ: ଧର୍ମେନ୍ଦ୍ର**

ଐତିହାସିକ ଯାତ୍ରାକୁ ନେଇ ସମର୍ପିତ। ଉକ୍ତ ପୁସ୍ତକରେ ପ୍ରାଚୀନ କାଳରୁ ଆଧୁନିକ କାଳ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର ଏବଂ ଲଦାଖର ଯାତ୍ରା ଉପରେ ବର୍ଣ୍ଣନା କରାଯାଇଛି। ଏହି ଅଞ୍ଚଳର ଅନନ୍ୟ ସାଂସ୍କୃତିକ ଐତିହ୍ୟ ଏବଂ ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି। ଜମ୍ମୁ-କଶ୍ମୀର ଏବଂ ଲଦାଖ ବିଷୟକୁ ନେଇ ତିଆରି କରାଯାଇଥିବା ଭ୍ରାନ୍ତଧାରଣା ଦୂର କରିବା ପାଇଁ ଏହି ପୁସ୍ତକ ଏକ ଅଭୂତପୂର୍ବ ଦସ୍ତାବିଜ ଏବଂ ଭଲ ପ୍ରୟାସ। ଆମେ ଠିକ୍ ଇତିହାସ ଓ ତଥ୍ୟ ଉପସ୍ଥାପନ କରିବା ପ୍ରେରଣା ନେଇ କାମ କରୁଛୁ। ଜମ୍ମୁ, କଶ୍ମୀର ଓ ଲଦାଖର ଅଲୌକିକ ସଂସ୍କୃତିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଅଗଷ୍ଟ ୫, ୨୦୧୯, ଜମ୍ମୁ-କଶ୍ମୀର ଓ ଲଦାଖ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା। ଏହି ପୁସ୍ତକରେ ଧାରା ୩୭୦ର ଐତିହାସିକ ଦିଗକୁ ମଧ୍ୟ ସ୍ଥାନ ଦିଆଯାଇଛି।

# ଆଜିଠୁ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

**ବରଗଡ଼,୨।୧(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହେବ। ପରମ୍ପରା ଦୃଷ୍ଟିରୁ ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଏବଂ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସନ୍ଧ୍ୟା ୭ଟାରେ ହାଟପଦାସ୍ଥିତ ରାଜ ଦରବାରରେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଜାନୁଆରୀ ୧୩ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏହି ୧୧ଦିନ ଅବଧି ମଧ୍ୟରେ ବରଗଡ଼ରେ କଂସ ରାଜୁତି ଚାଲିବ। ବରଗଡ଼ ସହର ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିବ। ଉଭୟ ସ୍ଥାନ ମଧ୍ୟ ଦେଇ ପ୍ରବାହିତ ଜିରା ନଦୀ ଯମୁନା ହେବ। ବିଗତ ବର୍ଷ ଭଳି ଏଥର ମଧ୍ୟ ମହୋତ୍ସବର ପ୍ରଥମ ୭ଦିନ ହାଟପଦା ମଞ୍ଚ ଏବଂ ଶେଷ ୪ଦିନ ଲୋକ ମଣ୍ଡପ ପଡ଼ିଆ ମଞ୍ଚ ରାଜଦରବାର ହେବ। ଅନ୍ୟପଟେ ପ୍ରଥମ ୭ଦିନ ଲୋକ ମଣ୍ଡପ ପଡ଼ିଆ ଏବଂ ଶେଷ ୪ଦିନ ହାଟପଦାରେ ନିର୍ମିତ ମଞ୍ଚରେ ରଙ୍ଗ ମହଲ ଦୃଶ୍ୟାଭିନୟ ଅଭିନୀତ ହେବ। ଧନୁଯାତ୍ରା ମହୋତ୍ସବକୁ ଅନ୍ୟ ବର୍ଷ ଅପେକ୍ଷା ଏଥର ଅଧିକ ଆକର୍ଷଣୀୟ କରିବାକୁ ପ୍ରୟାସ କରାଯାଇଛି। ହାଟପଦାରେ ରାଜ ଦରବାର ଏବଂ ନିଶାମଣି ସ୍କୁଲ ସମ୍ମୁଖ ଲୋକ ମଣ୍ଡପ ପଡ଼ିଆରେ ସୁଦୃଶ୍ୟ ରଙ୍ଗ ମହଲ ନିର୍ମିତ ହୋଇଛି। ସହରର ପ୍ରମୁଖ ପ୍ରବେଶ ଦ୍ୱାରରେ ସ୍ୱାଗତ ତୋରଣ ମଧ୍ୟ ନିର୍ମାଣ କରାଯାଇଛି। ଧନୁଯାତ୍ରା ମହୋତ୍ସବକୁ ସ୍ୱାଗତ କରିବା ପାଇଁ ଶୁକ୍ରବାର ଅପରାହ୍ନ ୨ଟାରୁ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରି ଗ୍ରାମ୍ୟଦେବୀ ସମଲେଶ୍ୱରୀଙ୍କ ମନ୍ଦିର ଅଭିମୁଖେ ଯିବ। ସେଠାରେ ପୂଜାର୍ଚ୍ଚନା ପରେ ଉକ୍ତ ଶୋଭାଯାତ୍ରା ହାଟପଦାସ୍ଥିତ ରାଜଦରବାରରେ ପହଞ୍ଚିବ। ଶୋଭାଯାତ୍ରା ପହଞ୍ଚିବା ପରେ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି।













# ବିଦ୍ୟୁତ୍ ତାର ସ୍ପର୍ଶରେ ହାତୀ ମୃତ



**ଦିଗପହଣ୍ଡି,୨।୧ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ରେଞ୍ଜ ପାଟପୁର ସେକ୍ସନ ଗଙ୍ଗାପୁର ପଞ୍ଚାୟତ ପ୍ରଥମ ଢେପାଗୁଡ଼ା ଗାଁ ନିକଟ ଆଖୁବିଲ ବାଡ଼ରେ ଖଞ୍ଜା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈ ହାତୀର ମୃତ୍ୟୁ ଘଟିଛି। ଗୁରୁବାର ଭୋର୍‌ରେ ଏହା ଜଣାପଡ଼ିବା ପରେ ବ୍ରହ୍ମପୁର ଆଞ୍ଚଳିକ ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ, ଡିଏଫ୍‌ଓ ସୋନି ଖୋକର, ଦିଗପହଣ୍ଡି ରେଞ୍ଜର ଦିବ୍ୟରଞ୍ଜନ ସାହୁ ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ବିଦ୍ୟୁତ୍ ତାର ଜବତ କରାଯାଇଛି। ଶୁକ୍ରବାର ହାତୀର ବ୍ୟବଚ୍ଛେଦ କରାଯିବ। ହାତୀର ବୟସ ପ୍ରାୟ ୨୫ବର୍ଷ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ କିଛିବର୍ଷ ହେଲା ନିକଟସ୍ଥ ରତନେଇ ସଂରକ୍ଷିତ ଜଙ୍ଗଲରେ ଗୋଟିଏ ଦନ୍ତା ସମେତ ୫ ଟିକିଆ ହାତୀପଲ ରହୁଛନ୍ତି। ଧାନ ଅମଳ ସମୟରେ ହାତୀପଲ ଧାନ ଖାଇବାକୁ ଜନବସତି ଆଡ଼କୁ ଆସୁଛନ୍ତି। ଢେପାଗୁଡ଼ା ଗ୍ରାମ ନିକଟ ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବିଦ୍ୟୁତ ତାର ସଂଯୋଗ କରାଯାଉଥିବା ନେଇ ପୂର୍ବରୁ କେତେଜଣ ବ୍ୟକ୍ତି ଅଭିଯୋଗ କରି ଆସୁଥିଲେ ମଧ୍ୟ ବନ କର୍ମଚାରୀମାନେ ସେଥିପ୍ରତି ଧ୍ୟାନ ଦେଇ ନ ଥିଲେ ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଅଞ୍ଚଳରେ ହାତୀ ଚଳପ୍ରଚଳ କରୁଥିବା ନେଇ ବନବିଭାଗ ପୂର୍ବରୁ ବିଦ୍ୟୁତ ବିଭାଗକୁ ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଡିଏଫ୍‌ଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ହାତୀ ମୃତ୍ୟୁ ନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ କହିଛନ୍ତି।










# ହାଇୱା ପଛରେ ପିଟିହୋଇ ୨ ସାଙ୍ଗ ମୃତ

**ଢେଙ୍କାନାଳ,୨।୧(ରତନ ନାୟାର)**

ନୂଆବର୍ଷରେ ଘଟଗାଁ ଯାଇ ମା' ତାରିଣୀଙ୍କୁ ଦର୍ଶନ କରିଥିଲେ। ଏହାପରେ ବାଇକ୍‌ରେ ଫେରୁଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ଦୁର୍ଘଟଣା ଘଟିବାରୁ ଘଟଣାସ୍ଥଳରେ ୨ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲା ଭାପୁର ଫାଣ୍ଡି କୋଇଲିପଙ୍ଗି ଗ୍ରାମର ତପନ ଦୋରା(୩୧) ଓ ପୁରୀ ଜିଲା ନିମାପଡ଼ା ଥାନା ଛଅବାଟି ଅଞ୍ଚଳର ଅର୍ଜୁନ କୁମାର ସ୍ୱାଇଁ(୩୧)। ସୂଚନା ଅନୁଯାୟୀ, ଦୁଇ ସାଙ୍ଗ ତପନ ଓ ଅର୍ଜୁନ ନୂଆବର୍ଷରେ ମା' ତାରିଣୀଙ୍କୁ ଦର୍ଶନ କରିବାକୁ ବାଇକ୍‌ରେ ଘଟଗାଁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ବିଳମ୍ବିତ ରାତିରେ ଢେଙ୍କାନାଳ ଜିଲା ଗେଙ୍ଗୁଟିଆସ୍ଥିତ ବ୍ରାହ୍ମଣୀ ନଦୀର ସାରଙ୍ଗଧର ସେତୁ ଉପରେ ଅଚଳ ହୋଇ ଠିଆ ହୋଇଥିବା ହାଇୱା ପଛରେ ପିଟିହୋଇ ଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଢେଙ୍କାନାଳ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା।






ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩/୨୦୨୫ Bhubaneswar, Friday, January 3/ 2025

# ଭିନ୍ନ ମୋଡ଼ରେ ରୋହିତଙ୍କ କ୍ୟାରିୟର

**ସିଡ୍ନୀ, ୨।୧ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପଞ୍ଚମ ତଥା ସିରିଜର ଅନ୍ତିମ ଟେଷ୍ଟ ମ୍ୟାଚ ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଫର୍ମରେ ନ ଥିବା ଅଧିନାୟକ ରୋହିତ ଶର୍ମା ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିପାରନ୍ତି। ତାଙ୍କୁ ଯଦି ଖେଳା ନ ଯାଏ ତେବେ ତାଙ୍କ ସ୍ଥାନରେ ଯଶପ୍ରୀତ୍ ବୁମ୍ରାଙ୍କୁ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇପାରେ। ଶୁକ୍ରବାର ମ୍ୟାଚରେ ରୋହିତଙ୍କୁ ଖେଳାଯିବ କି ନା ସେ ନେଇ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ପଚରାଗଲା। ପିଚ୍ ଦେଖିବା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଏଥିରୁ ସୂଚନା ମିଳୁଛି ରୋହିତଙ୍କୁ ୫ମ ଟେଷ୍ଟରେ ଖେଳା

**ଭାରତ-ଅଷ୍ଟ୍ରେଲିଆ ୫ମ ଟେଷ୍ଟ ଆଜିଠାରୁ**

ନ ଯିବା ସମ୍ଭାବନା ଅଧିକ। ରୋହିତ ଗତ ୫ଟି ଇନିଂସରେ ମୋଟ ୩୧ରନ ସଂଗ୍ରହ କରିଛନ୍ତି। ଯଦି ସେ ବାଦ୍ ପଡ଼ନ୍ତି ତେବେ ଖରାପ ଫର୍ମ ପାଇଁ ଦଳରୁ ବାଦ୍ ପଡ଼ିବାରେ ସେ ପ୍ରଥମ ଭାରତୀୟ ଅଧିନାୟକ ହେବେ। ଅନ୍ୟପକ୍ଷରେ ପ୍ରମୁଖ ପେସ୍ ବୋଲର ଯଶପ୍ରୀତ୍ ବୁମ୍ରା ଏବେ ଜବରଦସ୍ତ ଫର୍ମରେ ଅଛନ୍ତି। ସେ ୪ଟି ମ୍ୟାଚରେ ୨୦ ଆଭରେଜରେ ୩୦ ଉଇକେଟ ଅକ୍ତିଆର କରିଛନ୍ତି। ପର୍ଥରେ ଅନୁଷ୍ଠିତ ସିରିଜ ଓପନରରେ ବୁମ୍ରାଙ୍କ ଅଧିନାୟକତ୍ୱରେ ଭାରତ ଚଳିତ ସିରିଜର ଏକ ମାତ୍ର ବିଜୟ ହାସଲ କରିପାରିଛି।

**କ'ଣ କରିବେ ରୋହିତ**

ମହେନ୍ଦ୍ର ସିଂ ଧୋନୀ ଓ ଅନିଲ କୁମ୍ବଲେ ଟେଷ୍ଟ ସିରିଜ ମଧ୍ୟରେ ସେମାନଙ୍କର ଅବସର ନେଇଛନ୍ତି। ରୋହିତ କିନ୍ତୁ ଖରାପ ଫର୍ମ ପାଇଁ ଦଳରୁ ବାଦ୍ ପଡ଼ିବାକୁ ଯାଉଛନ୍ତି। ଗମ୍ଭୀର ତାଙ୍କ ମତ ସ୍ପଷ୍ଟ କରିଛନ୍ତି ଯେ, ଭଲ ପ୍ରଦର୍ଶନ କରିପାରୁଥିବା ଖେଳାଳି ଡ୍ରେସିଂ ରୁମ୍‌ରେ ନେତୃତ୍ୱ ନେଇପାରିବେ। ଗତ ମ୍ୟାଚ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଖେଳାଯାଇଥିଲା। ଏହା ଏକ ଭଲ ଟ୍ରାକ୍ ହୋଇଥିଲେ ମଧ୍ୟ ରୋହିତଙ୍କ ବ୍ୟାଟ ନୀରବ ରହିଥିଲା। ଗମ୍ଭୀର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବାକୁ ଖେଳାଳିଙ୍କ ସମ୍ପର୍କରେ ଯଦିଓ କିଛି କହି ନ ଥିଲେ, ତେବେ ତାଙ୍କ କଥାବାର୍ତ୍ତାରୁ ଯାହା ଅନୁମାନ କରାଯାଉଛି ଶୁବମନ ଗିଲଙ୍କୁ ୩ନମ୍ବର ସ୍ଥାନରେ ବ୍ୟାଟିଂ କରିବାଲାଗି କୁହାଯାଇ ପାରେ। ଭାରତ ଏହି ସିରିଜରେ ୧-୨ରେ ପଛୁଆ ରହିଛି। ଅଷ୍ଟ୍ରେଲିଆ ଯଦି ୫ମ ଟେଷ୍ଟ ଜିତିଯାଏ ତେବେ ଲର୍ଡ୍ସଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପାଇଁ ସ୍ଥାନ ପକ୍କା କରି ନେବ। ଅନ୍ୟପକ୍ଷରେ ଭାରତ ପାଇଁ ଡବ୍ଲ୍ୟୁଟିସି ଫାଇନାଲ ଯୋଗ୍ୟତା ହାସଲ କରିବା କଷ୍ଟକର। ପ୍ରଥମତଃ ଦଳକୁ ସିଡ୍ନୀ ଟେଷ୍ଟ ଜିତିବାକୁ ପଡ଼ିବ। ଦ୍ୱିତୀୟତଃ ଅଷ୍ଟ୍ରେଲିଆ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଘରୋଇ ସିରିଜର ଗୋଟିଏ ହେଲେ ମ୍ୟାଚରେ ଶ୍ରୀଲଙ୍କା ନ ହାରିବା ଦରକାର। ରୋହିତ ହୁଏତ ଅବସର ନେଇପାରନ୍ତି ଅବା ନ ନେଇପାରନ୍ତି କିନ୍ତୁ ସିଡ୍ନୀ ପରେ ପାରମ୍ପରିକ ଫର୍ମାଟକୁ ଫେରିବା ସହଜ କଥା ନୁହେଁ। ଚୂଡ଼ାନ୍ତ ଦଳରେ ସ୍ଥାନ ନ ପାଇବାରୁ ରବିଚନ୍ଦ୍ରନ ଅଶ୍ୱିନ ସିରିଜ ମଧ୍ୟରେ ତାଙ୍କର ଅବସର ଘୋଷଣା କରି ସ୍ୱଦେଶ ଫେରିଯାଇଛନ୍ତି। ଖରାପ ଫର୍ମ ଯୋଗୁ ରୋହିତ ଦଳ ଉପରେ ତାଙ୍କର କର୍ତ୍ତୃତ୍ୱ ହରାଇ ବସିଛନ୍ତି। ଗମ୍ଭୀର ରିଷଭ ପନ୍ତଙ୍କ ଉପରେ ମଧ୍ୟ ନଜର ରଖିଛନ୍ତି। ତାଙ୍କୁ ଦଳରୁ ବାଦ୍ ଦେଇ ତାଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ନେବା ଲାଗି ବିଚାର କରୁଥିବା କୁହାଯାଉଛି। ଗୁରୁବାର ପ୍ରାକ୍ଟିସ ସେଶନରେ ସିନିୟର ଖେଳାଳିଙ୍କ ଭଳି ଜୁରେଲଙ୍କୁ ମଧ୍ୟ ସମାନ ସୁଯୋଗ ଦିଆଯାଇଥିଲା। ପନ୍ତ ଉପ ଅଧିନାୟକ ଯଶପ୍ରୀତ ବୁମ୍‌ରାଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଆଘାତପ୍ରାପ୍ତ ଯୋଗୁ ଆକାଶ ଦୀପ ଓହରି ଯାଇଥିବାରୁ ତାଙ୍କ ସ୍ଥାନରେ କୋଚ୍‌ଙ୍କ ଫେଭରାଇଟ୍ ହର୍ଷିତ ରାଣାଙ୍କୁ ସୁଯୋଗ ମିଳିପାରେ। ଅପରପକ୍ଷରେ ଷ୍ଟିଭ ସ୍ମିଥ୍ ଓ ମାର୍ନସ ଲାବୁସେନ ଫର୍ମକୁ ଫେରିଥିବା ଅଷ୍ଟ୍ରେଲିଆ ଅଧିକ ଶକ୍ତିଶାଳୀ ହୋଇପାରିଛି। ଅଷ୍ଟ୍ରେଲିଆ ଦଳ ତରଫରୁ ପଦାର୍ପଣ କରିପାରନ୍ତି ଅଲରାଉଣ୍ଡର ବିୟୁ ଓେବଷ୍ଟର। ଫର୍ମରେ ନ ଥିବା ମିଚେଲ ମାର୍ଶଙ୍କ ସ୍ଥାନରେ ତାଙ୍କୁ ଦଳରେ ନିଆଯାଇପାରେ। ଅଧିନାୟକ ପ୍ୟାଟ କମିନ୍ସଙ୍କ କହିବା ଅନୁସାରେ ପିଚ୍ ସିମ୍ ବୋଲିଂକୁ ସୁହାଇବ। ଫାଷ୍ଟ ବୋଲରମାନେ ଏଥିରୁ ଫାଇଦା ଉଠାଇପାରିବେ।



ନେଟ୍ସ ଅବସରରେ ଯଶପ୍ରୀତ୍ ବୁମ୍‌ରା ଓ ଗୌତମ ଗମ୍ଭୀର।

# ନରସଂହାରରୁ ବର୍ତ୍ତିଥିବା ସବୁଠାରୁ ବୟସ୍କା ଅଲିମ୍ପିକ ପଦକ ବିଜେତାଙ୍କ ଦେହାନ୍ତ



୯୧ ବର୍ଷ ବୟସରେ ଜିମ୍ନାଷ୍ଟିକ୍ସ କୌଶଳ ପ୍ରଦର୍ଶନ ଅବସରରେ ଆଗ୍ନିସ କେଲେଟି।

**ୟୁକେ, ୨।୧**

ବିଶ୍ୱର ସବୁଠାରୁ ବୟସ୍କା ଅଲିମ୍ପିକ ପଦକ ବିଜେତା ଆଗ୍ନିସ କେଲେଟିଙ୍କ ୧୦୩ ବର୍ଷ ବୟସରେ ପରଲୋକ ଘଟିଛି। ଏକ ନରସଂହାରରୁ ବର୍ତ୍ତି ଯାଇଥିବା ଏହି ଆଥ୍‌ଲେଟ ଜଣକ ହଙ୍ଗେରୀ ତରଫରୁ ପ୍ରତିନିଧିତ୍ୱ କରି ଜିମ୍ନାଷ୍ଟିକ୍ସରେ ୫ସ୍ୱର୍ଣ୍ଣ ସମେତ ୧୦ ଅଲିମ୍ପିକ ପଦକ ହାସଲ କରିଛନ୍ତି। କ୍ରିସ୍‌ମସ ଦିନ ନିମୋନିଆରେ ପୀଡ଼ିତ ହୋଇ କେଲେଟି ବୁଦାପେଷ୍ଟସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। କେଲେଟିଙ୍କୁ ସବୁଠାରୁ ସଫଳ ଇହୁଦୀ ଅଲିମ୍ପିକ ଆଥ୍‌ଲେଟ ଭାବେ ବିବେଚନା କରାଯାଇଥାଏ। ସେ ୧୯୫୨ ହେଲସିଙ୍କି ଗେମ୍ସ ଏବଂ ୧୯୫୬ ମେଲବୋର୍ନ ଗେମ୍ସରେ ତାଙ୍କ ପଦକଗୁଡ଼ିକ ଜିତିଥିଲେ। ସେ ତାଙ୍କ ୧୦୦ତମ ଜନ୍ମଦିବସ ପାଳନ ଅବସରରେ ନିଜକୁ ଜଣେ ୬୦ବର୍ଷୀୟା ବୋଲି ଅନୁଭବ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁ ୧୯୪୦ ଓ ୧୦୪୪ ଅଲିମ୍ପିକ୍ସକୁ ବାତିଲ କରାଯାଇଥିଲା। ଏହା ତାଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ବାଧା ସୃଷ୍ଟି କରିଥିଲା। ସେ ଇହୁଦୀ ସମ୍ପ୍ରଦାୟର ହୋଇଥିବାରୁ ୧୯୪୧ରେ ତାଙ୍କୁ ଜିମ୍ନାଷ୍ଟିକ୍ସ ଦଳରୁ ବାହାର କରିଦିଆଯାଇଥିଲା। ପରେ ସେ ଏକ ନରସଂହାରରୁ ବର୍ତ୍ତିବାକୁ ଯାଇ ହଙ୍ଗେରୀର ଗ୍ରାମାଞ୍ଚଳରେ ନିଜ ପରିଚୟ ଗୋପନ ରଖି ଜଣେ ଚାକରାଣୀ ଭାବେ କାର୍ଯ୍ୟ କରିଥିଲେ। ବିଶିଷ୍ଟ ସ୍ୱିଡିଶ କୂଟନୀତିଜ୍ଞ ରାଓଲ ୱାଲେନବର୍ଗଙ୍କ ସହାୟତାରେ ତାଙ୍କ ମା' ଓ ଭଉଣୀ ଯୁଦ୍ଧରୁ ବଞ୍ଚିଯାଇଥିଲେ। ମାତ୍ର ତାଙ୍କ ପିତା ଓ ଅନ୍ୟ ସମ୍ପର୍କୀୟମାନଙ୍କ ମୃତ୍ୟୁ ଘଟିଥିଲା। ନାଜି ଡେଥ୍ କ୍ୟାମ୍ପଗୁଡ଼ିକରେ ଅଧା ନିୟୁତ ହଙ୍ଗେରିଆନ ଇହୁଦୀଙ୍କୁ ହତ୍ୟା କରାଯାଇଥିଲା।



ଜାତୀୟ ଟେଟ୍ରାଥଲନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ନାସିକ ଯାତ୍ରା ପୂର୍ବରୁ ଭୁବନେଶ୍ୱରରେ ଆୟୋଜିତ ବିଦାୟୀ ଶୁଭେଚ୍ଛା କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଦଳ।

# ଅର୍ଜୁନ ପୁରସ୍କାର ପାଇବେ ୩୨ କ୍ରୀଡ଼ାବିତ୍

**ନୂଆଦିଲ୍ଲୀ, ୨।୧ (ପି.ଟି.)**

ପାରାଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ କରିଥିବା ୧୭ ପାରା-ଆଥ୍‌ଲେଟ୍‌ଙ୍କ ସମେତ ୩୨ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯିବ। ଗୁରୁବାର କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହା ପ୍ରକାଶ କରାଯାଇଛି। ପ୍ୟାରିସ୍ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ପଦକ ପାଇଥିବା ଅଧିକାଂଶ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଗତ ପାରାଲିମ୍ପିକ୍ସରେ ପାରା-ଆଥ୍‌ଲେଟ୍‌ମାନେ ଚମତ୍କାର ପ୍ରଦର୍ଶନକରି ୭ ସ୍ୱର୍ଣ୍ଣ ଓ ୯ ରୌପ୍ୟ ସହ ମୋଟ ୨୯ ପଦକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ପ୍ରିଣ୍ଟର ଜ୍ୟୋତି ୟାରାଜି, ଜାଭେଲିନ୍ ଥ୍ରୋୟର ଅନୁ ରାଣୀ, ମହିଳା ହକି ଦଳର ଅଧିନାୟିକା ସାଲିମା ଟେଟେ, ବିଶ୍ୱ ଚାମ୍ପିୟନ ବକ୍ସର ନିତୁ ଘଙ୍ଗାସ ଓ ସ୍ୱିଟି, ଭେଟେରାନ ସୁଇମର ସାଜନ ପ୍ରକାଶ, ଅଲିମ୍ପିଆଡ୍ ସ୍ୱର୍ଣ୍ଣ ବିଜୟୀ ଚେସ୍ ଖେଳାଳି ଭାନ୍ତିକା ଅଗ୍ରୱାଲ ଓ ସ୍କାଶ ତାରକା ଅଭୟ ସିଂଙ୍କୁ ଅର୍ଜୁନ ପାଇଁ ମନୋନୀତ କରାଯାଇଛି। ଅର୍ଜୁନ ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ୍‌ଙ୍କୁ ୧୫ ଲକ୍ଷ ଟଙ୍କା ସହ ଅର୍ଜୁନଙ୍କର ଏକ ପ୍ରତିମୂର୍ତ୍ତି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥାଏ।

ଭାରତର ପ୍ରଥମ ପାରାଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ମୁରଲିକାନ୍ତ ରାଜାରାମ ପେଟକରଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ଅର୍ଜୁନ ପୁରସ୍କାର (ଲାଇଫ୍‌ଟାଇମ୍) ପାଇଁ ମନୋନୀତ କରାଯାଇଛି। ୧୯୭୨ ହିଡେଲବର୍ଗ ପାରାଲିମ୍ପିକ୍ସରେ ସେ ୫୦ ମିଟର ଫ୍ରିଷ୍ଟାଇଲ ସୁଇମିଂରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଜଣେ ଆର୍ମି ମ୍ୟାନ୍ ପେଟକର ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଗୁଳିବିଦ୍ଧ ହୋଇ ଭିନ୍ନକ୍ଷମ ପାଲଟିଯାଇଥିଲେ। ପରେ ସେ ନିଜକୁ ଜଣେ ପାରା-ଆଥ୍‌ଲେଟ୍‌ଭାବେ ପରିଚିତ କରାଇଥିଲେ। ତାଙ୍କ ଆତ୍ମଜୀବନୀକୁ ନେଇ 'ଚନ୍ଦୁ ଚାମ୍ପିୟନ' ନାମରେ ଏକ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ସେଥିରେ କାର୍ତ୍ତିକ ଆର୍ଯ୍ୟନ ଅଭିନୟ କରିଥିଲେ। ଆଥ୍‌ଲେଟ୍ ସୁଚା ସିଂଙ୍କୁ ମଧ୍ୟ ଏହି ପୁରସ୍କାରରେ ସମ୍ମାନିତ କରାଯିବ। ଏହା ବ୍ୟତୀତ କୋଚିଂ କ୍ଷେତ୍ରରେ ଉତ୍କର୍ଷ ପାଇଁ ଦ୍ରୋଣାଚାର୍ଯ୍ୟ ଏବଂ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ।

**ପୁରସ୍କାର ତାଲିକା**

ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ (୪): ଡି. ଗୁକେଶ (ଚେସ୍), ହରମନପ୍ରୀତ ସିଂ (ହକି), ପ୍ରବୀଣ କୁମାର (ପାରା-ଆଥ୍‌ଲେଟିକ୍ସ), ମନୁ ଭାକର (ଶୁଟିଂ)।

ଅର୍ଜୁନ (୩୨): ଜ୍ୟୋତି ୟାରାଜି, ଅନୁ ରାଣୀ (ଉଭୟେ ଆଥ୍‌ଲେଟିକ୍ସ), ନୀତୁ, ସ୍ୱିଟି (ଉଭୟେ ବକ୍ସିଂ), ଭାନ୍ତିକା ଅଗ୍ରୱାଲ (ଚେସ୍), ସାଲିମା ଟେଟେ, ଅଭିଷେକ, ସଞ୍ଜୟ, ଜରମନପ୍ରୀତ ସିଂ, ସୁଖଜିତ ସିଂ (ସମସ୍ତେ ହକି), ରାକେଶ କୁମାର, ପ୍ରୀତି ପାଲ୍, ଜିଭଞ୍ଜି ଦୀପ୍ତି, ଅଜିତ ସିଂ, ସଚିନ ସର୍ଜେରାଓ ଖିଲାରି, ଧରମବୀର, ପ୍ରଣବ ସୁରମା, ଏଚ୍. ହୋକାତୋ ସିମା, ସିମରନ, ନଭଦୀପ (ସମସ୍ତେ ପାରା-ଆଥ୍‌ଲେଟିକ୍ସ), ନୀତେଶ କୁମାର, ଥୁଲସିମଥି ମୁରୁଗେସନ, ନିତ୍ୟା ଶ୍ରୀ ସୁମାଥି ସିଭାନ, ମନୀଷା ରାମଦାସ (ସମସ୍ତେ ପାରା-ବ୍ୟାଡ୍‌ମିଣ୍ଟନ), କପିଲ ପରମାର (ପାରା-ଜୁଡୋ), ମୋନା ଅଗ୍ରୱାଲ, ରୁବିନା ଫ୍ରାନ୍ସିସ (ଉଭୟେ ପାରା-ଶୁଟିଂ), ସରବଜୋତ ସିଂ, ସ୍ୱପ୍ନିଲ ସୁରେଶ କୁସାଲେ (ଉଭୟେ ଶୁଟିଂ), ଅଭୟ ସିଂ (ସ୍କାଶ୍), ସାଜନ ପ୍ରକାଶ (ସୁଇମିଂ), ଅମନ ଶେରାୱତ (ରେସଲିଂ)।

ଅର୍ଜୁନ (ଲାଇଫ୍‌ଟାଇମ୍): ସୁଚା ସିଂ (ଆଥ୍‌ଲେଟିକ୍ସ), ମୁରଲୀକାନ୍ତ ରାଜାରାମ ପେଟକର (ପାରା-ସୁଇମିଂ)।

ଦ୍ରୋଣାଚାର୍ଯ୍ୟ(ରେଗୁଲାର): ସୁଭାଷ ରାଣା (ପାରା-ଶୁଟିଂ), ଦୀପାଳି ଦେଶପାଣ୍ଡେ (ଶୁଟିଂ), ସନ୍ଦୀପ ସଙ୍ଗୱାନ (ହକି)।

ଦ୍ରୋଣାଚାର୍ଯ୍ୟ (ଲାଇଫ୍‌ଟାଇମ୍): ଏସ୍. ମୁରଲୀଧରନ(ବ୍ୟାଡ୍‌ମିଣ୍ଟନ), ଅର୍ମାଣ୍ଡୋ ଆଞ୍ଜେଲୋ କୋଲାକୋ (ଫୁଟ୍‌ବଲ)।

ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ: ଫିଜିକାଲ ଏଜୁକେଶନ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ।

ମୌଲାନା ଅବଦୁଲ କଲାମ ଆଜାଦ ଟ୍ରଫି: ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ।

**ପୁରସ୍କୃତ ହେବେ କିଟ୍‌ର ୪ ଛାତ୍ର**



ପ୍ରବୀଣ କୁମାର | ଜ୍ୟୋତି ୟାରାଜି | ଅନୁ ରାଣୀ | ସାଜନ ପ୍ରକାଶ

ଜାତୀୟ କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରୁ ୪ ଜଣ ହେଉଛନ୍ତି କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର। ପାରା ଆଥ୍‌ଲେଟ୍ ପ୍ରବୀଣ କୁମାର ଖେଳ ରତ୍ନ ପୁରସ୍କାର ପାଇବାକୁ ଯାଉଥିବାବେଳେ ସାଜନ ପ୍ରକାଶ, ଅନୁ ରାଣୀ ଓ ଜ୍ୟୋତି ୟାରାଜି ଅର୍ଜୁନ ପୁରସ୍କାରରେ ସମ୍ମାନିତ ହେବେ। କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରବୀଣ ସୋସିଓଲୋଜିରେ ଏମ୍ଏ, ସାଜନ ଏମ୍‌ସିଏ, ଅନୁ ଯୋଗରେ ଏମ୍ଏ ଏବଂ ୟାରାଜି ସୋସିଓଲୋଜିରେ ବିଏ ପଢୁଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୪ ଜଣ ଖେଳାଳି ଜାତୀୟ ପୁରସ୍କାର ପାଇବା ଆମ ପାଇଁ ଗର୍ବ ଓ ଗୌରବ ବୋଲି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି।

# ଜାତୀୟ ଲନ୍ ବଲ୍ସରେ ଓଡ଼ିଶାକୁ ୩ ବ୍ରୋଞ୍ଜ

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ନୂଆଦିଲ୍ଲୀରେ ଅନୁଷ୍ଠିତ ୯ମ ଜାତୀୟ ଏବଂ ୨୫ ବର୍ଷରୁ କମ୍ ୫ମ ଲନ୍ ବଲ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରି ୩ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓମେନ୍ସ ପେୟାରରେ ଶ୍ୱେତଲନା ବକ୍ସି ଓ ରୋଶନି ସାହୁ ପଦକ ହାସଲ କରିଛନ୍ତି। ସେହିପରି ଓମେନ୍ସ ଟ୍ରିପଲ୍ସରେ ବିଷ୍ଣୁପ୍ରିୟା ମୋହିଦାର, ସାଇନା ନାଏକ ଓ ପଦ୍ମସିନି ପୁଟେଲ ଏବଂ ଓମେନ୍ସ ଫୋର୍ସରେ ବିଷ୍ଣୁପ୍ରିୟା, ପଦ୍ମସିନି, ରାଜଶ୍ରୀ ସେଠ୍ ଓ ରୋଶନି ସାହୁ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି।



ପଦକ ବିଜୟୀ ଓଡ଼ିଶାର ଲନ୍ ବଲ୍ସ ଖେଳାଳିମାନେ।

# ୟୁପି ରୁଦ୍ରାସ ୩-୦ ଗୋଲରେ ବିଜୟୀ

**ରାଉରକେଲା, ୨।୧ (ଦିନେଶ ମିଶ୍ର)**

**ହକି ଇଣ୍ଡିଆ ଲିଗ୍**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ୭ମ ଦିବସ ମ୍ୟାଚ୍ ସୁର୍‌ମା ହକି କ୍ଲବ ଓ ୟୁପି ରୁଦ୍ରାସ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୟୁପି ରୁଦ୍ରାସ ଦଳ ୩-୦ ଗୋଲରେ ବିଜୟୀ ହୋଇଛି। ୟୁପି ରୁଦ୍ରାସ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ପ୍ରଥମ କ୍ୱାର୍ଟର ଖେଳର ୨ୟ ମିନିଟ୍‌ରେ ସୁଦୀପ ଚିରମାକୋ ପ୍ରଥମ ଗୋଲ୍ ସ୍କୋର କରି ତାଙ୍କ ଦଳକୁ ୧-୦ ଗୋଲରେ ଆଗୁଆ କରିଥିଲେ। ଜବାବରେ ସୁର୍‌ମା କ୍ଲବ ୟୁପି ପ୍ରତିଆକ୍ରମଣ କରି ଗୋଲ୍ ସୁଯୋଗ ସୃଷ୍ଟି କରିବା ଲାଗି ଉଦ୍ୟମକରି ବିଫଳ ହୋଇଥିଲା। ତୃତୀୟ କ୍ୱାର୍ଟର ଖେଳର ୩୮ତମ ମିନିଟ୍‌ରେ ବିଜୟୀ ଦଳର ଯବନପ୍ରୀତ ସିଂ ଗୋଟିଏ ଗୋଲ ଦେଇ ଦଳକୁ ୨-୦ ଗୋଲରେ ଅଗ୍ରଣୀ କରିଥିଲେ। ଖେଳର ୪ର୍ଥ ତଥା ଅନ୍ତିମ କ୍ୱାର୍ଟରର ୫୮ ମିନିଟ୍‌ରେ ଆକାଶଦୀପ ଦଳ ତରଫରୁ ମ୍ୟାଚର ତୃତୀୟ ଗୋଲ ସ୍କୋର କରି ୟୁପି ରୁଦ୍ରାସକୁ ୩-୦ ଗୋଲରେ ବିଜୟୀ କରିଥିଲେ। ଗୁରୁବାର ମ୍ୟାଚ୍‌ରେ ୟୁପି ରୁଦ୍ରାସର ଜବନପ୍ରୀତ ସିଂଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍ ଜିତିବା ପରେ ଏଚଆଇଏଲ୍ ପଏଣ୍ଟ ଟେବୁଲରେ ୟୁପି ରୁଦ୍ରାସ ଶୀର୍ଷ ସ୍ଥାନରେ ରହିଛି। ବିର୍ସା ମୁଣ୍ଡା ଷ୍ଟାଡିୟମରେ ଦଳର ଏହା ଏହା ଥିଲା ଦ୍ୱିତୀୟ ବିଜୟ।





Kharvel Nagar, Janpath, Bhubaneswar. Tel: 07381066983


1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ